ଧରିତ୍ରୀ
51 Years
ପୃଷ୍ଠା–୧୨+୮
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Tuesday, September 23/2025 Page 20 ₹ 7.00
୫୧ଶ ଭାଗ ୨୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 299 ମୂଲ୍ୟ₹୭/-








ଗୁଜରାଟର ପୋରବନ୍ଦରସ୍ଥିତ ଜେଟିରେ ସୋମାଲିଆ ପାଇଁ ଚାଉଳ ଓ ଚିନି ବୋଝେଇ ହେଉଥିବା ଏକ ମାଲ୍‌ବାହୀ ଜାହାଜରେ ନିଆଁ ଲାଗିଯାଇଛି।

# ଖାଇବର ପାଖ୍‌ତୁନ୍‌ଖ୍ୱାରେ ବିସ୍ଫୋରଣ: ୨୪ ମୃତ

**ପାକ୍ ବାୟୁସେନା ବୋମାମାଡ଼ କରିଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ**

ପେଶାୱର,୨୨।୯

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ପାକିସ୍ତାନୀ ତାଲିବାନର ଏକ କମ୍ପାଉଣ୍ଡରେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖାଯାଉଥିବାବେଳେ ବିସ୍ଫୋରଣ ଘଟିବାରୁ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିବା ପିଟିଆଇ ରିପୋର୍ଟ ପ୍ରକାଶ କରିଛି। ମୃତକଙ୍କ ମଧ୍ୟରେ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ୧୪ ଆତଙ୍କବାଦୀ ରହିଛନ୍ତି। ସେମାନେ ସାଧାରଣ ଲୋକଙ୍କୁ ଢାଲ ଭାବେ ବ୍ୟବହାର କରୁଥିଲେ ବୋଲି ପୋଲିସ ଅଭିଯୋଗ କରିଛି।

ଅନ୍ୟପକ୍ଷରେ ପାକିସ୍ତାନୀ ବାୟୁସେନା ରବିବାର ବିଳମ୍ବିତ ରାତିରେ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶରେ ବୋମାମାଡ଼ କରିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ରିପୋର୍ଟରୁ ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଛନ୍ତି। ରାତି ପ୍ରାୟ ୨ଟା ସମୟରେ ପାକିସ୍ତାନୀ ଯୁଦ୍ଧବିମାନ ତିରହ ଉପତ୍ୟକାର ମାଟ୍ରର ଦାରା ଗ୍ରାମ ଉପରେ ୮ଟି ଏଲ୍‌ଏସ୍-୬ ବୋମା ପକାଇଥିଲା। ଅନ୍ୟପକ୍ଷରେ ପାକିସ୍ତାନୀ ଯୁଦ୍ଧବିମାନରୁ ବୋମାମାଡ଼ ଘଟଣାକୁ ସ୍ଥାନୀୟ ପ୍ରଶାସନ ଖଣ୍ଡନ କରିଛି। ବୋମା ତିଆରିରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ବିସ୍ଫୋରଣ ହେବାରୁ ୧୪ ଆତଙ୍କବାଦୀଙ୍କ ସମେତ ୨୪ ଜଣ ପ୍ରାଣ ହରାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ୧୦ ସାଧାରଣ ନାଗରିକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଥିବା ତିରାହ ଥାନାର ଷ୍ଟେଶନ ହାଉସ୍ ଅଫିସର କହିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମାଟ୍ରର ଦାରା ଗ୍ରାମରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ସେଠାରେ ଥିବା କମ୍ପାଉଣ୍ଡରେ ବହୁସଂଖ୍ୟାରେ ସ୍ଥାନୀୟ ଆତଙ୍କବାଦୀ ନେତା ଓ କର୍ମୀଙ୍କ ସମେତ ଆଫଗାନ୍ ଯୋଦ୍ଧା ରହୁଥିଲେ। ଏହା ଆଇଇଡି ଉତ୍ପାଦନର କେନ୍ଦ୍ରସ୍ଥଳ ଥିଲା ଓ ସ୍ନିପର ତାଲିମ ଦିଆଯାଉଥିଲା।

# ଏମିରେଟ୍ସ ବିମାନରୁ ଓହ୍ଲାଇ ପଡ଼ିଲେ ଭାରତୀୟ ଯାତ୍ରୀ

**ଏଚ୍-୧ବି ଭିଜା ଫି ବୃଦ୍ଧି ଘୋଷଣା**

**ବିମାନ ଉଡ଼ାଣ ୩ ଘଣ୍ଟା ବିଳମ୍ବ**

ୱାଶିଂଟନ୍, ୨୨।୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଏଚ୍-୧ବି ୱର୍କର ଭିଜାର ନୂତନ ଆବେଦନକାରୀଙ୍କ ପାଇଁ ଫିକୁ ୧ ଲକ୍ଷ ଡଲାର ବୃଦ୍ଧିର ନିର୍ଦ୍ଦେଶ ପରେ ସେଠାରେ ଥିବା ଭାରତୀୟଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏହି ଘୋଷଣାର ଠିକ୍ ପରେ ଶୁକ୍ରବାର ଆମେରିକାର ସାନ୍‌ଫ୍ରାନ୍ସିସ୍କୋ ବିମାନବନ୍ଦରରୁ ଭାରତ ଆସିବାକୁ ଥିବା ଏମିରେଟ୍ସର ଏକ ଫ୍ଲାଇଟ୍‌ରେ ଭାରତୀୟ ଯାତ୍ରୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପରିଲକ୍ଷିତ ହୋଇଥିଲା। ବିମାନଟି ଭାରତ ଅଭିମୁଖେ ଉଡ଼ାଣ କରିବାର ଠିକ୍ ପୂର୍ବରୁ କେତେଜଣ ଭାରତୀୟ ବିମାନରୁ ଓହ୍ଲାଇ ପଡ଼ିଥିଲେ। ହଠାତ ଅନେକ ଭାରତୀୟ ଯାତ୍ରୀ ବିମାନରୁ ଓହ୍ଲାଇ ପଡ଼ିବାରୁ ପାଇଲଟ୍ ୩ ଘଣ୍ଟା ବିଳମ୍ବରେ ବିମାନର ଉଡ଼ାଣ କରିଥିଲେ। ଉକ୍ତ ଏମିରେଟ୍ସ ବିମାନରେ ଥିବା ଯାତ୍ରୀମାନେ ସୋସିଆଲ ମିଡିଆରେ ଏହାର କିଛି ଭିଡିଓକୁ ଶେୟାର କରିଛନ୍ତି, ଯେଉଁଥିରେ ବିମାନ ମଧ୍ୟରେ ଲୋକମାନେ ଦ୍ୱନ୍ଦ୍ୱରେ ଥିବାର ଦେଖାଯାଉଛନ୍ତି। ଭିଡିଓରେ ବିମାନର କ୍ୟାପ୍ଟେନ୍ ଯାତ୍ରୀମାନଙ୍କୁ କହୁଛନ୍ତି, ବିମାନ ମଧ୍ୟରେ ପରିସ୍ଥିତି ସ୍ୱାଭାବିକ ନାହିଁ। ଆପଣମାନେ ଚାହିଁଲେ ବିମାନ ଛାଡ଼ିପାରିବେ।

# ପାଲେଷ୍ଟିନୀୟ ରାଷ୍ଟ୍ରକୁ ଫ୍ରାନ୍ସର ସ୍ୱୀକୃତି

ନ୍ୟୁୟର୍କ,୨୨।୯

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ସୋମବାର ପାଲେଷ୍ଟିନୀୟ ରାଷ୍ଟ୍ରକୁ ସ୍ୱକୃତି ପ୍ରଦାନ କରିଛନ୍ତି। ଜାତିସଂଘ ସାଧାରଣ ସଭା ଅଧିବେଶନ ପୂର୍ବରୁ ପାଲେଷ୍ଟିନୀୟ ରାଷ୍ଟ୍ର ପ୍ରତି ପାଶ୍ଚାତ୍ୟ ସରକାରଙ୍କ ସମର୍ଥନ ବଢୁଥିବାବେଳେ ଇସ୍ରାଏଲ୍ କ୍ଷୁବ୍ଧ ହୋଇଛି। ଗାଜା ଯୁଦ୍ଧ ବନ୍ଦ କରି ଶାନ୍ତି ସ୍ଥାପନର ସମୟ ଆସିଯାଇଛି ବୋଲି ସମିଟ୍‌ରେ ମାକରଁ କହିଛନ୍ତି। ହମାସ୍ କବଳରୁ ୪୮ ପଣବନ୍ଦୀଙ୍କୁ ମୁକ୍ତ କରିବା ସମୟ ଆସିଯାଇଛି। ଗାଜାରେ ଯୁଦ୍ଧ ବନ୍ଦ ଲାଗି ଇସ୍ରାଏଲ୍ ଉପରେ ଚାପ ବଢ଼ାଇବାକୁ ଫ୍ରାନ୍ସ ଓ ସାଉଦି ଆରବ ସୋମବାର ସମିଟ୍ ଡାକିଥିଲେ। ରବିବାର ଅଷ୍ଟ୍ରେଲିଆ, ବ୍ରିଟେନ୍, କାନାଡ଼ା ଓ ପର୍ତ୍ତୁଗାଲ ପାଲେଷ୍ଟାଇନ୍‌କୁ ସ୍ୱୀକୃତି ପ୍ରଦାନ କରିଥିଲେ।

# ଜିଏସ୍‌ଟି ସଞ୍ଚୟ ଉତ୍ସବ

# ପ୍ରଗତିକୁ ତ୍ୱରାନ୍ୱିତ କରିବ

**ନାଗରିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଖୋଲାଚିଠି**

ନୂଆଦିଲ୍ଲୀ,୨୨।୯

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସରେ ଆଣିଥିବା ସଂସ୍କାର (ଜିଏସ୍‌ଟି ୨.୦) ସୋମବାରରୁ ଲାଗୁ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ଏକ ଖୋଲାଚିଠି ଜରିଆରେ ଏହାକୁ 'ଜିଏସ୍‌ଟି ସଞ୍ଚୟ ଉତ୍ସବ' କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି।

ଜିଏସ୍‌ଟି ହାର କମିବା ଅର୍ଥ ପ୍ରତି ପରିବାର ପାଇଁ ଅଧିକ ସଞ୍ଚୟ ଏବଂ ବ୍ୟବସାୟ ନିମନ୍ତେ ଅଧିକ ସହଜ ହେବ। ସାରା ଦେଶରେ ନବରାତ୍ରି ପାଳନ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ସମସ୍ତ ନାଗରିକ ଓ ସେମାନଙ୍କ ପରିବାରକୁ ହୃଦୟଭରା ଶୁଭେଚ୍ଛା ଜଣାଇଛନ୍ତି। ଏହି ଉତ୍ସବ ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧି ଆଣୁ ବୋଲି ସେ କହିଛନ୍ତି। ଚଳିତବର୍ଷର ପାର୍ବଣ ଋତୁ ଅଧିକ ଆନନ୍ଦ ଆଣିଛି। ସେପ୍ଟେମ୍ବର ୨୨ରୁ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଲାଗୁ ହୋଇଛି, ଯାହାର ଉପସ୍ଥିତି ଅନୁଭୂତ ହେବା ଆରମ୍ଭ ହୋଇଛି। ଏହା ସାରା ଦେଶରେ ଜିଏସ୍‌ଟି ସେଭିଂସ୍ ଫେଷ୍ଟିଭାଲ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସଂସ୍କାର ସଞ୍ଚୟ ବଢ଼ାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ପ୍ରତ୍ୟକ୍ଷ ଲାଭ ଦେବ, ଯାହା ଅଧିକ ଅଭିବୃଦ୍ଧି ଓ ନିବେଶକୁ ପ୍ରୋତ୍ସାହିତ କରିବା ସହ ପ୍ରତି ରାଜ୍ୟ ଓ ଅଞ୍ଚଳର ପ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଟିକସ ବ୍ୟବସ୍ଥାର ସରଳୀକରଣ ଏବଂ ପରିବାର, ବ୍ୟବସାୟୀ, କୃଷକଙ୍କ ଉପରେ ଆର୍ଥିକ ବୋଝକୁ ଲାଘବ କରିବା ଏବଂ ଉତ୍ସବ ଋତୁ ସମୟରେ ଆଶ୍ୱସ୍ତି ଆଣିବା ଜିଏସ୍‌ଟି ୨.୦ର ଲକ୍ଷ୍ୟ। ଜିଏସ୍‌ଟିରେ ପୂର୍ବରୁ ରହିଥିବା ୪ଟି ସ୍ଲାବ୍‌ରୁ ୨ଟିକୁ ହଟାଇ ଦିଆଯାଇ କେବଳ ୫% ଓ ୧୮%କୁ ରଖାଯାଇଛି। ଖାଦ୍ୟ, ଔଷଧ, ସାବୁନ, ଟୁଥ୍‌ପେଷ୍ଟ ଆଦି ଦୈନନ୍ଦିନ ଆବଶ୍ୟକତା ସମେତ ବୀମା ଓ ଅନେକ କିଛି ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇଛି କିମ୍ବା ୫ ପ୍ରତିଶତ ଟିକସ ସ୍ଲାବ୍‌ରେ ରହିଛି। ପୂର୍ବରୁ ୧୨% ଟିକସ ଲାଗୁଥିବା ସାମଗ୍ରୀଗୁଡ଼ିକୁ ୫% ସ୍ଲାବ୍ ମଧ୍ୟକୁ ଅଣାଯାଇଛି। ଆୟକର ଛାଡ଼ ଏବଂ ଜିଏସ୍‌ଟିର ନୂଆପିଢ଼ି ସଂସ୍କାରକୁ ଯଦି ଆମେ ଏକାଠି ନେବା, ତେବେ ଲୋକେ ପାଖାପାଖି ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଘରଖର୍ଚ୍ଚ କମିବା ଯୋଗୁ ସେମାନେ ଘର ତିଆରି, ଗାଡ଼ିକିଣା, ବିଭିନ୍ନ ଉପକରଣ କିଣା ଆଦି ଆଶା ଆକାଂକ୍ଷା ପୂରଣ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ୟୁପିରେ ଜାତି ଆଧାରିତ ରାଲି ଉପରେ କଟକଣା

ଲକ୍ଷ୍ନୌ ୨୨।୯

ଉତ୍ତରପ୍ରଦେଶରେ ଜାତିଗତ ଭେଦଭାବକୁ ଶେଷ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଜାତି ଆଧାରିତ ସମସ୍ତ ରାଜନୈତିକ ରାଲି ଉପରେ ରାଜ୍ୟର ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର କଟକଣା ଲଗାଇଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ମୁଖ୍ୟ ସଚିବ ଦୀପକ କୁମାର ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲାପାଳ ଏବଂ ଏସ୍‌ପିଙ୍କୁ ପଠାଇଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଏଫ୍‌ଆଇଆର୍, ଗିରଫଦାରି ମେମୋ ଆଦିରୁ ଜାତିର ଉଲ୍ଲେଖ ରହିବ ନାହିଁ।

# ଆଣବିକ ଅସ୍ତ୍ର ଚୁକ୍ତିକୁ ବର୍ଷେ ବଢ଼ାଇବା ପାଇଁ ଟ୍ରମ୍ପଙ୍କୁ ପୁଟିନ୍‌ଙ୍କ ପ୍ରସ୍ତାବ

ମସ୍କୋ, ୨୨।୯

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର କହିଛନ୍ତି, ଆମେରିକା ସହ ହୋଇଥିବା ନ୍ୟୁ ଷ୍ଟାର୍ଟ ନ୍ୟୁକ୍ଲିଆର ଆର୍ମ୍ସ ଟ୍ରିଟିକୁ ବର୍ଷେ ପର୍ଯ୍ୟନ୍ତ ବଢ଼ାଇବାକୁ ଯଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସହମତି ହୁଅନ୍ତି, ତେବେ ସେ ମଧ୍ୟ ଏଥିପାଇଁ ଇଚ୍ଛୁକ। ୨୦୧୦ରେ ଏହି ଚୁକ୍ତିନାମା ଆମେରିକା ଓ ରୁଷିଆ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ରୁଷିଆ ରାଷ୍ଟ୍ରପତି ଡିମତ୍ରି ମେଦ୍‌ଭେଦେବଙ୍କ ମଧ୍ୟରେ ଏହି ଆଣବିକ ଅସ୍ତ୍ର ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ୨୦୨୬ ଫେବୃଆରୀ ୫ରେ ଏହି ଚୁକ୍ତିନାମା ଶେଷ ହେବାକୁ ଯାଉଛି। ଏହି ଚୁକ୍ତି ଅଧୀନରେ ଉଭୟ ଦେଶ ଦ୍ୱାରା ନିୟୋଜିତ ରଣନୈତିକ ଆଣବିକ ଯୁଦ୍ଧାସ୍ତ୍ର, କ୍ଷେପଣାସ୍ତ୍ର, ବୋମା ବର୍ଷୀ ବିମାନ ସଂଖ୍ୟା ଉପରେ କଠୋର କଟକଣା ଲାଗୁ କରାଯାଇଥିଲା।

# ଅରୁଣାଚଳକୁ ପ୍ରଧାନମନ୍ତ୍ରୀଙ୍କ ୫,୧୦୦ କୋଟିର ପ୍ରକଳ୍ପ

ଇଟାନଗର,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅରୁଣାଚଳପ୍ରଦେଶରେ ୫,୧୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉନ୍ମୋଚନ କରିଛନ୍ତି। ସେଥିରେ ୨ଟି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ସମାଲୋଚନା କରି ଉକ୍ତ ଦଳ କ୍ଷମତାରେ ଥିବାବେଳେ କୌଣସି ବିକାଶମୂଳକ କାର୍ଯ୍ୟ ନ କରିବାରୁ ଉତ୍ତର-ପୂର୍ବାଞ୍ଚଳକୁ କ୍ଷତି ପହଞ୍ଚାଇଥିଲା ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଯେଉଁ ବିକାଶମୂଳକ କାର୍ଯ୍ୟ କଷ୍ଟସାଧ୍ୟ ତାହାକୁ କଂଗ୍ରେସ ଆଦୌ ନ କରି ଛାଡ଼ିଦେଉଥିଲା। କଂଗ୍ରେସର ଏହି ଅଭ୍ୟାସ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ପାଇଁ ବ୍ୟାପକ କ୍ଷତି ଘଟାଇଥିଲା। ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଏକ ଆହ୍ୱାନ ହୋଇଥିବାରୁ କଂଗ୍ରେସ ଉକ୍ତ ଅଞ୍ଚଳକୁ ପଛୁଆ ଘୋଷଣା କରିବା ସହ ଭୁଲିଯାଉଥିଲା। ରାସ୍ତା ନିର୍ମାଣ ଅସମ୍ଭବ ବୋଲି ଯେଉଁ ଅଞ୍ଚଳକୁ ବିବେଚନା କରାଯାଉଥିଲା, ଏବେ ସେଠାରେ ଆଧୁନିକ ରାଜପଥ। ଯେଉଁ ସେଲା ଟନେଲ ଏକଦା ଚିନ୍ତାର ବାହାରେ ଥିଲା, ଏବେ ତାହା ଅରୁଣାଚଳର ଗର୍ବର ପରିଚୟ ପାଲଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।




ଇଟାନଗରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ।

DSPL-273



## ଜାତୀୟ ଆୟୁର୍ବେଦ ଦିବସ-୨୦୨୫ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ସେପ୍ଟେମ୍ବର ୨୩ ତାରିଖକୁ ପ୍ରଥମ ଥର ପାଇଁ ଜାତୀୟ ଆୟୁର୍ବେଦ ଦିବସ ଭାବେ ପାଳନ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ପ୍ରତିବର୍ଷ ଏହା ପାଳନ କରାଯିବ । ଏହି ଦିନର ମହତ୍ତ୍ୱ ହେଉଛି ଶରତକାଳୀନ ସମ-ଦିବାରାତ୍ରି, ଯାହାକି ପ୍ରକୃତିର ସମତୁଳନକୁ ପ୍ରତିଫଳିତ କରିଥାଏ । ଆୟୁର୍ବେଦ ମଧ୍ୟ ଶାରୀରିକ ଓ ମାନସିକ ସନ୍ତୁଳନ ଉପରେ ପର୍ଯ୍ୟବସିତ । ଏହି ଦିନଟି ଆୟୁର୍ବେଦର ମହତ୍ତ୍ୱକୁ ପ୍ରତିପାଦିତ କରେ । ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ଏହା ଏକ ଜୀବନଶୈଳୀ ।

ଆଧୁନିକ ଯୁଗରେ ଯେଉଁଠି ଆମେ ଅନେକ ଜୀବନଶୈଳୀ ଜନିତ ରୋଗର ସମ୍ମୁଖୀନ ହେଉଛୁ, ଆୟୁର୍ବେଦ ଆମକୁ ପ୍ରାକୃତିକ ଉପାୟ ସହ ନିଜ ଶରୀର ଓ ମନକୁ ସୁସ୍ଥ ରଖିବା ଉପାୟ ଶିଖାଏ ।

ଚଳିତ ବର୍ଷ ଜାତୀୟ ଆୟୁର୍ବେଦ ଦିବସର ଅନୁଚିନ୍ତା ହେଉଛି "ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ" । ଆସନ୍ତୁ, ଆୟୁର୍ବେଦକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏହାର ସୁଫଳକୁ ଆହୁରି ସୁଦୂରପ୍ରସାରୀ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଜାତୀୟ ଆୟୁର୍ବେଦ ଦିବସ-୨୦୨୫ ଉପଲକ୍ଷେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା



ଜାତୀୟ ଆୟୁର୍ବେଦ ଦିବସ ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ଏହି ବର୍ଷ ୨୦୨୫ ଠାରୁ ଆୟୁର୍ବେଦ ଦିବସ ପ୍ରଥମ ଥର ପାଇଁ ନିର୍ଦ୍ଧାରିତ ତାରିଖ ୨୩ ସେପ୍ଟେମ୍ବରରେ ପାଳନ କରାଯିବା ଏକ ଐତିହାସିକ ପଦକ୍ଷେପ । ଏହା ଆୟୁର୍ବେଦର ଜାଗୃତି ଓ ନିୟମିତ ଉପଯୋଗିତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଅଛି ।

ଆୟୁର୍ବେଦ ଆମ ପ୍ରାଚୀନ ଜ୍ଞାନଧାରା, ମାନବ ଜୀବନ ଓ ପୃଥିବୀ ସହିତ ସମନ୍ୱୟ ରଖି ନିଜର ଚିକିତ୍ସା ଦୃଷ୍ଟିକୋଣକୁ ପ୍ରସ୍ତୁତ କରିଅଛି । ଏହି ବର୍ଷର ବିଷୟବସ୍ତୁ "ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ" ଆମକୁ ଏହି ଜ୍ଞାନର ଗଭୀର ମୂଲ୍ୟ ବୁଝାଇବା ସହିତ ମାନବ ସ୍ୱାସ୍ଥ୍ୟକୁ ପ୍ରକୃତି ସହିତ ସମନ୍ୱୟ ରଖିବା ଏବଂ ପୃଥିବୀ ପାଇଁ ମଧ୍ୟ ଦାୟିତ୍ୱବୋଧ ଜଗାଇଥାଏ ।

ଆସନ୍ତୁ, ଆମେ ସମସ୍ତେ ଏହି ପ୍ରାଚୀନ ଓ ସ୍ଥାୟୀ ଚିକିତ୍ସା ଜ୍ଞାନକୁ ଆଧୁନିକ ଜୀବନଶୈଳୀରେ ଅନ୍ତର୍ଭୁକ୍ତ କରି ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ।

(ଡ. ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମନ୍ତ୍ରୀ, ଓଡ଼ିଶା

OIPR-10056/13/0009/2526

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ | Bhubaneswar, Tuesday, September 23/2025





ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିଠାରେ ଗତ ୧୬ ତାରିଖରେ ଭୂସ୍ଖଳନରେ ନଷ୍ଟ ହୋଇଥିବା ରାସ୍ତାର ମରାମତି କାର୍ଯ୍ୟ ଚାଲିଥିବା ବେଳେ ସୋମବାର ପୁଣି ପାହାଡ଼ ଧସିଛି। ପ୍ରବଳ ବର୍ଷା ଯୋଗୁ ମରାମତି ପାଇଁ ଥିବା ନିର୍ମାଣ ସାମଗ୍ରୀ ମଧ୍ୟ ଧୋଇଯାଇଛି।

## ବଳଙ୍ଗା ପୀଡ଼ିତା ନିଜେ କିରୋସିନ ଢାଳି ନିଆଁ ଲଗାଇଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ପୁରୀ ଜିଲା ବଳଙ୍ଗାର ଛାତ୍ରୀ ପୋଡ଼ିହୋଇ ପ୍ରାଣ ହରାଇବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ପୀଡ଼ିତା ନିଜେ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇଥିଲେ। ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ପୁରୀର ବଳଙ୍ଗା ନିବାସୀ ହିମତ ଅଲ୍ଲୀଙ୍କ ସ୍ତ୍ରୀ (ପୀଡ଼ିତାଙ୍କ ମାଆ) ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ, କେଜେଣ ଅଜଣା ବ୍ୟକ୍ତି ତାଙ୍କ ଝିଅକୁ ବଳପୂର୍ବକ ନଦୀକୂଳକୁ ନେଇ କିରୋସିନ ଏବଂ ପେଟ୍ରୋଲ ଢାଳି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଏହି ଆଧାରରେ ବଳଙ୍ଗା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସ୍ଥାନୀୟ ଗ୍ରାମବାସୀ ପୀଡ଼ିତା ଝିଅକୁ ପୋଡ଼ିଯାଇଥିବା ଅବସ୍ଥାରେ ପିପିଲି ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ଓ ସେହିଦିନ ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୨୦ରେ ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ସରକାରଙ୍କ ତରଫରୁ ବିମାନ ଯୋଗେ ଦିଲ୍ଲୀର ଏମ୍ସକୁ ପଠାଯାଇଥିଲା। ଦିଲ୍ଲୀ ଏମ୍ସରେ ପ୍ରାୟ ୧୪ ଦିନ ଚିକିତ୍ସା ଚାଲିଥିବାବେଳେ ଅଗଷ୍ଟ ୨ରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା। ଏମ୍ସରେ ଚିକିତ୍ସା କରୁଥିବା ଡାକ୍ତର ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଲିପିବଦ୍ଧ କରିଥିଲେ। ଉଭୟ ଜମାନବନ୍ଦୀରେ ପୀଡ଼ିତା କହିଥିଲେ, ସେ ନିଜେ ନିଜ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ।

**ଆଜିର ସମ୍ପାଦକୀୟ** ପାକିସ୍ତାନ ସହ ସାଉଦି ଆରବ

# ଚୌଦ୍ୱାର ଥାନାରେ ମାଡ଼ରୁ ଆତ୍ମହତ୍ୟା

## ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ସମେତ ୩ ନିଲମ୍ବିତ

### ■ ୩ ପୋଲିସ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରିଥିବା ଅଭିଯୋଗ ଆଣିଲେ ଭାଇ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୨।୯ (ଆଶୁତୋଷ ଦାସ/ମାନସ ସାମଲ)

ପୋଲିସ ହାଜତ ପରିସରରେ ଯାଇଛି ଆଉ ଏକ ଜୀବନ। ଏକ ଗାଡ଼ି ଚୋରି ମାମଲାରେ ଚୌଦ୍ୱାର ଥାନାରେ ଅଟକ ଥିବା ଢେଙ୍କାନାଳ ଜିଲା ଶଙ୍କରପୁର ଥାନା ଅନ୍ତର୍ଗତ କରୋଗାଁ ଗ୍ରାମର ରସାନନ୍ଦ ନାୟକ(୩୯)ଙ୍କ ମୃତ୍ୟୁ ଘଟିଛି। ୩ଜଣ ପୋଲିସ ରସାନନ୍ଦଙ୍କୁ ପ୍ଲାଷ୍ଟିକ୍ ପାଇପ୍‌ରେ ନିସ୍ତୁକ ମାଡ଼ ମାରିବା ପରେ ସେ କଷ୍ଟ ସହି ନ ପାରି ପୋଲିସ ବାରାକ୍ ଭିତରେ ଥିବା ପାଇଖାନାରେ ଆତ୍ମହତ୍ୟା କରିଥିବା ମୃତକଙ୍କ ସ୍ତ୍ରୀ ଏବଂ ସାନଭାଇ ଅଭିଯୋଗ କରିଛନ୍ତି। ଖବର ପାଇ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଓ ଜୋନ୧ ଏସିପି ଅରୁଣ କୁମାର ସ୍ୱାଇଁ ପହଞ୍ଚି ରୁଦ୍ଧଦ୍ୱାର ବୈଠକ କରି ଫେରି ଯାଇଥିବାବେଳେ ଗଣମାଧ୍ୟମକୁ କିଛି ପ୍ରତିକ୍ରିୟା ଦେଇ ନାହାନ୍ତି। ଏପରି କି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ମଧ୍ୟ କିଛି ମୁହଁ ଖୋଲି ନାହାନ୍ତି। ପୋଲିସର ଏଭଳି ନୀରବତା ଘଟଣା ପଛର ରହସ୍ୟ ଏବଂ ଅଭିଯୋଗକୁ ଚର୍ଚ୍ଚା ମଧ୍ୟକୁ ଠେଲି ଦେଇଛି। ଅପରପକ୍ଷରେ ଥାନାରେ ପୋଲିସର ମାଡ଼ ପରେ ଅଟକ ଯୁବକଙ୍କ ଆତ୍ମହତ୍ୟା ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱର ସହ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ରାତିରେ ଥାନା ଆଇଆଇସି ବିଶ୍ୱରଞ୍ଜନଙ୍କୁ ନିଲମ୍ବନ କରାଯାଇଛି। ଏଥିସହିତ ଏସ୍‌ଆଇ ନିରଞ୍ଜନ ଗୌଡ଼ ଏବଂ ଓଏଫିଏଫ୍ କନ୍‌ଷ୍ଟେବଲ୍ କମଳ ଲୋଚନ ମାଝୀଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି।

ମୃତକଙ୍କ ସାନ ଭାଇଙ୍କ ଅଭିଯୋଗ ଅନୁସାରେ ଏକ ଗାଡ଼ି ଚୋରିମାମଲାରେ ଚୌଦ୍ୱାର ପୋଲିସ ଶନିବାର ରାତିରେ ରସାନନ୍ଦଙ୍କୁ ଘରୁ ଉଠାଇ ଆଣିଥିଲା। ଥାନାର ମୁଖ୍ୟ କୋଠରି ମରାମତି କାର୍ଯ୍ୟ ଚାଲୁଥିବାରୁ ଥାନାଠାରୁ ପ୍ରାୟ ୨୦୦ମିଟର ଦୂରରେ ଥିବା ପୋଲିସ ବାରାକ୍ ପରିସରରେ ରସାନନ୍ଦକୁ ରଖିଥିଲେ। ସେଠାରେ ରସାନନ୍ଦଙ୍କୁ ଥାର୍ଡ ଡିଗ୍ରୀ କରିବା ସହ ମାଡ଼ ମାରିଥିଲେ। ପରେ ରାତିରେ ରସାନନ୍ଦଙ୍କ ସୂଚନା ଆଧାରରେ ୨ଟି ବାଇକ୍ ଏବଂ ଗୋଟିଏ ମୋବାଇଲ୍ ପୋଲିସ ଜବତ କରିଥିଲା। ଏପରି କି ରସାନନ୍ଦଙ୍କ ସାନ ଭାଇଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଅଧିକ ପଚରାଉଚରା ସମୟରେ ୩ ଜଣ ପୋଲିସ ରସାନନ୍ଦଙ୍କ ଅଣ୍ଟା, ପିଠା, ଗୋଡ଼କୁ ନିସ୍ତୁକ ମାଡ ମାରିବା ସହ ମିଛ ଗଞ୍ଜେଇ କେସ୍‌ରେ ତାଙ୍କ ସ୍ତ୍ରୀକୁ ଫସେଇ ଦେବୁ ବୋଲି ପୋଲିସ ଧମକ୍ ମଧ୍ୟ ଦେଇଥିଲା। ରସାନନ୍ଦ ପୋଲିସର ମାଡ଼ ସହ୍ୟ କରି ନ ପାରି ଏଥିରୁ ବର୍ତ୍ତିବା ପାଇଁ ପରିସ୍ରା ବାହାନା ଦେଖାଇ ବାରାକ୍‌ର ପାଇଖାନାକୁ ଯାଇଥିଲେ। ପାଇଖାନାରୁ ଅଧିକ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପୋଲିସର ସନ୍ଦେହ ହୋଇଥିଲା। ପରେ ଯାଇ ଦେଖିଲା ବେଳକୁ ରସାନନ୍ଦ ବେକରେ ପୋଲିସର ହୁଇସିଲ୍ ଫିତା ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ପୋଲିସ ଲୁଚାଇବାକୁ ଭରପୁର ଚେଷ୍ଟା କରିଥିଲା। ଏପରି କି ରସାନନ୍ଦଙ୍କ ମୃତଦେହକୁ ପିସିଆର ଭ୍ୟାନ୍‌ରେ କଟକ ବଡ଼ ମେଡିକାଲ ନେଇ ଯାଇଥିଲା। ରସାନନ୍ଦଙ୍କୁ ଯେଉଁ ୩ ପୋଲିସ କର୍ମଚାରୀ ମାଡ଼ ମାରିଛନ୍ତି ଏବଂ ଆତ୍ମହତ୍ୟା ପାଇଁ ଦାୟୀ ରହିଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ସ୍ତ୍ରୀ ଦାବି କରିଥିଲେ।

# ଅଗ୍ରାହ୍ୟ ହେଲା କଂଗ୍ରେସର ଅନାସ୍ଥା

### ■ ସମୟ ଅବଧି ଚାଲିଯାଇଥିବାରୁ ଅଗ୍ରାହ୍ୟ
### ■ ମୁହଁ ଖୋଲିଲାନି ବିଜେଡି, ସ୍ୱାଭାବିକ ଚାଲିଲା ଗୃହକାର୍ଯ୍ୟ

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

କଂଗ୍ରେସ ଏବଂ ସିପିଆଇ(ଏମ୍) ବିଧାୟକମାନଙ୍କ ପକ୍ଷରୁ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ସୋମବାର ବାଚସ୍ପତି ସୁରମା ପାଢ଼ୀ ଅଗ୍ରାହ୍ୟ କରିଦେଇଛନ୍ତି। ଅପରାହ୍ନ ୪ଟାରେ ଗୃହ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ନିଜ ଆସନରେ ଠିଆହୋଇ କହିଥିଲେ, କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଗୃହରେ ଆଲୋଚନା ପାଇଁ ଅଣାଯାଉ। ଏହାପରେ ବାଚସ୍ପତି ସୂଚିତ କରିଥିଲେ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଦ୍ୱାରା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନୋଟିସ୍ ବିଧାନସଭାର ସଚିବଙ୍କ ନିକଟରେ ପ୍ରଦାନ କରାଯାଇଥିଲା। ଏହି ଅନାସ୍ଥା ପ୍ରସ୍ତାବରେ କଂଗ୍ରେସର ଅନ୍ୟ ବିଧାୟକ ଏବଂ ସିପିଆଇ(ଏମ୍) ସଦସ୍ୟଙ୍କ ଦସ୍ତଖତ ରହିଥିଲା। ଗତ ଶୁକ୍ରବାର ଏନେଇ ଅବଗତ କରାଇଥିଲେ। ଏହି ନୋଟିସ୍ ପାଇଥିବା କଥା ଗୃହକୁ ଜଣାଇବା ସହ ଗୃହ ସ୍ୱାଭାବିକ ସ୍ଥିତିରେ ନାହିଁ, ଯେଉଁଥିଲାଗି ଏହି ନୋଟିସ୍ ଆଲୋଚନାକୁ ଆଣିପାରୁ ନ ଥିବା କହିଥିଲେ। ଗୃହ କାର୍ଯ୍ୟ ସ୍ୱାଭାବିକ ହେଲେ ଏହା ଆଲୋଚନା ପାଇଁ ଅଣାଯିବ ବୋଲି କହିଥିଲେ। ହେଲେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିଲା ନାହିଁ। ଅନାସ୍ଥା ନୋଟିସ୍ ଆସିବାର ଦିନକ ପରେ ତାହା ଗୃହକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିୟମାନୁଯାୟୀ ଅନାସ୍ଥା ନୋଟିସ୍ ଆସିବାର ଦିନକ ପରେ ଏହା ଗୃହରେ ଆଲୋଚନା ପାଇଁ ଅଣାଯିବା କଥା। ହେଲେ ସେହି ସମୟରେ ଗୃହ ସ୍ୱାଭାବିକ ରହିଲା ନାହିଁ। ଯେଉଁଥିଲାଗି ଏହାର ସମୟ ଅବଧି ଚାଲିଯାଇଛି। ସେଥିପାଇଁ ଅନାସ୍ଥା ନୋଟିସ୍ ଅଗ୍ରାହ୍ୟ ହୋଇଛି ବୋଲି ବାଚସ୍ପତି କହିଥିଲେ। ବାଚସ୍ପତିଙ୍କ ଏହି ସ୍ୱଷ୍ଟୋକ୍ତି ପରେ ଗୃହ ଭିତରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ପ୍ରତିବାଦ ☞ପୃଷ୍ଠା-୨

## ରାଜ୍ୟରେ ୧୪,୫୧୩ ଡାକ୍ତର ପଦବୀ ଖାଲି

ଭୁବନେଶ୍ୱର,୨୨।୯(ବନ୍ଦନା ସେଠୀ)

ରାଜ୍ୟରେ ମୋଟ୍ ୧୪,୫୧୩ ଡାକ୍ତର ପଦବୀ ଖାଲି ପଡ଼ିଛି। ସେଥିମଧ୍ୟରୁ ୯,୬୩୩ଟି ମେଡିକାଲ ଅଫିସର ପଦବୀ ଥିବାବେଳେ ୪,୮୮୦ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲି ପଡ଼ିଥିବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସୋମବାର ବିଧାନସଭାରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ☞ପୃଷ୍ଠା-୨

# ତଦନ୍ତ ରିପୋର୍ଟର ଆଂଶିକ ପ୍ରକାଶନକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୨୨।୯(ପି.ଟି.)

**ଏୟାରଇଣ୍ଡିଆ ବିମାନ ଦୁର୍ଘଟଣା**



ଅହମଦାବାଦରେ ଗତ ଜୁନ୍ ୧୨ ତାରିଖରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟର ନିର୍ଦ୍ଦିଷ୍ଟ ଅଂଶକୁ ପ୍ରକାଶ କରାଯାଇଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ଦାୟିତ୍ୱହୀନ କାର୍ଯ୍ୟ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକାଶିତ ରିପୋର୍ଟରେ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା ବୋଲି ପ୍ରକାଶ କରି ଗଣମାଧ୍ୟମକୁ ଏହା ଉପରେ ଚର୍ଚ୍ଚା କରିବା ପାଇଁ ବାଟ ଖୋଲିଦିଆଯାଇଥିଲା ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଦୁର୍ଘଟଣାର ଏକ ନିରପେକ୍ଷ, ସ୍ୱଚ୍ଛ ଓ ତ୍ୱରିତ୍ ତଦନ୍ତ ପାଇଁ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ)କୁ ନୋଟିସ୍ ଜାରି କରିଛନ୍ତି। ମୃତକଙ୍କ ପରିବାରର ପ୍ରିଭେସି ଏବଂ ମର୍ଯ୍ୟାଦା ମଧ୍ୟ ଏଥିରେ ଜଡ଼ିତ ବୋଲି ଅଦାଲତ କହିଛନ୍ତି।

ବିମାନ ଦୁର୍ଘଟଣା ଉପରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଜୁଲାଇ ୧୨ରେ ପ୍ରାଥମିକ ରିପୋର୍ଟ ଜାରି କରିଥିଲା। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଏଭଳି ରିପୋର୍ଟ ସମ୍ପୂର୍ଣ୍ଣ ଗୋପନୀୟତାର ସହ ରଖାଯିବା ଆବଶ୍ୟକ। କାରଣ ଏହା ସହ ମୃତକଙ୍କ ପରିବାରର ପ୍ରିଭେସି ଓ ମର୍ଯ୍ୟାଦା ଜଡ଼ିତ। ସେଥିପାଇଁ ଆମକୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେଶନ ନାମକ ଏନ୍‌ଜିଓ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ☞ପୃଷ୍ଠା-୨

## ସ୍ୱଚ୍ଛ ବାୟୁ ପାଇଁ ଇନ୍ଦୋରରେ 'ନୋ କାର୍ ଡେ'



'ନୋ କାର୍ ଡେ' ପାଳନ ଅବସରରେ ଇନ୍ଦୋରରେ ଆୟୋଜିତ ସାଇକ୍ଲୋଥନ୍।

ଇନ୍ଦୋର,୨୨।୯

ମଧ୍ୟପ୍ରଦେଶର ଅର୍ଥନୈତିକ ରାଜଧାନୀ କୁହାଯାଉଥିବା ଇନ୍ଦୋରରେ ସୋମବାର 'ନୋ କାର୍ ଡେ' ପାଳନ କରାଯାଇଛି। ସ୍ୱଚ୍ଛ ବାୟୁ ଏବଂ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହୋଇଛି। ଏହି ଅବସରରେ ସହରର ଜନ ପ୍ରତିନିଧି ଏବଂ ଅଧିକାରୀମାନେ କାର୍ ବଦଳରେ ବାଇକ୍, ସ୍କୁଟି ଏବଂ ବିଭିନ୍ନ ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟବହାର କରୁଥିବାର ନଜରକୁ ଆସିଛନ୍ତି। ଇନ୍ଦୋର ଜିଲାପାଳ ଶିଭମ ବର୍ମା ସ୍କୁଟି ଚଳାଇ ନିଜ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ସେହିପରି ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ ସାଇକେଲ ଚଳାଇ ମହାନଗର ନିଗମ କାର୍ଯ୍ୟାଳୟରେ ପହଞ୍ଚିଥିଲେ। 'ନୋ କାର୍ ଡେ' ☞ପୃଷ୍ଠା-୨

## ଖୋଲିବନି ନୂଆ ମଦ ଦୋକାନ: ଅବକାରୀ ଆୟୁକ୍ତ

### ୭୦ କୋଟିର ବେଆଇନ ସାମଗ୍ରୀ ଜବତ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ରାଜ୍ୟରେ ନୂତନ ମଦ ଦୋକାନ ଖୋଲିବା ପ୍ରସ୍ତାବ ନାହିଁ ବୋଲି ଅବକାରୀ ଆୟୁକ୍ତଙ୍କ ପକ୍ଷରୁ କୁହାଯାଇଛି। ସୋମବାର ଅବକାରୀ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ଏବଂ ଅବକାରୀ ବିଭାଗ ବେଆଇନ ମଦ ଓ ନିଶା କାରବାରକୁ ରୋକିବା ଦିଗରେ ନିଜର ଆଭିମୁଖ୍ୟକୁ ସବୁବେଳେ ସ୍ପଷ୍ଟ କରିଆସିଛନ୍ତି। ଏହି କ୍ରମରେ ରାଜସ୍ୱ ଆଦାୟ ନୁହେଁ ବରଂ ଲୋକଙ୍କ ଧନଜୀବନ ରକ୍ଷା ସରକାରଙ୍କ ପ୍ରାଥମିକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ଜାରି ରହିଛି। ଚଳିତ ଥରକୁ ମିଶାଇ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଥର ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ କରାଯାଇ ୭୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବେଆଇନ ମଦ ଓ ସାମଗ୍ରୀ ଜବତ କରାଯାଇଛି। ଏଥିସହିତ ଏହି କାରବାରରେ ସମ୍ପୃକ୍ତ ଅନେକଙ୍କୁ ଗିରଫ କରାଯିବା ସହ ଚୋରାଚାଲାଣରେ ବ୍ୟବହୃତ ଗାଡ଼ିକୁ ଚଢ଼ାଉକାରୀ ଦଳ ଜବତ କରିଛି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଜାତୀୟ ଆୟୁର୍ବେଦ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୩୦।
- କଣ୍ଟ୍ରାକ୍ଟର ଆସୋସିଏଶନ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଆରଡବ୍ଲ୍ୟୁଏସ୍ଏସ୍ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର୍ ପିଏମ୍ଜି, ସମୟ: ପୂର୍ବାହ୍ନ ୧୧ଟା।
- ଶାନ୍ତି କମିଟିର ବୈଠକ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରୀୟ ଅଭିଲେଖାଗାର ଓଡ଼ିଶା ପକ୍ଷରୁ ୧୮ତମ ମାସିକ ଆଲୋଚନାଚକ୍ର, ସ୍ଥାନ: ରାଷ୍ଟ୍ରୀୟ ଅଭିଲେଖାଗାର, ଏମ୍,୭୯, ମଧୁସୂଦନ ନଗର, ସମୟ: ଅପରାହ୍ନ ୫ଟା।
- ସ୍ୱରାଞ୍ଜଳୀ ପକ୍ଷରୁ 'ଲତା ନାଇଟ୍' ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଜନକଲ୍ୟାଣ କ୍ଲବ୍‌ର ୫୭ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କ୍ଲବ୍ ପରିସର, ୟୁନିଟ୍ –୯, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ୨୩ତମ ସ୍ମୃତି ସମାରୋହ, ସ୍ଥାନ: ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର୍ସ ଅଡ଼ିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।
- ସୁଭାଷ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍‌ର ସପ୍ତମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ସେବା ସମିତି ପକ୍ଷରୁ ପ୍ରତିଷ୍ଠାତା ରମ୍ଭାଦେବୀ ଦ୍ୱିତୀୟାଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିଚାରଣ ସଭା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଔଷଧୀୟ ଉଦ୍ୟାନର ଶୁଭାରମ୍ଭ, ସ୍ଥାନ: ଶ୍ରୀବିହାର, ସମୟ: ସକାଳ ୯ଟା ୩୦।
- ଜାତୀୟ ଆୟୁର୍ବେଦ ଦିବସ ଅବସରରେ ସମ୍ମିଳନୀ, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ଦୀପଦାନ ଏବଂ ଶୋଭାଯାତ୍ରା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁର୍ବେଦ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ଗୋପବନ୍ଧୁ କଲେଜଠାରୁ ମରିଚି କୋଟ ଛକ, ସମୟ: ଅପରାହ୍ନ ୪ଟା।
- ସମ୍ପର୍କ ଆନୁଷ୍ଠାନ ପକ୍ଷରୁ ଆୟୁର୍ବେଦ ଦିବସ ପାଳନ, ସ୍ଥାନ: ଛଇତନା, ସମୟ: ଅପରାହ୍ନ ୪ଟା।

**ଖୋର୍ଦ୍ଧା**
- ଏବିଭିପି ପକ୍ଷରୁ ବିକ୍ଷୋଭ, ସ୍ଥାନ: ପିଏନ୍ କଲେଜ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବାଲେଶ୍ୱର**
- ଗବେଷଣା ଓ ପ୍ରକାଶନ ନୀତି–୨୦୨୫ ସମ୍ପର୍କିତ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ମିଶନ ଶକ୍ତି ଗୋଷ୍ଠୀ ସହାୟକ କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ବାସୁଦେବପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପିଲା ଗଣେଶ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଥ ସଞ୍ଚାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଡାକବଙ୍ଗଳା ପରିସର, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ବିଶିଷ୍ଟ ଐତିହାସିକ ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟା, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ମା' ଗଡ଼ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା ।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଓଡ଼ିଶା ପ୍ରାଦେଶିକ ଆୟୁର୍ବେଦ ସମ୍ମିଳନୀ, ସ୍ଥାନ: ୟୁନିୟନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ୬୮ତମ ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ, ସ୍ଥାନ: ଢେଙ୍କାନାଳ ଜିଲା ଲେଖକ ସଂସଦ, ସମୟ:ସକାଳ ୯ଟା।

**ଜଗତ୍‌ସିଂହପୁର**
- ମିଶନ ବାତ୍ସଲ୍ୟ ଅନ୍ତର୍ଗତ ଏସ୍ଏଫ୍ସିଏସି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ଟିବି ଫୋରମ ବୈଠକ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜଗତ୍‌ସିଂହପୁର ପୁସ୍ତକ ମେଳା କମିଟି କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ମାଇଁ ଏନ୍‌ସିସି ଆଲୁମ୍ନି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ସକାଳ ୮ଟା।

**ଯାଜପୁର**
- ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଅବସରରେ ରଥୋପରି ଷୋଡ଼ଶ ଉପଚାର ପୂଜା ଓ ରଥ ଚାଳନା, ସ୍ଥାନ : ମା ବିରଜା ମନ୍ଦିର ପରିସର, ସମୟ: ଅପରାହ୍ନ ସାଢ଼େ ୩ଟା।

**ନୟାଗଡ଼**
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ଦେଉଳି ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ସାଢ଼େ ୯ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଦଶମ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ଷୋଡଶ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ଷୋଡଶ ଦିବସୀୟ ପୂଜାର ଦଶମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ସପ୍ତମ ଦିବସ, ସ୍ଥାନ:ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ଅୟମାରମ୍ଭ ଦିବସରେ ପାହାଡ ଶିଖରରେ ଭକ୍ତମାନଙ୍କ ସମାଗମ, ସ୍ଥାନ:ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ:ସକାଳ ୮ ଟା ।

**ରାୟଗଡ଼ା**
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା, ସ୍ଥାନ: ମୁନିଗୁଡ଼ା କମ୍ୟୁନିଟି ହଲ୍ ପରିସର, ସମୟ: ସକାଳ ୯ ଟା ।

**ନବରଙ୍ଗପୁର**
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ରାଇଘର ରାଇଘର ବ୍ଲକ ଦୁରୁଡ଼ିହି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ରାୟଗଡ଼ା ଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ସ୍ୱୋସାଲିଷ୍ଟ ସ୍ୱାସ୍ଥ୍ୟମେଳା, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାବଣାଗୁଡା, ଜୟପୁର, ସମୟ: ସକାଳ ୯ଟା।
- ଜଙ୍ଗଲ ଅଧିକାର ଆଇନ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ କୋରାପୁଟ ବ୍ଲକ ଗସ୍ତ, ସ୍ଥାନ: କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ଦଶହରା ପାଳନ ନେଇ ନନ୍ଦପୁର ପୋଲିସ, ପ୍ରଶାସନର ପ୍ରସ୍ତୁତି ବୈଠକ, ସ୍ଥାନ: ନନ୍ଦପୁର ଥାନା ପରିସର, ସମୟ: ଅପରାହ୍ନ ୪ଟା।
- ନୀତିଆୟୋଗର ପ୍ରଥମ ହଜାର ଦିନ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଅନେଶ୍ୱା ହଷ୍ଟେଲର ବିଭିନ୍ନ ସାମଗ୍ରୀ କିଣା ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

**ମାଲକାନଗିରି**
- ଜଳ ଓ ପରିମଳ ସ୍ୱଚ୍ଛତା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ମାଲକାନଗିରି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ଦଶହରା ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ : ସମଲେଇ ମନ୍ଦିର ପରିସରସ୍ଥ ଦୀପ ଘର, ସମୟ : ସକାଳ ୬ଟା ।
- ରଣେଶ୍ୱର ରାମଚଣ୍ଡି ପୀଠରେ ନବରାତ୍ର କାର୍ଯ୍ୟକ୍ରମ, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୮ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ମା' ସମଲେଇଙ୍କ ଧବଳମୁଖି ବେଶ ଦର୍ଶନ ନିତି, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୫ଟା ପୂର୍ବାହ୍ନ ୧୧ଟା ୪୫ ।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଲା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ସନ୍ଧ୍ୟା ୭ଟା ।

**ବରଗଡ଼**
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଦରମା ପ୍ରଦାନ ଦାବିରେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରଙ୍କ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମୁଖ,ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାବା ଖଣ୍ଡୁଆଳ ଖେଳ ପଡିଆ, ଥୁଆମୂଳ ରାମପୁର, ସମୟ: ଅପରାହ୍ନ ୪ ଟା।

**ବୌଦ୍ଧ**
- ମନମୁଣ୍ଡାକୁ ଏନ୍ଏସି ଘୋଷଣା ଦାବିରେ ୧୨ ଘଣ୍ଟିଆ ମନମୁଣ୍ଡା ବନ୍ଦ, ସ୍ଥାନ: ମନମୁଣ୍ଡା, ସମୟ ସକାଳ ୬ଟା।
- ବନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଗଜାନନ ନର୍ସରୀ, ବାମଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ନବରାତ୍ର ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ପାଇଁ ଆଲୋଚନା, ସ୍ଥାନ: ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

**ସୁବର୍ଣ୍ଣପୁର**
- ନବରାତ୍ରର ଦ୍ୱିତୀୟ ଦିବସ ପୂଜାର୍ଚ୍ଚନା, ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।

**ନୂଆପଡ଼ା**
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରେସନ ଭବନ, ଖଡ଼ିଆଲ, ସମୟ: ସକାଳ ୯ ଟା।
- ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତିଙ୍କ ଯୋଗଦାନ, ସ୍ଥାନ: ଅଗ୍ରେସନ ଭବନ ଖଡ଼ିଆଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦୀର୍ଘଦିନାନ୍ତେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟିହେବ। ସଭାସମିତିରେ ଉନ୍ନତ ଆଲୋଚନା ସାଙ୍ଗକୁ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ସହକର୍ମୀଙ୍କ ସହଯୋଗରେ ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତାକୁ ଦୂରେଇବାରେ ନୂତନ କୌଶଳ ଅବଲମ୍ବନ କରିବେ।

**ବୃଷ**
ପରିବାରର ବାରଣ ନ ମାନି ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନବାହନ ମରାମତି ଏବଂ ଦୋକାନର ଉନ୍ନତି କାରଣରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନ୍‌ସନ ଲାଗିରହିବା ସୂଚନା ରହିଛି। ବିଗତ ଦିନରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳିଯାଇପାରେ।

**ମିଥୁନ**
ଆଜି ଆନୁଷ୍ଠାନିକ କାମରେ ନିୟୋଜିତ ହେବେ। ଜମିଜମା,ପୁରୁଣା ଗାଡ଼ି କିମ୍ବା ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇପାରନ୍ତି। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟିହେବ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ**
ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପଛରେ ବହୁ ସମାଲୋଚନା ଶୁଣିବାକୁ ପଡ଼ିବ। ଆଜି ଟଙ୍କା ପଇସା ଦିଆନିଆରେ ସତର୍କ ରହିବା ଭଲ ହେବ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ଯାହାକି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧିପାଇବ।

**ସିଂହ**
କର୍ମକ୍ଷେତ୍ରରେ ଅଳସୁଆମି, ଅବହେଳା ଏବଂ ଅବିଚାର ଯୋଗୁ କାମଟି ବିଗିଡ଼ିଯାଇପାରେ। ପୁତ୍ରକନ୍ୟାହେତୁକ ସମସ୍ୟା ଦୁଶ୍ଚିନ୍ତା ସୃଷ୍ଟିକରିବ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମର ସାମ୍ନା କରିବାକୁ ପଡ଼ିବ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଆଜି ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ଠିକ୍ ଭାବେ ସମ୍ପନ୍ନହେବା କଷ୍ଟକରହେବ। ସାମ୍ନାରେ ମିଠାକଥା କହି ପରୋକ୍ଷରେ ଶତ୍ରୁତା କରୁଥିବା ଲୋକଙ୍କ ପ୍ରତି ସତର୍କ ରହିବା ଭଲ। ନିର୍ମାଣାଧୀନ କାମକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆପଣଙ୍କ ସେବା ଓ ପରୋପକାର ପ୍ରବୃତ୍ତିରୁ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ତୁଳା**
କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବେ। ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି କୌଣସି କାମ ଅଟକି ରହିବନାହିଁ। ପ୍ରକୃତ ସତ୍ୟ ଉପଲବ୍ଧି ନ କରି ଘଟଣାକୁ ନେଇ ଅତିରିକ୍ତ ଭାବରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। ପ୍ରଶାସନିକ କ୍ଷେତ୍ରର ଆଲୋଚନା ପରିସରରେ ସାମୟିକ ଯୁକ୍ତିତର୍କର ସମ୍ଭାବନା ରହିଛି।

**ଧନୁ**
ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ କରି ଆତ୍ମସନ୍ତୋଷ ଲାଭକରିବେ। ବନ୍ଧୁମିଳନ ଅବସରରେ ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇଦେଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଆନନ୍ଦିତ ହୋଇପାରନ୍ତି।

**ମକର**
ମନକଥାକୁ ମନରେ ରଖି ମୁହଁରେ ହସ ଫୁଟାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଜି ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କିମ୍ବା ବାଣିଜ୍ୟାରମ୍ଭ ପାଇଁ ମନ ବଳାଇପାରନ୍ତି। କିଛିଟା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ**
ପଡ଼ୋଶୀଙ୍କ ସହ ସୁସମ୍ପର୍କ ଅଭାବରୁ ବିବାଦଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶକୁ ଶ୍ରେୟ ମନେ କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇରହନ୍ତୁ ନଚେତ୍ ସମାଲୋଚିତ ହେବାକୁ ପଡ଼ିପାରେ। ଚେଷ୍ଟା କରୁଥିବା କାମରେ ଆନୁଷଙ୍ଗିକ ସାହାଯ୍ୟ ନିଶ୍ଚିତ ଲାଭ କରିବେ।

**ମୀନ**
ମାନସିକ ଅସ୍ଥିରତା କାରଣରୁ ଆଜି କାମ ଉତ୍ସାହପ୍ରଦ ହେବନାହିଁ। ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢ଼ି ବଢ଼ି ଯିବା କାରଣରୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ, ସଭାସମିତିରେ,ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ସେପ୍ଟେମ୍ବର ୨୩ ତାରିଖ ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର–ଦିବା ଘ.୦୧।୪୦ ପର୍ଯ୍ୟନ୍ତ ହସ୍ତା/କନ୍ୟା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫।୩୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୮ ଗତେ, ଘ.୦୪।୦୮ ମଧ୍ୟେ ରାହୁକାଳ।

# ସାହସ ଥିଲେ ୭ ଦିନରେ ଛାତ୍ର ସଂସଦ ନିର୍ବାଚନର ବିଜ୍ଞପ୍ତି କାଢ଼ନ୍ତୁ: ଛାତ୍ର ବିଜେଡି

**ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)**

ଭାଜପା ସରକାରକୁ ଆସିବାର ୧୫ ମାସ ବିତିଯାଇଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ନ କରିବା ଯୋଗୁ ଛାତ୍ରୀଛାତ୍ରଙ୍କ ମନରେ ଆକ୍ରୋଶ ସୃଷ୍ଟି ହୋଇଛି। ଏବିଭିପି ଓ ଭାଜପା ଯୁବମୋର୍ଚ୍ଚା ମଧ୍ୟରେ ଥିବା ଆନ୍ତଃକନ୍ଦଳ ଲାଗି କଲେଜ କ୍ୟାମ୍ପସ ଅଶାନ୍ତ ହୋଇଛି ବୋଲି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସୀତା ସାହୁ କହିଛନ୍ତି, ଚଳିତ ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧୯ ଜଣ ଛାତ୍ରୀ ଯୌନ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଅପରପକ୍ଷେ ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ସକାରାତ୍ମକ ଥିବା କଥା ଉଚ୍ଚଶିକ୍ଷା ମନ୍ତ୍ରୀ ବାରମ୍ବାର ଗଣମାଧ୍ୟମରେ କହୁଛନ୍ତି, କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଯଦି ସାହସ ଅଛି ସରକାର ଆଗାମୀ ସପ୍ତାହକ ମଧ୍ୟରେ ଛାତ୍ର ସଂସଦ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଇପ୍‌ସୀତା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ନ ଖାଇବେ ଝିଅ**
**ତାକୁ ଜୋଇଁଙ୍କ ପତରେ ଦିଅ।**

ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଇଥାଏ। ତାଙ୍କ ଖାଇବା ପିଇବାରେ ଯେମିତି କିଛି ଊଣା ରହି ନ ଯାଏ ସେନେଇ ବିଶେଷ ଦୃଷ୍ଟି ଦିଆଯାଇଥାଏ। ପରନ୍ତୁ ଝିଅକୁ ଯାହି ତାହି କରି ଖାଇବାକୁ ଦେଲେ ବି ଚଳିଯାଏ। ଯେହେତୁ ଘର କଥା, ଝିଅ ଚଳେଇ ଦେଇଥାଏ। ଅନ୍ୟ ଅର୍ଥରେ ଯେଉଁ ଖାଦ୍ୟ ଜିନିଷ ଖରାପ ଲାଗୁଥିବା କାରଣରୁ ଝିଅକୁ ଦେବାକୁ ଇଚ୍ଛା ହେଉ ନ ଥାଏ ତାକୁ ଜ୍ୱାଇଁଙ୍କୁ ଦେବା ଲାଗି କଥା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହା ମନ ଯହିଁକି ଯାଏ**
**ପଲାଉ ଫିଙ୍ଗି ପଖାଳ ଖାଏ।**

ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ରୁଚି ବା ପସନ୍ଦ ଅନୁସାରେ ଖାଦ୍ୟ ଚୟନ କରିଥାନ୍ତି। ମନୁଷ୍ୟର ରୁଚି, ଶ୍ରଦ୍ଧା ଅଶ୍ରଦ୍ଧା ତାହାର ମନ ଉପରେ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାଜ୍ୟରେ ୬୦୦ ଆୟୁର୍ବେଦିକ, ୫୨୪ ହୋମିଓପାଥିକ ଡାକ୍ତର

**ଭୁବନେଶ୍ୱର,୨୨।୯(ବନ୍ଦନା ସେଠୀ)**

ରାଜ୍ୟରେ ୬୨୦ଟି ସରକାରୀ ଆୟୁର୍ବେଦିକ ଡାକ୍ତରଖାନାରେ ୫୮୩ ଆୟୁର୍ବେଦିକ ଡାକ୍ତର, ୩ଟି ସରକାରୀ ଆୟୁର୍ବେଦିକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟ ଏବଂ ୨ଟି ଆୟୁର୍ବେଦିକ ଚିକିତ୍ସାଳୟରେ ୧୭ଜଣ ଆୟୁର୍ବେଦିକ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେହିପରି ୫୬୨ ସରକାରୀ ହୋମିଓପାଥିକ୍ ଡାକ୍ତରଖାନାରେ ୫୧୨ ହୋମିଓପାଥିକ୍ ଡାକ୍ତର ଏବଂ ୪ଟି ସରକାରୀ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟର ଚିକିତ୍ସାଳୟରେ ୧୨ ହୋମିଓପାଥିକ୍ ଡାକ୍ତର କାର୍ଯ୍ୟରତ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ସୂଚନା ଦେଇଛନ୍ତି। ସୋମବାର ବିଧାନସଭାରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ଡ. ମହାଲିଙ୍ଗ ଏହି ସୂଚନା ଦେବା ସହ ରାଜ୍ୟରେ ଥିବା ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନ ଯଥା ପିଏଚ୍‌ସି ଓ ସିଏଚ୍‌ସିରେ ୧,୨୮୨ ଯୋଜନାଭିତ୍ତିକ ଆୟୁଷ ଡାକ୍ତର କାର୍ଯ୍ୟରତ ବୋଲି କହିଛନ୍ତି।

# ଜିଏସ୍‌ଟିରେ ସୁଧାର ସାଧାରଣ ଜନତାଙ୍କ ଲାଗି ଐତିହାସିକ ପଦକ୍ଷେପ: ମନମୋହନ

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ଓଡ଼ିଶା ତଥା ସମଗ୍ର ଦେଶରେ ସୋମବାରଠାରୁ ନୂତନ ଜିଏସ୍‌ଟି ସୁଧାର ଲାଗୁ ହୋଇଛି। ଏହାଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କ ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ। ରାଜ୍ୟବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ତଥା ଧନ୍ୟବାଦ ଜ୍ଞାପନ କରୁଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ଲାଲକିଲ୍ଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ମୋଦି ଦଶହରା, ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜିଏସ୍‌ଟି ଉପହାର ଦେବାକୁ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ୩ ତାରିଖରେ ୫୬ ତମ ଜିଏସ୍‌ଟି ପରିଷଦ ବୈଠକରେ ସମସ୍ତ ରାଜ୍ୟର ସହମତିରେ 'ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର'କୁ ଗୃହୀତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନକାଳ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଦ୍ରୁତ ଗତିରେ ବଢ଼ୁଥିବା ଅର୍ଥନୀତି ହୋଇପାରିଛି।

ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଦେଶବାସୀଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ଓ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଓ ଗତି ପ୍ରଦାନ କରିବ ବୋଲି ମନମୋହନ କହିଛନ୍ତି। ଆଗାମୀ ପିଢ଼ିର ଜିଏସଟି ସୁଧାର କାରଣରୁ ଓଡ଼ିଶାର କୋଟି କୋଟି କୃଷକଙ୍କ ଆୟରେ ଆଖି ଦୃଶିଆ ଅଭିବୃଦ୍ଧି ହେବ। ୧୫ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳି ଓ ତାଙ୍କ ପରିବାର ବର୍ଗ ଆର୍ଥିକ ଦୃଷ୍ଟିରୁ ଆହୁରି ସଶକ୍ତ ହେବେ। କୋଇଲାରେ ସେସ୍ ହଟାଇ ଦିଆଯିବା ଓ ଜିଏସ୍‌ଟି ହାରରେ ପରିବର୍ତ୍ତନ ଯୋଗୁ ଓଡ଼ିଶାର ରାଜସ୍ୱରେ ଅଭିବୃଦ୍ଧି ହେବ ବୋଲି ସେ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ରାଜ୍ୟରେ ୧୪,୫୭୨ ଡାକ୍ତର...

ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଏହା କହିଛନ୍ତି। ମୟୂରଭଞ୍ଜ ଜିଲାରେ ସର୍ବାଧିକ ୬୧୩ଟି ମେଡିକାଲ ଅଫିସର ପଦବୀ ଖାଲି ପଡିଛି। ଏଠାରେ ମୋଟ୍ ୧୦୨୪ ପଦବୀ ପାଇଁ ମଞ୍ଜୁରୀ ମିଳିଥିବାବେଳେ ମାତ୍ର ୪୧୧ଜଣ ମେଡିକାଲ ଅଫିସର ପୋଷ୍ଟିଂ ହୋଇଛନ୍ତି। ଏହା ପଛକୁ ଗଞ୍ଜାମ ଜିଲାରେ ୧୦୭୯ ପଦବୀ ମଞ୍ଜୁର ହୋଇଥିବାବେଳେ ୫୩୭ ପଦବୀ ଖାଲି ପଡିଛି। କଟକ ଜିଲାରେ ୭୫୩ରୁ ୪୬୨ଟି ପଦବୀ, ସୁନ୍ଦରଗଡ଼ରେ ୭୨୪ ପଦବୀରୁ ୪୨୦ ପଦବୀ, କଳାହାଣ୍ଡି ଜିଲାରେ ୬୦୬ରୁ ୪୧୨ ପଦବୀ, କେନ୍ଦୁଝର ଜିଲାରେ ୬୭୨ରୁ ୪୧୦ ପଦବୀ, ବାଲେଶ୍ୱର ଜିଲାରେ ୬୩୬ରୁ ୩୫୯ ପଦବୀ ଖାଲି ପଡିଛି। ସେହିପରି ୫୯ଟି ଫାର୍ମାସୀ ଅଫିସର ପଦବୀ ଖାଲି ପଡିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ତଦନ୍ତ ରିପୋର୍ଟର...

ରହି କହିଥିଲେ, ପ୍ରାରମ୍ଭିକ ରିପୋର୍ଟର ଗୋଟିଏ ଧାଡ଼ି ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦାୟୀ କରିଥିଲା, ଯାହା ସାରା ବିଶ୍ୱର ଗଣମାଧ୍ୟମକୁ ଚର୍ଚ୍ଚା ପାଇଁ ସୁଯୋଗ ଦେଲା। ଦୁର୍ଘଟଣାକୁ ୧୦୦ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଏପର୍ଯ୍ୟନ୍ତ ଏହାର କାରଣ ଆମେ ଜାଣିପାରି ନାହୁଁ। ଲୋକେ ଦୁର୍ଘଟଣାର କାରଣ ନ ଜାଣିଲେ, ବିପଦରେ ରହିବେ ଏବଂ ପ୍ରତିକାରମୂଳକ ପଦକ୍ଷେପ ନେଇପାରିବେ ନାହିଁ ବୋଲି ଭୂଷଣ କହିଥିଲେ। ତଦନ୍ତ ପାଇଁ ଗଢ଼ାଯାଇଥିବା କମିଟିର ୫ ସଦସ୍ୟଙ୍କ ମଧ୍ୟରୁ ୩ ଜଣ ଡିଜିସିଏରୁ ହୋଇଥିବାରୁ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଥାଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ।

## ଅଗ୍ରାହ୍ୟ ହେଲା...

କରିଥିଲେ। ଏହାପରେ ସେମାନେ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ସରକାର ବିରୋଧୀ ନାରା ଦେଇଥିଲେ। କିଛି ସମୟ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା କହିଥିଲେ, ତାଙ୍କ ଦଳର ସଂଖ୍ୟା ଗୃହରେ କମ୍ ଥିବା ଯୋଗୁ ତାଙ୍କ କଥାକୁ ଅଣଦେଖା କରାଯାଉଛି। ଯେଉଁଥିପାଇଁ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରି ଗାନ୍ଧୀ ମୂର୍ତ୍ତି ତଳେ ଯାଇ ଧାରଣାରେ ବସିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାମଚନ୍ଦ୍ର କାଡାମ କହିଛନ୍ତି, ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଭାଜପା ଏବଂ ବିଜେଡି ମିଶିକି ଗୃହକୁ ଜାଣିଶୁଣି ଅଚଳ ରଖୁଛନ୍ତି। କିଛି ସମୟ ପରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କୁ ଦାୟିତ୍ୱ ଦେଇଥିଲେ କଂଗ୍ରେସ ସଦସ୍ୟମାନଙ୍କୁ ଗୃହକୁ ଆସିବା ଲାଗି ଯାଇ ବୁଝାନ୍ତୁ। କିଛି ସମୟ ପରେ ସରକାରୀ ଦଳ ମୁଖ୍ୟ ସଚେତକ ଫେରି ଗୃହରେ ବାଚସ୍ପତିଙ୍କୁ ଜଣାଇଥିଲେ, କଂଗ୍ରେସ ସଦସ୍ୟମାନେ ଗୃହକୁ ଫେରିବାକୁ ରାଜି ହୋଇଛନ୍ତି। ହେଲେ ସେମାନେ ଆଲୋଚନା କରିବା ପରେ ଜଣାଇବେ ବୋଲି କହିଛନ୍ତି।

ସେହିପରି ସୋମବାର ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସଦସ୍ୟମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ପ୍ରବଳ ହଟ୍ଟଗୋଳ କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିଲେ। ଅନାସ୍ଥା ନ ଆଣିବାକୁ ଫନ୍ଦି କରାଯାଇଛି ବୋଲି ଅଭିଯୋଗ କରିବା ସହିତ 'ବିଜେଡି–ଭାଜପା ଭାଇ ଭାଇ ଅନାସ୍ଥା ପ୍ରସ୍ତାବ ଆଣନ୍ତି ନାହିଁ' ଲେଖାଥିବା ପୋଷ୍ଟର, ପ୍ଲାକାର୍ଡ ଦେଖାଇ ହୋହଲ୍ଲା କରିଥିଲେ। ଏଭଳି ସ୍ଥିତି ପରେ ୭ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ବାଚସ୍ପତି ୭ ମିନିଟ୍ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଗୃହରେ ଆସିଲେ ବିଚାର କରାଯିବ ବୋଲି ପୂର୍ବରୁ କହିଥିବା ବିଜେଡି ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଥିଲା। ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ଚାଲିବା ପାଇଁ ବିଜେଡି ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଫଳରେ ଗତ ୧୮ ତାରିଖରୁ ଚାଲିପାରୁ ନ ଥିବା ବିଧାନସଭା ସ୍ୱାଭାବିକ ସ୍ଥିତିକୁ ଫେରିଥିବାର ଦେଖିବାକୁ ମିଳିଥିଲା। ହେଲେ କଂଗ୍ରେସର ଅନାସ୍ଥା ପ୍ରସ୍ତାବ ଅଗ୍ରାହ୍ୟ ହେବାପରେ ମଧ୍ୟ ବିରୋଧୀ ଦଳର କୌଣସି ସଦସ୍ୟ ପଦୁଟିଏ କହି ନ ଥିଲେ।

## ସ୍ୱଚ୍ଛ ବାୟୁ ପାଇଁ...

ପାଳନ ବେଳେ ସହରର ଅଧିକାରୀ ଏବଂ ଜନ ପ୍ରତିନିଧିମାନେ ଲୋକଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହ କାର୍ ବଦଳରେ ୨ ଚକିଆ ଯାନ କିମ୍ବା ସାଧାରଣ ପରିବହନ ବ୍ୟବହାର କରିବାକୁ ଅପିଲ କରିଥିଲେ। ସହରରେ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ, ବାୟୁ ପ୍ରଦୂଷଣ ସ୍ତର ହ୍ରାସ, ପରିବେଶ ସୁରକ୍ଷା ଏବଂ ସାର୍ବଜନୀନ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ 'ନୋ କାର୍ ଡେ' ଏକ ପ୍ରୟାସ ବୋଲି ମେୟର ପୁଷ୍ୟମିତ୍ର କହିଛନ୍ତି। ଗତବର୍ଷ ମଧ୍ୟ ଇନ୍ଦୋରରେ 'ନୋ କାର୍ ଡେ' ପାଳନ ହୋଇଥିଲା, ଯାହାଦ୍ୱାରା ସହରର ବାୟୁ ପ୍ରଦୂଷଣ ସ୍ତର ହ୍ରାସ ହୋଇଥିବା ସେ ଦାବି କରିଛନ୍ତି। ଏହି ଅବସରରେ ଇନ୍ଦୋରର ରାଜୱାଡ଼ାଠାରୁ ପଲାସିଆ ଷ୍ଟ୍ରିଟ୍ ପର୍ଯ୍ୟନ୍ତ ଏକ ସାଇକ୍ଲୋଥନ୍ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। 'ନୋ କାର୍ ଡେ' ପାଳନରେ ଲୋକଙ୍କ ଉପସ୍ଥିତି ଏବଂ ସହଯୋଗ ହିଁ ଆଗାମୀ ପିଢ଼ି ପାଇଁ ସ୍ୱଚ୍ଛ ବାୟୁ ଏବଂ ସୁସ୍ଥ ଭବିଷ୍ୟତକୁ ସୁନିଶ୍ଚିତ କରିପାରିବ ବୋଲି ସେ କହିଛନ୍ତି।

# ବଜ୍ରପାତରେ ଶଳା ଭିଣୋଇଙ୍କ ମୃତ୍ୟୁ

ବେଲପଡା,୨୨।୯
(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକର ଡୁଡୁକାମାଲ ଗାଁ ନିକଟରେ ସୋମବାର ଅପରାହ୍ଣରେ ବଜ୍ରପାତରେ ଦୁଇ ଜଣ ବ୍ୟକ୍ତିଙ୍କ ପରଲୋକ ଘଟିଛି। ମୃତକ ହେଲେ ବେଲପଡା ବ୍ଲକ ବାଗଦୋର ପଞ୍ଚାୟତ ଅନ୍ତର୍ଗତ ମାଲପଡା ଗ୍ରାମର ଟିକେଧର ମାଝୀ (୩୦) ଓ ତାଙ୍କ ଭିଣୋଇ ଲାଠୋର ଥାନା ଅନ୍ତର୍ଗତ ସାହାଜପାଣି ଗାଁର ଦିଲିପ ମାଝୀ (୩୫)। ସେମାନେ ସମ୍ପର୍କରେ ଦୁହେଁ ଶଳା ଭିଣୋଇ ବୋଲି ଜଣାପଡିଛି।

ପ୍ରକାଶ ଯେ, ସାହାଜପାଣି ଗାଁର ଦିଲିପ କୌଣସି କାମରେ ସକାଳେ ଶଶୁର ଘର ଗାଁ ମାଲପଡାକୁ ବୁଲି ଆସିଥିଲେ। ଶଳା ଭିଣୋଇ କିଛି ସମୟ ଖୁସିରେ ସମୟ ବିତାଇଥିଲେ। ଅପରାହ୍ଣ ପ୍ରାୟ ଗୋଟାଏ ବେଳେ ଦୁହେଁ ଡୁଡୁକାମାଲ ଗାଁ ନିକଟ ଖାଦାନ (ପୋଖରୀ)କୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ହଠାତ୍ ବର୍ଷା ଓ ଘଡଘଡି ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦିଲିପ ଗତ ୭ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଉଭୟ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।




# ନୂଆପଡ଼ା ଉପନିର୍ବାଚନ: ଇଭିଏମ୍ ଏବଂ ଭିଭିପାଟ୍‌ର ତଦାରଖ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହିକ୍ରମରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଏବଂ ଭିଭିପାଟ୍ ଗୋଦାମ ଗୃହରେ ସଂରକ୍ଷିତ ଥିବା ୟୁନିଟ୍‌ଗୁଡ଼ିକର ପ୍ରଥମ ପର୍ଯ୍ୟାୟ ତଦାରଖ କରାଯାଇଛି। ଏହି ଅବସରରେ ଜିଲାପାଳ ତଥା ଜିଲା ମୁଖ୍ୟନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ, ଅତିରିକ୍ତ ଶାସନ ସଚିବ ତଥା ଇଭିଏମ୍-ରାଜ୍ୟ ନୋଡାଲ ଅଧିକାରୀ ପ୍ରମୋଦ କୁମାର ସାହୁ, ଉପ ଶାସନ ସଚିବ ଜିତେନ୍ଦ୍ର ପାତ୍ର, ଅତିରିକ୍ତ ଜିଲାପାଳ ତଥା ଜିଲା ଅତିରିକ୍ତ ନିର୍ବାଚନ ଅଧିକାରୀ ସୁବାସ ଚନ୍ଦ୍ର ରଇତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ ଏବଂ ଆପ୍ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ: ୩ ଅଟକ

କେନ୍ଦୁଝର,୨୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ବିମଳା ସେକ୍ସନର ରାଣିବେଡା ବିଟ ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ସୋମବାର ବନ ବିଭାଗ ଗଳିତ ମୃତଦେହ ଉଦ୍ଧାର କରିଛି। ଏହି ଘଟଣାରେ ବନବିଭାଗ ୩ ଜଣଙ୍କୁ ଅଟକ ରଖିଛି। ଅଭିଯୁକ୍ତମାନେ ହାତୀ ଶିକାର ପାଇଁ ଘର ପାଖ ଏଲ୍‌ଟି ଲାଇନରୁ ତାର ଟାଣି ଜଙ୍ଗଲରେ ବିଛାଇଥିଲେ। ତଦନ୍ତ ବେଳେ ଟାଟା ପାୱାର କମ୍ପାନୀର ଅଧିକାରୀ ଉପସ୍ଥିତ ଥିଲେ ବୋଲି ଡିଏଫ୍‌ଓ ଧନରାଜ ଏଚଡି ସୂଚନା ଦେଇଛନ୍ତି। ମୃତ ମାଈ ହାତୀର ବୟସ ୧୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପ୍ରାୟ ୧୦ ଦିନ ତଳେ ହାତୀର ମୃତ୍ୟୁ ଘଟିଥିବା ବେଳେ ବିଳମ୍ବରେ ଜାଣିବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ରେଞ୍ଜରେ କିଛି ମାସ ତଳେ ବିଦ୍ୟୁତ୍ ଆଘାତରେ ଏକ ହାତୀର ମୃତ୍ୟୁ ଘଟିଥିଲେ ହେଁ ବିଳମ୍ବରେ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ବନ ବିଭାଗ ୫ ଜଣଙ୍କୁ ଗିରଫ କରିଥିବାବେଳେ ଫରେଷ୍ଟର ଏବଂ ଗାର୍ଡଙ୍କୁ ବଦଳି କରି ଦାୟିତ୍ୱ ଶେଷ କରିଥିଲା। ଉକ୍ତ ରେଞ୍ଜରେ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟୁଥିଲେ ହେଁ ଏ ନେଇ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ୧୪ମାସରେ ଫେରସ୍ତ ହେଲାଣି ୫୦କୋଟି

## ୧,୩୩,୭୫୫ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିଛି ଟଙ୍କା

ଭୁବନେଶ୍ୱର,୨୨।୯
(ରବିନାରାୟଣ ଜେନା)

ରାଜ୍ୟ ସରକାର ଗତ ୧୪ ମାସ ମଧ୍ୟରେ ୧ଲକ୍ଷ ୩୩ ହଜାର ୭୫୫ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଅର୍ଥ ଫେରସ୍ତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ସରକାର ସବୁବେଳେ ଚିନ୍ତିତ ଓ ତାଙ୍କୁ ଫେରସ୍ତ କରିବା ପ୍ରକ୍ରିୟା ଜାରି ରହିଛି।

ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ୧୪ମାସ ମଧ୍ୟରେ ସରକାର ୪୯,୬୭,୬୮,୫୪୮ଟଙ୍କା ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଫେରସ୍ତ କରିଛନ୍ତି। ସେଥିମଧ୍ୟରେ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ, ହାଇ-ଟେକ୍ ଇଷ୍ଟେଟସ୍ ଗ୍ରୁପ୍ ଅଫ୍ କମ୍ପାନୀର ଏବଂ ତଦନ୍ତ କମିଶନଙ୍କ ଅନ୍ତରୀଣ ରିପୋର୍ଟରେ ସୁପାରିସ କରାଯାଇଥିବା ଜମାକାରୀଙ୍କୁ ମିଶାଇ ସର୍ବମୋଟ ୧,୩୩,୭୫୫ କ୍ଷତିଗ୍ରସ୍ତ ଜମାକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ତେବେ ତଦନ୍ତ କମିଶନ ତାଙ୍କ ଅନ୍ତରୀଣ ରିପୋର୍ଟରେ ୪,୭୨,୬୫୧ କ୍ଷୁଦ୍ର ଜମାକାରୀଙ୍କୁ କର୍ପସ ପାଣ୍ଠିରୁ ଅର୍ଥ ଫେରସ୍ତ ପାଇଁ ସୁପାରିସ କରିଥିଲେ । ସେମାନଙ୍କ ମଧ୍ୟରୁ ୯୬,୮୦୧ କ୍ଷୁଦ୍ର ଜମାକାରୀଙ୍କୁ ୪୬ କୋଟି ଟଙ୍କା କର୍ପସ ପାଣ୍ଠିରୁ ଫେରସ୍ତ କରାଯାଇଛି। ରାଜ୍ୟ ସରକାର କ୍ଷୁଦ୍ର ଜମାକାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୩୦୦ କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି ସୃଷ୍ଟି କରିଛନ୍ତି। ରାଜ୍ୟରେ ଆନୁମାନିକ ୨୪,୭୫,୭୮୨ କ୍ଷତିଗ୍ରସ୍ତ ଜମାକାରୀ ୬୮୬୦,୧୪,୪୨,୨୬୩ ଟଙ୍କା ବିଭିନ୍ନ ବେଆଇନ ଆର୍ଥିକ ପ୍ରତିଷ୍ଠାନରେ ପୁଞ୍ଜି ନିବେଶ କରିଛନ୍ତି। ଅଦ୍ୟାବଧି ୩,୧୬,୦୬୩ ଜମାକାରୀଙ୍କୁ ମୋଟ ୧୨୩ କୋଟି ଟଙ୍କା ଫେରସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

# ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୮୯ ଟଙ୍କା: ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ଋଣ ଭାର ୧.୩୪ ଲକ୍ଷ କୋଟିକୁ ଟପିବ

ଭୁବନେଶ୍ୱର,୨୨।୯ (ରବିନାରାୟଣ ଜେନା)

ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୧ଲକ୍ଷ ୩୪ହଜାର କୋଟି ଟଙ୍କାକୁ ଟପିଯିବ। ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ସୋମବାର ଗୃହକୁ ଦର୍ଶାଇଛନ୍ତି, ୨୦୦୦-୦୧ରେ ରାଜ୍ୟରେ ୨୧ହଜାର ୧କୋଟି ୮୮ଲକ୍ଷ ଟଙ୍କା ଋଣଭାର ଥିବାବେଳେ ଏହା ୨୦୧୩-୧୪ ଆର୍ଥିକବର୍ଷ ଶେଷସୁଦ୍ଧା ୩୮ହଜାର ୬୬୬ କୋଟି ୨୪ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ସେହିପରି ୨୦୨୩-୨୪ ଆର୍ଥିକବର୍ଷ ଶେଷସୁଦ୍ଧା ଏହା ୯୬,୩୧୦କୋଟି ୪୦ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ଆର୍ଥିକବର୍ଷ ଶେଷସୁଦ୍ଧା ରାଜ୍ୟର ଋଣଭାର ୧,୩୪, ୯୧୩ କୋଟି ୮୪ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ମୁଖ୍ୟମନ୍ତ୍ରୀ ସୋମବାର ଦର୍ଶାଇଛନ୍ତି, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ନିଟ୍ ୨୪,୪୦୦ କୋଟି ଟଙ୍କା ଋଣ ଆହରଣ କରିଛନ୍ତି। ଋଣ ପରିମାଣ ହ୍ରାସ ପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜସ୍ୱ ବଳକା ସୃଷ୍ଟିକରି ଋଣ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିଛନ୍ତି। ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ସରକାର ଆଉ କୌଣସି ଋଣ ଆଣୁ ନାହାନ୍ତି। 'ଏସ୍‌ଏଏସ୍‌ସିଆଇ' ଯୋଜନା ଅଧୀନରେ ୫୦ ବର୍ଷର ସୁଧବିହୀନ ଋଣକୁ ପ୍ରାଥମିକତା ଦେଇ ବିଭିନ୍ନ ବିଭାଗରେ ସଂସ୍କାର ଅଣାଯାଉଛି। ଏହି ପଦକ୍ଷେପରୁ ରାଜ୍ୟର ପ୍ରତିବର୍ଷ ସୁଧଦେୟର ଭାର ହ୍ରାସ ପାଉଛି। ଏହାସହିତ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ତଥା ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ ଅନୁଯାୟୀ ରାଜ୍ୟର ଋଣଭାର ରାଜ୍ୟ ଜିଏସ୍‌ଡିପିର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଆବଶ୍ୟକ। ଏହା ବ୍ୟତୀତ ସୁଧ ଦେୟ ଓ ମୋଟ ରାଜସ୍ୱର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବା ଦରକାର। ତେବେ ରାଜ୍ୟର ଋଣଭାର ଓ ରାଜ୍ୟ ଜିଏସ୍‌ଡିପି ଅନୁପାତ ବର୍ଷ ୨୦୨୪-୨୫ ଶେଷରେ ୧୨.୭୨ ପ୍ରତିଶତ ଏବଂ ସୁଧ ଦେୟ ଓ ରାଜ୍ୟର ମୋଟ ରାଜସ୍ୱର ଅନୁପାତ ଏହି ବର୍ଷରେ ୨.୮୭ ପ୍ରତିଶତ ଅଟେ। ଏହିସବୁ ଅନୁପାତ ଧାର୍ଯ୍ୟ ସୀମାଠାରୁ ଯଥେଷ୍ଟ କମ୍ ଅଟେ। ୨୦୨୪-୨୫ ଆର୍ଥିକବର୍ଷ ଶେଷସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୮୯.୩୬ ଟଙ୍କା ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।




# କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ

## ପଥର ଖସି ରାସ୍ତାରେ ଖାଲ, ମରାମତି କାର୍ଯ୍ୟ ବନ୍ଦ

ଫୁଲବାଣୀ/ଜି.ଉଦୟଗିରି/ଭଞ୍ଜନଗର,୨୨।୯(ରାକେଶ କୁମାର ରାଉତ/ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ/ବାବୁଲା ପ୍ରଧାନ)

ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ସୋମବାର ପୁଣି ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ଯୋଗୁ ୧୫୭ ନଂ. ଜାତୀୟ ରାଜପଥରେ ପୁଣି ଥରେ ପଥର ଖସି ୪୦/୫୦ ଫୁଟର ଖାଲ ସୃଷ୍ଟି ହୋଇଛି। ଗତ ୧୬ ତାରିଖରେ ଉକ୍ତ ଘାଟି ରାସ୍ତାରେ ଭୂସ୍ଖଳନ ହୋଇଥିଲା। ପ୍ରାୟ ୧୦୦ ଫୁଟ ଉଚ୍ଚ ପାହାଡ଼ରୁ ୫୦ ଫୁଟ ଓସାରରେ ମାଟି ଧସିଥିଲା। ବଡ଼ ବଡ଼ ପଥର ଖସି ଜାତୀୟ ରାଜପଥ ଧୋଇ ହୋଇଯାଇଥିଲା। ସେବେଠାରୁ କନ୍ଧମାଳରୁ ଗଞ୍ଜାମ ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି କିଭଳି ଏହି ରାସ୍ତା କମ୍ ସମୟ ଭିତରେ ସ୍ୱାଭାବିକ ହୋଇପାରିବ ତା'ର ବ୍ୟବସ୍ଥା କରି ମରାମତି କାର୍ଯ୍ୟଚଳାଇ ଥିବା ବେଳେ ଏବେ ପୁଣି ଥରେ ପଥର ଖସିଛି। ମରାମତି କାମ ଚାଲୁଥିବା ସ୍ଥାନରେ ପୁଣି ଭୂସ୍ଖଳନ ଘଟିଥିବା ବେଳେ ପ୍ରବଳ ବର୍ଷା ଓ ପାଣି ସ୍ରୋତରେ ରାସ୍ତା ନିର୍ମାଣ ପାଇଁ ଥିବା ସମସ୍ତ ସାମଗ୍ରୀ ଧୋଇଯାଇଛି। ପଥର ଖସିବା ଯୋଗୁ ଶ୍ରମିକମାନେ କାମ ବନ୍ଦ ରଖିଛନ୍ତି। ପଥର ଖସି ରାସ୍ତାକୁ ଅବରୋଧ କରିଥିବାରୁ ନିର୍ମାଣାଧୀନ କାମରେ ବାଧା ସୃଷ୍ଟି ହେଉଛି। ପାହାଡ଼ ଉପରେ ଅନ୍ୟ ବଡ଼ ପଥର ମଧ୍ୟ ଅଧାରେ ଅଟକି ରହିଛି। ଏହି ସମୟରେ ଜାତୀୟ ରାଜପଥ ସମ୍ବଲପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶାନ୍ତନୁ ସାହୁ ଓ ଚିଫ୍ କଣ୍ଟ୍ରୋଲିଂ ଇଞ୍ଜିନିୟର ବିକ୍ରମ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରିଛନ୍ତି। ପୁଣିଥରେ ଭୂସ୍ଖଳନ ଘଟିବାରୁ ମରାମତି କାମ କେବେ ସମାପ୍ତ ହେବ ସେଥି ନେଇ ଅନିଶ୍ଚିତତା ଦେଖାଦେଇଛି।

ଏ ସମ୍ପର୍କରେ କାମ କରୁଥିବା ସଂସ୍ଥାର ପରିଚାଳକ ଗଜରାଜ ସିଂ କହିଛନ୍ତି ସୋମବାର ଅପରାହ୍ଣ ୧ଟାରୁ ୨ଟା ମଧ୍ୟରେ ପ୍ରବଳ ବର୍ଷା ହୋଇଥିଲା। ପାହାଡ଼ରୁ ବଡ ବଡ ପଥର ଖସିବାରୁ ଆମେ ଯେଉଁ କାମ କରିଥିଲୁ, ତାହା ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ପୁଣି କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ସମ୍ବଲପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଶାନ୍ତନୁ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘାଟି ରାସ୍ତା ମରାମତି କାମ ଚାଲିଥିଲା। ଏକ୍ସପର୍ଟ ଟିମ ଆସି ନାହାନ୍ତି। ବର୍ଷା ଯୋଗୁ କାମ ଯାହା ହୋଇଥିଲା ତାହା ଧୋଇଯାଇଛି। ବର୍ଷା କମିଲେ କାମ ଆରମ୍ଭ ହେବ ବୋଲି କହିଛନ୍ତି।




# ୧୫ ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟଙ୍କ ନୋଟିସ

## ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଥିବା ନେଇ ମାମଲା

କଟକ,୨୨।୯(କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ଅଧୀନସ୍ଥ ୧୫ଟି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ଏହି ପଦବୀଗୁଡ଼ିକ ପୂରଣ ପାଇଁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ସୋମବାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୫ଟି ବିଶ୍ୱବିଦ୍ୟାଳୟର କୁଳସଚିବମାନଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୦ ତାରିଖ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ମସିହାରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇଯାଇଥିବାରୁ ଓଡ଼ିଶାର ୧୫ଟି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୦୦ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ୨୦୨୫ ମାର୍ଚ୍ଚ ୨୧ ସୁଦ୍ଧା ୨୮୫ଟି ଅନୁମୋଦିତ ପ୍ରଫେସର ପଦବୀ ଥିବାବେଳେ ୨୪୨ ପଦବୀ ଖାଲିପଡ଼ିଛି। ସେହିପରି ଅନୁମୋଦିତ ଆସୋସିଏଟ୍ ପ୍ରଫେସର ପଦବୀ ୫୭୮ ମଧ୍ୟରୁ ୪୩୬ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ଅନୁମୋଦିତ ୧୧୪୩ରୁ ୬୫୪ଟି ଖାଲି ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୬୧, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫୮, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୯୫, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୭୬, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୪୯, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ୨୦, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୮, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୯୬ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ପଦବୀଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସକାଶେ ପ୍ରାର୍ଥନା କରି ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।



ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା



# ପାକିସ୍ତାନ ସହ ସାଉଦି ଆରବ

ହମାସକୁ ମୂଳପୋଛ କରିବା ଲକ୍ଷ୍ୟରେ ଦୀର୍ଘ ୨୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗାଜା ଉପରେ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏପରିକି ଏହାର ନେତାମାନେ ଯେଉଁ ସବୁ ଦେଶରେ ରହୁଥିବା ଇସ୍ରାଏଲ ଖବର ପାଉଛି ସେହିସବୁ ରାଷ୍ଟ୍ର ଭିତରେ ପଶି ସେମାନଙ୍କୁ ହତ୍ୟା କରୁଥିବା ଦେଖାଯାଉଛି। ସଦ୍ୟ ଘଟଣାକୁ ଦେଖିଲେ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ କାତାର ରାଜଧାନୀ ଦୋହାରେ ଗାଜାରେ ଯୁଦ୍ଧବିରତି ପାଇଁ ଆମେରିକାର ପ୍ରସ୍ତାବ କ୍ରମେ ଆଲୋଚନା ଚାଲିଥିବାବେଳେ ଇସ୍ରାଏଲ ଅଚାନକ ଆକ୍ରମଣ କରି ୬ ଜଣଙ୍କୁ ହତ୍ୟା କରିଥିଲା। ଗାଜା ଅକ୍ତିଆର ଅଭିଯାନର ଅଂଶସ୍ୱରୂପ ସେପ୍ଟେମ୍ବର ୮ରୁ ୧୦ ମଧ୍ୟରେ ଅର୍ଥାତ୍ ୭୨ ଘଣ୍ଟା ଭିତରେ କାତାର ସମେତ ପାଲେଷ୍ଟାଇନ, ଲେବାନନ, ୟେମେନ, ଟ୍ୟୁନିସିଆ, ସିରିଆ ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା। ମଧ୍ୟପ୍ରାଚ୍ୟରେ ଏପରି ଭିନ୍ନଧରଣର ରଣନୀତିକ ପରିବର୍ତ୍ତନ ଦେଖି ପାକିସ୍ତାନ ସହ ସାଉଦି ଆରବ ଏବେ ସାମରିକ ସହଯୋଗ ଆଗକୁ ବଢ଼ାଇଛି। ସେପ୍ଟେମ୍ବର ୧୭ରେ ସାଉଦି ଆରବ ରାଜଧାନୀ ରିଆଦର ଅଲ-ୟାମାହା ପ୍ୟାଲେସରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଓ ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ମଧ୍ୟରେ ଷ୍ଟ୍ରାଟେଜିକ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ ବା ରଣନୀତିକ ପାରସ୍ପରିକ ସୁରକ୍ଷା ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଜଣଙ୍କ ଉପରେ ଆକ୍ରମଣ ହେଲେ ତାହାକୁ ଦୁଇ ଦେଶ ଉପରେ ଆକ୍ରମଣ ବୋଲି ଧରାଯିବ।

**ମଧ୍ୟପ୍ରାଚ୍ୟର ବିପୁଳ ଅର୍ଥରେ ନିଜର ସେନାକୁ ପୁଷ୍ଟ କରିବାରେ ପାକିସ୍ତାନ ସଫଳ ହେବ। ସେହିକାର୍ଯ୍ୟ ଆରମ୍ଭ ମାତ୍ର ହୋଇଛି। ବିଗତ ଦଶନ୍ଧିରେ ଭାରତର ବ୍ୟବହାରକୁ ଦେଖି ଏହା ପାକିସ୍ତାନର ପାଲଟା ଜବାବ ଭାବେ କାର୍ଯ୍ୟ କରିବ। ଏକ ସଶକ୍ତ ଓ ଦୃଢ଼ ପାକିସ୍ତାନକୁ ସୃଷ୍ଟି କରିବାରେ ଭାରତର ଏବକାର ନେତୃତ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି ବୋଲି ଏବେ କହିହେବ। ଏହିଭଳି ଘଟଣା ଭବିଷ୍ୟତରେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।**

ସମସ୍ତେ ଜାଣନ୍ତି ଯେ, ଇସ୍‌ଲାମ ଧର୍ମର ଦୁଇ ପ୍ରମୁଖ ତୀର୍ଥସ୍ଥଳ ମକ୍କା ଓ ମଦିନା ସାଉଦ ଆରବରେ ଥିବା ବେଳେ ଇସ୍‌ଲାମୀୟ ବିଶ୍ୱର ୫୭ ଦେଶ ମଧ୍ୟରୁ ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର। ସାଉଦି ଆରବର ସେନାକୁ ପାକିସ୍ତାନ ଦଶନ୍ଧିବ୍ୟାପୀ ପ୍ରଶିକ୍ଷଣ ଦେଇଆସୁଛି। ଏମିତି ଦେଖିଲେ ପାକିସ୍ତାନକୁ ବିଭିନ୍ନ କ୍ଷେତ୍ରରେ ଏପରିକି ଆଣବିକ କାର୍ଯ୍ୟକ୍ରମ ପାଇଁ ସାଉଦି ଆରବ ଆର୍ଥିକ ସହାୟତା ଦେଇଆସିଛି। ଏବେ ଯେତେବେଳେ ଇସ୍ରାଏଲ ତା'ର ସୁରକ୍ଷା ପାଇଁ ବିଭିନ୍ନ ଇସ୍‌ଲାମିକ ଦେଶଗୁଡ଼ିକ ଉପରେ ଆକ୍ରମଣ କରୁଛି, ଭୟରେ ସାଉଦି ଆରବ ତା'ର ପୁରୁଣା ରଣନୀତିକ ସମ୍ପର୍କକୁ ମଜଭୁତ କରିବାକୁ ଯାଇ ପାକିସ୍ତାନ ସହିତ ଉପରୋକ୍ତ ଚୁକ୍ତି କରିଛି। ଏବକାର ସାଉଦି ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଜାତୀୟ ନିରାପତ୍ତା ପାଇଁ ଆମେରିକା ଉପରେ ସବୁକିଛି ନିର୍ଭର। ଏହା ମଧ୍ୟ ଆଶଙ୍କା କରାଗଲାଣି ଯେ ଇସ୍‌ଲାମୀୟ ବିଶ୍ୱ ନିଜର ନିରାପତ୍ତା ପାଇଁ ଭବିଷ୍ୟତରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଶୈଳୀରେ ସାମରିକ ମେଣ୍ଟ ପାଇଁ ଅଣ୍ଟା ଭିଡ଼ିବେ, ଯେଉଁଥିରେ ପାକିସ୍ତାନ ହେବ ମୂଳମନ୍ତ୍ର। ତାହାର ସ୍ଥଳସେନା, ନୌସେନା ଓ ବାୟୁ ସେନା ଏବେ ସମ୍ପୂର୍ଣ୍ଣ ଭାବେ ଚାଇନା ଦ୍ୱାରା ପରିଚାଳିତ। ମଧ୍ୟପ୍ରାଚ୍ୟର ଶେଖ୍ ରାଜତ୍ୱ ଥିବା ଦେଶଗୁଡ଼ିକ ପକିସ୍ତାନ ସହ ଚୁକ୍ତି କଲାବେଳକୁ ଅପ୍ରତ୍ୟକ୍ଷ ଭାବେ ସେହି ରାଷ୍ଟ୍ରଗୁଡ଼ିକ ଚାଇନାର ଜ୍ଞାନକୌଶଳ ଓ ଯୁଦ୍ଧ କରିବାର ଶକ୍ତିକୁ ନିଜ ସପକ୍ଷରେ ଆଣିପାରିବେ ବୋଲି ଚିନ୍ତା କରାଯାଇପାରେ। ଏହିସବୁ ଦେଶଗୁଡ଼ିକରେ ପେଟ୍ରୋଲିୟମ ଠୁଳ ଥିବାରୁ ସେଠାକାର ନାଗରିକ ପ୍ରାୟ ସମସ୍ତେ ଅତ୍ୟଧିକ ମାତ୍ରାରେ ଧନୀ। ତେଣୁ ସେମାନଙ୍କୁ ସବୁବେଳେ ବାହାରୁ ଚାକର ଆଣି କାମ କରିବାକୁ ପଡ଼ିଥାଏ। ପାକିସ୍ତାନ ସହିତ ଚୁକ୍ତି ମଧ୍ୟ ସେହିଭଳି ଆଭିମୁଖ୍ୟ ରଖି କରାଯାଉଛି ବୋଲି କୁହାଯାଇପାରେ। ପାକିସ୍ତାନ ପାଖରେ ନିଜସ୍ୱ କୌଣସି ପ୍ରାକୃତିକ ସମ୍ପଦ କିମ୍ବା ଶିଳ୍ପ ନ ଥିବା ହେତୁ ସେହି ଦେଶର ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ। ଅନ୍ୟପଟେ ଜନସଂଖ୍ୟାରେ ପାକିସ୍ତାନକୁ ଟପିଲା ଭଳି ମଧ୍ୟପ୍ରାଚ୍ୟରେ କୌଣସି ଦେଶ ନାହିଁ। ତେଣୁ ପାକିସ୍ତାନ ସେନାକୁ ବ୍ୟବହାର କରି ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ଏହି ଦେଶଗୁଡ଼ିକ ପାଇଁ, ଆମେରିକା ତୁଳନାରେ, ସହଜ ଏବଂ ସ୍ୱଳ୍ପ ଖର୍ଚ୍ଚରେ ହୋଇପାରିବ। ଅନ୍ୟପଟେ ପାକିସ୍ତାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ତାହାର ଦୁର୍ବଳ ଅର୍ଥନୀତିକୁ ଟେକି ଧରିବା ପାଇଁ ଏହିଭଳି ସାମରିକ ବ୍ୟବସ୍ଥା ବେଶ୍ ସୁହାଇବ। ମଧ୍ୟପ୍ରାଚ୍ୟର ବିପୁଳ ଅର୍ଥରେ ନିଜର ସେନାକୁ ପୁଷ୍ଟ କରିବାରେ ପାକିସ୍ତାନ ସଫଳ ହେବ। ସେହିକାର୍ଯ୍ୟ ଆରମ୍ଭ ମାତ୍ର ହୋଇଛି। ବିଗତ ଦଶନ୍ଧିରେ ଭାରତର ବ୍ୟବହାରକୁ ଦେଖି ଏହା ପାକିସ୍ତାନର ପାଲଟା ଜବାବ ଭାବେ କାର୍ଯ୍ୟ କରିବ। ଏକ ସଶକ୍ତ ଓ ଦୃଢ଼ ପାକିସ୍ତାନକୁ ସୃଷ୍ଟି କରିବାରେ ଭାରତର ଏବକାର ନେତୃତ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି ବୋଲି ଏବେ କହିହେବ। ଏହିଭଳି ଘଟଣା ଭବିଷ୍ୟତରେ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।

# ଦୁର୍ଜନକୁ ଦର୍ପଣ ଡର



ଡ. ବିମଳ ଷଡ଼ଙ୍ଗୀ

ସାମାଜିକ କର୍ମୀ, ଓକିଲ ତଥା କନ୍ନଡ଼ ଲେଖିକା ବାନୁ ମୁସ୍ତାକ୍‌ଙ୍କ 'ହାର୍ଟ ଲ୍ୟାମ୍ପ' ମୁସ୍‌ଲିମ ଏବଂ ଦଳିତ ମହିଳାଙ୍କ ବାସ୍ତବିକ ଜୀବନକୁ ଆଲୋକପାତ କରୁଥିବା ଏକ ଆଇନା ବା ଦର୍ପଣ, ଯାହା ଧାର୍ମିକ ଅତ୍ୟାଚାର ଏବଂ ସାମାଜିକ ଅସମାନତା ଭଳି ବିଷୟବସ୍ତୁରେ ପରିପୂର୍ଣ୍ଣ କାହାଣୀ। ୨୦୨୫ ମସିହାରେ ସେହି ଉପନ୍ୟାସ ପାଇଁ ତାଙ୍କୁ ଅନ୍ତର୍ଜାତୀୟ ବୁକର ପୁରସ୍କାର ମିଳିଥିଲା।

ସର୍ବଜନବିଦିତ ଯେ, ହିନ୍ଦୁ ପରମ୍ପରା ଅନୁସାରେ ଦଶହରା ଦିନ ନାପିତ ଭାଇମାନେ ଘରକୁ ଘର ବୁଲି ଯେତେବେଳେ ସେମାନଙ୍କ ଆଇନା ବା ଦର୍ପଣଟିକୁ ଦେଖାନ୍ତି, ସେତେବେଳେ ତା'ର ଗଭୀର ତତ୍ତ୍ୱକୁ କେହି ନ ବୁଝି କେବଳ ଖୁସିରେ କିଛି ଟଙ୍କା ବକ୍ସିସ ଭାବରେ ସେମାନଙ୍କୁ ଦିଅନ୍ତି, ଯାହା ଲୌକିକ ଭାବରେ ଏକ ଦାନ ରୂପେ ଦେଖାଯାଏ। ମାତ୍ର ଆମକୁ ବୁଝିବାକୁ ପଡ଼ିବ ଯେ, ଦର୍ପଣ କେବଳ ଆମ ମୁହଁକୁ ଦେଖାଏ ନାହିଁ ବରଂ ଆମର ଆତ୍ମ-ପ୍ରତିଫଳନ ଯାହା ଆମକୁ ଆମ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଭାବକୁ ପରଖିବାକୁ ଚେତନା ଜାଗ୍ରତ କରିବା ସହିତ ମିଥ୍ୟା ଉପରେ ସତ୍ୟର ବିଜୟକୁ ଦର୍ଶାଏ। ଆମ ଭିତରର ଦୋଷଗୁଡ଼ିକୁ ସଙ୍କୋଚ ଭାବରେ ସାମ୍ନା କରିବାର ଆହ୍ୱାନ ସହିତ କ୍ରୋଧ, ଲୋଭ, ଅହଂକାର, ଈର୍ଷାମୁକ୍ତ ମନକୁ ପରିଷ୍କାର ରଖିବାକୁ ପ୍ରେରଣାଦିଏ। ଦର୍ପଣ ସୂଚାଇଦିଏ ଯେ, ପ୍ରକୃତ ସୌନ୍ଦର୍ଯ୍ୟ କେବଳ ବାହ୍ୟ ଦୃଶ୍ୟ ନୁହେଁ; ବରଂ ଆଭ୍ୟନ୍ତରୀଣ ପବିତ୍ରତାରେ ଭରିରହିଥାଏ।

ଜଣେ ବିଚାରବନ୍ତ ବ୍ୟକ୍ତି ବା ସୁଲେଖକ ହାତରେ ଥିବା ଦର୍ପଣ ବିଶ୍ୱସ୍ତ ଭାବରେ ବ୍ୟକ୍ତି, ପରିସ୍ଥିତି କିମ୍ବା ସମାଜ ବିଷୟରେ ନିରାଟ ସତ୍ୟକୁ ପ୍ରତିଫଳିତ କରେ ବା ପ୍ରତିନିଧିତ୍ୱ କରେ କିମ୍ବା ପ୍ରକାଶ କରେ। କୌଣସି ସମୟରେ ଦର୍ପଣ କଦର୍ଯ୍ୟତା ସୃଷ୍ଟି କରେ ନାହିଁ, ବରଂ ପୂର୍ବରୁ ଯାହା ଅଛି ତାହା ପ୍ରତିଫଳିତ କରେ। ଲେଖକ ନିଜର ଶାଣିତ ଉପସ୍ଥାପନାରେ ସମାଜରେ ସଂଗଠିତ ପ୍ରତ୍ୟେକ ସୁକର୍ମ ଓ କୁକର୍ମକୁ ପ୍ରକାଶ କରେ। ସମାଜରେ କିଛି ଅସଦ୍ ବ୍ୟକ୍ତିଙ୍କ ଚଞ୍ଚକତାକୁ ପ୍ରକାଶ କରି ଏକ ଦର୍ପଣ ପରି ତାର ଦୋଷତ୍ରୁଟି ଦେଖାଏ। ସତ୍ୟ ପ୍ରକାଶିତ ହେଲେ ଖଳପ୍ରକୃତିର ଲୋକ ଅସହଜ ଅନୁଭବ କରନ୍ତି। ତେଣୁ ସେମାନେ ସମସ୍ୟାକୁ ସଂଶୋଧନ କରିବା ପରିବର୍ତ୍ତେ ଲେଖକଙ୍କ ବିରୋଧରେ କୁତ୍ସା ରଚନା କରି ଅସାଧୁ ମେଳି କରନ୍ତି, ମାତ୍ର ସତ୍ୟ ବା ମିଥ୍ୟାକୁ ଲୁଚାଇ ରଖିବାକୁ ଲେଖକ କେବେବି ଡରେନାହିଁ। ଖଳ ପ୍ରକୃତିର ଲୋକଙ୍କ କର୍ମରେ ସୁଧାର ପାଇଁ ଲେଖକ ସେମାନଙ୍କୁ ସୁଯୋଗ ଦିଅନ୍ତି ଓ ଯେଉଁ ଖଳ ବ୍ୟକ୍ତି ସୁଧୁରି ଯାଆନ୍ତି, ସେମାନେ ପରବର୍ତ୍ତୀ ସମୟରେ ଦସ୍ୟୁ ରତ୍ନାକରରୁ ବାଲ୍ମୀକି ହୋଇ ଜଣେ ଭଲ ମଣିଷ ହୁଅନ୍ତି ଆଉ କିଛି ଅମରୀ ଗଛ ପରି 'ଭଜ୍ୟତେ ନ ଚ ନମ୍ୟତେ' ଅର୍ଥାତ୍ 'ଭାଙ୍ଗିଯିବେ କିନ୍ତୁ ପରିବର୍ତ୍ତନ ହେବେ ନାହିଁ' ନ୍ୟାୟରେ ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କ ପଶୁ ପ୍ରବୃତ୍ତିର ପରିବର୍ତ୍ତନ କରନ୍ତି ନାହିଁ। ବେଳେବେଳେ ଲୋକଙ୍କ ପାଖରେ ନିଜର ଦୋଷ ଲୁଚାଇବାକୁ ଯାଇ ବାହାଦୁରି ପାଇଁ ଲେଖକଙ୍କୁ ସମାଲୋଚନା କରିବାକୁ ପଛାଇନଥା'ନ୍ତି। ଲେଖକ, ଚଳଚ୍ଚିତ୍ର ନିର୍ମାତା, ଖବରଦାତା ଏବଂ କଳାକାର ପ୍ରମୁଖଙ୍କୁ ପ୍ରାୟତଃ 'ସମାଜର ଦର୍ପଣ' କୁହାଯାଏ; କାରଣ ସେମାନଙ୍କ କାର୍ଯ୍ୟ ଲୋକଙ୍କ ସତ୍ୟ, ସଂଘର୍ଷ ଏବଂ ଆକାଂକ୍ଷାକୁ ଚିତ୍ରଣ କରିଥାଏ। ଇତିହାସ ଏପରି ଅନେକ ଲେଖକଙ୍କ ଉଦାହରଣ ପ୍ରଦାନ କରେ। ବ୍ୟାସକବି ଫକୀରମୋହନଙ୍କ 'ରେବତୀ', 'ଛ' ମାଣ ଆଠଗୁଣ୍ଠ' ଆଦି ଉପନ୍ୟାସ ଆଜି ମଧ୍ୟ ସମାଜର ଜୀବିତ ଦର୍ପଣ। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଓ ଗୋପୀନାଥ ମହାନ୍ତିଙ୍କ 'ପରଜା' ପ୍ରତ୍ୟେକ ତତ୍କାଳୀନ ସମାଜର ଗୋଟିଏ ଗୋଟିଏ ଦର୍ପଣ। ମୁନ୍‌ସି ପ୍ରେମଚାନ୍ଦ ତତ୍କାଳୀନ ସମାଜର କୃଷକଙ୍କ ଦୁଃଖ, ମହିଳାଙ୍କ ଶୋଷଣ ଏବଂ ଜାତିଭେଦର ନିଷ୍ଠୁରତା ବିଷୟରେ ଉପନ୍ୟାସଗୁଡ଼ିକ ଦ୍ୱାରା ସମାଜର ଦର୍ପଣ ପରି ଲୋକଲୋଚନାକୁ ଆଣିଥିଲେ, ଯେଉଁଥିପାଇଁ ତାଙ୍କ ଉପନ୍ୟାସଗୁଡ଼ିକୁ କେତେକ ଅତ୍ୟଧିକ କଠୋର ବୋଲି ସମାଲୋଚନା କରିଥିଲେ। କିନ୍ତୁ ପ୍ରେମଚାନ୍ଦ ସମାଜର ଲୁକ୍କାୟିତ ସତ୍ୟକୁ ଉଜାଗର କରିଥିଲେ। ସେହିପରି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ପ୍ରାୟତଃ ଅନ୍ଧ ଜାତୀୟତାବାଦ ବିଷୟରେ ଚେତାବନୀ ଦେଇଥିଲେ, ଯାହା ଅନେକଙ୍କୁ କ୍ରୋଧିତ କରିଥିଲା। ୧୯୦୩ ମସିହାରେ ଜନ୍ମଗ୍ରହଣ କରିଥିବା ସମାଜବାଦୀ ଚିନ୍ତାଧାରର ଲେଖକ ଜର୍ଜ ଅର୍‌ୱେଲ ତାଙ୍କ ଉପନ୍ୟାସ 'ଆନିମଲ ଫାର୍ମ' ପାଇଁ ସେ ସମୟର ବାସ୍ତବତାକୁ ଉପସ୍ଥାପନ କରି ବିଂଶ ଶତାବ୍ଦୀର ସବୁଠାରୁ ପ୍ରଭାବଶାଳୀ ଲେଖକମାନଙ୍କ ମଧ୍ୟରୁ ଜଣେ ହୋଇପାରିଥିଲେ। ଗୋଟିଏ ଚାଟୁକାର ଦ୍ୱାରା ମୁଦ୍ରିତ ପୁସ୍ତକ କ୍ଷଣିକ ଗର୍ବ ଦେଇପାରେ, କିନ୍ତୁ ଏହା ସମାଜକୁ ଜାଗରଣ ବା ପରିବର୍ତ୍ତନ କରେ ନାହିଁ। ଜଣେ ପ୍ରକୃତ ଲେଖକର କର୍ତ୍ତବ୍ୟ ହେଉଛି ବିବେକ ରକ୍ଷାକାରୀ ଭାବରେ କାର୍ଯ୍ୟ କରିବା, କେବଳ ସୁନ୍ଦର ଦିଗ ନୁହେଁ ବରଂ ସୁସ୍ଥ ହେବାକୁ ଥିବା କ୍ଷତ ମଧ୍ୟ ଦେଖାଇବା। ଯଦି ଦର୍ପଣ ଏକ ମଇଳା ମୁହଁ ଦେଖାଏ, ତେବେ ଦୋଷ ଦର୍ପଣର ନୁହେଁ ବରଂ ସେହି ବ୍ୟକ୍ତିଙ୍କର; ଯିଏ ମଳିନ ମୁଖକୁ ସଫା କରିବାକୁ କୁଣ୍ଠା ବୋଧକରେ। ତେଣୁ ସମାଜର ଅହିତ ସୃଷ୍ଟିକାରୀ ବ୍ୟବସ୍ଥାକୁ ଦର୍ଶାଉଥିବା ଲେଖକଙ୍କ କଲମ ଜାଗରଣର ଏକ ଉପକରଣ ହୋଇଯାଏ ଏବଂ ଆମକୁ ମନେପକାଇଦିଏ ଯେ ସମାଜ କେବଳ ସେତେବେଳେ ଉନ୍ନତି କରିପାରିବ, ଯେତେବେଳେ ଏହା ସତ୍ୟର ଦର୍ପଣରେ ଦେଖିବାକୁ ସାହସ କରିବ; ଯାହାକୁ ପାଥେୟ କରି ୨୦୨୪ ମସିହାରେ ଜାରା ଚୌଧୁରୀ ନିଜର ଆଲେଖ୍ୟ 'ଭାଗ୍ୟବାନ୍' ମାଧ୍ୟମରେ ୨୦୦୨ ଗୁଜରାଟ ଦଙ୍ଗା ସମୟରେ ତାଙ୍କର ସ୍ମୃତିକଥାର ଅଭିଜ୍ଞତାକୁ ପ୍ରକଟିତ କରିଥିଲେ, ଯାହା ତାଙ୍କୁ ୨୦୨୫ ମସିହାର ଶକ୍ତି ଭଟ୍ଟ ପୁରସ୍କାର ଦେଇଥିଲା। ଝା ଜାସିଣ୍ଟା କେରକେଟା ଜଣେ ହିନ୍ଦୀ ଭାଷାର ସାମ୍ବାଦିକା ଏବଂ କବି, ଯାହାଙ୍କ କାର୍ଯ୍ୟ ଆଦିବାସୀ ଯୁବତୀ ଯୁବକଙ୍କ ସଂଘର୍ଷ, ଲିଙ୍ଗ-ଭିତ୍ତିକ ହିଂସା, ବିସ୍ଥାପନ ଏବଂ ରାଜ୍ୟ ଉଦାସୀନତାକୁ ମୁକ୍ତ ଭାବରେ ପ୍ରକାଶ କରେ।



ମାତ୍ର ଦର୍ପଣଟି ଯେତେବେଳେ ଦୁର୍ଜନ ବ୍ୟକ୍ତି ହାତରେ ପଡ଼େ, ସେତେବେଳେ ସେ ତାହାର ମୂଲ୍ୟକୁ ନ ବୁଝି ଭୁଲ୍ ଉପସ୍ଥାପନ କରି ସମାଜର କ୍ଷତି ଘଟାଏ, ଠିକ୍ ଯେପରି କାମୁଡ଼ା କୁକୁରଟିଏ ଦର୍ପଣ ଦେଖିଲେ ରାଗରେ ଦର୍ପଣରେ ପ୍ରତିଫଳିତ ତା' ନିଜ ମୁହଁକୁ କାମୁଡ଼ି ଗୋଡ଼ାଏ ବା କୁକୁଡ଼ାଟିଏ ନିଜର ପ୍ରତିବିମ୍ବକୁ ଖୁମ୍ପିବା ଆରମ୍ଭ କରେ, କାରଣ ସେ ଦର୍ପଣକୁ ବ୍ୟବହାର କରି ଶିଖି ନ ଥାଏ ବା ଦର୍ପଣ କ'ଣ କହୁଛି ତାହା ଜାଣିବାକୁ ତା'ର 'ଜ୍ଞ' ନଥାଏ। ଆଜିକାଲି କିଛି ନୀଚ ପ୍ରକୃତିର ବ୍ୟକ୍ତି ନିଜର କୁ ବୁଦ୍ଧି ଦ୍ୱାରା ଏବଂ କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ସୋସିଆଲ ମିଡିଆକୁ ଏକ ଡିଜିଟାଲ ଦର୍ପଣ ଭାବରେ ବ୍ୟବହାର କରି ନିଜର ବଡ଼ିମା, ଶଠତାପୂର୍ଣ୍ଣ ଉଚ୍ଚାରଣ, ଆଚରଣ ଇତ୍ୟାଦିକୁ ପ୍ରଚାର ଓ ପ୍ରସାର କରି ଜନସାଧାରଣଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେବା ନାମରେ ମିଥ୍ୟା ବିଜ୍ଞାପନ ଦ୍ୱାରା ସାଧାରଣ ଜନତାଙ୍କୁ ଶୋଷଣ କରୁଛନ୍ତି, ଯେଉଁଥିପାଇଁ ସ୍ୱାଧୀନତାର ଅଠସ୍ତରି ବର୍ଷ ପରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ, ବିଜୁଳି, ପିଇବା ପାଣି, ପୋଷଣଯୁକ୍ତ ଖାଦ୍ୟ, ଯୁବକଙ୍କ ପାଇଁ କର୍ମ ଯୋଗାଣ ଇତ୍ୟାଦି ଆଜି ସ୍ୱପ୍ନ। ଠିକ୍ ଯେପରି ୧୮୬୬ ମସିହାର ନ' ଅଙ୍କ ଦୁର୍ଭିକ୍ଷରେ ଇଂରେଜ ଶାସକ ଓଡ଼ିଶାର ଖାଦ୍ୟ ମହଜୁଦର ଭୁଲ୍ ତଥ୍ୟ ଦେଇ ଲକ୍ଷ ଲକ୍ଷ ସାଧାରଣ ଜନତାଙ୍କ ଜୀବନ ନେଇଥିଲା। ତେଣୁ ମୁଖାପିନ୍ଧା ଦୁର୍ଜନଙ୍କୁ ପ୍ରକୃତ ଦର୍ପଣ ଦେଖାଇ ଦଣ୍ଡ ଦେବାକୁ ପଡ଼ିବ। କାରଣ ଦୁର୍ଜନର ସର୍ବଦା ଦର୍ପଣକୁ ଡରଥାଏ, ଆଉ ସେ ଭଲ ଭାବରେ ଜାଣେ ଦର୍ପଣ ସବୁବେଳେ ସତ କୁହେ।

**ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର**
**ମୋ: ୯୪୩୭୧୨୩୮୯୨**

# ସବୁଥାଇ ପଛୁଆ



ଡ. ମୌସୁମୀ ପରିଡ଼ା

ଆମ ରାଜ୍ୟରେ ଭିତ୍ତିଭୂମିର ଅଭାବ ରହିଛି କିମ୍ବା ପରିବେଶ ଓ ପରିସ୍ଥିତି ପ୍ରଭାବରେ ଉତ୍ପାଦନ କ୍ଷମତା ହ୍ରାସ ପାଉଛି, ସେସବୁର ନିଷ୍କର୍ଷ ବାହାର କରିବାକୁ ହେଲେ ଅନ୍ୟ ରାଜ୍ୟର ପାରିପାର୍ଶ୍ୱିକ ସ୍ଥିତି ସହିତ ଆମକୁ ତୁଳନାତ୍ମକ ବିଚାର କରିବାକୁ ପଡ଼ିବ। ଆମର କେଉଁ ଜିନିଷ ବିଶ୍ୱସ୍ତରୀୟ ଅଥଚ ଭିତ୍ତିଭୂମିର ବିକାଶ ହୋଇପାରିନଥିବାରୁ ତାହା ଲୋକଲୋଚନର ଆଢୁଆଳରେ ରହିଯାଇଛି ସେସବୁକୁ ବୁଝିବାକୁ ହେବ। ଏମିତିରେ ଆଜିକାଲି ଜମିବାଡ଼ି ପଡ଼ିଆ, ଗୋରୁଙ୍କ ଚରାଭୂଇଁ ପାଲଟିଛି। ଅନେକ ସମୟରେ ଅଦିନିଆ ଝଡ଼ବର୍ଷା ଚାଷୀମାନଙ୍କ ଅଣ୍ଟା ଭାଙ୍ଗି ଦେଉଛି।

ଅତୀତକୁ ଗଲେ ଜଣାପଡ଼ିବ ଆଗକାଳେ ପ୍ରତି ଘରେ ଋତୁ ଅନୁଯାୟୀ ଜହ୍ନି, ଛଚିନ୍ଦ୍ରା, କାକୁଡ଼ି, କଖାରୁ, ପୋଇ ଆଦି ପନିପରିବା ଭାଡିରେ ମାଡୁଥିଲା। ବାରିଘରେ ଅମୃତଭଣ୍ଡା, ବିଲାତି ସହିତ ବିଭିନ୍ନ ପ୍ରକାରର ଶାଗ ମିଳୁଥିବାରୁ ବଜାରରୁ ବିଶେଷ ପନିପରିବା ଘରକୁ ଆଣିବାକୁ ପଡୁନଥିଲା। ପ୍ରତି ଘର ଆଗରେ ପ୍ରାୟ ଗୋଟେ ଦୁଇଟା ସଜନା ଗଛ ଥିଲା। ଏବେ ଏସବୁ ଘରମାନଙ୍କରେ ଉପଲବ୍ଧ ହେବା ସ୍ୱପ୍ନ। ଏଠି ଇଣ୍ଡଷ୍ଟ୍ରି ନାହିଁ, ନିଯୁକ୍ତିର ସୁଯୋଗ ନାହିଁ। ରାଜ୍ୟ ବେକାରି ସମସ୍ୟା ପରି ଅସରନ୍ତି ସମସ୍ୟାରେ ଭାରାକ୍ରାନ୍ତ। ସେଥିରେ ପୁଣି ସମୟେ ସମୟେ ବାତ୍ୟା, ଲଘୁଚାପଜନିତ ବର୍ଷାରେ ଚାଷୀକୁଳର କ୍ଷତି ହୋଇଚାଲିଛି। ପ୍ରତିକୂଳ ପରିବେଶରେ ଶୀତଳ ଭଣ୍ଡାରର ଅଭାବରୁ ଚାଷୀମାନେ ଚାଷକାମରୁ ମୁହଁ ଫେରାଇ ନେଉଛନ୍ତି। କ୍ୱଚିତ୍ ଲୋକ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସେଥିପାଇଁ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହନ୍ତି।

ବିଲରେ ଖଟିବାକୁ ଏଠାକାର ଲୋକେ ରାଜି ହେଉ ନ ଥିବାରୁ ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ କିମ୍ବା ତେଲଙ୍ଗାନାରୁ ଲୋକଙ୍କୁ ଅଣାଯାଉଛି । ଫଳତଃ ସେମାନେ ଏଠିକାର ସ୍ଥାୟୀ ବାସିନ୍ଦା ପାଲଟିଯାଉଛନ୍ତି! ଆଉ କିଛି କାମ ଆଳରେ ଆମ ରାଜ୍ୟକୁ ଆସି ବର୍ଷ ବର୍ଷ ଧରି ରହିଯାଇ ଜମିବାଡ଼ି ପଟ୍ଟା ପାଇବାକୁ ଆବେଦନ କଲେଣି! ଏସବୁ ପାଇଁ କେଉଁଠି ନା କେଉଁଠି ଲୋକଙ୍କର ଅଳସୁଆମି, ବୀତସ୍ପୃହତା ଓ ପ୍ରଶାସନିକ ବ୍ୟବସ୍ଥା ଦାୟୀ। ଫଳରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅନ୍ୟ ରାଜ୍ୟ ତୁଳନାରେ ପଛୁଆ। ବହୁ ସମୟରେ ବିଭିନ୍ନ ରାଜ୍ୟରୁ ପନିପରିବା ପରି ଅନେକ ଜିନିଷ ଆମଦାନୀ କରିବାକୁ ହେଉଛି। ଅବଶ୍ୟ ଓଡ଼ିଶା କନ୍ଦମୂଳ ଓ ପାଳଛତୁ ଉତ୍ପାଦନରେ ଭାରତରେ ପ୍ରଥମ। ବାଇଗଣ, କୋବି ଉତ୍ପାଦନରେ ଦ୍ୱିତୀୟ ଓ କାଜୁ ଉତ୍ପାଦନରେ ତୃତୀୟ ସ୍ଥାନ ଅଧିକାର କରିଛି। ତେବେ ବି ଭିତ୍ତିଭୂମିର ବିକାଶ ହୋଇପାରି ନ ଥିବାରୁ ଚାଷ ବିଶେଷ ଭାବେ ପ୍ରଭାବିତ ହେଉଛି। ବିଭିନ୍ନ ଫଳ, ପିଆଜ, ରସୁଣ ଓ ଅନ୍ୟାନ୍ୟ ପନିପରିବା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ନୁହେଁ। ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟ ସହିତ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ପରି ତଟବର୍ତ୍ତୀ ରାଜ୍ୟଗୁଡ଼ିକରେ ପାଖାପାଖି ସମାନ କ୍ଷୟକ୍ଷତି କରୁଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ଏହାର ଯଥାସମ୍ଭବ ମୁକାବିଲା କରିପାରୁଛନ୍ତି। କିନ୍ତୁ ଆମ ରାଜ୍ୟ ସେସବୁର ମୁକାବିଲା କରିବାରେ ସେତେ ପରିପକ୍ୱ ନୁହେଁ। କାରଣ ସେମାନେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଆମଠାରୁ ଆଗୁଆ।



ଋତୁଭିତ୍ତିକ ଚାଷକାର୍ଯ୍ୟ ସହିତ ବୈଷୟିକ କଳାକୁଶଳତା ସେମାନଙ୍କ କୃଷିକୁ ଅଧିକ ମଜଭୁତ କରିପାରିଛି, ଯାହା ଓଡ଼ିଶାରେ ଏଯାଏ ସମ୍ଭବ ହୋଇପାରୁନାହିଁ। ତଥାକଥିତ ପୁରୁଣା ପ୍ରଣାଳୀ ଦ୍ୱାରା କାମ ହେଉଥିବାରୁ ଅଭିବୃଦ୍ଧି ହାର ଅନ୍ୟ ରାଜ୍ୟଗୁଡ଼ିକଠାରୁ ପଛରେ। ଆଉ ଏକ କାରଣ ହେଲା -ସେମାନେ ନିଜ ପ୍ରାକୃତିକ ସମ୍ବଳର ଉପଯୁକ୍ତ ବିନିଯୋଗ କରୁଛନ୍ତି। ପଶ୍ଚିମବଙ୍ଗରୁ ଆଳୁ, ଚାଉଳ ପରି ଅନେକ ଜିନିଷ ଓଡ଼ିଶାକୁ ରପ୍ତାନି ହେଉଛି। ଝୋଟ ଉତ୍ପାଦନ ପାଇଁ ପଶ୍ଚିମବଙ୍ଗ ଉପରେ ଅନ୍ୟ ରାଜ୍ୟଗୁଡିକ ନିର୍ଭରଶୀଳ। ଓଡ଼ିଶାରେ ପ୍ରଚୁର ଖଣିଜ ପଦାର୍ଥ ରହିଛି ସତ କିନ୍ତୁ କୃଷି ପ୍ରଣାଳୀ ଅନ୍ୟମାନଙ୍କ ତୁଳନାରେ ସମୃଦ୍ଧ ନୁହେଁ। ଅତୀତରେ ଝୋଟ ଉତ୍ପାଦନରେ ଆଗୁଆ ଥିଲା ଆମ ରାଜ୍ୟ। ଏବେ ତଳକୁ ଖସିଛି।

ଆନ୍ଧ୍ରପ୍ରଦେଶ ହେଉଛି ଭାରତର ଭାତହାଣ୍ଡି। ବିଭିନ୍ନ ଖଣିଜପଦାର୍ଥରେ ଭରପୂର ଥିବା ଏହି ରାଜ୍ୟ କଦଳୀ, ଆମ୍ବ ଚାଷ ପାଇଁ ପ୍ରସିଦ୍ଧ। ସାମୁଦ୍ରିକ ଜୀବ ରପ୍ତାନିରେ ଆନ୍ଧ୍ରପ୍ରଦେଶର ପ୍ରମୁଖ ଭୂମିକା ରହିଛି। କେରଳର କିଛି ଅଂଶକୁ ପୂର୍ବତଟବର୍ତ୍ତୀ ଅଞ୍ଚଳରେ ସାମିଲ୍ କରାଗଲେ ଜଣାଯିବ ଯେ ଏହା ଛୋଟ ହେଲେ ମଧ୍ୟ ବିଭିନ୍ନ ମସଲାମସଲି, ରବର, କଫି, ଚା, ନଡ଼ିଆ, ଗୋଲମରିଚ, କଦଳୀ ଉତ୍ପାଦନରେ ବେଶ୍ ସକ୍ରିୟ। ତାମିଲନାଡୁ କଫି, ଲଙ୍କା, ରବର, ଗୋଲମରିଚ, କଦଳୀ ଚାଷରେ ଆଗୁଆ। ଦକ୍ଷିଣ ଭାରତର କଫି, ଆଖୁ, ରବର ବିଭିନ୍ନ ଚାରାଗଛ ଓଡ଼ିଶାକୁ ଆସେ। ଦକ୍ଷିଣ ଭାରତରେ ପ୍ରଚୁର ଫୁଲ ଚାଷ ହୁଏ। ସେମାନେ ବାହାରକୁ ରପ୍ତାନି କରି ବି ନିଜର ଚାହିଦା ପୂରଣ କରିଥାନ୍ତି। ବଡ଼କଥା ହେଲା ସେମାନେ ପରିଶ୍ରମୀ। ବିଭିନ୍ନ କାମରେ ବ୍ୟସ୍ତ ରହିବାକୁ ପସନ୍ଦ କରନ୍ତି। ଦକ୍ଷିଣ ଭାରତର ରାସ୍ତା ଓ ପର୍ଯ୍ୟଟନ ଶିଳ୍ପ ମଧ୍ୟ ବେଶ୍ ସୁଦୃଢ଼। ସେମାନଙ୍କ ଘରର ମହିଳାମାନେ ଘରକାମ ସହିତ ବାହାର କାମ ତୁଲାନ୍ତି। ସେ ଅନୁସାରେ ଆମ ରାଜ୍ୟରେ ପ୍ରାକୃତିକ ସମ୍ବଳ କମ୍ ନାହିଁ। କିନ୍ତୁ ସେସବୁର ଠିକ୍ ବିନିଯୋଗ ହୋଇପାରେ ନାହିଁ। ସେଥିପାଇଁ ମାନସିକତାର ଅଭାବ ପରିଲକ୍ଷିତ ହୁଏ।

ଦେଶବିଦେଶରେ ଆମ ରାଜ୍ୟର ହସ୍ତତନ୍ତର ଖୁବ୍ ଚାହିଦା। କୁଟୀରଶିଳ୍ପକୁ ମଧ୍ୟ ଏଥିରେ ସାମିଲ୍ କରାଯାଇପାରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଷାଠିଏ ପଉଟିରୁ ଜଣାପଡ଼େ କେତେ ପ୍ରକାରର ଖାଦ୍ୟ ଓଡ଼ିଶା ସଂସ୍କୃତିରେ ଭରିରହିଛି। ସେ ଅନୁସାରେ ଆମ ପାରମ୍ପରିକ ଖାଦ୍ୟ ବିଶ୍ୱସ୍ତରୀୟ ହେବା କଥା କିନ୍ତୁ ସଚେତନତାର ଅଭାବ ହେତୁ ପ୍ରଚାର ପ୍ରସାର ହୋଇପାରୁନାହିଁ। ଜଗତସିଂହପୁର।

**ମୋ: ୯୪୩୭୩୧୭୦୨୬**

## ଏଇ ଭାରତରେ

ମାତ୍ର ୮୦ ବର୍ଗଫୁଟର ଘରେ ମାଇକ୍ରୋଗ୍ରୀନ ଚାଷ କରି ମାସକୁ ୫ ଲକ୍ଷ ଟଙ୍କାର ବ୍ୟବସାୟ କରୁଛନ୍ତି ପୂର୍ବତନ ବ୍ୟାଙ୍କ କର୍ମଚାରୀ ଅଜୟ ଗୋପୀନାଥ। ମାଇକ୍ରୋଗ୍ରୀନ୍ (ବିଭିନ୍ନ ଶସ୍ୟର ମଞ୍ଜିରୁ ଗଜା ହେବା ପରେ କଅଁଳ ଅବସ୍ଥାର ଛୋଟ ଗଛ)କୁ ବିଶେଷ କରି ସାଲାଡ, ଶୁପ, ସାଣ୍ଡୱିଚ ଇତ୍ୟାଦିରେ ପୌଷ୍ଟିକ ଗୁଣ, ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରାଯାଏ। ଏଣୁ ଏହାର ଚାହିଦା ଅଧିକ । ଏ ଦୃଷ୍ଟିରୁ ଅଜୟ କମ୍ ଜାଗାରେ ବୈଜ୍ଞାନିକ ପଦ୍ଧତିରେ ଘର ଭିତରେ ବିନା ମାଟି ଓ ସୂର୍ଯ୍ୟାଲୋକରେ ଚାଷ କରି ଅଧିକ ଲାଭ ପାଇପାରୁଛନ୍ତି । ସେ 'ଗୋ ଗ୍ରୀନ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହାର ବ୍ୟବସାୟ କରୁଛନ୍ତି। ଘର ଭିତର ତାପମାତ୍ରା ୨୫ ଡିଗ୍ରୀ ସେଲସିୟସ ତଳେ ରହୁଛି ଏବଂ ଆର୍ଦ୍ରତା ୪୦ରୁ ୬୦ ପ୍ରତିଶତ ମଧ୍ୟରେ ରଖାଯାଇ ଚାଷ କରାଯାଉଛି। ଅଜୟ ସିଟିଗ୍ରୁପର କର୍ମଚାରୀ ଥିଲେ ଏବଂ ତାହାକୁ ଛାଡ଼ି ୨୦୧୭ରେ ମାଇକ୍ରୋଗ୍ରୀନ ଚାଷ ପରୀକ୍ଷା ଭିତ୍ତିରେ ଆରମ୍ଭ କରିଥିଲେ। ପରେ ଭାରତ ଏବଂ ଇଂଲଣ୍ଡର ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଚାଷକୁ ଆଗକୁ ବଢ଼ାଇ ସଫଳତା ପାଇପାରିଛନ୍ତି। ଏବେ ୧୫ ପ୍ରକାର ମାଇକ୍ରୋଗ୍ରୀନ୍ ଚାଷ କରି ୫ ଲକ୍ଷ ଟଙ୍କାର ବ୍ୟବସାୟ କରି ଯଥେଷ୍ଟ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ସେପ୍ଟେମ୍ବର ୧୯୭୬**

- ସମ୍ପ୍ରତି ଉତ୍ତର ପ୍ରଦେଶରେ ଦେଖା ଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ ସଂଗୃହିତ ପ୍ରାଥମିକ ବିବରଣୀ ଅନୁଯାୟୀ ୧୮୯ ଜଣଙ୍କ ମୃତ୍ୟୁ।
- ଭାରତ ଓ ବାଂଲାଦେଶର ସର୍ଭେ ଅଫିସରମାନେ ଦୁଇ ଦେଶର ସୀମାନ୍ତ ଚିହ୍ନିତ ହୋଇଥିବା ପ୍ରାୟ ୭୦ଟି ମାନଚିତ୍ରରେ ଦସ୍ତଖତ କରିଛନ୍ତି।

## ଚିରନ୍ତନୀ

ଗାଏ ତା'ର ଯଶ କବି,
ସେ ଯେ ନିତ୍ୟ ମୁକ୍ତିର ବନ୍ଧନ
ଏକ ସଙ୍ଗେ ଅପରର ମୁକ୍ତି
ତହିଁ ପରମ ସାଧନ ।
ଏହି ଚକ୍ରବାକର ଦମ୍ପତି-
ନାହିଁ ତହିଁ ସ୍ୱାର୍ଥ ଆଶା ଦୁଇ ଲୋଡ଼େ
ଦୁଇର ମୁକତି ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | 6 | 1 | |
| | 3 | 1 | | 9 | | | 2 | |
| | | | | | | 4 | | |
| 4 | | | | | 2 | | | 8 |
| | 8 | | | | | 3 | 9 | |
| | 7 | | | | 8 | | | |
| | 9 | | 3 | | | | | 5 |
| | | 7 | | | | | 3 | |
| | | | 6 | 2 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 3 | 5 | 4 | 9 | 6 | 8 |
| 4 | 8 | 5 | 6 | 7 | 9 | 2 | 3 | 1 |
| 6 | 9 | 3 | 2 | 1 | 8 | 7 | 4 | 5 |
| 9 | 6 | 1 | 4 | 2 | 7 | 5 | 8 | 3 |
| 5 | 7 | 8 | 9 | 3 | 6 | 4 | 1 | 2 |
| 2 | 3 | 4 | 1 | 8 | 5 | 6 | 7 | 9 |
| 8 | 2 | 6 | 7 | 9 | 1 | 3 | 5 | 4 |
| 1 | 4 | 9 | 5 | 6 | 3 | 8 | 2 | 7 |
| 3 | 5 | 7 | 8 | 4 | 2 | 1 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେଣ୍ଡ ନା ଟ୍ରାପ୍

ମହାଶୟ,

ଏବେ ସୋସିଆଲ ମିଡିଆରେ ଚାଲିଛି ଗୁଗଲ ଜେମିନି ଟ୍ରେଣ୍ଡ । ୟୁଜର ପୁରୁଣା ସ୍ମୃତିକୁ ଗୁଗଲ ଜେମିନି ଟଚ୍ ଦେଇ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରୁଛନ୍ତି । ଏଆଇ ସହାୟତାରେ ଏହି ନୂଆ ଟ୍ରେଣ୍ଡ ନିଜ ଯାଦୁ ମାଧ୍ୟମରେ ଦୁନିଆର ଲୋକଙ୍କୁ ବଶୀଭୂତ କରିନେଇଛି । କୌଣସି ଠାକୁରଙ୍କ ଫଟୋକୁ ନେଇ ଗୁଗଲ ଜେମିନି ଷ୍ଟାଇଲରେ ଫଟୋ କରାଯାଉଛି । ଏହି ଫଟୋ ଏବେ ଲୋକମାନଙ୍କୁ ପାଗଳ କରିଦେଇଛି । ଆପଣ ନିଜର ବ୍ୟକ୍ତିଗତ ଫଟୋ ଅପ୍‌ଲୋଡ୍ କରୁଛନ୍ତି, ସେଗୁଡ଼ିକ ଏଆଇ କମ୍ପାନୀ ଦ୍ୱାରା ସଂଗ୍ରହ କରାଯାଇ ତାଲିମ ପାଇଁ ବ୍ୟବହାର ହୋଇପାରେ। ଏହା ଆପଣଙ୍କ ଅନୁମତି ବିନା ଘଟିପାରେ। ଅପ୍‌ଲୋଡ୍ କରାଯାଇଥିବା ଫଟୋ ଯେପରି ସ୍ଥାନ କିମ୍ବା ସମୟରେ ବାହାର କରାଯାଇ ଆପଣଙ୍କ ଗୋପନୀୟତାକୁ ବିପଦରେ ପକାଇପାରେ। ଟ୍ରେଣ୍ଡ ଯୋଗୁ ଅନେକ ୟୁଜର୍ସ ନିଜର ପ୍ରାଇଭେଟ୍ ଫଟୋ ସହ ୟୁନିକ୍ ଫେସିଆଲ ଡାଟା ମଧ୍ୟ ଶେୟାର କରୁଛନ୍ତି। ଏହା ଆଗାମୀ ପରିସ୍ଥିତିରେ ବିପଦ ହୋଇପାରେ। ତେବେ ଚିନ୍ତା କରିବାର ସମୟ ଆସିଯାଇଛି ଯେ କିଛି କ୍ଷଣର ମଜା ପାଇଁ ଆପଣ ଗୁଗଲ ଜେମିନି ଫଟୋ ତିଆରି କରିବେ ନା ନିଜ ବ୍ୟକ୍ତିଗତ ଫଟୋକୁ ଏଆଇ କବଳରୁ ସୁରକ୍ଷିତ ରଖିବେ । ନ ହେଲେ ନେଡ଼ିଗୁଡ଼ କହୁଣିରେ ପହଞ୍ଚିପାରେ। ଆପଣଙ୍କ ତଥ୍ୟ ଅନ୍ୟର ବ୍ୟବସାୟ ହୋଇପାରେ ।

**– ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଧରିତ୍ରୀର ବରିଷ୍ଠ ସହସମ୍ପାଦକଙ୍କ ମାତୃ ବିୟୋଗ

ମଙ୍ଗୁଳି-ଜଗତପୁର,୨୨।୯
(ମାନସ କୁମାର ସାମଲ)



କୁନ୍ତଳା ଷଡ଼ଙ୍ଗୀ

କଟକ ଜିଲା ଟାଙ୍ଗୀ ବ୍ଲକ ନିମାଇସାପୁର ଗାଁର ବୟୋଜ୍ୟେଷ୍ଠ ତଥା ଧର୍ମପରାୟଣ ମହିଳା କୁନ୍ତଳା ଷଡ଼ଙ୍ଗୀଙ୍କ ରବିବାର ଅପରାହ୍ନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି ନାତୁଣୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ତଥା ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମାନସ ରଞ୍ଜନ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସରପଞ୍ଚ ଭରତ ବେହେରା, ଟାଙ୍ଗୀ ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ, ବରିଷ୍ଠ ନେତା ପରମାନନ୍ଦ ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, କିଛିବର୍ଷ ପୂର୍ବେ କୁନ୍ତଳାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରହ୍ମାନନ୍ଦ ଷଡ଼ଙ୍ଗୀଙ୍କର ଦେହାନ୍ତ ହୋଇଯାଇଥିଲା। ମହାଳୟା ତିଥିରେ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଅସ୍ଥି ବିସର୍ଜନ କରାଯାଇଥିବାବେଳେ ସେହିଦିନ ହିଁ କୁନ୍ତଳାଙ୍କର ମୃତ୍ୟୁ ଘଟିଲା।

# ପ୍ରଧାନମନ୍ତ୍ରୀ କହିଥିଲେ, ଯାଞ୍ଚ କରାନ୍ତୁ ମୁଖ୍ୟମନ୍ତ୍ରୀ

- ଚିହିଁକି ଉଠିଲା ବିଜେଡି, କହିଲା ବିବରଣୀରୁ ବାଦ୍ ଦିଅ
- ସିଏ କାହାକୁ ଦୁଃଖ ଦେଲାଭଳି କହିନାହାନ୍ତି, ଭାବବିହ୍ୱଳ ହୋଇ କହିଲେ: ବାଚସ୍ପତି
- ଯଦି କାହାକୁ ଦୁଃଖିତ କରିଛି ମୋ କଥା ଫେରାଇ ନେଉଛି: ବିଭୂତି

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା କିଛିଦିନ ତଳେ ଖରାପ ଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ଦେଖିବା ପାଇଁ ସବୁ ଦଳର ନେତା, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତିଙ୍କ ସମେତ ଅନେକେ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଟେଲିଫୋନ ଯୋଗେ କଥା ହୋଇଥିଲେ। ନବୀନବାବୁଙ୍କୁ ସମସ୍ତେ ଭଲ ପାଆନ୍ତି। ସେବେଠାରୁ ସେହି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ କିଛି କଥା ବାରମ୍ବାର ନଜରକୁ ଆସୁଛି। ନିକଟରେ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦେଖିବାକୁ ମିଳିଥିଲା, ଯେତେବେଳେ ନବୀନ ଅସୁସ୍ଥ ସେତେବେଳେ ତାମିଲବାବୁ ସକ୍ରିୟ। ଯେତେବେଳେ ନବୀନ ସୁସ୍ଥ, ସେତେବେଳେ ତାମିଲବାବୁ ସନ୍ନ୍ୟାସ। ଭାଜପା ସରକାରକୁ ଆସିବା ପୂର୍ବରୁ ଏକ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ଗସ୍ତରେ ଆସିଥିଲେ। ଏକ ସଭାକୁ ସମ୍ବୋଧିତ କରିବା ବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ତାଙ୍କର କ'ଣ ହୋଇଛି ଜଣାପଡୁନି। ତେଣୁ ରାଜ୍ୟରେ ଭାଜପା ସରକାର ଆସିଲେ ଏକ କମିଟି କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଯାଞ୍ଚ କରି ତାଙ୍କ ଦେହ ଖରାପ ହେବା ପଛରେ କିଏ, ଦୋଷୀକୁ ଧରାଯିବ ବୋଲି କହିଥିଲେ। ଏବେ ରାଜ୍ୟରେ ଭାଜପା ସରକାର ଆସିଛି। ମୁଖ୍ୟମନ୍ତ୍ରୀ ଏକ କମିଟି ଗଠନ କରି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଯାଞ୍ଚ କରନ୍ତୁ ବୋଲି ଭାଜପା ସଦସ୍ୟ ବିଭୂତି ଭୂଷଣ ପ୍ରଧାନ ବିଧାନସଭାରେ ପଏଣ୍ଟ ଅଫ ଅର୍ଡର ଆଣି କହିଥିଲେ। ବିଭୂତିଙ୍କ ଏଭଳି କଥା ପରେ ସଙ୍ଗେସଙ୍ଗେ ବିଜେଡି ସଦସ୍ୟମାନେ ଗୃହରେ ଚିହିଁକି ଉଠିଥିଲେ। ପ୍ରଥମେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିଭୂତିଙ୍କ କଥାକୁ ବିରୋଧ କରିବା ସହ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେ କିଛି କାମରେ ନୂଆଦିଲ୍ଲୀ ଗସ୍ତରେ ଥିବା କହିଥିଲେ। ଏହାସହ ବିଭୂତିଙ୍କ କଥାକୁ ବିଧାନସଭା ବିବରଣୀରୁ ବାଦ୍ ଦେବା ପାଇଁ ଦାବି କରିଥିଲେ। ଏହାପରେ ସଙ୍ଗେସଙ୍ଗେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମଧ୍ୟ ଏହାକୁ ବିରୋଧ କରିବା ସହ ଭାଜପା ନେତାମାନେ ପ୍ରତି ୮ ଦିନରେ କାହିଁକି ଦିଲ୍ଲୀ ଯାଉଛନ୍ତି ସେକଥା ବିଜେଡି ପଚାରୁଛି କି ବୋଲି କହିଥିଲେ। ଏହାପରେ ବିଜେଡିର ସମସ୍ତ ସଦସ୍ୟ ନିଜ ଆସନରେ ଠିଆ ହୋଇ ବିଭୂତି ଗୃହରେ ଦେଇଥିବା କଥା ବିଧାନସଭା ବିବରଣୀରୁ ବାଦ୍ ଦିଆଯାଉ ବୋଲି ଦାବି କରିଥିଲେ। ହେଲେ ବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ନିଜ ଆସନରେ ବସିବା ପାଇଁ କହିଥିଲେ। ସରକାରୀ ଦଳର ସଦସ୍ୟ ଯାହା କହିଛନ୍ତି ତାହା ସଂସଦୀୟ ବ୍ୟାପାର ବାହାରର ଶବ୍ଦ ନୁହେଁ। ତାଙ୍କ ବିବୃତି ମୁତାବକ କିଛି ଯାଞ୍ଚ କରାଯିବ ନାହିଁ। ତାଙ୍କ କଥା ଉପରେ ତର୍ଜମା କରିବାର ଆବଶ୍ୟକତା ନାହିଁ ବୋଲି କହିବା ସହ ସମସ୍ତଙ୍କୁ ବସିବା ପାଇଁ ଅନୁରୋଧ କରିଥିଲେ। ଏହାସହ ବିଭୂତି କାହାକୁ ଆଘାତ ଦେବା ଭଳି କଥା କହି ନାହାନ୍ତି ବରଂ ସେ ଭାବବିହ୍ୱଳ ହୋଇ ଏହା କହିଥିଲେ ଏବଂ ଗୃହକୁ ସୂଚିତ କରିଥିଲେ। ହେଲେ ବିଜେଡି ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। କିଛି ସମୟ ପରେ ବିଜେଡି ସଦସ୍ୟମାନେ ପୁଣିଥରେ ଠିଆ ହୋଇ ଯଦି ବିଭୂତିଙ୍କ କଥା ବିବରଣୀରୁ ବାଦ୍ ଦିଆ ନ ଯାଏ ତେବେ ଗୃହ ଛାଡ଼ିବାକୁ ଚେତାବନୀ ଦେଇଥିଲେ। କିଛି ସମୟ ପରେ ବିଭୂତି ତାଙ୍କ ସ୍ଥାନରେ ଠିଆ ହୋଇ ଆଉଥରେ କହିଥିଲେ, କାହାକୁ ଆଘାତ ଦେବା ତାଙ୍କ ଉଦ୍ଦେଶ୍ୟ ନ ଥିଲା। ଯଦି ତାଙ୍କ କଥା କାହାକୁ ଦୁଃଖ ଦେଇଛି ତେବେ ସେ ତାଙ୍କ କଥାକୁ ପ୍ରତ୍ୟାହାର କରି ନେଉଛନ୍ତି ବୋଲି କହିଥିଲେ। ଏହାପରେ ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଫେରିଥିଲା। ଅନ୍ୟପକ୍ଷରେ ବିଭୂତିଙ୍କ ଏଭଳି କଥା କାହାକୁ ମୁଖ୍ୟତଃ ଲକ୍ଷ୍ୟ କରି କୁହାଯାଇଥିଲା ବୋଲି ବିଧାନସଭାର ବିଭିନ୍ନ ସ୍ଥାନରେ ଚର୍ଚ୍ଚା ଏବଂ ଆଲୋଚନା ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ କହିଥିବା କଥା ପାଳନ କରାଯିବା ଦରକାର କହି ପରୋକ୍ଷରେ ସେ କେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଦମ୍ପତି ମୃତ, ନାବାଳିକା ଝିଅ ଗୁରୁତର

### ଶୋଇଥିବା ବେଳେ ଭୁଶୁଡ଼ିଲା କାନ୍ଥ

ବସ୍ତା,୨୨।୯
(ହରିଶଙ୍କର ପାଢ଼ୀ)



ଭୁଶୁଡ଼ି ପଡ଼ିଥିବା କାନ୍ଥ।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ପରିବାରରେ ମା', ବାପା ଓ ନାବାଳିକା ଝିଅ ରାତିରେ ଶୋଇଥିବା ବେଳେ ହଠାତ୍ କାନ୍ଥ ଭୁଶୁଡି ପଡିବାରୁ ୩ଜଣ ଯାକ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପୂର୍ବରୁ ଦମ୍ପତିଙ୍କର ମୃତ୍ୟୁ ହୋଇଯାଇଥିଲା। ଗାଁ ଲୋକେ ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଦମ୍ପତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକା ଝିଅ ଚିକିତ୍ସାଧୀନ ଅଛନ୍ତି।

ରବିବାର ରାତିରେ ଖାଇସାରିବା ପରେ ଗ୍ରାମର ପୀଠ ମୁର୍ମୁ, ସ୍ତ୍ରୀ ମୀନତି ଓ ୧୨ ବର୍ଷୀୟା ନାବାଳିକା ଝିଅ ଲକ୍ଷ୍ମୀ ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ କାନ୍ଥ ଭୁଶୁଡ଼ି ପଡିବାରୁ ପୀଠ, ମୀନତି ଓ ଝିଅ ଲକ୍ଷ୍ମୀ କାନ୍ଥ ତଳେ ଚାପି ହୋଇ ରହିଥିଲେ। ଗାଁ ଲୋକେ ଚିତ୍କାର ଶୁଣି ଦୌଡି ଆସି ସେମାନଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବସ୍ତା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ପୃଥକ୍ ଭାବେ ୨ଟି ଅପମୃତ୍ୟୁ ମାମଲା (ନଂ. ୨୭/୨୫ ଓ ୨୮/୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଦମ୍ପତିଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

### ଓଡ଼ିଶା ସାହିତ୍ୟ ଏକାଡେମୀକୁ ନେଇ ଜନସ୍ୱାର୍ଥ ମାମଲା

କଟକ,୨୨।୯(କାର୍ତ୍ତିକ ସାହୁ)

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପସଭାପତି ନିଯୁକ୍ତି ସହ ସାଧାରଣ ପରିଷଦ ଗଠନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରି ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ହାଇକୋର୍ଟରେ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ପ୍ରାଥମିକ ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ଅକ୍ଟୋବର ୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ୧୯୫୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ହୋଇଥିଲା। ଏକାଡେମୀର ସମ୍ବିଧାନ ଅନୁସାରେ ରାଜ୍ୟ ସରକାର ସଭାପତି ଓ ଉପସଭାପତିଙ୍କୁ ନିଯୁକ୍ତ କରନ୍ତି। ଏଥିସହ ଏକାଡେମୀର ସାଧାରଣ ପରିଷଦ ଗଠନରେ ମଧ୍ୟ ସରକାରଙ୍କର ପ୍ରମୁଖ ଭୂମିକା ରହିଛି। କିନ୍ତୁ ୨୦୨୪ ମେ ୨୦ରେ ପୂର୍ବତନ ସଭାପତି ଓ ଉପସଭାପତି ତାଙ୍କର କାର୍ଯ୍ୟକାଳ ପୂରା କରି ଅବ୍ୟାହତି ନେଇଥିଲେ ମଧ୍ୟ ପଦବୀ ଦୁଇଟି ଫାଙ୍କା ପଡ଼ିଛି। ରାଜ୍ୟ ସରକାର ଏଯାଏ ସେହି ପଦବୀରେ କାହାରିକୁ ନିଯୁକ୍ତ କରିନାହାନ୍ତି।

## ସରକାର ମାନିଲେ ନାରୀ ନିର୍ଯାତନା ବଢ଼ିଛି: ଭକ୍ତ

ଭୁବନେଶ୍ୱର,୨୨।୯(ରବିନାରାୟଣ ଜେନା)

ରାଜ୍ୟରେ ନାରୀ ନିର୍ଯାତନା ପ୍ରସଙ୍ଗରେ କଂଗ୍ରେସର ଉଦ୍‌ବେଗକୁ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର ଭକ୍ତ କହିଛନ୍ତି, ଚଳିତ ମୌସୁମୀ ଅଧିବେଶନରେ ସରକାର ଯେଉଁ ତଥ୍ୟ ଗୃହକୁ ପ୍ରଦାନ କରିଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। ସରକାରଙ୍କ ପ୍ରାଥମିକ ଦାୟିତ୍ୱ ହେଲା ନାରୀଙ୍କ ସୁରକ୍ଷା, ହେଲେ ସରକାର ଯେଉଁ ତଥ୍ୟ ଦେଇଛନ୍ତି ସେଥିରୁ ତାଙ୍କର ବିଫଳତା ଜଣାପଡୁଛି।

ସେ କହିଛନ୍ତି, ରାଜ୍ୟରେ ଜୁନ୍ ୨୦୨୪ରୁ ଜୁଲାଇ ୨୦୨୫ ମଧ୍ୟରେ ୩୭ ହଜାର ୬୧୧ ମହିଳା ନିର୍ଯାତିତ ହୋଇଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପୀଡ଼ିତାମାନଙ୍କ ପରିବାର ପାଖକୁ ଯାଇ ସମବେଦନା ଜଣାଇବା ତ ଦୂରର କଥା ସାନ୍ତ୍ୱନାମୂଳକ କଥା ପଦଟିଏ କହି ନାହାନ୍ତି। ଏଥିରୁ ସରକାର ନାରୀଙ୍କ ପ୍ରତି କେତେ ସମ୍ବେଦନଶୀଳ ବୁଝାପଡୁଛି ବୋଲି ଭକ୍ତ କହିଛନ୍ତି।






## 'ଜିଏସ୍‌ଟି ସଂସ୍କାର' ନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଗତ

ଭୁବନେଶ୍ୱର,୨୨।୯(ସୁନିତ୍ ମିଶ୍ର)

କେନ୍ଦ୍ର ସରକାର ନିକଟରେ 'ଜିଏସ୍‌ଟି ସଂସ୍କାର' ଆଣିଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୋମବାର ଏକ ସଂକଳ୍ପ ଆଗତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ବ୍ୟବସ୍ଥାକୁ ସରଳୀକରଣ କରିବା ସହ ଆମ ସରକାର ଲୋକଙ୍କ ମୁଣ୍ଡ ଉପରୁ ଟିକସ ଭାର ହ୍ରାସ କରିଛନ୍ତି। ଦୀପାବଳି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ମୁତାବକ ଭେଟି ଦେଇଛନ୍ତି। ଏନେଇ ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଦୀର୍ଘ ସାଢ଼େ ୧୧ ଘଣ୍ଟା ଏହା ଉପରେ ଆଲୋଚନା ହୋଇଛି। କେନ୍ଦ୍ର ସରକାର ସବୁ ରାଜ୍ୟର ସମସ୍ୟାକୁ ସମାଧାନ ନେଇ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମା ଟିକସମୁକ୍ତ ହେବା ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ପାଇଁ ବଡ଼ ନିଷ୍ପତ୍ତି। କେନ୍ଦୁପତ୍ର ଉପରେ ଟିକସ ୫ ପ୍ରତିଶତକୁ ହ୍ରାସ ପାଇବା, କେନ୍ଦୁପତ୍ର ତୋଳାଳି ଓ ବ୍ୟବସାୟୀ ବିଶେଷ ଉପକୃତ ହେବେ। ଶିକ୍ଷା ଉପକରଣ ବି ଶସ୍ତା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

### ଆଲୋଚନାରେ ଭାଗନେଲେ ବିରୋଧୀ ଓ ଶାସକ

ଏହି ଆଲୋଚନାରେ ବିରୋଧୀ ଦଳ ପକ୍ଷରୁ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଜିଏସ୍‌ଟି କାଉନସିଲର ନିଷ୍ପତ୍ତି ପାଇଁ କେବଳ ଜଣଙ୍କୁ ଶ୍ରେୟ ଦିଆଯିବା ଠିକ୍ ନୁହେଁ। ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଭୂରି ଭୂରି ପ୍ରଶଂସା କରିଛନ୍ତି। ଏହି ନିଷ୍ପତ୍ତି ଲାଗି ୮ ବର୍ଷ ଲାଗିଲା। ଗରିବଙ୍କ ପକେଟରୁ ୫୭ ଲକ୍ଷ କୋଟି ଟଙ୍କା ନେଇଗଲେ, ତଥାପି ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେବାକୁ ଭାଜପା ଉତ୍ସୁକ। ଜିଏସ୍‌ଟିକୁ ମୋଦି ହିଁ ପ୍ରଥମରୁ ବିରୋଧ କରିଥିଲେ। ଏହାକୁ ନେଇ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରିବା ନିନ୍ଦନୀୟ। ଜିଏସ୍‌ଟି ସରଳୀକରଣ କରିବାକୁ କାହିଁକି ୮ ବର୍ଷ ଲାଗିଗଲା ବୋଲି ସେ କହିଛନ୍ତି। ସାଧାରଣ ଲୋକଙ୍କ ଖାଦ୍ୟ ମୁଢ଼ି, ଚୁଡ଼ା ଉପରେ ଟିକସ ଛାଡ଼ କରାଯାଉ ବୋଲି ସେ କହିଛନ୍ତି। ସଦସ୍ୟ ଅରୁଣ କୁମାର ସାହୁ, ଅମର ନାୟକ ଓ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଜିଏସ୍‌ଟି ସଂସ୍କାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଆଲୋଚନା ସୋମବାର ବିଧାନସଭା ଶେଷ ହେବା ପର୍ଯ୍ୟନ୍ତ ଅସମାପ୍ତ ରହିଛି। ଏହା ଉପରେ ମଙ୍ଗଳବାର ଗୃହରେ ଅଧିକ ଆଲୋଚନା ହୋଇ ପାରିତ ହୋଇପାରେ ବୋଲି ଜଣାପଡ଼ିଛି।


DSPL-272



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓପିଡ଼ି ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା
OPD Online Registration Process
ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅନ୍‌ଲାଇନ୍ ପଞ୍ଜୀକରଣ ଉପଲବ୍ଧ ୨୪X୭**

କିପରି କରିବେ :

୧. କମ୍ପ୍ୟୁଟର କିମ୍ବା ମୋବାଇଲ୍ ଫୋନ୍‌ରେ **https://eswasthya.odisha.gov.in** ୱେବ୍‌ସାଇଟ୍ ଖୋଲନ୍ତୁ।
୨. ଏହାପରେ "**Online Registration**" ଉପରେ କ୍ଲିକ୍ କରନ୍ତୁ।
୩. ଯଦି ଆପଣ ପୂର୍ବରୁ କେବେ ଅନ୍‌ଲାଇନ୍ ପଞ୍ଜୀକରଣ କରିଛନ୍ତି ତେବେ "**Do you have Central Registration Number**" ଉପରେ କ୍ଲିକ୍ କରନ୍ତୁ, ନଚେତ୍ "**New Registration**" ଉପରେ କ୍ଲିକ୍ କରନ୍ତୁ।
୪. ଏହା ପରେ ହସ୍ପିଟାଲ୍‌ର ନାମ, କେଉଁ ବିଭାଗରେ ଚିକିତ୍ସା ଚାହୁଁଛନ୍ତି ଓ କେଉଁ ତାରିଖରେ ଚାହୁଁଛନ୍ତି ଚୟନ କରନ୍ତୁ ଓ କ୍ଲିକ୍ କରନ୍ତୁ।
୫. ତା'ପରେ ଆପଣଙ୍କର ନାମ, ବୟସ, ଠିକଣା ଆଦି ପୂରଣ କରନ୍ତୁ ଏବଂ "**Register**" ଉପରେ କ୍ଲିକ୍ କରନ୍ତୁ। ବର୍ତ୍ତମାନ ଆପଣଙ୍କ ପାଇଁ ଉଦ୍ଦିଷ୍ଟ **Appointment Slip** ଏବଂ **Print option** ସ୍କ୍ରିନ୍‌ରେ ଆସିଯିବ।
୬. "**Appointment Slip**" ର ଗୋଟିଏ ପ୍ରିଣ୍ଟ୍ ବାହାର କରି ଆପଣ ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ ଚିକିତ୍ସା ପାଇଁ ଯାଇପାରିବେ। ଯଦି ଆପଣଙ୍କ ପାଖରେ ପ୍ରିଣ୍ଟର ସୁବିଧା ନାହିଁ ତେବେ ଆପଣଙ୍କ **QR Code** କୁ ସ୍କାନ କରନ୍ତୁ ଓ ହସ୍ପିଟାଲ୍‌ରେ ଥିବା କିଓସ୍କ ମେସିନ୍‌ରେ ପ୍ରିଣ୍ଟ୍ ବାହାର କରନ୍ତୁ।
୭. ସମ୍ପୃକ୍ତ ବିଭାଗରେ ଚିକିତ୍ସା ପାଇଁ ଆପଣଙ୍କୁ **Appointment Slip** ସହ ବହିର୍ବିଭାଗ ବନ୍ଦ ହେବାର **ଅନ୍ତତଃ ୧ଘଣ୍ଟା ପୂର୍ବରୁ ପହଞ୍ଚିବାକୁ ହେବ।**

ମନେରଖନ୍ତୁ :
ପୁନର୍ବାର ଚିକିତ୍ସା ପାଇଁ ଆପଣଙ୍କୁ ପ୍ରଥମେ ପାଇଥିବା CR Number ସହ ଆଉଥରେ ପଞ୍ଜୀକରଣ ମାଧ୍ୟମରେ ଆଉ ଏକ Appointment Slip ବାହାର କରିବାକୁ ପଡିବ।

**Online Registration is available 24X7**

**How to do it:**

Step-1 : Visit the website: **https://eswasthya.odisha.gov.in**
Step-2 : Click on **"Online Registration"**.
Step-3 : If you have previous online registration number (OPD Ticket) then select **"Do You have Central Registration Number"**, **otherwise** select **"New Registration"**.
Step-4 : Select the 'Hospital', 'Department' and 'Appointment date'.
Step-5 : Fill relevant details like; Name, Age, Address, etc. and click on **"Register"** and the system will generate a **QR Code along with Print option of Appointment Slip.**
Step-6 : Take a print out of the **"Appointment Slip"**. or scan the **"QR Code"** & collect Printout through Kiosk Machine at Hospital.
Step-7 : Visit the respective department with the **"Appointment Slip"** on the scheduled date ***at least one hour before the OPD closing time***.

**Remember:**
For re-visit, you have to re-register against your previous CR Number and get a fresh 'Appointment Slip'

OIPR-10003/13/0280/2526

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



ଅନାସ୍ଥା ପ୍ରସ୍ତାବକୁ ଅଗ୍ରାହ୍ୟ କରାଯିବା ପରେ କଂଗ୍ରେସର ବିଧାୟକମାନେ ବିଧାନସଭା ପରିସରସ୍ଥ ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଛନ୍ତି।

# ପୂର୍ବତନ ବିଧାୟକମାନଙ୍କ ଅବସ୍ଥା ଶୋଚନୀୟ: ଗଣେଶ୍ୱର

- ଖବରଦାତାମାନଙ୍କ ଆବଶ୍ୟକତା ଅନୁଯାୟୀ ସେମାନଙ୍କ ଦାବି ପୂରଣ ହେଉ: ପ୍ରମିଳା
- ଗଣେଶ୍ୱର ଓ ପ୍ରମିଳା ଯାହା କହିଛନ୍ତି ତାହା ଠିକ୍ ବୋଲି କହିଲେ ଭାସ୍କର ମଢ଼େଇ

ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)

ରାଜ୍ୟର ସମସ୍ତ ବିଧାୟକ ଏବଂ ପୂର୍ବତନ ବିଧାୟକମାନଙ୍କ ଭତ୍ତା ବୃଦ୍ଧି ଲାଗି ପୂର୍ବରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି କଥାକୁ ସରକାର କାହିଁକି ଭୁଲିଯାଇଛନ୍ତି। ସେହି କଥାକୁ ସରକାର ପ୍ରାଧାନ୍ୟ ଦିଅନ୍ତୁ। ରାଜ୍ୟର ବହୁ ପୂର୍ବତନ ବିଧାୟକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏପରି ଅବସ୍ଥାରେ କେତେଜଣ ପୂର୍ବତନ ବିଧାୟକ ରହିଛନ୍ତି, ଯାହାଙ୍କୁ ଦେଖିଲେ ଆପଣଙ୍କ ଆଖିରୁ ଲୁହ ଖସିଯିବ। ଦରଦାମ୍ ଯେଉଁଭଳି ଭାବେ ବୃଦ୍ଧି ପାଇଛି ଏହି କଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର ବୋଲି ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ସୋମବାର ଗୃହରେ ପଏଣ୍ଟ ଅଫ୍ ଅର୍ଡରେ ଆଣି କହିଛନ୍ତି। ଏହାପରେ ବିଜେଡି ସଦସ୍ୟ ପ୍ରମିଳା ମଲିକ ପଏଣ୍ଟ ଅଫ୍ ଅର୍ଡରେ ଆଣି କହିଛନ୍ତି, ରାଜ୍ୟର ଖବରଦାତାମାନେ ସେମାନଙ୍କ ସୁରକ୍ଷା ଏବଂ ଭତ୍ତା ଲାଗୁ କରିବା ଦାବିରେ ଆନ୍ଦୋଳନରେ ବସିଛନ୍ତି। ଏହାକୁ ସରକାର ଗୁରୁତ୍ୱର ସହ ବିଚାର କରନ୍ତୁ। ଖବରଦାତାମାନେ ଏବେ ଲୋୟର ପିଏମ୍‌ଜିରେ ଆନ୍ଦୋଳନରେ ବସିଛନ୍ତି। ସେମାନଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଦାବି ପୂରଣ କରିବାର ବ୍ୟବସ୍ଥା କରାନ୍ତୁ ବୋଲି ପ୍ରମିଳା କହିଛନ୍ତି। ଏହାପରେ ଭାଜପା ସଦସ୍ୟ ଭାସ୍କର ମଢ଼େଇ କହିଛନ୍ତି, ବିରୋଧୀ ଦଳ ସଦସ୍ୟ ଗଣେଶ୍ୱର ବେହେରା ଏବଂ ପ୍ରମିଳା ମଲିକ ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ଭତ୍ତା ବୃଦ୍ଧି ପ୍ରସଙ୍ଗ ଏବଂ ଖବରଦାତାମାନଙ୍କ ଦାବି ପୂରଣ ନିମନ୍ତେ ଯାହା କହିଛନ୍ତି ତାଙ୍କ କଥା ଠିକ୍। ଏହାକୁ ସରକାର ବିଚାରକୁ ନିଅନ୍ତୁ ବୋଲି ସେ କହିଛନ୍ତି।

# କାର୍ଯ୍ୟରେ ଅବହେଳା: ଏଏସ୍ଆଇ, ୨ କନଷ୍ଟେବଲ ନିଲମ୍ବିତ

ବାହାନଗା, ୨୨।୯(ଅରୂପ୍ କୁମାର ଦାସ)

କାର୍ଯ୍ୟରେ ଅବହେଳା ପାଇଁ ବାହାନଗା ବ୍ଲକ ଗୋପାଳପୁର ଥାନାର ଜଣେ ଏଏସ୍ଆଇ ଓ ୨ କନଷ୍ଟେବଲଙ୍କୁ ବାଲେଶ୍ୱର ଏସ୍‌ପି ଚାକିରିରୁ ନିଲମ୍ବନ କରିଛନ୍ତି।

ଗୋପାଳପୁର ଥାନା ଅଧୀନ ଦୋଳପୁର ଗ୍ରାମର ଜଣେ ନାବାଳିକାଙ୍କୁ ଆରୁହାବାଡ ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ନାବାଳିକାଙ୍କ ମା' ଜୁନ୍ ୩୦ ତାରିଖରେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ମୋବାଇଲ ଟ୍ରାକ କରି ଅପହରଣ କରିନେଇଥିବା ଯୁବକ ନାବାଳିକାଙ୍କୁ ଆନ୍ଧ୍ରପ୍ରଦେଶରେ ରଖିଥିବା ଜାଣିବାକୁ ପାଇଥିଲେ। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୩ ଜଣିଆ ଏକ ଟିମ୍ କରାଯାଇ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ। ସେହି ୩ ଜଣିଆ ଟିମ୍‌ରେ ଗୋପାଳପୁର ଥାନା ଏଏସ୍ଆଇ ଦୀପକ କୁମାର ଭୋଇ, କନଷ୍ଟେବଲ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନଷ୍ଟେବଲ ସୁଚିତ୍ରା ମାଝି ଥିଲେ। ଆନ୍ଧ୍ର ଯାଇ ଏହି ଟିମ୍ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଯୁବକ ସଞ୍ଜୟ ରଥଙ୍କ ଧରିବାରେ ସକ୍ଷମ ହୋଇଥିଲେ। ଉଭୟଙ୍କୁ ଧରି ଟ୍ରେନ୍ ଯୋଗେ ଓଡିଶା ଆସୁଥିଲେ। ସାଥିରେ ମଧ୍ୟ ଯୁବତୀଙ୍କ ପରିବାର ଲୋକ ଥିଲେ। ମାତ୍ର ଅଭିଯୁକ୍ତ ସଞ୍ଜୟଙ୍କ ସହ ଏଏସ୍ଆଇ ଅନ୍ୟ ଏକ ବଗିରେ ବସିଥିଲେ। ତେବେ ବିଳମ୍ବିତ ରାତିରେ ସଞ୍ଜୟ ଟ୍ରେନରୁ ଖସି ଫେରାର ହୋଇଯାଇଥିଲେ।

# ବିରୋଧୀ ଖାଲି ବିରୋଧ କରିବାକୁ ତ୍ରୁଟି ଥିବା କହୁଛନ୍ତି: ମୁଖ୍ୟମନ୍ତ୍ରୀ

## ଓଡ଼ିଶା ଦ୍ରବ୍ୟ ଓ ସେବା କର(ସଂଶୋଧନ) ବିଲ୍ ୨୦୨୫ ଆଗତ

ଏହି ସଂଶୋଧନ ବିଲ୍ ପାରିତ ହେଲେ କଳାବଜାର, ଚୋରି ବଢ଼ିବ: ଅରୁଣ

ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)

ଓଡ଼ିଶା ଦ୍ରବ୍ୟ ଓ ସେବା କର(ସଂଶୋଧନ) ବିଲ୍ ୨୦୨୫କୁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଆଗତ କରିଛନ୍ତି। ଏହି ବିଲ୍‌ରେ ଗୋଟିଏ କ୍ଲଜରେ ପରିବର୍ତ୍ତନ ଆସିଛି। ଯାହା ନିକଟରେ ୫୬ତମ ଜିଏସ୍‌ଟି କାଉନସିଲ୍ ବୈଠକରେ ଅନୁମୋଦିତ ହୋଇସାରିଛି। ଯେଉଁମାନେ ସରକାରଙ୍କ ଟିକସ ଫାଙ୍କି ଧରାପଡ଼ିବେ ଆଗରୁ ସେମାନଙ୍କ ଉପରେ ଯେତିକି ଜରିମାନା ରାଶି ସ୍ଥିର ହେବ ସେହି ରାଶିର ୨୫ ପ୍ରତିଶତ ଅର୍ଥ ଦେବା ପରେ ଯାହା ବିରୋଧରେ ଅଭିଯୋଗ ଥିବ ସିଏ ମାମଲା ଲଢ଼ିପାରିବେ ବୋଲି ନିୟମ ଥିଲା। ଏବେ ସେହି ଜରିମାନା ରାଶିର ୧୦ ପ୍ରତିଶତ ଅର୍ଥ ଦେବା ପରେ ଯିଏ ଅଭିଯୁକ୍ତ ସିଏ ଆଇନର ଆଶ୍ରୟ ନେଇପାରିବେ ବୋଲି ବିଲ୍‌ରେ ଅଣାଯିବାକୁ ଯାଉଛି, ଯାହାକୁ ବିରୋଧୀ ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ ପାଲଟା ଜବାବ ଦେଇ କହିଛନ୍ତି ବିରୋଧୀ କେବଳ ବିରୋଧ କରିବା ପାଇଁ ଏମିତି କହୁଛନ୍ତି। ନ ହେଲେ ଯେତେବେଳେ ଭାଜପା ବିରୋଧୀ ଦଳରେ ଥିଲା ସେତେବେଳେ ଆମେ ମଧ୍ୟ ବହୁ କଥାରେ ତ୍ରୁଟି ଥିବା କହିଥିଲୁ। ହେଲେ ସେତେବେଳେ ବିଜେଡି ଶାସନରେ ଥିବାବେଳେ ଏହା କେନ୍ଦ୍ର ସରକାର ଲାଗୁ କରିଛନ୍ତି ରାଜ୍ୟ ସରକାର ସେହି ରାସ୍ତାରେ ଯିବାକୁ ବାଧ୍ୟ ବୋଲି କହିଥିଲା। ତେଣୁ କେତେଗୁଡିଏ ଜିନିଷରେ ଷ୍ଟାଣ୍ଡାର୍ଡ ପ୍ରୋସିଜିଓର ରହିଛି।



ମୋହନ ଚରଣ ମାଝୀ

ତାକୁ ରାଜ୍ୟ ସରକାରଙ୍କୁ ମାନିବାକୁ ପଡିବ। ଖାଲି ବିରୋଧ କରିବା କଥା ବୋଲି ବିରୋଧୀ ତ୍ରୁଟି ଥିବା କହୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଲ୍‌ର ତ୍ରୁଟି ଉପରେ ପ୍ରତିକ୍ରିୟା ରଖି ବିଜେଡି ସଦସ୍ୟ ଅରୁଣ କୁମାର ସାହୁ କହିଛନ୍ତି, ଏପରି ବିଲ୍‌ର ଉଦ୍ଦେଶ୍ୟ କ'ଣ। ଯେଉଁମାନେ ଜାଣିଶୁଣି ଟିକସ ଠକୁଛନ୍ତି ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବା ସରକାରଙ୍କ ମୂଳ ଉଦ୍ଦେଶ୍ୟ। ଯେତେବେଳେ ସରକାରକୁ ଆସିଥିଲେ ଅନେକ ପ୍ରତିଶ୍ରୁତି ଏ ସରକାର ଦେଇଥିଲେ। ଯେଉଁମାନ ରାଜ୍ୟ ସରକାରଙ୍କ କର ଠକିବେ ସେମାନେ ହେଉଛନ୍ତି ଠକ। ସେମାନଙ୍କ ପାଇଁ ଜରିମାନା ଅର୍ଥର ୨୫ ପ୍ରତିଶତ ଦେବାର ଯେଉଁ ପ୍ରାବଧାନ ଥିଲା ତାକୁ ଖସାଇ ୧୦ ପ୍ରତିଶତକୁ କମାଗଲା। ଏହାର କାରଣ ବୁଝି ହେଉନି। ଏହି ଘଟଣା ଭବିଷ୍ୟତରେ କଳାବଜାର, ଚୋରିକୁ ଅଧିକ ପ୍ରୋତ୍ସାହିତ କରିବ। ରାଜ୍ୟ ସରକାରଙ୍କ ଟିକସ ଯେଉଁମାନେ ଠକନ୍ତି ସେମାନେ ସବୁ ହେଉଛନ୍ତି ବଡ ବେପାରୀ। ସେମାନଙ୍କୁ ଏତେ ଦୟା ଦେଖାଇବାର ଆବଶ୍ୟକତା କ'ଣ ରହିଛି। ସେମାନେ ଟିକସ ଫାଙ୍କିବେ, ତା'ପରେ ଆଇନର ଆଶ୍ରୟ ନେବେ। ବର୍ଷ ବର୍ଷ ଧରି ମାମଲା ଚାଲିବ, ସେମାନେ ସେମିତି ଠକି ଚାଲିବେ। ତେଣୁ ଏହି ବିଲ୍ ସରକାର ପ୍ରତ୍ୟାହାର କରି ନିଅନ୍ତୁ ବୋଲି ଅରୁଣ ପ୍ରଶ୍ନ କରିଥିଲେ। ଏହାସହ ବରିଷ୍ଠ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଗଣେଶ୍ୱର ବେହେରା ବିଲ୍‌ର ତ୍ରୁଟି ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀ ବିଲ୍ ଆଗତ ସମୟରେ କହିଥିଲେ, ୫୬ତମ ଜିଏସ୍‌ଟି କାଉନସିଲ୍ ବୈଠକରେ ଏ ବାବଦରେ ନିଷ୍ପତ୍ତି ହୋଇଛି। ଜିଏସ୍‌ଟିରେ ସଂଶୋଧନ ଆଦି ସମ୍ପର୍କରେ ନିଷ୍ପତ୍ତି ହେବାବେଳେ ଏହା ଉପରେ ସମସ୍ତ ରାଜ୍ୟ ସରକାରଙ୍କ ମତ ନିଆଯାଇଥାଏ। ଆଗରୁ ରାଜ୍ୟରେ ଗୋଟିଏ ଦଳର ସରକାର ଏବଂ କେନ୍ଦ୍ରରେ ଏନ୍‌ଡିଏ ସରକାର ଥିଲେ। ସେତେବେଳେ କେନ୍ଦ୍ର ଯାହା ନିଷ୍ପତ୍ତି ନେଉଥିଲା ଜିଏସ୍‌ଟି ଉପରେ ତତ୍କାଳୀନ ରାଜ୍ୟ ସରକାର ଲାଗୁ କରୁଥିଲେ। ଏବେ ତ ଡବଲ ଇଞ୍ଜିନ ସରକାର। ଅନେକ ସାଧାରଣ ବ୍ୟବସ୍ଥା ରହିଛି ଯାହାକୁ ରାଜ୍ୟ ସରକାର ଲାଗୁ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆୟୁଷ୍ମାନ-ଜିଜେଏୱାଇ ଯୋଜନାରେ ୪,୦୫,୦୪୪ଜଣ ହିତାଧିକାରୀ ଉପକୃତ

ଭୁବନେଶ୍ୱର, ୨୨।୯(ବନ୍ଦନା ସେଠୀ)

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୩.୪୬ କୋଟି ହିତାଧିକାରୀ ସାମିଲ ହୋଇଛନ୍ତି। ଅଦ୍ୟାବଧି ଏହି ଯୋଜନା ମାଧ୍ୟମରେ ରାଜ୍ୟ ବାହାରେ ଓ ରାଜ୍ୟ ମଧ୍ୟରେ ପଞ୍ଜୀକୃତ ହୋଇଥିବା ଚିକିତ୍ସାଳୟରେ ୪,୦୫,୦୪୪ଜଣ ହିତାଧିକାରୀ ଦେୟମୁକ୍ତ ଚିକିତ୍ସାର ଲାଭ ନେଇ ସାରିଲେଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ସୂଚନା ଦେଇଛନ୍ତି। ଏହି ସ୍ୱାସ୍ଥ୍ୟ ବୀମା ବାବଦକୁ ସରକାରଙ୍କ ଦ୍ୱାରା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୪ହଜାର ୭୫୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ରାଜ୍ୟ ସରକାର ପଞ୍ଜୀକୃତ ଚିକିତ୍ସାଳୟଗୁଡିକର ଚିକିତ୍ସା ଖର୍ଚ୍ଚ ଠିକ୍ ସମୟରେ ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରୁଥିବା ମନ୍ତ୍ରୀ କହିଛନ୍ତି।

# ୧୫ ମାସରେ କମିବା ପରିବର୍ତ୍ତେ ବଢ଼ିଛି ଦାଦନ ସମସ୍ୟା: ବିଜେଡି

ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)

ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ଦାଦନ ମୁକ୍ତ କରିବ ବୋଲି ଭାଜପା ସରକାରକୁ ଆସିବା ଆଗରୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ କ୍ଷମତାକୁ ଆସିବାର ୧୫ ମାସ ପରେ ମଧ୍ୟ ରାଜ୍ୟରେ ଦାଦନ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଥିବା ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି, ଦାଦନ ସମସ୍ୟାକୁ ନେଇ ଭାଜପା ତରଫରୁ ପୂର୍ବ ସରକାରଙ୍କୁ ସମାଲୋଚନା କରାଯାଉଥିଲା। କ୍ଷମତାକୁ ଆସିଲେ ଏହି ସମସ୍ୟାର ସମାଧାନ କରିବ ବୋଲି ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ କ୍ଷମତାକୁ ଆସିବାର ୧୫ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସମସ୍ୟା କମିବା ପରିବର୍ତ୍ତେ ଅଧିକ ଉତ୍କଟ ହୋଇଛି। ଦାଦନ ସମସ୍ୟା ସମାଧାନ କ୍ଷେତ୍ରରେ ସରକାରଙ୍କ କାର୍ଯ୍ୟ କେବଳ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯିବାରେ ସୀମିତ ରହିଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳରେ ଏମ୍‌ଜିଏନଆରଇଜିଏସ୍ ଯୋଜନା ମାଧ୍ୟମରେ କର୍ମ ଦିବସ ଯୋଗାଇ ଦେବା କମୁଥିବାରୁ ସମସ୍ୟା ରାଜ୍ୟରେ ଉତ୍କଟ ରୂପ ନେଉଛି। ସରକାରଙ୍କ ନିକଟରେ ଉପଲବ୍ଧ ଥିବା ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ସମୁଦାୟ ୧୭ କୋଟି ୬୧ ଲକ୍ଷ କର୍ମ ଦିବସ ଯୋଗାଇ ଦିଆଯାଇଥିବା ବେଳେ ଭାଜପା କ୍ଷମତାକୁ ଆସିବା ପରେ ଏହି ସଂଖ୍ୟା ୧୦ କୋଟି ତଳକୁ ଖସି ଆସିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୩.୩୯ ଲକ୍ଷ ପରିବାରଙ୍କୁ ୧୦୦ ଦିନର କର୍ମ ଦିବସ ଯୋଗାଯାଇଥିବା ବେଳେ ଏହା ଭାଜପା ସରକାରଙ୍କ ସମୟରେ ୧.୪୯ ଲକ୍ଷ ପରିବାରକୁ ଖସି ଆସିଛି। ପ୍ରତିଦିନ ରାଜ୍ୟ ବାହାରୁ ଓଡ଼ିଶାର ଶ୍ରମିକଙ୍କ ଦୁର୍ଦ୍ଦଶାର ଖବର ଦୃଷ୍ଟିକୁ ଆସୁଛି ବୋଲି ସଞ୍ଜୟ କହିଛନ୍ତି।

# ରାଜସ୍ୱ ବିଭାଗକୁ ରାଜସ୍ୱ କ୍ଷତି ଚିନ୍ତା

## ପଞ୍ଜୀକରଣ ବେଳେ ରାଜସ୍ୱ ବିଭାଗ ନିର୍ଦ୍ଦେଶ ପାଳନ କର

ଭୁବନେଶ୍ୱର, ୨୨।୯ (ରବିନାରାୟଣ ଜେନା)

ରାଜସ୍ୱ ବିଭାଗକୁ ଏବେ ରାଜସ୍ୱ ଚିନ୍ତା ଘାରିଛି। ବିଗତ ଦିନରେ ଜମିଜମା ପଞ୍ଜୀକରଣରେ ଅନେକ ଦ୍ୱନ୍ଦ୍ୱ ରହିଥିବାରୁ ସରକାରଙ୍କୁ କମ୍ ପରିମାଣର ରାଜସ୍ୱ ମିଳିଛି। ଏହାକୁ ନେଇ ସୋମବାର ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍) ଦେଓରଞ୍ଜନ କୁମାର ସିଂହ ଏକ ନିର୍ଦ୍ଦେଶନାମା ପଞ୍ଜୀକରଣ ମହାନିରୀକ୍ଷକ(ଆଇଜିଆର) ଏବଂ ସମସ୍ତ ଅତିରିକ୍ତ ଜିଲାପାଳଙ୍କୁ ଜାରି କରିଛନ୍ତି।

ଏସିଏସ୍ ପତ୍ରରେ ଦର୍ଶାଇଛନ୍ତି, ଜମିଜମା ପଞ୍ଜୀକରଣ ନେଇ ରାଜସ୍ୱ ବିଭାଗ ବ୍ୟତୀତ ଅନ୍ୟ କେତେକ ବିଭାଗ, କର୍ତ୍ତୃପକ୍ଷ ଓ ସଂସ୍ଥା ଅନେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାକୁ ନେଇ କ୍ଷେତ୍ରସ୍ଥଳରେ ଏଡିଏମ୍ ଓ ପଞ୍ଜୀକରଣ ଅଧିକାରୀମାନେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ପଞ୍ଜୀକରଣ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହିତ ରାଜସ୍ୱ କମୁଛି। ଏହାବାଦ୍ ଅନେକ କ୍ଷେତ୍ରରେ ଆଇନଗତ ଜଟିଳତା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ଏବେ ଏକ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଛି; ଯେଉଁଥିରେ କି କେବଳ ରାଜସ୍ୱ ବିଭାଗର ନିର୍ଦ୍ଦେଶକୁ କ୍ଷେତ୍ରସ୍ଥଳରେ ପଞ୍ଜୀକରଣ ଅଧିକାରୀମାନେ କାର୍ଯ୍ୟକାରୀ କରିବେ। ଏହାବ୍ୟତୀତ ଅନ୍ୟ କୌଣସି ବିଭାଗ କିମ୍ବା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଯେପରି ଗୁରୁତ୍ୱ ଦେବେନାହିଁ ସେନେଇ ଜିଲା ନିବନ୍ଧକ ଓ ସବ୍‌ରେଜିଷ୍ଟ୍ରାରମାନଙ୍କୁ ନିର୍ଦ୍ଦେଶ ଦେବାକୁ ଏସିଏସ୍ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଜିଏସ୍‌ଟି ଆତ୍ମସାତ୍ ପରେ ବଚତ୍ ସପ୍ତାହ: କଂଗ୍ରେସ

ଭୁବନେଶ୍ୱର,୨୨।୯ (ରବିନାରାୟଣ ଜେନା)

ଦେଶରେ ୮ବର୍ଷ ଧରି ସାମଗ୍ରୀକସେବା କର(ଜିଏସ୍‌ଟି) ଆତ୍ମସାତ୍ କରିବା ପରେ ଏବେ ବଚତ୍ ସପ୍ତାହ କାହାସ୍ୱାର୍ଥରେ ବୋଲି କଂଗ୍ରେସ କହିଛି।

ସୋମବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ପ୍ରଶାନ୍ତ ଶତପଥୀ କହିଛନ୍ତି, ଚଳିତ ଜିଏସ୍‌ଟି ବ୍ୟବସ୍ଥାରେ ଟ୍ୟାକ୍ସ ସ୍ଲାବରେ ପରିବର୍ତ୍ତନ କରି ବେଲଗାମ୍ ବଜାର ଦର ନିୟନ୍ତ୍ରଣ କରିବାପାଇଁ ଯେଉଁ ସରକାରୀ ଚେଷ୍ଟା କରାଯାଇଛି ତାହା ହାସ୍ୟାସ୍ପଦ। ୨୦୧୬ରେ ନୋଟ୍‌ବନ୍ଦୀ ଏବଂ ୨୦୧୭ରେ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ବ୍ୟବସ୍ଥା କେନ୍ଦ୍ର ସରକାର ଦେଶରେ ଲାଗୁ କରିବାପରେ ଦେଶର ଅର୍ଥବ୍ୟବସ୍ଥା ଧୂଳିସାତ ହୋଇଛି। ଦେଶର ୧% ଲୋକଙ୍କ ପାଖରେ ୪୦% ସମ୍ପତ୍ତି ଥିଲାବେଳେ ୨୧ ଜଣ ଧନୀଙ୍କ ପାଖରେ ୮୦ କୋଟି ଲୋକଙ୍କ ସମ୍ପତ୍ତିଠାରୁ ଅଧିକ ଧନ ଠୁଳ ହୋଇଛି। ଓଡ଼ିଶାରେ ସବୁ ଚାଷୀଙ୍କ ମଧ୍ୟରୁ ୭୫% ଚାଷୀ ଋଣ ନେଇଛନ୍ତି ଏବଂ ୬୦ ହଜାରରୁ ୯୧ ହଜାର ଟଙ୍କାର ଋଣ ବୋଝ ମୁଣ୍ଡାଇଛନ୍ତି। ଦେଶର ଋଣଭାର ୫୪ ଲକ୍ଷ କୋଟିରୁ ବି ୨୦୦ ଲକ୍ଷ କୋଟିରେ ପହଞ୍ଚିଲାଣି। ଜିଏସ୍‌ଟିର ଟ୍ୟାକ୍ସ ସ୍ଲାବ ବଜାର ଦର ନିୟନ୍ତ୍ରଣ କରେନାହିଁ ପରନ୍ତୁ କୌଣସି ସାମଗ୍ରୀର ମୂଳ ମୂଲ୍ୟ ଉପରେ ଜିଏସ୍‌ଟି ଆଦାୟ କରାଯାଏ ବୋଲି ସେ କହିଛନ୍ତି।

ସେ କହିଛନ୍ତି, ଗତ ୮ ବର୍ଷ ଭିତରେ କେବଳ କେନ୍ଦ୍ର ସରକାର ନେଟ୍ ଜିଏସ୍‌ଟି ବାବଦରେ ୫୫ଲକ୍ଷ ୪୪ ହଜାର ୮୯୭ କୋଟି ଟଙ୍କା ଆଦାୟ କରିଛନ୍ତି। କେବଳ ଗୁଜରାଟ, ତ୍ରିପୁରା, କର୍ଣ୍ଣାଟକ ଭଳି ରାଜ୍ୟର ନିର୍ବାଚନକୁ ଆଖି ଆଗରେ ରଖି ଏହି ପରିବର୍ତ୍ତନ କରାଯାଇଛି। ଏଭଳି ନିଷ୍ପତ୍ତି ଦେଶର ଅଗଣିତ ଖାଉଟିଙ୍କ ପ୍ରତି ଧୋକା ଏବଂ ଚରମ ଉପହାସ। ସରକାର ଯଦି ସତରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବାପାଇଁ ଚାହୁଁଛନ୍ତି ତାହାହେଲ କମ୍ପାନୀମାନେ ଉତ୍ପାଦନ ପାଇଁ ବ୍ୟବହାର କରୁଥିବା କଞ୍ଚାମାଲ, ପରିବହନ ଖର୍ଚ୍ଚ, ମେଶିନ ଏବଂ ତାହାର ରକ୍ଷଣାବେକ୍ଷଣ, ଇଲେକ୍ଟ୍ରିସିଟି, ପ୍ୟାକେଜିଂ ଆଦି ଜିନିଷର ଦାମକୁ ନିୟନ୍ତ୍ରଣ ଭିତରେ ରଖିବାକୁ ଚେଷ୍ଟାକରନ୍ତୁ ବୋଲି ଶତପଥୀ କହିଛନ୍ତି। ଏହି ସମ୍ମିଳନୀରେ ଦଳର ବରିଷ୍ଠ ପ୍ରବକ୍ତା ମନୋରଞ୍ଜନ ଦାଶ ଓ ଡ. ଦେବାଶିଷ ଭୂୟାଁ ଉପସ୍ଥିତ ଥିଲେ।

# ଖର୍ଚ୍ଚ ହୋଇପାରୁନି ବଜେଟ ଲକ୍ଷ୍ୟଧାର୍ଯ୍ୟ ଅର୍ଥ

ଭୁବନେଶ୍ୱର,୨୨।୯ (ରବିନାରାୟଣ ଜେନା)

ରାଜ୍ୟ ସରକାର ଚଳିତ ଆର୍ଥିକବର୍ଷ (୨୦୨୫-୨୬) ଲାଗି ବଜେଟରେ ଯେଉଁ ଅର୍ଥ ବ୍ୟୟବରାଦ କରିଥିଲେ ତାହାକୁ ବିଭାଗଗୁଡ଼ିକ ଖର୍ଚ୍ଚ କରିବାରେ ସମର୍ଥ ହୋଇପାରୁ ନାହାନ୍ତି। ଏପରି କି ସରକାରଙ୍କ ଧାର୍ଯ୍ୟଲକ୍ଷ୍ୟ ପୂରଣଠାରୁ ବହୁ ବିଭାଗ ପଛରେ ପଡ଼ିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ କହିଛନ୍ତି।

ସୋମବାର ବିଧାୟକ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ରାଜ୍ୟର ୬ଟି ପ୍ରମୁଖ ବିଭାଗ ଯଥା ପୂର୍ତ୍ତ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, କୃଷି, ଜଳସମ୍ପଦ ଏବଂ ଜଙ୍ଗଲ ଓ ପରିବେଶ ବିଭାଗକୁ ସେପ୍ଟେମ୍ବର ସୁଦ୍ଧା ଦୁଇଟି ପର୍ଯ୍ୟାୟରେ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରହିଥିଲା। ହେଲେ ଏହି ୬ଟି ବିଭାଗ ପ୍ରଥମ ତ୍ରୈମାସରେ ୨୫ ପ୍ରତିଶତ ଏବଂ ଦ୍ୱିତୀୟ ତ୍ରୈମାସ ତଥା ସେପ୍ଟେମ୍ବର ସୁଦ୍ଧା ୧୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ରହିଥିଲା। ମାତ୍ର ପୂର୍ତ୍ତ ବିଭାଗ ଅଗଷ୍ଟ ପର୍ଯ୍ୟନ୍ତ ବଜେଟରେ ଆକଳନ ହୋଇଥିବା ୧୨ହଜାର ୫୧୦କୋଟି ଟଙ୍କା ମଧ୍ୟରୁ ୪୧୨୫.୮୨କୋଟି ଟଙ୍କା ଖର୍ଚ୍ଚ କରିଛି।

ସେହିପରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବଜେଟ ଆକଳନ ୯୯୮୪.୭୦କୋଟି ଟଙ୍କା ହୋଇଥିବାବେଳେ ବିଭାଗ ଅଗଷ୍ଟ ସୁଦ୍ଧା ୨୧୪୨.୭୫କୋଟି ଟଙ୍କା ଖର୍ଚ୍ଚ କରିଛି। ଅନୁରୂପ ଭାବେ ଜଳସମ୍ପଦ ବିଭାଗ ୧୪ହଜାର ୯୦୧.୨୩କୋଟି ଟଙ୍କା ମଧ୍ୟରୁ ୩୩୧୩.୧୦କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ୨୫୧୨.୧୦କୋଟିରୁ ୫୯୫.୧୯କୋଟି, କୃଷି ବିଭାଗ ୧୪ହଜାର ୯୫୦.୭୧କୋଟି ଟଙ୍କା ମଧ୍ୟରୁ ୫୦୯୫.୩୩କୋଟି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୦ହଜାର ୨୦କୋଟି ଟଙ୍କା ମଧ୍ୟରୁ ୨୧୮୨.୪୩କୋଟି ଟଙ୍କା ଖର୍ଚ୍ଚ କରିଛି। ଅନ୍ୟ ସମସ୍ତ ବିଭାଗ ସେପ୍ଟେମ୍ବର ସୁଦ୍ଧା ୩୦ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ବ୍ୟବସ୍ଥା ରହିଥିଲେ ହେଁ ଏପର୍ଯ୍ୟନ୍ତ ଅଧିକାଂଶ ବିଭାଗ ଲକ୍ଷ୍ୟଧାର୍ଯ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିବା ମୁଖ୍ୟମନ୍ତ୍ରୀଙ୍କ ତଥ୍ୟରୁ ଜଣାଯାଇଛି।

**OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL**

At/PO/Dist - Balangir, PIN - 767002 (Odisha)
E-mail : gmchospitalbalangir1@gmail.com
Letter No. IX-F-67/2025/6156/Estt.(BBMC&H)/25 Date:22.09.2025

**Corrigendum Notice**

No.E-401 : With reference to tender advertisement No.IX-F-67/2025/6082/(BBMC&H) dtd.18.09.2025, issued by this office on dt.18.09.2025, all bidders are hereby informed that they shall download their tender document for the tender for "Supply of Printed Articles" from the new college website : www.bbmchbalngir.odisha.gov.in, instead of https://bbmchbalangir.nic.in.

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0050/2526

**THE ODISHA AGRO INDUSTRIES CORPORATION LIMITED**

(A Government of Odisha Undertaking)
95, SATYA NAGAR, BHUBANESWAR-751 007

**TENDER NOTICE**

Bid Identification No-MD/OAIC-59 (Tech.)/ 2025-26

No.CAD-1843: Online Tender in conformity with technical specification, terms & condition are invited from manufacturers for "Procurement of 53641 nos. of storage bins of 110 Kg capacity for supply to individual farmers under NFSNM 2025-26". For details please visit website https://tendersodisha.gov.in/ https://odishaagro.nic.in/ from dt.23.09.2025 to dt.18.10.2025.

Sd./- Managing Director
OAIC Ltd.

OIPR-01047/11/0057/2526

**OFFICE OF THE KASTURABA GANDHI BALIKA VIDYALAYA, HATIBARI, SUKINDA, JAJPUR**

(Running under Hatibari Govt. High School, Hatibari)
Phone No.8249955648, E-mail:kgbhatibari@gmail.com

**TENDER CALL NOTICE**

No.103/ Date 20.09.2025

No.n-163: Tender Call Notice for supply of different consumables and non-consumable items to Kasturaba Gandhi Balika Vidyalaya (KGBV), Hatibari type-III running under Hatibari Govt. High School, Sukinda block of Jajpur District, having 200 girl students is published in the website. Interested Suppliers are requested to refer Jajpur district website i.e. Jajpur.odisha.gov.in and OSEPA website i.e. osepa.odisha.gov.in. for tender documents i.e. category-wise items, specification, terms and conditions.

Sd./- Headmistress
Hatibari Govt. HS, Hatibari, Sukinda, Jajpur

OIPR-27158/11/0002/2526

**GOVERNMENT OF ODISHA** No.C-1147

**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BALANGIR**

Email ID - eephbgr@yahoo.co.in , Ph. No. - (06652-234647)

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement

Bid Identification No. ACEPH BGR 07/2025-26 Dt. 20.09.2025

| | | |
|---|---|---|
| 01 | Number of the Works | : 01 Nos. |
| 02 | Estimated Cost | : Rs.548.36 Lakhs |
| 03 | Period of Completion | : 02 (Two) Calendar Months |
| 04 | Date & Time of availability of bid document in the portal | : From 11.00 A.M. of dt. 25.09.2025 to 5.00 P.M. of dt. 13.10.2025 |
| 05 | Last date / time of receipt of bids in the portal | : 5 P.M. of dt. 13.10.2025 |
| 06 | Date & Time of opening of Bids | : At 11.30 A.M. of dt. 14.10.2025 |
| 07 | Name and Address of the Officer Inviting Bid | : The Addl. Chief Engineer, Office of the Additional Chief Engineer, Public Health Division, Balangir, At-Tulasinagar, PO/Dist-Balangir, Pin-767001, Odisha, Phone : 06652-234647, E-mail : eephbgr@yahoo.co.in |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Addl. Chief Engineer
P.H. Division, Balangir

OIPR-13005/11/0040/2526

**OFFICE OF THE NOTIFIED AREA COUNCIL, BINKA**

e-mail : binikan.hud@nic.in, Ph : 06654-241113
DTCN No. 2168 Dt. 22.09.2025
No.C-1160 Tender ID - 2025_ORULB_118358

Bid Identification No. BINKA-NAC-03/2025-26

1. Name of the work for which tender invited - "Providing Manpower for Sanitation work at Notified Area Council, Binka for the ward No. - 1 to 12"
2. Estimated cost of work - Rs.8,26,689/- per month
3. Eligible class of bidder - Intending firms/Service Provider/N.G.Os/ Contractors/Man Power Outsourcing agencies those are experienced in similar nature of work for at least three years and other criteria given in the D.T.C.N
4. The Bid documents will be available online from dt.23.09.2025 11.00 A.M. to dt.08.10.2025 up to 5.00 P.M.
5. Last date & Time of receipt of Bid through online : dt.08.10.2025 up to 5.00 P.M.
6. Opening of Bid documents - Dated 09.10.2025 at 11.00 A.M.
7. The DTCN may also be downloaded from the website - www.tendersodisha.gov.in
8. The bidders have to participate in tender process in online mode only.

Sd./- Executive Officer
Notified Area Council, Binka

OIPR-13198/11/0015/2526

No.H-29

Our farmers see the world through the eyes of our famed RMC

**Regulated Market Committee**

Gunupur, Dist. - Rayagada (Odisha)

e-procurement notice

BID IDENTIFICATION NO. 01/RMC/2024-25

No.298/2025 dated. 09.2025

1. The Sub-Collector Gunupur-cum-Chairman, RMC Gunupur invites percentage rate bids in **Double Cover system in online mode** for the works in the table below from the eligible contractors registered with Govt. of Odisha / Govt. of India / C.P.W.D. / central undertaking / Railway / M.E.S. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the appropriate register authority of the State Government of Odisha in appropriate class of eligibility before award of the work as per prevalent registration norm of the State.

| Sr. No. | Item | Details |
|---|---|---|
| 1. | The Sub Collector Gunupur-Cum-Chairman RMC Gunupur invites percentage rate bids in Double/Single cover system in **ONLINE MODE** only for work as detailed below : | |
| 2. | Nature of the work | Construction of building works and Agricultural Marketing |
| 3 | No of work | 15 No of works |
| 4 | Bid Cost | Rs.600.00 to Rs.10,000.00 online transfer |
| 5 | Value of Tender | Rs.1.06 Lakhs & Rs.50.00 Lakhs |
| 6 | Class of Contractor | D, C to A Class |
| 7 | Availability of BID Documents in the website | **Dt.22.09.2025 to 13.10.2025** |
| 8 | Last date/time of Receipt of bids in the portal | **Dt 13.10.2025 up to 5.00 P.M.** |
| 9 | Date of opening of bid | **Dt 14.10.2025 at 11.00 A.M.** |
| 10 | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum/Corrigendum/Cancellation of the Tender etc. can also be seen in the Website : https://tendersorissa.gov.in | |

Sd./- Sub Collector-cum-Chiarman,
Regulated Market Committee, Gunupur

OIPR-07073/11/0002/2526

**GOVT. OF ODISHA**

**OFFICE OF THE EXECUTIVE ENGINEER (AGRIL.), AGRIL.ENGG. DIVISION, CUTTACK**

At/PO: Nayabazar, District: Cuttack-753004, Phone No.(0671)- 2952638, E-mail Id:eeagril.cuttack@gmail.com

e-Procurement Notice: Dated 20.09.2025

Bid Identification No. EE(AGRIL) Cuttack Division-06/2025-26

**No.L-72:** The Executive Engineer (Agril.), Agril Engg. Division, Cuttack, Odisha on behalf of the Governor of Odisha invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for civil works/construction of buildings in the district of Cuttack and Jagatsinghpur as detailed below.

| Sl. No. | Name of the Work | Approximate Estimated cost put to Tender (Excluding G.S.T.) (Rs. in lakhs) | Cost of Bid Documents (in Rs.) | EMD (1%) in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Total 14 Nos. (Forteen) Building works/ Civil Construction works/PH Sanitary & Electrical works/Furnishing works of buildings | Vary from 4.12 Lakhs to 25.39 Lakhs | Refer DTCN 06/2025-26 | 1% of the Amount Put to Tender | "C" & "D" Class/ "B" & "C" Class (Refer DTCN) | Vary from 60 Days to 150 Days |

1. Date & Time of availability of bid document in the portal: 24.09.2025 at 10.00 AM to 13.10.2025, 5.30 PM. 2. Last date/ time for receipt of bids in the portal: 13.10.2025 upto 5.30 P.M. 3. Date of submission of original bid documents in Tender Box: 24.09.2025, 10.00 AM to 14.10.2025 upto 5.30 P.M. 4. Date & Time of opening of original documents & verification: 15.10.2025 at 11.00 AM. 5. Date & Time of opening of Online bids: 15.10.2025 at 2.00 PM onwards.
The Bidders have to participate in ONLINE bidding only in the e-Procurement website: https://tendersodisha.gov.in with matching class DSC. Any addendum/ corrigendum/ cancellation of tender / other details of the DTCN can also be seen in the said website. Authority reserve the right to reject / accept any or all of the tenders, increase/ decrease the quantities of works without assigning any reasons thereof.

OIPR-01447/11/0022/2526 Sd./- Executive Engineer (Agril.) Agril. Engg. Division, Cuttack

## ସ୍ତ୍ରୀଙ୍କୁ ହତ୍ୟା କରି ଫେସବୁକ୍ ଲାଇଭ୍‌ରେ ଜଣାଇଲେ

କେରଳର କୋଲ୍ଲମରେ ଶାଳିନୀ (୩୯)ଙ୍କୁ ତାଙ୍କ ସ୍ୱାମୀ ଇସ୍‌ହାକ୍ ଗଳାକାଟି ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ଇସ୍‌ହାକ୍ ଫେସବୁକ୍ ଲାଇଭ୍ ଆସି ସ୍ତ୍ରୀ ଶାଳିନୀଙ୍କୁ ହତ୍ୟା କରିଥିବା ନେଇ ଘୋଷଣା କରିଥିଲେ। ଏହାପରେ ସେ ପୁନାଲୁର ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ବୈବାହିକ ଜୀବନରେ ସମସ୍ୟା ଥିବାରୁ ସେ ସ୍ତ୍ରୀ ଶାଳିନୀଙ୍କୁ ହତ୍ୟା କରିଥିବା ନେଇ ପୋଲିସକୁ କହିଥିଲେ। ଶାଳିନୀ ଗାଧୋଉଥିବା ସମୟରେ ଇସ୍‌ହାକ୍ ତାଙ୍କୁ ପଛପଟୁ ଛୁରିରେ ଆକ୍ରମଣ କରିଥିଲେ।

# ଉପକୂଳରେ ରହୁଛନ୍ତି ୪୬% ସ୍ୱଳ୍ପ ଆୟକାରୀ



ନୂଆଦିଲ୍ଲୀ, ୨୨।୯

ବିଶ୍ୱର ପ୍ରାୟ ୪୬% ସ୍ୱଳ୍ପ ଆୟକାରୀ ଲୋକ ଉପକୂଳ ଅଞ୍ଚଳରେ ରହୁଛନ୍ତି। ଖାସ୍‌କରି ଆଫ୍ରିକା ଏବଂ ଏସିଆରେ ଅଧିକ ସଂଖ୍ୟାରେ ସ୍ୱଳ୍ପ ଆୟକାରୀ ଉପକୂଳରେ ରହୁଥିବା ନେଇ ଚାଇନାର ସିଙ୍ଗୁଆନ ୟୁନିଭର୍ସିଟି, ଅଷ୍ଟ୍ରେଲିଆର ମୋନାଶ ୟୁନିଭର୍ସିଟିର ଗବେଷକମାନେ କରିଥିବା ଏକ ଅଧ୍ୟୟନରେ ଦର୍ଶାଯାଇଛି। ଅଧ୍ୟୟନ ଅନୁଯାୟୀ, ବିଶ୍ୱବ୍ୟାପୀ ଉପକୂଳବର୍ତ୍ତୀ ଅଞ୍ଚଳର ୫୭% ଜନବସତି ପଛକୁ ହଟିଥିବାବେଳେ ୨୮% ସ୍ଥିର ରହିଛି ଏବଂ ୧୬% ଉପକୂଳର ନିକଟତର ହୋଇଛି। ନେଚର କ୍ଲାଇମେଟ ଚେଞ୍ଜରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ଜଳବାୟୁ ବିପଦ ପ୍ରତି ଅଧିକ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଅଧିକ ମାତ୍ରାରେ ଉପକୂଳରୁ ଦୂରେଇ ଯିବାରେ ଲାଗିଛି। ପୂର୍ବରୁ ହୋଇଥିବା ବିଭିନ୍ନ ଅଧ୍ୟୟନର ରିପୋର୍ଟ ଅନୁଯାୟୀ, ବିଶ୍ୱର ୪୦%ରୁ ଅଧିକ ଜନସଂଖ୍ୟା ସମୁଦ୍ର କୂଳରୁ ୧୦୦ କି.ମି. ମଧ୍ୟରେ ବାସ କରନ୍ତି। ତେଣୁ ଏଠାକାର ଲୋକେ ଘୂର୍ଣ୍ଣିଝଡ଼, ବନ୍ୟା, ସମୁଦ୍ର ପତ୍ତନ ବୃଦ୍ଧି ପ୍ରତି ସମ୍ବେଦନଶୀଳ ଥିବାବେଳେ ଏହି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଆଗାମୀ ଦିନରେ ବଢ଼ିବାର ସମ୍ଭାବନା ସହ ସେଠାରେ ରହୁଥିବା ଲୋକଙ୍କ ଆର୍ଥିକ ବିକାଶକୁ ପ୍ରଭାବିତ କରିବ ବୋଲି ଗବେଷକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏହି ଅଧ୍ୟୟନରେ ଭାରତର ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ ପୁଡୁଚେରୀ ଉପକୂଳରେ ରହୁଥିବା ଲୋକଙ୍କୁ ନେଇ ବିଶ୍ଳେଷଣ କରାଯାଇଥିଲା।

# ଯଶ୍‌ଙ୍କ ନାୟିକା ସାଜିବେ ରୁକ୍ମିଣୀ



ରୁକ୍ମିଣୀ ବସନ୍ତ

ହାଇଦ୍ରାବାଦ

ଆସନ୍ତା ଅକ୍ଟୋବର ୨ ତାରିଖରେ ଅଭିନେତା ରିଷଭ ସେଟ୍ଟିଙ୍କର ବହୁ ପ୍ରତୀକ୍ଷିତ 'କାନ୍ତାରା ଚାପ୍ଟର ୧' ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମରେ ଅଭିନେତ୍ରୀ ରୁକ୍ମିଣୀ ବସନ୍ତ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସୋମବାର 'କାନ୍ତାରା ଚାପ୍ଟର ୧'ର ଟ୍ରେଲରକୁ ଜାରି କରାଯାଇଛି। ତେବେ 'କେଜିଏଫ୍' ଫେମ୍ ସୁପରଷ୍ଟାର ଯଶ୍‌ଙ୍କ ଆଗାମୀ ଫିଲ୍ମ 'ଟକ୍ସିକ୍'ରେ ରୁକ୍ମିଣୀ ନଜରକୁ ଆସିବେ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ଫିଲ୍ମରେ ରୁକ୍ମିଣୀ ଯଶ୍‌ଙ୍କ ନାୟିକା ସାଜିବେ। ୨୦୨୬ ମାର୍ଚ୍ଚ ୧୯ରେ ତାମିଲ ତେଲୁଗୁ, ମାଲାୟାଲମ, କନ୍ନଡ, ହିନ୍ଦୀ ଏବଂ ଇଂଲିଶ ଆଦି ୬ଟି ଭାଷାରେ 'ଟକ୍ସିକ୍' ଫିଲ୍ମ ମୁକ୍ତିଲାଭ କରିବ। ମୁଖ୍ୟତଃ କନ୍ନଡ, ତାମିଲ ଏବଂ ତେଲୁଗୁ ଫିଲ୍ମ ଜଗତରେ ନିଜ ଅଭିନୟର ଦକ୍ଷତା ଦେଖାଇଥିବା ରୁକ୍ମିଣୀ ୨୦୧୯ରେ କନ୍ନଡ ଫିଲ୍ମ 'ବୀରବଲ' ଜରିଆରେ ଫିଲ୍ମ ଜଗତରେ ଡେବ୍ୟୁ କରିଥିଲେ। ୨୦୨୩ରେ କନ୍ନଡ ଭାଷାରେ ରିଲିଜ୍ ହୋଇଥିବା ରୋମାଣ୍ଟିକ କମେଡି ଡ୍ରାମା ଫିଲ୍ମ 'ସାଗରଦାଚେ ଏଲୋ: ସାଇଡ୍ 'ଏ' ପାଇଁ ସେ ଶ୍ରେଷ୍ଠ ଅଭିନେତ୍ରୀ (କନ୍ନଡ) ଭାବେ ଫିଲ୍ମ ଫେୟାର କ୍ରିଟିକ୍ସ ଆୱାର୍ଡ ଜିତିଥିଲେ।

# ଏୟାରପୋର୍ଟରେ ଖାଦ୍ୟ ଯୋଗାଉଛି ରୋବୋ

ହାଇଦ୍ରାବାଦ



ହାଇଦ୍ରାବାଦସ୍ଥିତ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଭାରତର ପ୍ରଥମ ଖାଦ୍ୟ ବିତରଣକାରୀ ରୋବୋକୁ ଅବସ୍ଥାପିତ କରାଯାଇଛି। ଏଆଇ ଚାଳିତ ଏହି ରୋବୋ ଏୟାରପୋର୍ଟର ଅନ୍ତର୍ଜାତୀୟ ଟର୍ମିନାଲ ଗେଟ୍ ନମ୍ବର ୩୩, ୩୪, ୩୫ ସହ ଘରୋଇ ଟର୍ମିନାଲ ଗେଟ୍ ନମ୍ବର ୧୧୦ ଏବଂ ୧୧୧ରେ ଥିବା ଯାତ୍ରୀମାନଙ୍କୁ ଭୋଜନ ଓ ପେୟ ସାମଗ୍ରୀ ପହଞ୍ଚାଉଛି। ବିମାନବନ୍ଦରରେ ଚେକ୍-ଇନ୍ ସରିବା ପରେ ଯାତ୍ରୀମାନେ ଏୟାରପୋର୍ଟର କିଓସ୍କକୁ ଯାଇ ଖାଇବା ମେନ୍ୟୁକୁ ସିଲେକ୍ଟ କରିବା ସହ କ୍ୟୁଆର୍ କୋଡ୍ ସ୍କାନ୍ କରି ଦେୟ ପୈଠ କରିବେ। ଏହାପରେ ଯାତ୍ରୀଙ୍କ ଫୋନ୍‌କୁ ଏକ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ଆସିବ। କିଛି ସମୟ ମଧ୍ୟରେ ଅର୍ଡର ହୋଇଥିବା ଖାଦ୍ୟ ପ୍ରସ୍ତୁତ ହେବା ପରେ ଉକ୍ତ ଫୁଡ୍ ଡେଲିଭରି ରୋବୋ ଏହି ଖାଦ୍ୟକୁ ଉଠାଇ ସୁରକ୍ଷିତ ଭାବେ ନିଜ କମ୍ପାର୍ଟମେଣ୍ଟରେ ରଖିଥାଏ। ପରେ ରୋବୋ ଯାତ୍ରୀଙ୍କ ଗେଟ୍ ନିକଟକୁ ଯାଇଥାଏ। ଯାତ୍ରୀମାନେ ରୋବୋରେ ସଂଲଗ୍ନ ସ୍କ୍ରିନ୍‌ରେ ଓଟିପି ଦେଇ ନିଜ ଖାଦ୍ୟକୁ ଅନ୍‌ଲକ୍ କରିଥାନ୍ତି।

## ବିମାନ ଲ୍ୟାଣ୍ଡିଂ ଗିଅରରେ ଲୁଚି ଦିଲ୍ଲୀରେ ପହଞ୍ଚିଲେ ଆଫଗାନ୍ ବାଳକ

ନୂଆଦିଲ୍ଲୀ,୨୨।୯(ପି.ଟି.)

ଜଣେ ୧୩ ବର୍ଷୀୟ ଆଫଗାନ୍ ବାଳକଙ୍କ ଉତ୍ସୁକତା ତାଙ୍କୁ ଆଫଗାନିସ୍ତାନରୁ ଦିଲ୍ଲୀରେ ପହଞ୍ଚାଇଛି। କାବୁଲରୁ ଉଡ଼ାଣ ଆରମ୍ଭ କରିଥିବା ଏକ ବିମାନର ଲ୍ୟାଣ୍ଡିଂ ଗିଅର କମ୍ପାର୍ଟମେଣ୍ଟରେ ଲୁଚି ରହି ସେ କୌଣସି ପ୍ରକାରେ ଦିଲ୍ଲୀରେ ପହଞ୍ଚି ପାରିଛନ୍ତି। କେଏଏମ୍ ଏୟାରଲାଇନ୍ସର ଆର୍‌କ୍ୟୁ-୪୪୦୧ ବିମାନରେ ୨ ଘଣ୍ଟାର ଯାତ୍ରା ପରେ ସେ ରବିବାର ସକାଳ ୧୧ଟାରେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ଏୟାରପୋର୍ଟ କର୍ମଚାରୀମାନେ ବାଳକଙ୍କୁ ଧରିନେଇ ସିଆଇଏସ୍‌ଏଫ୍ ଯବାନଙ୍କ ଜିମା ଦେଇଥିଲେ। ସେମାନେ ତାଙ୍କୁ ୩ ନମ୍ବର ଟର୍ମିନାଲକୁ ନେଇ ପଚରାଉଚରା କରିବାରୁ ସେ ଲୁଚିଛପି କାବୁଲ ବିମାନବନ୍ଦରରେ ପ୍ରବେଶ କରିଥିବା କହିଥିଲେ। କୌତୂହଳ କାରଣରୁ ସେ ବିମାନର ରିଅର ସେଣ୍ଟ୍ରାଲ ଲ୍ୟାଣ୍ଡିଂ ଗିଅର କମ୍ପାର୍ଟମେଣ୍ଟରେ ପ୍ରବେଶ କରିଥିଲେ। ଜେରା ପରେ ସେହି ବିମାନରେ ତାଙ୍କୁ ଆଫଗାନିସ୍ତାନ ପଠାଇ ଦିଆଯାଇଥିଲା।

# ରୁବିଓଙ୍କୁ ଭେଟିଲେ ଜୟଶଙ୍କର



ଏସ୍. ଜୟଶଙ୍କରଙ୍କ ସହ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ।

ନ୍ୟୁୟର୍କ,୨୨।୯(ପି.ଟି.)

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୋମବାର ନ୍ୟୁୟର୍କରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓଙ୍କୁ ଭେଟିଛନ୍ତି। ସମ୍ପ୍ରତି ଚିନ୍ତାର ବିଷୟ ପାଲଟିଥିବା ଅନେକ ଦ୍ୱିପାକ୍ଷିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ରୁଷିଆରୁ ତୈଳ କ୍ରୟ କାରଣରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କକୁ ମିଶାଇ ମୋଟ ୫୦ ପ୍ରତିଶତ ଟାରିଫ୍ ଲଗାଇଥିବା ବେଳେ ଜୟଶଙ୍କର ପ୍ରଥମ ଥର ରୁବିଓଙ୍କୁ ଭେଟିଛନ୍ତି। ଏଥିସହିତ ଆମେରିକା ଏଚ୍-୧ବି ଭିଜା ଆବେଦନ ଦେୟ ୧ ଲକ୍ଷ ଡଲାର (୮୮ ଲକ୍ଷ ଟଙ୍କା)କୁ ବଢ଼ାଇବା ପରେ ଭାରତର ଶୀର୍ଷ ଆଇଟି ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ପ୍ରଭାବିତ ହୋଇଛି। ପୂର୍ବରୁ ଭିଜା ଦେୟ ୭,୫୦୦ ଡଲାର ଥିବାବେଳେ ଏହା ଲକ୍ଷେ ଡଲାରକୁ ବୃଦ୍ଧି ପାଇଛି। ଏଭଳି ସମୟରେ ଜାତିସଂଘ ସାଧାରଣ ପରିଷଦର ୮୦ତମ ଅଧିବେଶନ ଅବସରରେ ଲୋଟେ ନ୍ୟୁୟର୍କ ପ୍ୟାଲେସରେ ରୁବିଓ ଏବଂ ଜୟଶଙ୍କର ପରସ୍ପରକୁ ଭେଟିଛନ୍ତି। ଏହା ପୂର୍ବରୁ ଗତ ଜୁଲାଇରେ କ୍ୱାଡ୍ ବିଦେଶ ମନ୍ତ୍ରୀ ସମ୍ମିଳନୀ ଅବସରରେ ୱାଶିଂଟନ ଡିସିରେ ଉଭୟ ପରସ୍ପରକୁ ସାକ୍ଷାତ୍ କରିଥିଲେ। ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ନେତୃତ୍ୱରେ ସୋମବାର ଯାଇଥିବା ପ୍ରତିନିଧି ଦଳ ଆମେରିକା ପ୍ରତିପକ୍ଷଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

## ମୂଷା ପାଇଁ ଇଣ୍ଡିଗୋ ବିମାନ ୩ ଘଣ୍ଟା ବିଳମ୍ବ

ଲକ୍ଷ୍ନୌ,୨୨।୯

କାନପୁରରୁ ଦିଲ୍ଲୀ ଯିବାକୁ ଥିବା ଇଣ୍ଡିଗୋ ବିମାନରେ ଏକ ମୂଷା ରହିଯାଇଥିବାରୁ ବିମାନ ଉଡ଼ାଣରେ ୩ ଘଣ୍ଟା ବିଳମ୍ବ ହୋଇଛି। ରବିବାର ଅପରାହ୍ନ ୨ଟା ୫୫ ମିନିଟରେ ବିମାନଟି କାନପୁରର ଚକେରି ବିମାନବନ୍ଦର ଛାଡ଼ିବାର ଥିଲା। କ୍ୟାବିନ ଭିତରେ ଏକ ମୂଷା ବୁଲୁଥିବା ଯାତ୍ରୀ ଓ କ୍ରିଉ ସଦସ୍ୟ ଦେଖିବାକୁ ପାଇଥିଲେ। ଫଳରେ ମହିଳାଙ୍କ ସମେତ ଅନେକ ଯାତ୍ରୀ ଭୟଭୀତ ହୋଇ ଚିତ୍କାର କରିଥିଲେ। କ୍ରିଉ ସଦସ୍ୟମାନେ ସମସ୍ତ ୧୪୦ ଯାତ୍ରୀଙ୍କୁ ଓହ୍ଲାଇଦେଇଥିଲେ। ମୂଷାକୁ ବାହାର କରା ନ ଯିବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ସୁଦାନରେ ଡ୍ରୋନ୍ ଆକ୍ରମଣ: ୧୧ ପିଲାଙ୍କ ମୃତ୍ୟୁ

କାଇରୋ,୨୨।୯

ସୁଦାନରର ନର୍ଥ ଡାରଫୁର ରାଜଧାନୀ ଏଲ୍-ଫାସେରରେ ଡ୍ରୋନ୍ ଆକ୍ରମଣରେ ୧୧ ଜଣ ପିଲାଙ୍କ ମୃତ୍ୟୁ ଘଟିଛି। ମୃତ ପିଲାମାନଙ୍କ ବୟସ ୬ରୁ ୧୫ ବର୍ଷ ମଧ୍ୟରେ ବୋଲି ସୋମବାର ୟୁନିସେଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କହିଛନ୍ତି। ଅର୍ଦ୍ଧସାମରିକ ବାହିନୀ ରାପିଡ୍ ସପୋର୍ଟ ଫୋର୍ସ ଏହି ଡ୍ରୋନ୍ ଆକ୍ରମଣ କରିଥିବା ସ୍ଥାନୀୟ ସହାୟତା ପ୍ରଦାନକାରୀ ସଂଗଠନ ଓ ଆକ୍ଟିଭିଷ୍ଟମାନେ ଅଭିଯୋଗ କରିଛନ୍ତି।


ବୈଂକ ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍** [ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **କଟକ ଶାଖା /** **ଋଣଗ୍ରହୀତା: କ୍ରୀଷ୍ଣା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ କୌଶିକ କୁମାର ବେହେରା,** ପିତା: ଗଙ୍ଗାଧର ବେହେରା, ସା: ଜଗତ୍‌ପୁର, କଟକ, ଓଡିଶା-୭୫୪୦୨୧ | ଶ୍ରୀ କୌଶିକ କୁମାର ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଟାଙ୍ଗି, ତହସିଲ: ଟାଙ୍ଗି-ଚୌଦ୍ୱାର, କଟକ, ରେଜିଷ୍ଟ୍ରେସନ୍ | ତା.୦୯.୦୭.୨୦୨୫ରିଖ ସୁଦ୍ଧା ଟ.୩୭,୫୩,୫୧୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୯.୦୭.୨୦୨୫ / ୧୮.୦୯.୨୦୨୫ (ସାଙ୍କେତିକ) |
| ଡିଷ୍ଟ୍ରିକ୍ଟ: କଟକ, ସିଟିଏସ୍/ସର୍ଭେ/ଖାତା ନଂ.: ୭୭୨/୪୩୭୨, ପ୍ଲଟ୍ ନଂ.: ୬୨୭/୮୫୪୭, ପରିମିତ କ୍ଷେତ୍ର: ୨୧୨୫.୭୩ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୬୨୦ ଏବଂ ୬୧୯, ପଶ୍ଚିମ: ଏହି ପ୍ଲଟ୍‌ର ବଳକା ଅଂଶ, ଉତ୍ତର: ରାସ୍ତା ଏବଂ ପ୍ଲଟ୍‌ର ବଳକା ଅଂଶ, ଦକ୍ଷିଣ: ପ୍ଲଟ୍ ନଂ.: ୬୧୮ ସହିତ ଜମିର ସମସ୍ତ ଅଂଶରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୨୧୨୫.୭୩ ବର୍ଗଫୁଟ (ବିଲ୍ଟ ଅପ୍ ଏରିଆ) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର | | | |
| **ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀ ଉମେଶ ଚନ୍ଦ୍ର ମାଧୀ,** ପିତା: ଶ୍ରୀ ସତ୍ୟବାଜୀ ମାଧୀ, **ଠିକଣା-୧:** ମୌଜା: ଆମ୍ବଗଡ଼, ଦ୍ୱାରିକା ନଗର, କେନାଲ ନିକଟ, ମେନ୍ ରୋଡ଼ ଠାରୁ ୯୦୦ ମିଟର, ରାଜାରାଣୀ ଡ୍ରିମ୍ ହୋମ୍ ଆପାର୍ଟମେଣ୍ଟ ଠାରୁ ୯୦୦ ମିଟର, ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୧, **ଠିକଣା-୨:** ମାର୍ଫତ୍: | ଶ୍ରୀମତୀ ନମିତା କୁମାରୀ ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆମ୍ବଗଡ଼, ଗ୍ରାମ: ଦ୍ୱାରିକା ନଗର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଗଞ୍ଜାମ, ସବ୍-ଡିଷ୍ଟ୍ରିକ୍ଟ: ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ./ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିଜୟଲକ୍ଷ୍ମୀ ବେହେରାଙ୍କ ସମ୍ପତ୍ତି, ପଶ୍ଚିମ: ସୁବାଷ ସେଠୀ / ବିକ୍ରେତାମାନଙ୍କ ସମ୍ପତ୍ତି, ଉତ୍ତର: ରାସ୍ତା, ଦକ୍ଷିଣ: ସୁବାଷ ସେଠୀ / ବିକ୍ରେତାମାନଙ୍କ ସମ୍ପତ୍ତି | ତା.୦୪.୦୫.୨୦୨୪ରିଖ ସୁଦ୍ଧା ଟ.୨୧,୯୦,୨୮୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୪.୦୫.୨୦୨୪ / ୧୯.୦୯.୨୦୨୫ (ଭୌତିକ) |
| ଶ୍ରୀ ସତ୍ୟବାଜୀ ମାଧୀ, ଜୟମଙ୍ଗଳା ନଗର, ଗେଟ୍ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୦୧ / **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ନମିତା କୁମାରୀ ବେହେରା,** ସ୍ୱାମୀ: ଶ୍ରୀ ଉମେଶ ଚନ୍ଦ୍ର ମାଧୀ, **ଠିକଣା:** ମୌଜା: ଆମ୍ବଗଡ଼, ଦ୍ୱାରିକା ନଗର, କେନାଲ ନିକଟ, ମେନ୍ ରୋଡ଼ ଠାରୁ ୯୦୦ ମିଟର, ରାଜାରାଣୀ ଡ୍ରିମ୍ ହୋମ୍ ଆପାର୍ଟମେଣ୍ଟ ଠାରୁ ୯୦୦ ମିଟର, ପ୍ଲଟ୍ ନଂ.: ୬୭୬/୨୪୯୫, ଖାତା ନଂ.: ୨୨୦/୧୫୧୫, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୧ | | | |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୩.୦୯.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**



**Government of Odisha**
**Office of the Chief Construction Engineer, Rural Works Circle, Sambalpur**
E-mail Id : serwcirclesbp@yahoo.com

**Bid Identification No. Building tender Online RWCSBP-16/2025-26 No. : 3435 Dated : 16.09.2025**

**No.O-807** : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 06 (Six) nos of Building Works for the year 2025-26.

1 Name of work : Building works for the year 2025-26
2 No. of work : 06 (Six) nos of Building works Details as per DTCN.
3 Estimated cost : Approximately varies from Rs.104.66 lakhs to Rs.284.52 lakhs
4 Class of Contractor : 'B' & 'A' Class
5 Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6 Mode of submission of tender : Tender should be submitted only Online in website **www.tendersorissa.gov.in**. (https//tendersodisha.gov.in)
7 EMD and mode of deposit : **1% of estimated cost** of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last date & time for seeking clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-16/2025-26 | **24.09.2025 at 11.00 A.M.** | **08.10.2025 Up to 05.00 P.M.** | **06.10.2025 Up to 5.00 P.M.** | **09.10.2025 at 11.00 A.M.** | To be intimated later |

- Further details can be seen from the e-procurement portal **www.tendersorissa.gov.in.** (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

OIPR-25091/11/0082/2526 — Sd./- Chief Construction Engineer, Rural Works Circle, Sambalpur



**ଦ.ପୂ. ରେଳପଥ – ଇ-ଟେଣ୍ଡର**

''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୫, ତାରିଖ: ୧୯।୦୯।୨୦୨୫**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ୪୬୨୫୩୧୬୦ | ୧୬।୧୦।୨୦୨୫ | ଡିସ୍‌କନେକ୍ଟିଂ ଓ ଆର୍ଥିଂ ଡିଭାଇସ୍, ୮ ପୋଲ୍, ୨ ୱେ, ବିନା ଅଫ୍, ଅନ୍ ଲୋଡ୍ ୧୨୫ ଏ ଆଟ୍ ୧୦୦୦ ଭି ଏସି, ୨ ଏନ୍‌ଓ+୨ଏନ୍‌ସି ଏବଂ ପ୍ୟାଡ୍ ଲକିଂ ବ୍ୟବସ୍ଥା ସହ ଅଫ୍ ପୋଜିସନରେ, ଆଇଇସି ୬୦୯୪୭ ଅନୁରୂପ ଏସି୨୩ ଡ୍ୟୁଟି ପାଇଁ ଉପଯୁକ୍ତ ଷ୍ଟେନଲେସ୍ ଷ୍ଟିଲ୍ ଏନକ୍ଲୋଜରରେ ମାଉଣ୍ଟେଡ୍ ଇତ୍ୟାଦି | ୩୩୧ ଗୋଟି | ୩,୬୮,୮୩୦.୦୦ |
| ୨. | ୨୯୨୫୧୦୦୨ | ୨୩।୧୦।୨୦୨୫ | ଟାବ୍‌ଲେଟ୍ ପିସି ଟାଇପ୍ ଫଗ୍ ପାଇଲଟ୍ ଆସିଷ୍ଟାନ୍ସ ସିଷ୍ଟମ୍ ଡିଭାଇସ୍ | ୧୦୯୧ ଗୋଟି | ୧୧,୬୮,୯୪୦.୦୦ |
| ୩. | ୨୯୨୫୩୬୯୮ | ୨୪।୧୦।୨୦୨୫ | ଡବ୍ଲ୍ୟୁଏପି-୭ ପାଇଁ ଡାମ୍ପର୍ | ୩୯ ସେଟ୍ | ୨,୮୯,୯୩୦.୦୦ |
| ୪. | ୨୯୨୫୩୧୯୧ | ୦୫।୧୧।୨୦୨୫ | କ୍ୟାବ୍ ଆକ୍ଟିଭେଟିଂ କୀ ସୁଇଚ୍ ଆଦି | ୩୪୩ ଗୋଟି | ୧,୧୩,୩୩୦.୦୦ |
| ୫. | ୨୯୨୫୪୬୫୬ | ୦୬।୧୧।୨୦୨୫ | ମେସର୍ସ କେବିଆଇପିଏଲ୍ ଗଠନ ମ୍ୟାଗ୍ନେଟ୍ ଭାଲ୍‌ଭ ପାଇଁ ଓଭରହଲିଂ କିଟ୍ | ୫୩୦ ସେଟ୍ | ୧,୩୭,୫୯୦.୦୦ |
| ୬. | ୨୯୨୫୩୨୮୨ | ୧୩।୧୧।୨୦୨୫ | ବ୍ରେକ୍ ପାଇଁ ପିନ୍ ଓ ବୁଶ୍‌ଗୁଡ଼ିକର ସେଟ୍ | ୧୧୭ ସେଟ୍ | ୧,୬୫,୪୦୦.୦୦ |
| ୭. | ୨୫୨୫୩୫୬୧ | ୧୮।୧୧।୨୦୨୫ | ଟାପ୍ ଚେଞ୍ଜରର ପିଓଏଚ୍ ରକ୍ଷଣାବେକ୍ଷଣ ଅନୁସୂଚୀ | ୨୫ ସେଟ୍ | ୧,୨୦,୩୨୦.୦୦ |
| ୮. | ୨୫୨୫୩୫୬୮ | ୧୯।୧୧।୨୦୨୫ | ଇଏଲ୍‌ଜିଆଇ ଟିଆର୍‌ସି ୧୦୦୦ଏମ୍‌ଏନ୍ କମ୍ପ୍ରେସରର ଆଇଓଏଚ୍ କିଟ୍ | ୪୬ ସେଟ୍ | ୧,୦୨,୯୩୦.୦୦ |
| ୯. | ୨୯୨୫୩୮୧୪ | ୨୦।୧୧।୨୦୨୫ | ଇଏଲ୍‌ଜିଆଇ ଗଠନର ମାଉଣ୍ଟ ସେଟ୍ | ୧୫୮ ସେଟ୍ | ୧,୪୯,୮୫୦.୦୦ |
| ୧୦. | ୨୯୨୫୩୩୧୭ | ୨୫।୧୧।୨୦୨୫ | ଇମର୍ଜେନ୍ସି ଏକ୍‌ଜଷ୍ଟ ଭାଲ୍‌ଭ ପାଇଁ କିଟ୍‌ର ସେଟ୍ | ୩୧୯ ସେଟ୍ | ୧,୩୯,୩୨୦.୦୦ |
| ୧୧. | ୨୫୨୫୧୨୮୫ | ୨୬।୧୧।୨୦୨୫ | ବ୍ରଶ୍ ହୋଲ୍ଡର ଆସେମ୍ବ୍ଲିର ସେଟ୍ | ୨୧୮ ସେଟ୍ | ୧,୧୪,୨୧୦.୦୦ |
| ୧୨. | ୨୯୨୫୩୦୦୮ | ୦୨।୧୨।୨୦୨୫ | ଟ୍ରାକ୍ସନ୍ ବାର୍ ପାଇଁ ହାଉସିଂ | ୨୦୨ ଗୋଟି | ୧,୨୦,୧୩୦.୦୦ |
| ୧୩. | ୨୯୨୫୩୩୧୬ | ୦୮।୧୨।୨୦୨୫ | କିଟ୍ ଡାଇରେକ୍ଟ ବ୍ରେକ୍ ଏକ୍‌ଜଷ୍ଟ ଭାଲ୍‌ଭର ସେଟ୍ | ୧୨୮ ସେଟ୍ | ୧,୩୧,୫୭୦.୦୦ |
| ୧୪. | ୭୭୨୫୩୦୪୭ | ୦୭।୧୧।୨୦୨୫ | ପେଣ୍ଟ ଯୋଗାଣ, ବ୍ଲାକ୍ ଗ୍ରେ ଆର୍‌ଏଏଲ୍-୭୦୨୧, ପିୟୁ ଭିତ୍ତିକ | ୩୬୪୪୦ ଲିଟର | ୧,୦୭,୦୭୦.୦୦ |
| ୧୫. | ୩୧୨୫୫୦୦୬ | ୧୬।୧୦।୨୦୨୫ | ଇଏମ୍‌ୟୁଡି ଟାଇପ୍ କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ଯୋଗାଣ, ସ୍ଥାପନା ଓ କମିଶନିଂ | ୮୦୩ ସେଟ୍ | ୨୦,୦୦,୦୦୦.୦୦ |
| ୧୬. | ୩୩୨୫୩୨୨୦ | ୨୯।୧୦।୨୦୨୫ | ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକ ପାଇଁ ଡୋର୍ ଆରେଞ୍ଜମେଣ୍ଟସ ଆର୍.ଏଚ୍. ଓ ଏଲ୍.ଏଚ୍. | ୧୪୪ ସେଟ୍ | ୧,୭୨,୯୭୦.୦୦ |
| ୧୭. | ୪୫୨୫୩୧୯୩ | ୦୯।୧୨।୨୦୨୫ | ୧୧୦ଭି ଡିସି ଟିଏଲ୍ ସିଷ୍ଟମ୍ ପାଇଁ ଉପଯୁକ୍ତ ବ୍ରଶଲେସ୍ ଅଲ୍ଟର୍ନେଟର ୪.୫ କେଡବ୍ଲ୍ୟୁ କ୍ଷମତାର ଭି-ବେଲ୍ଟ ଚାଳିତ ଆଦି | ୪୪ ଗୋଟି | ୧,୩୦,୮୯୦.୦୦ |
| ୧୮. | ୪୩୨୫୩୦୧୮ | ୦୪।୧୨।୨୦୨୫ | ହଟ୍ ବଫେଟ୍ ଏଲ୍‌ଏଚ୍‌ବି ଟାଇପ୍ କୋଚ୍ ପାଇଁ ଇଲେକ୍ଟ୍ରିକ୍ ୱାଟର୍ ବଏଲର୍ ୩୦ ଲିଟର | ୧୧୪ ଗୋଟି | ୧,୬୪,୧୧୦.୦୦ |
| ୧୯. | ୪୩୨୫୩୦୧୬ | ୧୨।୧୧।୨୦୨୫ | ଭୋଲ୍ଟେଜ୍ ଫେଜ୍ କଣ୍ଟ୍ରୋଲ (ଏମ୍‌ଏମ୍‌ଆର୍ ମେଜରିଂ ଓ ମନିଟରିଂ ରିଲେ) ଏନ୍‌ଇଟି ୧ ଓ ୨ | ୧୪୮୯ ଗୋଟି | ୧,୬୫,୫୧୦.୦୦ |
| ୨୦. | ୪୬୨୫୩୦୯୭ | ୧୭।୧୧।୨୦୨୫ | କମ୍ପ୍ରେସର ୟୁନିଟ୍ ୧.୧.୧.୨.୨.୧ ଏବଂ ୨.୨ ହିଟର୍ ୧୮୨ ପାଇଁ ମୋଟର ପ୍ରୋଟେକ୍ସନ୍ ସର୍କିଟ୍ ବ୍ରେକର୍ (ଏମ୍‌ପିସିବି), ସାମ୍ପ୍ରତିକ ରେଟିଂ ୭-୧୦ ଆମ୍ପ, ଥର୍ମାଲ୍ ରିଲିଜ୍ ରେଞ୍ଜ ୧୦-୧୬ ଆମ୍ପ, ଶ୍ରେଣୀ ୧୦, ବ୍ରେକିଂ କ୍ଷମତା ୧୦ କେଏ, ୩ ପୋଲ୍ ଆଦି | ୩୦୩୧ ଗୋଟି | ୧,୧୭,୧୭୦.୦୦ |
| ୨୧. | ୭୫୨୫୧୭୮୮ | ୧୧।୧୧।୨୦୨୫ | ଭିନାଇଲ୍ କୋଟେଡ୍ ଅପହୋଲ୍‌ଷ୍ଟେରୀ ଫାବ୍ରିକ୍ । ଆକାର: ୧୨୭ ସେମି x ୩୦ ମିଟର । | ୬୩୩୧୭ ମିଟର | ୧,୬୯,୭୪୦.୦୦ |
| ୨୨. | ୩୮୨୫୩୮୮୧ | ୧୪।୧୦।୨୦୨୫ | ୭/୮'' (୨୨.୨୨ ମିମି) ଡାୟା. ଜିଙ୍କ୍ ପ୍ଲେଟେଡ/ଗାଲଭାନାଇଜ୍‌ଡ ଲକ୍ ବୋଲ୍ଟ ସହିତ କଲାର୍ ଗ୍ରୀପ୍ ନଂ.୧୬ ସହ ଗ୍ରୀପ୍ ରେଞ୍ଜ ୨୫.୪୦-୩୧.୭୫ ମିମି । | ୭୮୦୭୮ ଗୋଟି | ୧,୬୭,୬୮୦.୦୦ |
| ୨୩. | ୩୮୨୫୩୩୩୫ | ୦୫।୧୧।୨୦୨୫ | ଅପ୍-ଗ୍ରେଡେଡ୍ ଏଚ୍‌ଟିସିବିସି ନିମନ୍ତେ ୱେର୍ ପ୍ଲେଟ୍ ସହ ଷ୍ଟ୍ରାଇକର୍ କାଷ୍ଟିଂ । ଡ୍ରଇଂ ନଂ.: ଆଇଆର୍‌ଏସ୍ ଏସ୍ ଡ୍ରଇଂ ନଂ. ଡବ୍ଲ୍ୟୁଏ/ବିଡି-୪୪୬୦, ଅଲ୍ଟ. ୯ । | ୮୮୦ ଗୋଟି | ୩,୦୫,୨୯୦.୦୦ |
| ୨୪. | ୩୮୨୫୧୫୩୬ଏ | ୦୭।୧୧।୨୦୨୫ | ଏମ୍‌କେ-୫୦ ହାଇ କାପାସିଟି ଡ୍ରାଫ୍ଟ ଗିୟର୍ ପାଇଁ ୬ଟି ସାମଗ୍ରୀ ସମ୍ବଳିତ ପିଓଏଚ୍ କିଟ୍-୨ । ଡ୍ରଇଂ ନଂ.: କିଟ୍ ବିବରଣୀ ପରିଶିଷ୍ଟ ଅନୁଯାୟୀ | ୧୩୦ ସେଟ୍ | ୨,୪୨,୧୭୦.୦୦ |
| ୨୫. | ୨୫୨୫୩୫୬୬ | ୦୭।୧୦।୨୦୨୫ | ସ୍ମୁଦିଂ ରିଆକ୍ଟର ଟାଇପ୍ ଏସ୍‌ଏଲ୍-୩୦ ଆଦି | ୨୮ ଗୋଟି | ୭,୦୦,୪୫୦.୦୦ |
| ୨୬. | ୨୯୨୫୩୨୫୧ | ୦୯।୧୦।୨୦୨୫ | ପ୍ରାଇମେରୀ ଭୋଲ୍ଟେଜ୍ ଟ୍ରାନ୍ସଫର୍ମର୍ | ୨୨ ଗୋଟି | ୨,୦୫,୦୮୦.୦୦ |
| ୨୭. | ୨୫୨୫୩୬୬୫ | ୨୦।୧୦।୨୦୨୫ | ବେରିଂ ବ୍ରାକେଟ୍ ଆସେମ୍ବ୍ଲି ସେଟ୍ ଆଦି | ୨୬୦ ସେଟ୍ | ୭,୦୭,୫୪୦.୦୦ |
| ୨୮. | ୨୯୨୫୩୭୮୭ | ୨୧।୧୦।୨୦୨୫ | ଏଲ୍‌ଆର୍‌ୟୁ ପାଇଁ ଓଭରହଲିଂ କିଟ୍, କଣ୍ଟ୍ରୋଲ ପୋର୍ସନ୍; ୨୦-ପାଇପ୍ | ୯୭ ସେଟ୍ | ୨,୪୧,୫୧୦.୦୦ |
| ୨୯. | ୨୫୨୫୧୩୦୨ | ୨୨।୧୦।୨୦୨୫ | କମ୍ୟୁଟେଟର୍ ଆସେମ୍ବ୍ଲି ଆଦି | ୩୬ ଗୋଟି | ୨,୮୨,୯୨୦.୦୦ |
| ୩୦. | ୨୯୨୫୫୦୫୯ | ୦୫।୧୧।୨୦୨୫ | ୩ଡି ଆଡଜଷ୍ଟେବଲ୍ ୩୬୦ ଡିଗ୍ରୀ ରୋଟେଶନାଲ ଡ୍ରାଇଭର ସିଟ୍ | ୨୫୦ ଗୋଟି | ୩,୨୧,୫୫୦.୦୦ |
| ୩୧. | ୨୯୨୫୩୨୩୦ | ୩୦।୧୨।୨୦୨୫ | ବୁଲ୍ ଗିୟର୍ (୭୨ ଟିଥ୍) ଆଦି | ୪୭ ଗୋଟି | ୧,୩୩,୦୫୦.୦୦ |
| ୩୨ | ୨୯୨୫୩୨୯୭ | ୩୧।୧୨।୨୦୨୫ | ଏମ୍‌ଭିବି ଭିତ୍ତିକ ଗ୍ରାଫିକାଲ୍ ଡ୍ରାଇଭର ଆଦି | ୪୪ ଗୋଟି | ୧,୭୯,୧୨୦.୦୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.: ଅନ୍ୟ** ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-647)



GOVERNMENT OF ODISHA No.B-527
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail ID : supenger_rbjyp@yahoo.co.in
**INVITATIONS FOR BIDS (IFB)**
**BID IDENTIFICATION NO. C.C.E.J.C (R&B) - 09/2025-26**
**No. 3719** **Date : 13.09.2025**

1. Nature of the work : **ROAD WORKS**
2. Total No. of Works : 04 (Four) Nos.
3. Tender cost : **Rs.1.79 to 8.32 Crs.**
4. Period of completion : 06 (Six) to 11 (Eleven) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : **Rs.1.79 Lacs to 8.32 Lacs** as per column no.06 of IFB
7. Class of Contractor : **"B" & "A" & "Special"** Class as per Cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 12.00 hours of 24.09.2025 to 17.00 hours of 08.10.2025
9. Last date / Time for receipt of bids in the Portal : 17.00 hours of 08.10.2025
10. Opening date of Bid : 11.00 hours of 09.10.2025
11. Name and address of the Officer Inviting Bid : **Chief Construction Engineer, Jeypore (R&B) Circle, Jeypore**

**Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**

**Sd./- Chief Construction Engineer, Jeypore (R&B) Circle, Jeypore**
**OIPR-34108/11/0035/2526**



**GOVERNMENT OF ODISHA** No.b-17
**OFFICE OF THE EXECUTIVE ENGINEER, NATIONAL HIGHWAY DIVISION, BERHAMPUR**
E-mail Id - eenhbam@gmail.com
**INVITATIONS FOR BIDS (IFB) {e-Procurement}**
**Bid Identification No. EE-NH-BAM/05/2025-26**
**No. 3202** **Dated - 19.09.2025**

1) The **Superintending Engineer, N.H. Division, Berhampur** on behalf of Governor of Odisha invites percentage rate bid in Single cover system in **ONLINE MODE** from eligible contractors for construction of Road work as detailed in the table below.
2) Nature of Work : Road (Drain)
3) No. of Work : 3 Nos.
4) Tender Cost : Rs.6000/- for each
5) Class of Contractor : C&D, B&C Class, B&C Class
6) Availability of Bid document in portal : 11.00 A.M. of 24.09.2025 to 05.30 P.M. of 17.10.2025
7) Date of Opening of Bid : 18.10.2025 at 11 A.M.
8) The bidders have to paticipate in ONLINE bidding only. Further details can be seen from the website https://tenderssorissa.gov.in
9) Any Corrigendum/Addendum/Cancellation of will be displayed in the e-tender website only.

**Sd./- Superintending Engineer, NH Division, Berhampur**
**OIPR-24415/11/0004/2526**



**[GOVERNMENT OF ODISHA]** No.B-533
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
E-mail - eepwdbgh@gmail.com Phone/Fax - 06646-234819
**INVITATIONS FOR BIDS (I.F.B)**
**e-Procurement Notice**
**IDENTIFICATION NO.IFB-SE PWD BGH No.14 OF 2025-26**
**No. 4799, Dated - 13.09.2025**

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the **Building, Road & Electrical works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Building, Road & Electrical work : **11 Nos.**
3) Cost of Tender Paper : **Rs.4,000/-, Rs.6,000/- & Rs.10,000/-**
4) Class of contractor : **"C", "B" Class "MV" & "HT" Electrical Contractor**
5) Date & Time of available in web site & receipt of Bids : **11:00 Hrs. of 26.09.2025 to 17:00 Hrs. of 08.10.2025**
6) Date of opening of Technical Bid : **09.10.2025 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / addendum will be displayed in the website https://tendersodisha.gov.in only.

**Sd./- Superintending Engineer, Bargarh (R&B) Division**
**OIPR-34039/11/0029/2526**



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର**
**Office of the Superintending Engineer, Bhubaneswar (R&B) Division No.IV, Nirman Soudha, Unit-V, Bhubaneswar**
E-mail ID : eernb4bbsr@gmail.com, Tel - (0674) - 2390245
**INVITATIONS FOR BIDS THROUGH e-Procurement**
**No.8871 Date - 17.09.2025**
**Bid Identification No. - C.C. (R&B) - 04**
**No.B-544** **e-Procurement Notice No. 19 of 2025-26**

| | | |
|---|---|---|
| 1 | Name of the Work | 1 No. (Supplying providing & fixing of lab Furniture etc.) |
| 2 | Total No. of Works | 1 No. |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.24.09.2025 to Dt.08.10.2025 up to 5.30 P.M. |
| 8 | Last Date & Time for Receipt of bids in the Portal | Dt.08.10.2025 up to 5.30 P.M. |
| 9 | Opening of Bid through online | Dt.09.10.2025 at 11.30 A.M. |
| 10 | Name & Adderss of the Officer inviting Bid | Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**

**Sd./- Additional Chief Engineer BBSR (R&B) Division No.IV, BBSR**
**OIPR-34090/11/0024/2526**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ଭୁବନେଶ୍ୱର ଶାଖାର ଅଷ୍ଟମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶୁଭେଚ୍ଛୁ ଓ ଗ୍ରାହକ ଯୋଗଦେଇଥିଲେ। ସାରା ରାଜ୍ୟରେ ଅଳଙ୍କାର କ୍ଷେତ୍ରରେ ଉନ୍ନତମାନର ସେବା ଯୋଗାଇ ପ୍ରଶଂସା ସାଉଁଟୁଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୮ ବର୍ଷ ଧରି ଭୁବନେଶ୍ୱରବାସୀଙ୍କ ଚାହିଦା ମୁତାବକ ସୁନ୍ଦର ଡିଜାଇନର ଗହଣା, ଶ୍ରେଷ୍ଠ ଆତିଥେୟତା ଓ ସେବା ଯୋଗାଇଦେଇ ରାଜଧାନୀ ବାସୀଙ୍କ ପ୍ରଥମ ପସନ୍ଦଯୋଗ୍ୟ ଓ ଭରସାଯୋଗ୍ୟ ଜୁଏଲେରି ବ୍ରାଣ୍ଡର ମାନ୍ୟତା ପାଇପାରିଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଗ୍ରାହକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଆନିଭରସାରି ସ୍ପେସିଆଲ ଅଫର୍ ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଅଗ୍ରିମ ବୁକିଙ୍ଗରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ ପେ' ଜିରୋ ଫର୍ ଇଜି ଜୁଏଲେରି ପରଚେଜ୍ ପ୍ଲାନ୍ ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଉଛି।

# ରେନୋ କ୍ୱିଡ୍‌ର ନୂଆ ସଂସ୍କରଣ ଲଞ୍ଚ




**ଭୁବନେଶ୍ୱର,୨୨।୯**

ଫ୍ରାନ୍ସର ରେନୋ ଗ୍ରୁପର ସମ୍ପୂର୍ଣ୍ଣ ମାଲିକାନାଧୀନ ସଂସ୍ଥା ରେନୋ ଇଣ୍ଡିଆ ଭାରତରେ କ୍ୱିଡ୍‌ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୦ମ ବାର୍ଷିକୀ ସଂସ୍କରଣ ଲଞ୍ଚ କରିଛି। ଏହି ଆଇକନିକ କାର ଏସୟୁଭି-ପ୍ରେରିତ ଡିଜାଇନ ଓ ଅତୁଳନୀୟ ମୂଲ୍ୟ ସହ ଏଣ୍ଟ୍ରି-ଲେଭେଲ ସେଗମେଣ୍ଟକୁ ପୁନଃ ନିର୍ଦ୍ଧାରଣ କରିଛି। ମାତ୍ର ୫୦୦ ୟୁନିଟର ଏହି ସୀମିତ ସଂସ୍କରଣ ଟେକ୍ନୋ ଭାରିଆଣ୍ଟରେ ଉପଲବ୍ଧ, ଯାହାର ମୂଲ୍ୟ ମାନୁଆଲ ପାଇଁ ୫.୧୪ ଲକ୍ଷ ଓ ଏଏମଟି ପାଇଁ ୫.୬୩ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ) ରହିଛି। ରେନୋ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ଭେଙ୍କଟରାମ ମାମିଲ୍ଲାପଲ୍ଲେ କହିଛନ୍ତି, କ୍ୱିଡ୍ ରେନୋର ଭାରତୀୟ ଯାତ୍ରାକୁ ଆକୃତି ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି, ଏହାର ଅଭିନବତା, ସୁଲଭତା ଏବଂ ୯୫%ରୁ ଅଧିକ ଲୋକାଲାଇଜେସନ ସହ ଏଣ୍ଟ୍ରି ସେଗମେଣ୍ଟକୁ ପୁନର୍ନିର୍ଦ୍ଧାରଣ କରିଛି। ୧୦ମ ବାର୍ଷିକୀ ସଂସ୍କରଣ ଦୁଇଟି ଆକର୍ଷଣୀୟ ଡୁଆଲ-ଟୋନ ରଙ୍ଗରେ ଉପଲବ୍ଧ। କେବିନ ଭିତରେ ୧୦ମ ବାର୍ଷିକୀ ଥିମ ସହିତ ସିଟ ଡିଜାଇନ ଏବଂ ପ୍ରିମିୟମ ଡିଟେଲିଂ ସହ ଉନ୍ନତ କରାଯାଇଛି। ସିଟ, ଲେଦରେଟ ଷ୍ଟିୟରିଂ ହ୍ୱିଲରେ ମେଟାଲ ମଷ୍ଟାର୍ଡ ଷ୍ଟିଚ, ଇନଫୋଟେନମେଣ୍ଟ ସରାଉଣ୍ଡ ଏବଂ ଦ୍ୱାର ଟ୍ରିମରେ ହଳଦିଆ ଆକ୍ସେଣ୍ଟ ଯୁବ ଆକର୍ଷଣ ଯୋଗାଉଛି, ଯେତେବେଳେ ଆଲୋକିତ ସ୍କଫ ପ୍ଲେଟ ଏବଂ ପୁଡଲ ଲ୍ୟାମ୍ପ ଏହି ସଂସ୍କରଣ ଆକର୍ଷଣୀୟ କରୁଛି। । ଅନ୍ୟ ଭାରିଆଣ୍ଟଗୁଡ଼ିକରେ ମଧ୍ୟ ସମସ୍ତ ସିଟ ପାଇଁ ୩-ପଏଣ୍ଟ ସିଟବେଲ୍ଟ ଏବଂ କ୍ଲାଇମ୍ବର ଭାରିଆଣ୍ଟରେ ୬ଟି ଏୟାରବ୍ୟାଗ ସହ ଉନ୍ନତ ସୁରକ୍ଷା ଯୋଗାଯାଇଛି।

# ୟୁକୋ ବ୍ୟାଙ୍କର ସମ୍ବଳ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ




**ଭୁବନେଶ୍ୱର,୨୨।୯**

ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ମହୋତ୍ସବ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ, କୃଷି, ସମ୍ବଳ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ବ୍ୟାଙ୍କ ମିତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୋଲକାତାସ୍ଥିତ ୟୁକୋ ବ୍ୟାଙ୍କ ପ୍ରଧାନ କାର୍ଯ୍ୟାଳୟ ଅସୁଲି ଏବଂ ଆଇନ ବିଭାଗର ମହାପ୍ରବନ୍ଧକ ଅଙ୍କିତ ରାଣା ଏବଂ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂ ଭାକୁନି ଉପସ୍ଥିତ ଥିଲେ। ଭଗବତ ସିଂ ଭାକୁନି କାର୍ଯ୍ୟକ୍ରମର ବିଶିଷ୍ଟ ବ୍ୟକ୍ତି ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅଙ୍କିତ ରାଣା ୟୁକୋ ବ୍ୟାଙ୍କ ସହିତ ଦୀର୍ଘ ଦିନର ସମ୍ପର୍କ ଏବଂ ଉନ୍ନତ ଗ୍ରାହକ ସେବା ପାଇଁ ଅଂଶଗ୍ରହଣକାରୀ ଓ ଗ୍ରାହକଙ୍କୁ କୃତଜ୍ଞତା ଜଣାଇଥିଲେ। ରାଣା 'ସ୍ୱଚ୍ଛତା ହିଁ ସେବା' ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂହ ବ୍ୟାଙ୍କର ପିଙ୍କ ବାସ୍‌କେଟ୍, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଏବଂ ୟୁକୋ ସଞ୍ଚୟିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ରିସୋର୍ସ ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

# ତମାଖୁ ଟିକସରୁ ଓଡ଼ିଶା ପାଇଲାଣି ୬୭୫୦ କୋଟି

**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

ଗୁଟ୍‌ଖା, ତମାଖୁ, ସିଗାରେଟ, ପାନମସଲା ଆଦିରୁ ରାଜ୍ୟ ସରକାର ଗତ ୧୦ବର୍ଷ ମଧ୍ୟରେ ଭାଟ୍ ଓ ଜିଏସ୍‌ଟି ବାବଦରେ ୬୭୫୦ କୋଟି ଟଙ୍କାର ଅଧିକ ଅର୍ଥ ପାଇଲେଣି । ୨୦୨୪-୨୫ ବର୍ଷରେ ଏହିସବୁ ସାମଗ୍ରୀରୁ ରେକର୍ଡ ପରିମାଣର ୧୨୩୪ କୋଟି ଟଙ୍କା ଆଦାୟ ହୋଇଛି। ଗୁଟ୍‌ଖା, ତମାଖୁ ଆଦି ଉପରୁ ରାଜ୍ୟ ସରକାର ଆଦାୟ କରୁଥିବା ଟିକସ ବିଷୟରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୧୮-୧୯ରୁ ନିୟମିତ ଭାବେ ଗୁଟ୍‌ଖା ତମାଖୁ ଆଦିରୁ ଆଦାୟ ଟିକସ ପରିମାଣ ବଢି ବଢି ଚାଲିଛି । ୨୦୧୮-୧୯ ବର୍ଷରେ ଏହି ସାମଗ୍ରୀରୁ ୪୮୦ କୋଟି ଟଙ୍କାର ଟିକସ ଆଦାୟ ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୦୧୨ କୋଟି ଟଙ୍କା ଅତିକ୍ରମ କରିଥିଲା । ସେହିପରି ୨୦୨୪-୨୫ରେ ଏହା ୧୨୩୪.୮୮ କୋଟି ଟଙ୍କାରେ ପହଞ୍ଚିଛି । ଅନ୍ୟପଟେ ଗୁଟ୍‌ଖା, ତମାଖୁ, ସିଗାରେଟ୍ ଓ ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପ୍ଣନ ଓ ବିକ୍ରି ଉପରେ କଟକଣା ସମ୍ପର୍କିତ ତଥ୍ୟ ଅର୍ଥ ବିଭାଗ ନିକଟରେ ନଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ଶ୍ୟାମ୍ ଷ୍ଟିଲ ଲଞ୍ଚ କଲା ମକାଓ ପେଣ୍ଟ୍‌ସ

## କାର୍ତ୍ତିକ ଆର୍ଯ୍ୟନ ବ୍ରାଣ୍ଡ୍ ଆମ୍ବାସାଡର




**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

ଷ୍ଟିଲ ବ୍ରାଣ୍ଡ୍ ଶ୍ୟାମ ଷ୍ଟିଲ୍ ଡେକୋରେଟିଭ ପେଣ୍ଟ ଶିଳ୍ପରେ ପ୍ରବେଶ କରି ନୂତନ ବ୍ରାଣ୍ଡ୍ ମାକାଓ ପେଣ୍ଟ୍‌ସ ଲଞ୍ଚ କରିଛି। ବଲିଉଡ ତାରକା କାର୍ତ୍ତିକ ଆର୍ଯ୍ୟନଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିୟୋଜିତ କରାଯାଇଛି। 'ମକାଓ କେ ରଙ୍ଗ, ମେଜିକ କେ ସଙ୍ଗ୍' ମୂଳମନ୍ତ୍ର ସହିତ ମକାଓ ପେଣ୍ଟ୍‌ସ ଭାରତୀୟ ଘରୋଇ ପରିବେଶକୁ ଉଜ୍ଜ୍ୱଳ, ପ୍ରାଣବନ୍ତ ଓ ପ୍ରିମିୟମ ରଙ୍ଗ ଯୋଗାଇବ ବୋଲି କମ୍ପାନ ପକ୍ଷରୁ କୁହାଯାଇଛି। କମ୍ପାନୀର ସୂଚନାନୁସାରେ, ଏହା ହେଉଛି ବିଶ୍ୱାସ, ଐତିହ୍ୟ ଓ ଆଶୀର୍ବାଦ ବହନ କରୁଥିବା ରଙ୍ଗ। ମକାଓ ପେଣ୍ଟ୍‌ସ ଲଞ୍ଚ ମାଧ୍ୟମରେ କମ୍ପାନୀ ଷ୍ଟିଲରୁ ପେଣ୍ଟ ଶିଳ୍ପକୁ ବିସ୍ତାର କରିଥିବାବେଳେ ଏହା ଷ୍ଟିଲର ଶକ୍ତିରୁ ପେଣ୍ଟର ଯାଦୁ ଆଡ଼କୁ ଏକ ଯାତ୍ରା ବୋଲି କୁହାଯାଉଛି। ପଶ୍ଚିମବଙ୍ଗରେ ଏହାର ଶୁଭାରମ୍ଭ କରାଯାଇଛି। ନବରାତ୍ରର ପ୍ରଥମ ଦିନରେ ଦୁର୍ଗା ପୂଜା ମଣ୍ଡପଗୁଡ଼ିକରେ ଏହି ବ୍ରାଣ୍ଡକୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ କାର୍ତ୍ତିକ ଆର୍ଯ୍ୟନ କହିଛନ୍ତି, ଯେମିତି ରଙ୍ଗ ଆମ ଜୀବନକୁ ଆନନ୍ଦ ଓ ଉଜ୍ଜ୍ୱଳତା ଆଣେ, ସେହିପରି ମକାଓ ପେଣ୍ଟ୍‌ସ ପ୍ରତ୍ୟେକ ଘରକୁ ନୂଆପଣ ଓ ଯାଦୁ ଆଣୁଛି। ଶ୍ୟାମ ଷ୍ଟିଲର ଜଣେ ମୁଖପାତ୍ର କହିଛନ୍ତି, ଆମ ପାଇଁ ପଶ୍ଚିମବଙ୍ଗ କେବଳ ଏକ ବଜାର ନୁହେଁ, ବରଂ ଏକ ଆବେଗ। ଦୁର୍ଗା ପୂଜା ସମୟରେ ମକାଓ ପେଣ୍ଟ୍‌ସ ଲଞ୍ଚ ଏହି ଅଞ୍ଚଳର ଉତ୍ସାହ, ଶକ୍ତି ଓ ସାଂସ୍କୃତିକ ଗୌରବକୁ ପ୍ରତିଫଳିତ କରୁଛି।

# ଓମ୍‌ଫେଡ: ପୁରୁଣା ଦାମ ପ୍ରିଣ୍ଟ ଥିଲେ ବି ଲାଗୁ ହେବ ନୂଆଦାମ

**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି.୨.୦) ଲାଗୁ ହେବା ପରେ ଓମଫେଡ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟର ଦର ହ୍ରାସ ପାଇଥିବାବେଳେ କ୍ଷୀର ଦାମ ସ୍ଥିର ରହିଛି। ମାତ୍ର ଓମଫେଡ୍ କ୍ଷୀରରେ ପୂର୍ବରୁ ଜିଏସଟି ଲାଗୁ କରାଯାଉ ନଥିଲା କି ଏବେ ମଧ୍ୟ ଲାଗୁ ହୋଇନାହିଁ। ତେଣୁ ଦୁଗ୍ଧ ଦରରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଓମଫେଡର କୌଣସି ଉତ୍ପାଦରେ ଯଦି ପୁରୁଣା ଦାମ ପ୍ରିଣ୍ଟ ଥାଏ, ତେବେ ଗ୍ରାହକମାନେ ଏଣିକି ପୁରୁଣା ବଦଳରେ ନୂତନ ହ୍ରାସ ଦର ଦେଇ ଓମଫେଡ ଉତ୍ପାଦ କ୍ରୟ କରିବେ। ଛେନା ଓ ପନିରରେ କେନ୍ଦ୍ର ସରକାର ୫% ଜିଏସଟି ହ୍ରାସ କରିଛନ୍ତି। ଫଳରେ ପନିର ଓ ଛେନା ଦର ହ୍ରାସ ପାଇଛି। ପନିର ୨୦୦ ଗ୍ରାମ୍ ଉପରେ ୫ ଟଙ୍କା ହ୍ରାସ ପାଇଥିବା ବେଳେ ୫୦୦ ଗ୍ରାମ୍ ପ୍ୟାକରେ ୧୦ ଟଙ୍କା ହ୍ରାସ ହୋଇଛି। ପୂର୍ବରୁ ଘିଅରେ ୧୨% ଜିଏସ୍‌ଟି ଲାଗୁଥିଲା । ଏବେ ୭% ହ୍ରାସ ପାଇ ତାହା ୫ ପ୍ରତିଶତ ହୋଇଛି। ଫଳରେ ସେହି ଆଧାରରେ ଘିଅ ଲିଟର ପିଛା ୪୫ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ଘିଅ ଲିଟର (ଟିଣ ଡିବା) ୭୨୦ ଟଙ୍କା ଥିଲା। ଏବେ ତାହା ୬୭୫ ଟଙ୍କାକୁ ହ୍ରାସ ପାଇଛି । ସେହିପରି ୧୫ ଲିଟର ଟିଣ ଘିଅ ମୂଲ୍ୟ ପୂର୍ବରୁ ୮୧୫୨ ଟଙ୍କା ଥିଲା। ଏବେ ତାହା ୭୬୪୫ ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ଗୋଟିଏ ୧୫ ଲିଟର ଟିଣ ଘିଅରେ ୫୦୭ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ବଟରରେ ୧୨ ପ୍ରତିଶତ ଜିଏସଟି ଲାଗୁ ହେଉଥିଲା । ମାତ୍ର ଏବେ ସେଥିରେ ୫ ପ୍ରତିଶତ ଜିଏସଟି ଲାଗିବ । ଫଳରେ ୧୦୦ ଗ୍ରାମ୍ ବଟର ପ୍ୟାକ ଏଣିକି ଗ୍ରାହକମାନେ ୬୦ ଟଙ୍କା ବଦଳରେ ୫୭ ଟଙ୍କାରେ ପାଇପାରିବେ। ଫ୍ଲେଭର ମିଲ୍କ ବା ସୁବାସିତ ଦୁଗ୍ଧ ଉପରେ ସରକାର ପୂର୍ବରୁ ୧୨% ଜିଏସଟି ନେଉଥିଲେ। ଏହା ୫%କୁ ହ୍ରାସ ପାଇବା ପରେ ଫଳରେ ପୂର୍ବରୁ ଯେଉଁ ଗ୍ରାହକମାନେ ୨୫ ଟଙ୍କାରେ ଖାଉଥିଲେ, ଏବେ ସେହି ସୁବାସିତ ଦୁଗ୍ଧ ବୋତଲ ବା ଫ୍ଲେଭର ମିଲ୍କ ୨୩ ଟଙ୍କାରେ ଉପଲବ୍ଧ ହେବ । ୟୁଏଚଟି ଦୁଗ୍ଧ ଲିଟର ଦାମ ୭୦ ଟଙ୍କାରୁ ଖସି ୬୭ ଟଙ୍କା ହୋଇଛି । ବିଭିନ୍ନ ପ୍ରକାର ଆଇସକ୍ରିମ ଦର ମଧ୍ୟ ହ୍ରାସ ପାଇଛି । ୧୦ ଟଙ୍କିଆ, ୧୫ ଟଙ୍କିଆ, ୨୦ ଟଙ୍କିଆ ଓ ୩୦ ଟଙ୍କିଆ ଆଇସକ୍ରିମରେ ଦର ସ୍ଥିର ରଖିଛି ଓମଫେଡ୍ । ତା' ବଦଳରେ ଆଇସକ୍ରିମ ପରିମାଣ ବୃଦ୍ଧି କରିଛି । ଏଣିକି ଓମଫେଡ ଆଇସକ୍ରିମ ଗ୍ରାହକ ୧୦ ଟଙ୍କିଆ, ୧୫ ଟଙ୍କିଆ, ୨୦ ଟଙ୍କିଆ ଓ ୩୦ ଟଙ୍କିଆ ଆଇସକ୍ରିମରେ ଏଣିକି ୧୦ ପ୍ରତିଶତକୁ ଅଧିକ ପରିମାଣର ଆଇସକ୍ରିମ ପାଇବେ । ପୂର୍ବରୁ ରାଜ୍ୟ ସରକାର ଓମଫେଡ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ବୃଦ୍ଧି କରିଥିଲେ । ଏବେ ଖାଉଟିମାନଙ୍କ ପାଇଁ ଓମଫେଡ୍ ଉତ୍ପାଦ ଦର ହ୍ରାସ ହୋଇଛି ।

**Classified Everyday**
**0674-2580101, 9692975378**




**REAL ESTATE**

**SALE**

Flat 3BHK resale Rs. 68 Lakhs only, At Jharpada, Bhubaneswar immediately. Details contact- 8249191613. D-2070

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

**CDA and RERA approved plot near Trisulia, CISF Campus. Bank Loan facilities, Black top road, Water Supply, Electricity, Drainage. Contact- 7008513309.** D-2079

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open health benefits spa by experts therapist con 8658088274. D-1866

Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional & comfortable at all times-7978109255. D-76495

**LOST**

ଦଲିଲ ହଜିଛି- ମୁଁ ସୁଲତାନା ବେଗମ୍ (୫୦ବର୍ଷ), ସ୍ୱା- ନିଜାମୁଦ୍ଦିନ ଖାଁ, ସା- ହଜାରି ନଗର (ଅପର୍ତ୍ତିବିନ୍ଧା), ପୋ- ଭଦ୍ରକ, ଥାନା- ଭଦ୍ରକ ଟାଉନ, ଜି- ଭଦ୍ରକ, ଆମ୍ଭ ସ୍ୱାମୀଙ୍କ ନାମିତ ଏକ Regd. Sale Deed ଯାହାର ନଂ.- ୧୦୦୨, ତା ୦୭।୦୪।୨୦୦୦ରି ଖରେ ପ୍ରସ୍ତୁତ ହୋଇ ଆମ୍ଭଙ୍କୁ ପ୍ରାପ୍ତ ହୋଇଥିଲା। ଉକ୍ତ ଦଲିଲଟି ତା୨୦।୦୯।୨୦୨୫ରିଖ ସନ୍ଧ୍ୟାରେ ଭଦ୍ରକ ସହରରେ ମାର୍କେଟିଂ କରୁଥିବା ସମୟରେ କେଉଁଠାରେ ହଜିଯାଇଛି। ଉକ୍ତ ସ୍ଥାନରେ ଖୋଜାଖୋଜି ପରେ ମିଳିନାହିଁ। ଧ-୨୦୮୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn in before the Notary Public, Vyasanagar, I, Mahendra Kumar Dhal, aged about 53 years, resident of At/P.O./P.S.- Jakhapura, Dist.- Jajpur-755026, do hereby declare that my daughter Ananya Dhal, Aadhaar No.- XXXX XXXX 3487, henceforth will be known as Ananya Anupama Dhal for all official purpose w.e.f. dated 30.08.2025. That Ananya Dhal and Ananya Anupama Dhal is the same person. D-2078

By virtue of an affidavit sworn before the Notary Public, Titilagarh dated 19.09.2025, Sl. No.479, I, Chakra Kalta, resident of Village: At- Kuanrgaon, P.O.- Kuanrgaon, P.S.- Saintala, Dist.- Balangir (Odisha), Pin- 767032 declare that I have changed my name from Bhakta Kalta to Chakra Kalta. Henceforth, I shall be known as Chakra Kalta for all purpose.
Chakra Kalta
D-2077

I, Prasanna Kumar Rath, Father of Swagat Sorup Rath, resident at Baghasahi Lane, near Saraswata School, Nimapada(N.A.C.), Puri District, Odisha, 752109, declare by this affidavit No. 15AA 122091, Dtd.- 19.09.2025 that now onwards I shall be known as Prasan Kumar Rath for all future purposes. D-2073

By virtue of an affidavit sworn before the Notary Public, Titilagarh dated 20.09.2025, Sl. No.481, I, Saila Sahu, resident of Village: At- Kansar, P.O.- Ghunsar, P.S.- Saintala, Dist.- Balangir (Odisha), PIN- 767032 declare that I have changed my name from Sailabhama Sahu to Saila Sahu. Henceforth, I shall be known as Saila Sahu for all purpose.
Saila Sahu
D-2076

By virtue of an affidavit sworn before the Notary Public, Bhubaneswar, dated 19th day of September, 2025, I, Banita Bhuiyan, Address: At- Dandilo, P.O.- Brahmanasarangi, P.S.- Balianta, Dist.- Khordha, Odisha, PIN- 752102 declare that I have changed my name from Swarnalata Bhuyan to Banita Bhuiyan. Henceforth, I shall be known as Banita Bhuiyan for all purposes.
Banita Bhuiyan
D-2075

By virtue of an affidavit sworn before Executive Magistrate, Angul, dated 18.09.2025, I, Sridhar Nayak, aged about 43 years, S/o- Late Budhimanta Nayak, At- Mangalpur, P.O.- Kushupanga, P.S.- Kantabania, Dist.- Dhenkanal- 759121 declare that I have changed the name of my son SOMYA RANJAN NAYAK to SOUMYA RANJAN NAYAK. Henceforth, he shall be known as SOUMYA RANJAN NAYAK for all purposes.
Sridhar Nayak
D-2074

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୋଲେଖ ଚରଣ ସିଂହ**
ଆଶ୍ୱିନ ମାସ, ନବମୀ ତିଥି
ଆବିର୍ଭାବ: ୨୪।୧୧।୧୯୪୦
ତିରୋଧାନ: ୧୫।୦୯।୨୦୨୫
ତୁମର ସରଳ ନିରଳସ ମୂଲ୍ୟବୋଧଭିତ୍ତିକ ଜୀବନ ଶୈଳୀ ଆମମାନଙ୍କ ବଞ୍ଚିବାର ପାଥେୟ । ବିଶ୍ୱାସ ହେଉନି ଯେ ତୁମେ ଆମମାନଙ୍କୁ ଛାଡ଼ି ହଠାତ୍ ଚାଲିଗଲ । ତୁମର ସ୍ପଷ୍ଟବାଦିତା, ପରୋପକାରିତା, ଶୃଙ୍ଖଳତା ଆମମାନଙ୍କ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ
ଧ-୨୦୭୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସରୋଜିନୀ ମିଶ୍ର**
ଓମ୍ ନଗର, ଫାଷ୍ଟଗେଟ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୬।୦୫।୧୯୫୬
ତିରୋଧାନ: ୦୪।୧୦।୨୦୨୪
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ମିଶ୍ର ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ
ଧ-୨୦୮୧

**ନବମ ଶ୍ରାଦ୍ଧବାର୍ଷିକୀ**
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



**୰ ମଦନ ମୋହନ ସାହୁ**
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୨୩.୦୯.୨୦୧୬
ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ବନ୍ଧୁ ଓ ପରିବାରବର୍ଗ
ଧ-୨୦୭୨

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

# ବଢ଼ାନ୍ତୁ ଆତ୍ମବିଶ୍ୱାସ

**ଅଜାଣତରେ ଅନେକ ସମୟରେ ମାତାପିତା ପିଲାଙ୍କୁ ଏଭଳି ଆକଟ କରନ୍ତି ଯାହା ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରିଦିଏ। ତେଣୁ ଅଭିଭାବକମାନେ ନିଜର ଏହି ଭୁଲ୍ ସୁଧାରିନେବା ଦରକାର...**

❖ପ୍ରଥମରୁ ପିଲାଙ୍କ କାମ ପରଫେକ୍ଟ ହୋଇ ନ ପାରେ। ହେଲେ ଅଭିଭାବକମାନେ ଏ କ୍ଷେତ୍ରରେ ପିଲାଙ୍କୁ ଯଦି ବାରମ୍ବାର କହିବେ କି 'ତୋ ଦ୍ୱାରା ଏ କାମ ହୋଇପାରିବ ନାହିଁ, ତୁ ଭୁଲ୍ କରିଦେବୁ ତେଣୁ କରିବା ଦରକାର ନାହିଁ, ତାହା ଭୁଲ୍। ଏଭଳି ବାରମ୍ବାର କହିବା ଫଳରେ ପିଲାଙ୍କ ଆତ୍ମବିଶ୍ୱାସ ଧୀରେ ଧୀରେ କମିଯାଏ। କିଛିଦିନ ପରେ ସେମାନେ ମଧ୍ୟ ନିଜେ ଭାବି ନିଅନ୍ତି ଯେ ସେମାନେ କିଛି କରିପାରିବେ ନାହିଁ। ତେଣୁ ପିଲା ଭୁଲ୍ କଲେ ବି ତାକୁ ସ୍ନେହର ସହ ବୁଝାଇ ପୁଣି ଥରେ କରିବାର ସୁଯୋଗ ଦିଅନ୍ତୁ ଓ ସେ କରିପାରିବ କହି ଆତ୍ମବିଶ୍ୱାସ ବଢ଼ାନ୍ତୁ।

ଅନୁସାରେ ତୁଳନା କରନ୍ତୁ ଓ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦିଅନ୍ତୁ।

❖ପିଲାଙ୍କର ପ୍ରତ୍ୟେକ କଥା ଶୁଣନ୍ତୁ ଓ ଉତ୍ତର ଦିଅନ୍ତୁ। ଫଳରେ ସେମାନଙ୍କ ଚିନ୍ତାଧାରା ସମ୍ପର୍କରେ ଜାଣିପାରିବେ।

❖ଛୋଟ ଛୋଟ କାମରେ ପିଲାଙ୍କୁ ସ୍ୱାଧୀନତା ଦିଅନ୍ତୁ। ସେମାନଙ୍କ ସବୁ କାମରେ ହସ୍ତକ୍ଷେପ କରନ୍ତୁ ନାହିଁ। ବେଳେବେଳେ ସେମାନଙ୍କ ନିଷ୍ପତ୍ତିକୁ ପ୍ରଶଂସା କରନ୍ତୁ। ଏପରି କଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ଭବିଷ୍ୟତରେ ସେମାନେ ସବୁ ସମୟରେ ନିର୍ଭରଶୀଳ ହେବେ ନାହିଁ।



❖ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନାକରି ଛୋଟ ଦେଖାଇବାକୁ ଚେଷ୍ଟା କରନ୍ତୁ ନାହିଁ। ବାରମ୍ବାର ଏପରି କହିଲେ ସେମାନେ ନିଜର ବିଶେଷତ୍ୱକୁ ବି ଭୁଲିଯାନ୍ତି। ତେଣୁ ପିଲାଙ୍କୁ ସେମାନଙ୍କ ପୂର୍ବ ପ୍ରଦର୍ଶନ

❖ପିଲାଙ୍କ ଆଗରେ ନିଜର ସକାରାତ୍ମକ ଛବି ଦେଖାନ୍ତୁ। ନିଜର ପରିଶ୍ରମ, ନିଷ୍ଠା ଓ ତ୍ୟାଗ ଆଦି ଭଲ ଗୁଣ ବିଷୟରେ କହି ପିଲାଙ୍କୁ ପ୍ରେରଣା ଦିଅନ୍ତୁ।

# ପ୍ରିନ୍ସେସ୍ ସିଣ୍ଡ୍ରୋମ

**ମୁଁ ଏମିତି ଖାଏ, ଏମିତି ପିନ୍ଧେ, ଏୟା କରେ... ଏଭଳି ଆତ୍ମପ୍ରଶଂସାରେ ମଗ୍ନ ରୁହନ୍ତି କେତେଜଣ ମହିଳା। ସବୁବେଳେ କହିବୁଲନ୍ତି ସେମାନେ ରାଣୀ ଭଳି ବଡ଼ ହୋଇଛନ୍ତି। ଏପରି କହି ସେମାନେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବ୍ୟବହାର ଇଚ୍ଛାକରନ୍ତି। ଏଭଳି ମାନସିକତାକୁ କୁହାଯାଏ ପ୍ରିନ୍ସେସ୍ ସିଣ୍ଡ୍ରୋମ୍। ମହିଳାଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏହି ମାନସିକ ଅବସ୍ଥା ଅନେକ ସମୟରେ ସମ୍ପର୍କ ଖରାପ କରିବାର ମୁଖ୍ୟ କାରଣ ପାଲଟିଥାଏ...**



ପିଲାବେଳରୁ ବାପଘରେ ରାଣୀ ଭଳି ବଡ଼ ହୋଇଛନ୍ତି। ନିଜ ଖାଇବାପିଇବା, ପିନ୍ଧିବା ଆଦି ସବୁ ଲାଇଫଷ୍ଟାଇଲ୍ ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି କହି କେତେଜଣ ମହିଳା ସମସ୍ତଙ୍କୁ ଆକୃଷ୍ଟ କରିବାକୁ ଚାହାନ୍ତି। ସେମାନେ ଭାବନ୍ତି ନିଜ ବିଷୟରେ ଏଭଳି କହିଲେ ସମସ୍ତେ ତାଙ୍କୁ ଭଲ ପାଇବେ। ସେଥିପାଇଁ କେତେକେ ଶାଶୁଘରେ ବି ବାପଘରର ଚଳଣିକୁ ନେଇ ଗର୍ବକରିବା ଭଳି ବିଭିନ୍ନ କଥା କହନ୍ତି। ଆତ୍ମବଡ଼ିମା ଦେଖାଇ ଏଭଳି କଥାବାର୍ତ୍ତାକୁ କେହି ପସନ୍ଦ କରନ୍ତି ନାହିଁ। ହେଲେ ସେମାନେ ଆଶା କରନ୍ତି, ସବୁ ସ୍ଥାନରେ ଲୋକେ ତାଙ୍କୁ ଅଧିକ ଗୁରୁତ୍ୱ ଦିଅନ୍ତୁ। କିନ୍ତୁ କୌଣସି ସ୍ଥାନରେ ଏପରି ହୁଏ ନାହିଁ। ବରଂ ପ୍ରତ୍ୟେକ ସ୍ଥାନରେ ଏଥିପାଇଁ ସମ୍ପର୍କ ଖରାପ ହୁଏ ଓ ଭାବମୂର୍ତ୍ତି ମଧ୍ୟ ନଷ୍ଟ ହୋଇଥାଏ।

ମହିଳାଙ୍କ କ୍ଷେତ୍ରରେ ଦେଖାଦେଉଥିବା ଏଭଳି ଲକ୍ଷଣ ପ୍ରକୃତରେ ଏକ ପ୍ରକାର ମାନସିକ ରୋଗ କହିଲେ ଭୁଲ୍ ହେବ ନାହିଁ। ଏହାକୁ ପ୍ରିନ୍ସେସ୍ ସିଣ୍ଡ୍ରୋମ ମଧ୍ୟ କୁହାଯାଉଛି।

ସାଧାରଣତଃ ମହିଳାମାନଙ୍କୁ ଏଭଳି ସିଣ୍ଡ୍ରୋମ ହୋଇଥାଏ। ଏହି ପ୍ରକାର ମହିଳା ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେକରନ୍ତି। ସେଥିପାଇଁ ଖାସ୍ ଟ୍ରିଟ୍‌ମେଣ୍ଟର ବି ଇଚ୍ଛା ରଖିଥାନ୍ତି। ନିଜେ ଅନ୍ୟମାନଙ୍କ ପାଇଁ କିଛି କରନ୍ତି ନାହିଁ, କିନ୍ତୁ ସେମାନଙ୍କଠାରୁ ସବୁ ପ୍ରକାର ଭଲ ବ୍ୟବହାର ଆଶାରଖନ୍ତି। ସାଧାରଣତଃ ଛୋଟବେଳରୁ ଅଧିକ ଗେହ୍ଲାରେ ବଡ଼ ହୋଇଥିବା ଓ କୌଣସି ପ୍ରକାର ଦାୟିତ୍ୱ ତୁଲାଇ ନ ଥିବା ମହିଳାଙ୍କର ବଡ଼ହେବା ପରେ ଏଭଳି ସିଣ୍ଡ୍ରୋମ ଦେଖାଦେଇଥାଏ। ଜୀବନର ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିଥାଏ।





**ପ୍ରତିକୂଳ ପରିସ୍ଥିତିକୁ ସାମ୍ନା:** ଏପରି ମହିଳା ମାନସିକଭାବେ ଆଦୌ ପରିପକ୍ୱ ହୋଇପାରନ୍ତି ନାହିଁ। ତେଣୁ ନିଜ ବିଷୟରେ କୌଣସି ନିଷ୍ପତ୍ତି ନେବାରେ ଏମାନେ ଅସମର୍ଥ ରୁହନ୍ତି। ସେମାନେ ସବୁବେଳେ ନିଜ ସମ୍ପର୍କରେ କୌଣସି ଆଲୋଚନାକୁ ମଧ୍ୟ ଭୟ କରନ୍ତି। ଆଲୋଚନା ସମୟରେ କେହି ତାଙ୍କ ସମ୍ପର୍କରେ ନକାରାତ୍ମକ ମତ ଦେଇପାରେ ଭାବି ମନ ଖରାପ କରନ୍ତି। ଅନେକ ସମୟରେ ନିଜ ଇମୋସନ କଣ୍ଟ୍ରୋଲ କରିପାରନ୍ତି ନାହିଁ। ଅତ୍ୟଧିକ ଦୁଃଖୀ ହୋଇଯାଆନ୍ତି କିମ୍ବା ଆତ୍ମବିଭୋର ହୋଇଯାନ୍ତି। ତେଣୁ ଅନେକ ସମୟରେ କୌଣସି ଉଚିତ ନିଷ୍ପତ୍ତି ନେବାକୁ ଅକ୍ଷମ ମନେହୁଅନ୍ତି। ସବୁ ସମୟରେ ଅନ୍ୟମାନଙ୍କ ସାହାଯ୍ୟ ଆଶା କରନ୍ତି।

**ସମ୍ପର୍କ ଖରାପ:** ଏଭଳି ସିଣ୍ଡ୍ରୋମର ମହିଳା ସମସ୍ତଙ୍କ ସହ ମିଶିବାରେ ଅସୁବିଧା ମନେକରନ୍ତି। ଏମିତିକି ଅନେକ ସମୟରେ ଅଫିସରେ ଠିକ୍‌ଭାବରେ କାମ କରିପାରନ୍ତି ନାହିଁ। ନିଜ ବସ୍ କିମ୍ବା ସହକର୍ମୀଙ୍କଠାରୁ ସ୍ୱତନ୍ତ୍ର ବ୍ୟବହାର ଆଶାକରନ୍ତି ଆଉ କମ୍ କାମ କରି ଅଧିକ ପ୍ରଶଂସା ଆଶା ରଖନ୍ତି। ବେଳେବେଳେ ନିଜକୁ ନିଜେ ପ୍ରଶଂସା ବି କରିଦିଅନ୍ତି। ଆଉ ଅପମାନିତ ହେଲେ ଭାଙ୍ଗିପଡ଼ନ୍ତି ଓ କାନ୍ଦିପକାନ୍ତି। ବିବାହ ପରେ ଶାଶୁଘରେ ବି ଠିକ୍ ଏହି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସବୁବେଳେ ନିଜକୁ ଭିନ୍ନ ଭାବିବା ଓ ସ୍ୱତନ୍ତ୍ର ବ୍ୟବହାର ତଥା ଭଲପାଇବା ଆଶା କରି ଦୁଃଖୀ ହୋଇଯାଆନ୍ତି। ଅନ୍ୟପକ୍ଷରେ ଶାଶୁଘରେ କୌଣସି ପ୍ରକାର ବ୍ୟବହାର ଖରାପ ଲାଗିଲେ ସହିପାରନ୍ତି ନାହିଁ। ସବୁ ସମୟରେ ବାପଘର ଚଳଣିର ଉଦାହରଣ ଦେଇ ଆତ୍ମବଡ଼ିମା ଦେଖାଇ ହୁଅନ୍ତି। ସେମାନଙ୍କର ଏଭଳି କଥାବାର୍ତ୍ତା ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ ଓ ଶାଶୁଘରେ ସମସ୍ତଙ୍କ ସହ ସମ୍ପର୍କ ଖରାପ କରିଥାଏ। କାରଣ ପରିବାର ପାଇଁ ଏମାନଙ୍କର ପରିଶ୍ରମ ଓ ତ୍ୟାଗ ବହୁତ କମ୍ ଥାଏ, କିନ୍ତୁ ଆଶା ବହୁ ଅଧିକ ରହେ। ତେଣୁ କେହି ଏମାନଙ୍କୁ ଭଲ ପାଇପାରନ୍ତି ନାହିଁ। ବେଳେବେଳେ ଏଭଳି ଗୁଣ ପାଇଁ ସେମାନେ ଏକୁଟିଆପଣର ଅନୁଭବ କରନ୍ତି ଓ ମାନସିକ ଅବସାଦର ଶିକାର ବି ହୁଅନ୍ତି।





**ମାନସିକତା ଦୂରକରନ୍ତୁ:** ଏଭଳି ମାନସିକତା ଥିଲେ ନିଜକୁ ବଦଳେଇବା ପାଇଁ ଚେଷ୍ଟାକରନ୍ତୁ, ନଚେତ୍ ସମାଜ ଓ ପରିବାର ସହ ଚଳିବା ବହୁ କଷ୍ଟକର ହୋଇପଡ଼ିବ। କୌଣସି ସ୍ଥାନରେ ଆପଣଙ୍କର ଆତ୍ମୀୟ ଓ ଅନ୍ତରଙ୍ଗ କେହି ରହିବେ ନାହିଁ। ତେଣୁ ଅନ୍ୟମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଶିଖନ୍ତୁ। ନିଜର ଏଭଳି ମାନସିକତା ଥିବା ଅନୁଭବ କଲେ ତୁରନ୍ତ ବଦଳାଇବାକୁ ଚେଷ୍ଟା କରନ୍ତୁ। ଅନ୍ୟମାନଙ୍କ ସଫଳତା ଓ ଭଲକାମକୁ ଗୁରୁତ୍ୱ ଦେବା ଶିଖନ୍ତୁ। ଭଲଗୁଣର ପ୍ରଶଂସା କରନ୍ତୁ ଓ ନିଜକୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରନ୍ତୁ। ପରିଶ୍ରମୀ ହୁଅନ୍ତୁ ଓ ନିଜ କର୍ତ୍ତବ୍ୟ ଠିକ୍‌ଭାବରେ କରନ୍ତୁ। ଏହା ପରେ ଆପେ ଆପେ ସବୁ ସ୍ଥାନରେ ପ୍ରିୟପାତ୍ରୀ ହୋଇପାରିବେ।

**ସାହାଯ୍ୟ କରନ୍ତୁ:** କୌଣସି ସମ୍ପର୍କରେ ଖାଲି ଆପଣ ପାଇବାର ଆଶା କରିବେ, କିନ୍ତୁ ନିଜେ କିଛି ଦେବେ ନାହିଁ ଏହା ଆଦୌ ଠିକ୍ ନୁହେଁ। ତେଣୁ ଅନ୍ୟମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ପୂରା କରିବାର ପ୍ରୟାସ କରନ୍ତୁ। ସାହାଯ୍ୟ କରନ୍ତୁ। ଇମୋସନକୁ ନିୟନ୍ତ୍ରଣରେ ରଖନ୍ତୁ। ଆତ୍ମସଚେତନ ହୋଇ ନିଷ୍ପତ୍ତି ନିଅନ୍ତୁ। ଅନ୍ୟ ଉପରେ ନିର୍ଭର ନ କରି ଏକୁଟିଆ କାମ ପୂରା କରିବାର ପ୍ରୟାସ କରନ୍ତୁ। ଯଦି କାମରେ କେହି ନିଜ ଆଡୁ ସହଯୋଗ କରୁଛନ୍ତି ତେବେ ଗ୍ରହଣ କରନ୍ତୁ, କିନ୍ତୁ ପ୍ରଥମରୁ ଆଶା ରଖନ୍ତୁ ନାହିଁ। ତା'ହେଲେ ଖୁସି ହୋଇପାରିବେ।

# ଖରାପ ହେବ ନାହିଁ ଆଖି

**ସାଧାରଣତଃ ବୟସ ବଢ଼ିଲେ ଦୃଷ୍ଟିଶକ୍ତି କମ୍‌ହେବା ସହିତ ବିଭିନ୍ନ ସମସ୍ୟା ଦେଖାଯାଏ। ହେଲେ ଏହି ସମସ୍ୟା ସବୁ ଏଡ଼ାଇବା ପାଇଁ ହେଲେ ଲାଇଫଷ୍ଟାଇଲ୍‌ରେ କିଛି ଅଭ୍ୟାସ ସାମିଲ କରିବାକୁ ହେବ।**



❖ଭିଟାମିନ୍- ଏ, ସି ଓ ଇ ସହ ଓମେଗା-୩, ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ନିୟମିତ ଖାଆନ୍ତୁ। ତେଣୁ ଶାଗ, ଗାଜର, ବିଭିନ୍ନ ପ୍ରକାର ମଞ୍ଜି ଜାତୀୟ ଖାଦ୍ୟ, ମାଛ ଆଦି ଖାଆନ୍ତୁ। ଏସବୁ ପୋଷକ ତତ୍ତ୍ୱ ଷ୍ଟ୍ରେସ୍ କମ୍ କରିବା ସହ ରେଟିନାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାନ୍ତି।

❖ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ। ଏହା ଫଳରେ ବୟସ ବୃଦ୍ଧି କାରଣରୁ ହେଉଥିବା ଡ୍ରାଏ ଆଇ ସିଣ୍ଡ୍ରୋମ ହେବା ଆଶଙ୍କା କମ୍ ହୋଇଥାଏ। ଅଧିକ ପାଣି ପିଇଲେ ଆଖିର ଶୁଷ୍କତା ମଧ୍ୟ ହୋଇ ନ ଥାଏ।

❖ଆଖିର ସବୁଠୁ ବଡ଼ ଶତ୍ରୁ ହେଉଛି ଡିଜିଟାଲ ସ୍କ୍ରିନ୍। ତେଣୁ ଏଥିରୁ ରକ୍ଷା ପାଇବାକୁ ହେଲେ ୨୦-୨୦-୨୦ ନିୟମ ଆପଣାନ୍ତୁ। ଅର୍ଥାତ୍ ପ୍ରତି ୨୦ ମିନିଟ୍ ପରେ ୨୦ ସେକେଣ୍ଡ ପାଇଁ ୨୦ ଫୁଟ ଦୂରରେ ଥିବା କୌଣସି ଜିନିଷକୁ ଲକ୍ଷ୍ୟ କରନ୍ତୁ। ଏହା ଫଳରେ ଡିଜିଟାଲ ସ୍କ୍ରିନ୍ ପ୍ରଭାବରୁ ଦେଖାଦେଉଥିବା ଆଖିର ସମସ୍ୟା କମ୍ ହେବା ସହ ଷ୍ଟ୍ରେସ୍ କମ୍ ହୋଇଥାଏ।

❖ଡାଏବେଟିସ୍, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ଭଳି ସମସ୍ୟାକୁ ନିୟନ୍ତ୍ରଣରେ ରଖନ୍ତୁ। ସୁଗାର ଓ ବିପି ନିୟମିତ ଯାଞ୍ଚକରି ଔଷଧ ଖାଆନ୍ତୁ। ଏହା ଫଳରେ ଆଖି ସୁସ୍ଥ ରହିବ।

❖ବହି ପଢ଼ିବା ସମୟରେ ଲାଇଟ୍ ଠିକ୍ ଭାବରେ ଅଛି କି ନା ନାହିଁ ଯାଞ୍ଚ କରନ୍ତୁ। କମ୍ ଲାଇଟ୍‌ରେ ପାଠ ପଢ଼ିଲେ କିମ୍ବା କୌଣସି କାମକଲେ ଆଖି ଉପରେ ଚାପ ପଡ଼ିଥାଏ।

❖ଏସବୁ ବ୍ୟତୀତ ନିୟମିତ ଆଖିର କିଛି ଏକ୍ସରସାଇଜ୍ ଓ ଯୋଗ ନିଶ୍ଚୟ କରନ୍ତୁ।

ସୌନ୍ଦର୍ଯ୍ୟ

# ସୁନ୍ଦର ତ୍ୱଚା ପାଇଁ ଖାଦ୍ୟ

**ସୁନ୍ଦର ସ୍କିନ୍ ପାଇଁ ମହିଳାମାନେ ବିଭିନ୍ନ ପ୍ରକାର ଦାମୀ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ହେଲେ ଏଥିପାଇଁ ଖାଦ୍ୟପେୟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ କେଉଁ ସବୁ ଖାଦ୍ୟ ଖାଇଲେ ତ୍ୱଚା ଅଧିକ ସୁନ୍ଦର ଦେଖାଯିବ ଜାଣନ୍ତୁ।**



➔ସ୍କିନ୍ ପାଇଁ ଅମୃତଭଣ୍ଡା ଏକ ସୁନ୍ଦର ଖାଦ୍ୟ। ଏଥିରେ ଥିବା ଏନ୍‌ଜାଇମ୍ ସ୍କିନ୍‌ରେ ଥିବା ମଇଳା ଓ ମୃତ କୋଷକୁ ବାହାର କରିଥାଏ। ଏହାସହ ଭିଟାମିନ୍ ଏ ଓ ସି ତ୍ୱଚାକୁ ହେଲ୍‌ଦୀ ଓ ସୁନ୍ଦର କରିଥାଏ। ସକାଳୁ କାଳିପେଟରେ ଏହାକୁ ଖାଇଲେ ଏହା ଶରୀରକୁ ଭିତରୁ ଡିଟାକ୍ସ କରିଥାଏ।



➔ଗାଜର ମଧ୍ୟ ସ୍କିନ୍‌କୁ ସୁନ୍ଦର କରିବାରେ ବେଶ୍ ସହାୟକ ହୋଇଥାଏ। ଏଥିରେ ଭରପୂର ମାତ୍ରାରେ ବିଟା କାରୋଟିନ୍ ଥିବାରୁ ସ୍କିନ୍‌କୁ ଉଜ୍ଜ୍ୱଳ କରିବାରେ ସହାୟକ ହୁଏ। ପ୍ରତିଦିନ ଗାଜର ଜୁସ୍ ପିଇଲେ ସ୍କିନ୍ ପ୍ରାକୃତିକଭାବେ ଗ୍ଲୋ କରିବ। ଏହା ଇମ୍ୟୁନିଟି ବୁଷ୍ଟର ଭଳି କାମ କରେ ଓ ଆଖିକୁ ମଧ୍ୟ ସୁନ୍ଦର ରଖିବାରେ ସହାୟକ ହୋଇଥାଏ।

➔ଆଲମଣ୍ଡରେ ଭିଟାମିନ୍ ଇ ପ୍ରଚୁର ପରିମାଣରେ ରହିଛି। ତେଣୁ ଏହା ସ୍କିନ୍‌ର ଶୁଷ୍କତା ଦୂରକରିବା ସହ ଅଧିକ କୋମଳ କରିଥାଏ। ରାତିରେ ଏହାକୁ ଭିଜାଇ ପ୍ରତିଦିନ ସକାଳୁ ଖାଇଲେ ସ୍କିନ୍ ହାଇଡ୍ରେଟ୍ ରହେ ଓ ବୟସ ଅଧିକ ହେବା ପ୍ରଭାବରୁ ଦେଖାଯାଉଥିବା କୁଞ୍ଚନ ବି ଆସି ନ ଥାଏ।

➔ସବୁଜ ପନିପରିବା ଓ ଶାଗ ମଧ୍ୟ ତ୍ୱଚା ପାଇଁ ବହୁତ ଭଲ। ପାଳଙ୍ଗ, ମେଥି, ସୋରିଷ ଆଦି ବିଭିନ୍ନ ପ୍ରକାର ଶାଗ ଓ ପନିପରିବାରେ ଫୋଲେଟ୍, ଆଇରନ୍ ତଥା ଆଣ୍ଟି ଅକ୍ସିଡାଣ୍ଟ ଥାଏ। ତେଣୁ ଏହା ସ୍କିନ୍‌କୁ ହେଲ୍‌ଦି ରଖିବା ସହ ଗ୍ଲୋ କରିବାରେ ବିଶେଷ ସହାୟକ ହୋଇଥାଏ।

➔ପଇଡ଼ପାଣି ଏକ ପ୍ରାକୃତିକ ଡିଟାକ୍ସ ପାନୀୟ। ଏହାକୁ ନିୟମିତ ପିଇଲେ ସ୍କିନ୍‌ରେ ବ୍ରଣ କିମ୍ବା ଦାଗ ସମସ୍ୟା ରହିବ ନାହିଁ। ଶରୀରକୁ ଏହା ଭିତରୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିଥାଏ।

# ରୋଷେଇ ଟିପ୍ସ

➔ଦହିର କୌଣସି ତରକାରି କରୁଥିଲେ ପ୍ରଥମେ ତାକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରି ସ୍ୱାଦିଷ୍ଟ ଲାଗିବ।

➔ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ି ଦିଅନ୍ତୁ ନାହିଁ। ବରଂ ସେଥିରେ ଲୁଣ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଏଥିରେ ଆଚାର ତିଆରି କରି ଖାଇପାରିବେ।

➔ରୋଷେଇ ଘରେ କାମ କରି ସାରିବା ପରେ ସଙ୍ଗେ ସଙ୍ଗେ ସଫା କରି ଦିଅନ୍ତୁ, ନଚେତ୍ ପିମ୍ପୁଡ଼ି ଓ ପୋକ ଆଦି ଆସି ଅପରିଷ୍କାର କରିଦେବେ।

➔ରୋଷେଇ ଘର ସ୍ଲାବ ସଫା କରିବାବେଳେ କିଛି ଲୁଣ ପକାନ୍ତୁ। ଫଳରେ ପୋକ ଆସିବେ ନାହିଁ ଓ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

➔ଚୁଡ଼ା ଉପମା କରୁଥିଲେ ଚୁଡ଼ା ଧୋଇବା ପରେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

# ଶାଗୁ କଟ୍‌ଲେଟ୍

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ-**

ଶାଗୁ- ୧ କପ୍, ଆଳୁ-୨ଟି, ବାଦାମମଞ୍ଜି- ୪ ବଡ଼ ଚାମଚ, କଞ୍ଚାଲଙ୍କା-୨ଟି, ଲେମ୍ବୁ ରସ- ଅଧାଚାମଚ, ଜିରା ଗୁଣ୍ଡ- ଅଧା ଚାମଚ, ଗୋଲମରିଚ ଗୁଣ୍ଡ- ଅଧା ଚାମଚ, ଧନିଆପତ୍ର- ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ।

**ପ୍ରସ୍ତୁତି ପ୍ରଣାଳୀ-**

ପ୍ରଥମେ ଶାଗୁକୁ ଧୋଇ ୪-୫ ଘଣ୍ଟା ଭିଜାଇ ଦିଅନ୍ତୁ। ଶାଗୁ ନରମ ହୋଇଯିବା ପରେ ଏହାକୁ ପାଣିରୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। ବାଦାମ ମଞ୍ଜିକୁ ଭାଜି ଦରଦର କରି ଗ୍ରାଇଣ୍ଡିଂ କରି ରଖନ୍ତୁ। ଏବେ ଶାଗୁ ସହ ସିଝା ଆଳୁ, ବାଦାମ ମିଶାନ୍ତୁ। କଞ୍ଚାଲଙ୍କା ଓ ଧନିଆପତ୍ରକୁ ଛୋଟ ଛୋଟ କରି କାଟି ଏଥିରେ ପକାନ୍ତୁ। ଜୀରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ ଓ ଲୁଣ ପକାଇ ଏହାକୁ ଭଲଭାବେ ଚକଟି ଦିଅନ୍ତୁ। ଏଥିରେ ପାଣି ଦିଅନ୍ତୁ ନାହିଁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି କଟ୍‌ଲେଟ୍ ଭଳି ତିଆରି କରନ୍ତୁ। ଏବେ କଡ଼େଇରେ ତେଲ ଗରମକରି ସେଥିରେ ଶାଗୁର ଏହି କଟ୍‌ଲେଟ୍‌ଗୁଡ଼ିକୁ ଛାଣି ଦିଅନ୍ତୁ। ଚଟଣି କିମ୍ବା ଦହି ସହ ଏହାକୁ ଗରମ ଗରମ ଖାଆନ୍ତୁ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




5 YEAR WARRANTY+
TVS CREDIT L&T Finance IDFC FIRST Bank ALWAYS YOU FIRST HDFC BANK SHRIRAM Finance
ଦୁଇ ଚକିଆ ବାହନ ଚଳାଉଥିବା ବେଳେ ସର୍ବଦା ହେଲମେଟ୍ ପିନ୍ଧନ୍ତୁ।
tvsjupiter | www.tvsmotor.com/tvs-jupiter
Call: 1800 315 7777

* Ex-showroom price of TVS Jupiter 110 BS VI Drum variant in Odisha.
Trophies and award logos are not representative of all 15 accolades.
\+ 5 yr. warranty without any additional charges.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/06/25

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Tuesday, September 23/2025 Page 20 ₹ 7.00

୫୧ଶ ଭାଗ ୨୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 299 ମୂଲ୍ୟ ₹୭/-




ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ୧୩ ମାସର ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ହସ୍ପିଟାଲ ସମ୍ମୁଖ ରାସ୍ତାକୁ ଅବରୋଧ କରିଛନ୍ତି। (ଫଟୋ: ବିକାଶ ନାୟକ)

# ଭୁଲ୍ ମେଡିସିନ ନେଲା ଶିଶୁପୁତ୍ରର ଜୀବନ

## କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

**ଭୁବନେଶ୍ୱର, ୨୨।୯ (ବନ୍ଦନା ସେଠୀ)**

ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ୧୩ ମାସର ଶିଶୁପୁତ୍ରର ଜୀବନ ଚାଲିଯାଇଛି। ରାଜ୍ୟର ପ୍ରମୁଖ ଚିକିତ୍ସାଳୟ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ସୋମବାର ଏହି ସମ୍ବେଦନଶୀଳ ଘଟଣା ଘଟିଛି। ମୃତ ଶିଶୁପୁତ୍ର ହେଲେ ସାଲିଆସାହି ବାସିନ୍ଦା ଆଶିଷ ସାହୁଙ୍କ ପୁଅ ଆୟୁଷ୍ମାନ। ଘଟଣା ଜଣାପଡିବା ପରେ ହସ୍ପିଟାଲରେ ପ୍ରବଳ ଉତ୍ତେଜନା ଦେଖାଦେବା ସହ ଦୀର୍ଘ ସମୟ ଧରି ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା। ମା’ ରଞ୍ଜିତା ସାହୁଙ୍କ ଅଭିଯୋଗ ଅନୁଯାୟୀ, ଶିଶୁପୁତ୍ର ଆୟୁଷ୍ମାନଙ୍କୁ ଥଣ୍ଡା ଜ୍ୱର ହୋଇଥିବାରୁ ତାଙ୍କୁ ସେ ରବିବାର ଅପରାହ୍ନରେ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ଶିଶୁ ବିଭାଗରେ ଡାକ୍ତର ତାଙ୍କୁ ଦେଖିବା ସହ ଛାତି ଏକ୍ସରେ କରିବାକୁ କହିଥିଲେ। ପରେ ଡାକ୍ତର ଏକ୍ସରେ ରିପୋର୍ଟ ଦେଖି ମେଡିସିନ୍ ଦେବା ସହିତ ସୋମବାର ଇକୋ କରିବାକୁ କହିଥିଲେ। ମାତ୍ର ରାତିରେ ପୁଅର ବାନ୍ତି ହେବାରୁ ପରିବାରେ ଲୋକେ ତାଙ୍କୁ ପୁଣିଥରେ ହସ୍ପିଟାଲକୁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ପିଲାର ସ୍ୱାସ୍ଥ୍ୟ ଯାଞ୍ଚ କରି ନିବୁଲାଇଜର ଦେବାକୁ କହି ମେଡିସିନ୍ ଲେଖିଦେଇଥିଲେ। ସେଠାରେ ତାଙ୍କୁ ୩ଥର ନିବୁଲାଇଜର ଦିଆଯିବା ପରେ ପିଲା ଠିକ୍ ଭାବେ ନିଶ୍ୱାସ ନେଇ ନ ପାରିବାରୁ ତାଙ୍କୁ ମେଡିସିନ ଖାଇବାକୁ ଦିଆଯାଇଥିଲା। ଏହାପରେ ଶିଶୁଟିର ହିକା ଉଠିବା ସହ ଦେହ ନୀଳ ପଡିଯାଇଥିଲା। ଉପସ୍ଥିତ ଡାକ୍ତର ଶିଶୁଟିକୁ ଦେଖି ମୃତ୍ୟୁ ହୋଇଯାଇଥିବା କହି ସେଠାରୁ ଚାଲି ଯାଇଥିଲେ। ପରେ ଯେଉଁ ଡାକ୍ତର ଆସିଥିଲେ ସେ ଭୁଲ୍ ମେଡ଼ିସିନରୁ ଶିଶୁର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ କହିଥିଲେ ବୋଲି ମା’ ଓ ବାପା ଅଭିଯୋଗ କରିଛନ୍ତି। ତେବେ ପୁଅର ମୃତ୍ୟୁ ହେବା ଜାଣି ମା’ବାପା ଡାକ୍ତରଙ୍କୁ ଦୋଷ ଦେବା ସହ ପାଟିକରିଥିଲେ। ହେଲେ ହସ୍ପିଟାଲ ସିକ୍ୟୁରିଟି ଗାର୍ଡ ଶିଶୁର ମା’କୁ ଦୁର୍ବ୍ୟବହାର କରିବା ସହ ☞ପୃଷ୍ଠା–୩

# ମାନହାନିକୁ ଅପରାଧମୁକ୍ତ କରିବା ସମୟ ଆସିଛି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯**



ମାନହାନିକୁ ଅପରାଧମୁକ୍ତ କରିବାର ସମୟ ଆସିଥିବା ସୋମବାର ସୁପ୍ରିମକୋର୍ଟ ବିଚାରପତି କହିଛନ୍ତି। ବ୍ୟକ୍ତିବିଶେଷ, ସଂଗଠନ ଓ ରାଜନୈତିକ ଦଳଗୁଡ଼ିକ ଆପରାଧିକ ମାନହାନି ଆଇନର ଅଧିକ ବ୍ୟବହାର କରୁଥିବାରୁ ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ କହିଛନ୍ତି, ମାନହାନିକୁ ଅପରାଧମୁକ୍ତ କରିବା ଲାଗି ସମୟ ଆସିଯାଇଥିବା ସେ ଭାବୁଛନ୍ତି। ସୂଚନାଯୋଗ୍ୟ, ୨୦୧୬ରେ ସର୍ବୋଚ୍ଚ ଅଦାଲତ ଆପରାଧିକ ମାନହାନିର ସାମ୍ବିଧାନିକ ବୈଧତାକୁ କାଏମ ରଖିବା ଅବସରରେ କହିଥିଲେ, ଏହା ବଞ୍ଚିବାର ମୌଳିକ ଅଧିକାରର ଅଂଶବିଶେଷ ମର୍ଯ୍ୟାଦାର ସୁରକ୍ଷା କରୁଛି। ୨୦୧୬ର ସୁବ୍ରମଣ୍ୟମ ସ୍ୱାମୀ ବନାମ କେନ୍ଦ୍ର ସରକାର ମାମଲାରେ ଅଦାଲତ କହିଥିଲେ, ଆପରାଧିକ ମାନହାନି ଆଇନ ସ୍ୱାଧୀନ ମତବ୍ୟକ୍ତ ଓ ଅଭିବ୍ୟକ୍ତି ଅଧିକାର ପ୍ରତି ଏହା ଏକ ଉଚିତ ପ୍ରତିବନ୍ଧ। ତେବେ ଉକ୍ତ ଆଇନର ଅତ୍ୟଧିକ ବ୍ୟବହାରକୁ ନେଇ ଅଦାଲତଙ୍କ ଚିନ୍ତାକୁ ଜଷ୍ଟିସ୍ ସୁନ୍ଦ୍ରେଶ ପ୍ରକାଶ କରିଛନ୍ତି। କୌଣସି ଜନସ୍ୱାର୍ଥ ନ ଥାଇ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଯେକୌଣସି ବ୍ୟକ୍ତିଙ୍କ ମାନହାନିକୁ ଅପରାଧ ବିବେଚନା କରାଯାଇପାରିବ କି ବୋଲି ସୁବ୍ରମଣ୍ୟମ୍ ସ୍ୱାମୀ ମାମଲାରେ ପ୍ରଶ୍ନ ଉଠିଥିବାବେଳେ ଜଷ୍ଟିସ୍ ସୁନ୍ଦ୍ରେଶଙ୍କ ମନ୍ତବ୍ୟ ଏହାକୁ ପୁଣିଥରେ ଜାଗ୍ରତ କରିଛି। ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅମିତା ସିଂଙ୍କ ଦ୍ୱାରା ଦାଏର ଏକ ମାନହାନି ମାମଲାରେ ତଳ କୋର୍ଟ ଦି ୱେର ନ୍ୟୁଜ୍ ୱେବ୍‌ସାଇଟ୍‌ର ପରିଚାଳନା କରୁଥିବା ଫାଉଣ୍ଡେଶନ ଫର୍ ଇଣ୍ଡିପେଣ୍ଡେଣ୍ଟ ଜର୍ନାଲିଜମ୍ ଏବଂ ଜଣେ ସାମ୍ବାଦିକଙ୍କୁ ସମନ ଜାରି କରିଥିବାବେଳେ ଏହାକୁ ଖାରଜ କରିବା ପାଇଁ ସେମାନେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉକ୍ତ ପିଟିଶନର ଶୁଣାଣି କରି ଜଷ୍ଟିସ୍ ସୁନ୍ଦ୍ରେଶ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ୧୩ ମାସରେ ୩୭, ୬୧୧ ନାରୀ ନିର୍ଯାତନା ମାମଲା

**ଭୁବନେଶ୍ୱର, ୨୨।୯ (ରବିନାରାୟଣ ଜେନା)**

ରାଜ୍ୟରେ ନାରୀ ନିର୍ଯାତନା ମାମଲା ବଢ଼ି ଚାଲିଛି। ୨୦୨୦ରେ ରାଜ୍ୟରେ ୨୭ହଜାର ୮୧୦ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଥିବାବେଳେ ଗତ ୧୩ମାସ ମଧ୍ୟରେ ରାଜ୍ୟରେ ୩୭ ହଜାରରୁ ଅଧିକ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ନାରୀ ଅପହରଣ, ବଳାତ୍କାର ଓ ଯୌତୁକ ନିର୍ଯାତନା ଭଳି ସଙ୍ଗିନ ମାମଲା ରହିଛି। ଆଗାମୀ ଦିନରେ ନାରୀ ନିର୍ଯାତନା ମାମଲାକୁ କିଭଳି ହ୍ରାସ୍ କରାଯାଇପାରିବ ସେନେଇ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ☞ପୃଷ୍ଠା–୩



## ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ଘଟଣା

# ଠକେଇ ଶିକାର ପୀଡ଼ିତ ହେଲେ ଅଭିଯୁକ୍ତ



ଗିରଫ ୪ ଅଭିଯୁକ୍ତ।

■ଗଜପତିରୁ ୪ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

■ ଠକେଇ ମାଷ୍ଟରମାଇଣ୍ଡ୍ ଜ୍ୟୋତ୍ସ୍ନାଙ୍କ ପତ୍ତା ମିଳୁନି



ଜବତ ମୋବାଇଲ ଓ ସାର୍ଟିଫିକେଟ୍।

ଭୁବନେଶ୍ୱର,୨୨।୯(ସତ୍ୟଜିତ୍ ରାଉତ)

ଅପହୃତ ଟାକ୍ସି ଡ୍ରାଇଭର ଖୋର୍ଦ୍ଧା ବାଣପୁର ଥାନା ଅରାଙ୍ଗ ଗ୍ରାମର ବିଦ୍ୟାଧର ସାହୁ (୩୨)ଙ୍କ ମୃତ୍ୟୁ ଘଟଣାରେ କମିଶନରେଟ୍ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚାକିରି ପାଇବାକୁ ଟଙ୍କା ଦେଇ ଠକେଇର ଶିକାର ହୋଇଥିବା ପୀଡ଼ିତମାନେ ଏବେ ଅଭିଯୁକ୍ତ ପାଲଟିଛନ୍ତି। ଯାଜପୁର ରୋଡ୍‌ରେ ଅପହର୍ତ୍ତାଙ୍କ ହେପାଜତରେ ବିଦ୍ୟାଧର ଆତ୍ମହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଭୁବନେଶ୍ୱର ଆଣି ଫିଙ୍ଗିଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଏନ୍. ଦିଲୀପ କୁମାର (୩୭), ରମେଶ ଚନ୍ଦ୍ର ବେହେରା (୫୬), ଗୁରାଣ୍ଡି ଅଞ୍ଚଳର ଦୀପକ କୁମାର ସାହୁକାର (୩୦) ଓ ରବୀନ୍ଦ୍ର ବେହେରା (୫୦)ଙ୍କୁ ପୋଲିସ ଗିରଫ କରିଛି। ସୋମବାର ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀ କରି ଠକେଇ ଓ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାର ପୂରା ରହସ୍ୟ ବଖାଣିଛନ୍ତି। ତେବେ ବିଦ୍ୟାଧରଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ୪ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଠକେଇର ମାଷ୍ଟରମାଇଣ୍ଡ୍ ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆଙ୍କ ପତ୍ତା ପାଇପାରି ନାହିଁ। ମାତ୍ର ଆଗକୁ ଗିରଫଦାରି ସଂଖ୍ୟା ବଢ଼ିବ ବୋଲି କମିଶନର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ବଡ଼ଗଡ଼ ଥାନା ପକ୍ଷରୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିଦ୍ୟାଧରଙ୍କ ବ୍ୟାଗ୍‌ରୁ ମିଳିଥିବା ବହୁ ରବର ଷ୍ଟାମ୍ପ, ଷ୍ଟାମ୍ପ ପ୍ୟାଡ୍ ଓ ସାର୍ଟିଫିକେଟ୍ ଆଦି ଜବତ କରି ପୋଲିସ ତଦନ୍ତ କରୁଛି। ଅପହରଣ, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା, ପ୍ରମାଣ ନଷ୍ଟ ଆଦି ଦଫାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ଅପହରଣରୁ ଆତ୍ମହତ୍ୟା

ଅପହରଣରୁ ଆତ୍ମହତ୍ୟା ଓ ପରେ ମୃତଦେହ ଫିଙ୍ଗିବା ପର୍ଯ୍ୟନ୍ତ ୬ଦିନର ଘଟଣାବଳୀକୁ ନେଇ ହୋଇଥିବା ତଦନ୍ତରୁ ପୋଲିସ ବହୁ ତଥ୍ୟ ପାଇଛି। ବିଦ୍ୟାଧରଙ୍କୁ ଟଙ୍କା ଦେଇଥିବା ଗଜପତି ଜିଲାର ଅଭିଯୁକ୍ତମାନଙ୍କ ସମେତ ଅନ୍ୟ କେତେଜଣ ସେପ୍ଟେମ୍ବର ୧୫ ସୋମବାର ଭୁବନେଶ୍ୱର ଆସିଥିଲେ। ବାଲେଶ୍ୱର ଓ ଯାଜପୁର ଅଞ୍ଚଳରୁ ମଧ୍ୟ କେତେଜଣ ପହଞ୍ଚିଥିଲେ। ଆଶାୟୀମାନେ ଭଞ୍ଜକଳା ମଣ୍ଡପ ନିକଟ ରାସ୍ତାରେ ବିଦ୍ୟାଧରଙ୍କୁ ଭେଟି ୧.୫ କୋଟି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ। ଏହାପରେ ବିଦ୍ୟାଧର ତାଙ୍କ ମ୍ୟାଡାମ୍ ଜ୍ୟୋତ୍ସ୍ନାଙ୍କୁ କଲ୍ କରିଥିଲେ। ହେଲେ ସେ ଚାକିରି ଆଶାୟୀମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ଆଶାୟୀମାନେ ବିଦ୍ୟାଧରଙ୍କୁ ଧରି ଜ୍ୟୋତ୍ସ୍ନାଙ୍କୁ ଖୋଜାଖୋଜି କରିଥିଲେ। ଜ୍ୟୋତ୍ସ୍ନାଙ୍କୁ ନ ପାଇବାରୁ ରାତିରେ ବିଦ୍ୟାଧରଙ୍କୁ ଅପହରଣ କରି ଠକେଇର ଶିକାର ଅନ୍ୟତମ ଚାକିରି ଆଶାୟୀ ତପନଙ୍କ ଯାଜପୁର ରୋଡସ୍ଥିତ ଭଡ଼ାଘରକୁ ନେଇଯାଇଥିଲେ। ମଙ୍ଗଳବାର ଭୋର ୪ଟାରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ବିଦ୍ୟାଧରଙ୍କୁ ବନ୍ଦୀ କରି ରଖିଥିଲେ। ବୁଧବାର ସେମାନେ ବିଦ୍ୟାଧରଙ୍କ ସ୍ତ୍ରୀ ମାମିନାଙ୍କୁ କଲ୍ କରି ସ୍ୱାମୀଙ୍କ କାରନାମା ବିଷୟରେ କହିବା ସହ ସାର୍ଟିଫିକେଟ୍ ଓ ଟଙ୍କା ଫେରାଇଦେବାକୁ କହିଥିଲେ। ସେହିଦିନ ତପନ ଓ ମୋହନ ନାମକ ଯୁବକ ବିଦ୍ୟାଧରଙ୍କ ଘରକୁ ଆସି ତାଙ୍କ ସ୍ତ୍ରୀଙ୍କଠାରୁ ସାର୍ଟିଫିକେଟ୍ ଭର୍ତ୍ତି ବ୍ୟାଗ୍ ନେଇଥିଲେ। ହେଲେ ସେଥିରେ ଅନ୍ୟ ଆଶାୟୀଙ୍କ ଦସ୍ତାବିଜ ଥିବାରୁ ଅଭିଯୁକ୍ତମାନେ ବୁଧବାରଠାରୁ ଗୁରୁବାର ନିୟମିତ ମାମିନାଙ୍କୁ କଲ୍ କରି ଟଙ୍କା ଓ ସାର୍ଟିଫିକେଟ୍ ଫେରାଇବାକୁ କହିଥିଲେ। ଏହା ଭିତରେ ବିଦ୍ୟାଧର ଅପହର୍ତ୍ତାଙ୍କ ଚାପରେ ପଡ଼ି ମାନସିକ ଭାରସାମ୍ୟ ହରାଇ ବସିଥିଲେ। ୧୯ ତାରିଖ ଶୁକ୍ରବାର ସକାଳ ୭ଟାରେ ସେ ଶୌଚ ହେବାକୁ କହି ଟଏଲେଟ୍ ପାଖ ରୁମ୍‌କୁ ଯାଇ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଦେଇଥିଲେ। ଏହାପରେ ଟଙ୍କା ପାଇବାକୁ ଆଶା ରଖିଥିବା ଅଭିଯୁକ୍ତମାନେ ଭୟଭୀତ ହୋଇପଡ଼ିଥିଲେ। ବିଳମ୍ବିତ ରାତିରେ ବିଦ୍ୟାଧରଙ୍କ ମୃତଦେହକୁ କାର୍‌ରେ ଭୁବନେଶ୍ୱର ଆଣି ବାରଙ୍ଗ-ପିତାପଲ୍ଲୀ ରୋଡର ଏକ ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଚାହିଁଥିଲେ। ସେପଟେ ମାମିନା ବଡ଼ଗଡ଼ ଥାନାରେ ସ୍ୱାମୀଙ୍କ ନିଖୋଜ ଏତଲା ଦେଇ ଅପହର୍ତ୍ତାଙ୍କ ନମ୍ବର ଦେଇଥିଲେ। ପୋଲିସ ଉକ୍ତ ନମ୍ବରକୁ କଲ୍ କରିବା ପରେ ଅଭିଯୁକ୍ତମାନେ ମୃତଦେହ ଛାଡ଼ି ପଳାଇଥିଲେ। ୨୦ ତାରିଖରେ ବିଦ୍ୟାଧରଙ୍କ ମୃତଦେହ ପାଇବା ପରେ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା।

## ମହିଳାଙ୍କୁ ହାଣି ସମୁଦ୍ରକୂଳରେ ଫିଙ୍ଗିଦେଲେ

କୋଣାର୍କ,୨୨।୯
(ଜ୍ୟୋତିରାଜ ମହାନ୍ତି)

■ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କଲା ଟୁରିଷ୍ଟ ପୋଲିସ

■ ଗୁରୁତର ମହିଳାଙ୍କୁ କଟକ ସ୍ଥାନାନ୍ତର

ପୁରୀ-କୋଣାର୍କ ବେଳାମାର୍ଗ ଚନ୍ଦ୍ରଭାଗା ସମୁଦ୍ରକୂଳରୁ ସୋମବାର ଅପରାହ୍ନରେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଓ ଟୁରିଷ୍ଟ ପୋଲିସ ଜଣେ ମହିଳାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରିଥିବା ଜଣାପଡ଼ିଛି। ପୋଲିସ ତାଙ୍କୁ ପ୍ରଥମେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ମହିଳାଙ୍କୁ କେହି ଦୁର୍ବୃତ୍ତ ଗଳାକାଟି ହତ୍ୟା ଉଦ୍ୟମ କରି ସମୁଦ୍ରକୂଳରେ ଫିଙ୍ଗିଦେଇଥିବା ଜଣାପଡ଼ିଛି। ମହିଳାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଛି।

ସୂଚନାଯୋଗ୍ୟ, ଟୁରିଷ୍ଟ ପୋଲିସ ସୋମବାର ଚନ୍ଦ୍ରଭାଗା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସମୁଦ୍ରକୂଳରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ମହିଳାଙ୍କୁ ଦେଖି ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସକୁ ଖବର ଦେଇଥିଲା। ଚନ୍ଦ୍ରଭାଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ମେଡିକାଲ୍‌ରେ ଭର୍ତ୍ତି କରିଥିଲା। ଖବରପାଇ ପୁରୀରୁ ଏକ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ବାଲିରେ ପଡ଼ିଥିବା ରକ୍ତ, ମହିଳାଙ୍କ ଚପଲ, ପାଣି ବୋତଲ, ଚୁଡ଼ି ଆଦି ଜବତ କରିଛି। ଏହି ଘଟଣାକୁ ନେଇ କୋଣାର୍କ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ମହିଳା ଜଣଙ୍କ ଜଗତ୍‌ସିଂହପୁର ଜିଲା ମଙ୍ଗଳପୁରର ମାନସ ଭୋଇଙ୍କ ସ୍ତ୍ରୀ ବୋଲି ଜଣାପଡ଼ିଛି। ମହିଳାଙ୍କ ପାରିବାରିକ ଅଶାନ୍ତି ପାଇଁ ଜଣେ ବାବାଙ୍କ ନିକଟକୁ ଦେଖାକରିବା ବାହାନା କରି ଦୁର୍ବୃତ୍ତ ଜଣଙ୍କ ତାଙ୍କୁ କୋଣାର୍କ ଆଣିଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି। ମହିଳା ଜଣଙ୍କ ସୁସ୍ଥ ହେବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ କୌଣସି ପତ୍ତା ମିଳିନାହିଁ।

## ଛୁରିରେ ଆକ୍ରମଣ, ମହିଳା ମୃତ

ପୋଲସରା,୨୨।୯
(ସୁବ୍ରତ ବେହେରା)

■ କାନ ଫୁଲ ଓ ନାକର ନେଇ ଚମ୍ପଟ

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ଜଣେ ମହିଳାଙ୍କୁ ଏକ ଛୁରିରେ କେହି ଦୁର୍ବୃତ୍ତ ଆକ୍ରମଣ କରଛି। ଫଳରେ ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବିଳମ୍ବର ସେଠୀଙ୍କ ସ୍ତ୍ରୀ ଶୈଳ (୫୫)। ପରେ ଦୁର୍ବୃତ୍ତ ଜଣକ ଶୈଳ ପିନ୍ଧିଥିବା କାନ ଓ ନାକର ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିବା ଜଣାପଡିଛି। ସୋମବାର ସକାଳୁ ଘର କାମ ସାରି ଶୈଳ ବାଘୁଆ କେନାଲକୁ ଗାଧୋଇବାକୁ ଯାଇ ଫେରୁଥିବା ବେଳେ ଏହି ଘଟଣା ଘଟିଛି। ଖବରପାଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ବିନିକା ଓଏଭିର ପ୍ରାକ୍ତନ ଭାରପ୍ରାପ୍ତ ଅଧକ୍ଷ ଗିରଫ

■୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

■ଆତ୍ମସାତ୍ ଅର୍ଥକୁ ଅନ୍‌ଲାଇନ ଜୁଆଖେଳରେ ଉଡ଼ାଇଥିଲେ

■ପୂର୍ବରୁ ସରକାର ନିଲମ୍ବନ କରିଥିଲେ

ସୋନପୁର,୨୨।୯
(ମୃତ୍ୟୁଞ୍ଜୟ ଶତପଥୀ)



ସୌମ୍ୟରଞ୍ଜନ ଖେତି

ସରକାରୀ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ବିନିକା ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ପ୍ରାକ୍ତନ ଭାରପ୍ରାପ୍ତ ଅଧକ୍ଷ ସୌମ୍ୟରଞ୍ଜନ ଖେତିଙ୍କୁ ଭିଜିଲାନ୍ସ ବିଭାଗ ସୋମବାର ଗିରଫ କରିଛି। ଏହାର ଅଧିକ ତଦନ୍ତ ଜାରି ରହିଛି। ତାଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ବୋଲି ଭିଜିଲାନ୍ସ ସୂତ୍ରରୁ ଜଣାଯାଇଛି। ପ୍ରକାଶ ଯେ, ପ୍ରାକ୍ତନ ଭାରପ୍ରାପ୍ତ ଅଧକ୍ଷ ଖେତି ୨୦୨୧ ସେପ୍ଟେମ୍ବର ୨୯ ତାରିଖରେ ବିଦ୍ୟାଳୟର ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଦାୟିତ୍ୱରେ ଥିବା ସମୟରେ ୨୦୨୧-୨୨ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କ ମଧ୍ୟାହ୍ନଭୋଜନ ଯୋଜନା, ମୋ ସ୍କୁଲ ଅଭିଯାନ ଓ ଛାତ୍ରୀ ନିବାସ ପାଇଁ ମିଳିଥିବା ଅନୁଦାନ ହେର୍‌ଫେର ହୋଇଥିଲା। ନିଜ ପଦବୀର ଅପବ୍ୟବହାର କରି ସେ ସରକାରଙ୍କ ୫୫ ଲକ୍ଷ ୨ ହଜାର ୬୧୦ ଟଙ୍କା ଆତ୍ମସାତ୍ କରିଥିଲେ। ଅଭିଯୋଗ ହେବା ପରେ ସମ୍ବଲପୁର ଭିଜିଲାନ୍ସ ପିଏସ କେସ୍ ନଂ ୧୯/୨୦୨୫ ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ଭାରପ୍ରାପ୍ତ ଅଧକ୍ଷ ଖେତି ଟିନ୍‌ପଟି ଅନ୍‌ଲାଇନ ବେଟିଂ ଆପ୍‌ରେ ସଦସ୍ୟ ଭାବେ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଥିଲା। ଏପରି କି ଆତ୍ମସାତ୍ କରିଥିବା ସରକାରୀ ଅର୍ଥରୁ ୧୧ଲକ୍ଷ ଟଙ୍କା ଅନ୍‌ଲାଇନ ବେଟିଂ ପାଇଁ ବ୍ୟବହାର କରିଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଖେତିଙ୍କ ଏଭଳି କାରନାମା ଜଣାପଡିବା ପରେ ପୂର୍ବରୁ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିଲେ। ତାଙ୍କ ଘର ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ଗାଁରେ ବୋଲି ଜଣାଯାଇଛି । ତାଙ୍କ ଗିରଫ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ୫ ହଜାର ଟଙ୍କା ଲାଞ୍ଚ ନେଇ ଡାଟା ଏଣ୍ଟ୍ରି ଅପରେଟର ଗିରଫ

ସିମୁଳିଆ, ୨୨।୯
(ସନ୍ତୋଷ ନାୟକ)



ଭିନ୍ନ ଜାତିରେ ବିବାହ ପ୍ରମାଣପତ୍ର କରାଇଦେବା ଲାଗି ସୋମବାର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱରଞ୍ଜନ ପ୍ରଧାନ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରିବା ପରେ କୋର୍ଟଚାଲାଣ କରିଛି।

ଭଦ୍ରକ ଜିଲା ତିହିଡି ଥାନା ନୂଆନନ୍ଦ ଅଞ୍ଚଳର ନରେଶ ଚନ୍ଦ୍ର ମୁଦୁଲି ସିମୁଳିଆ ବ୍ଲକ ଅଣ୍ଡରାଇ ଅଞ୍ଚଳର ସଙ୍ଗୀତା ଜେନା ନାମ୍ନୀ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ଗତ ଅଗଷ୍ଟ ୩୦ରେ ବିବାହ କରିଥିଲେ। ସରକାରଙ୍କ ନିୟମ ଅନୁସାରେ ଜଣେ ସାଧାରଣ ବର୍ଗର ଯୁବକ ସ୍ୱଇଚ୍ଛାରେ ଅନ୍ୟ ଜାତିରେ ବିବାହ କଲେ ସରକାରୀ ପ୍ରୋତ୍ସାହନ ରାଶି ପାଇବା କଥା। ତେବେ ଏହି ପ୍ରୋତ୍ସାହନ ରାଶି ପାଇବା ପାଇଁ ସେ ଆବେଦନ କରିଥିଲେ। ଡାଟା ଏଣ୍ଟ୍ରି ଅପରେଟର ତାଙ୍କୁ ଲାଞ୍ଚ ମାଗିବା ସହିତ ଆଜି କାଲି କହି ସମୟ ଗଡ଼ାଇ ଚାଲିଥିଲେ। ତେବେ ଏ ସମ୍ପର୍କରେ ନରେଶ ଭିଜିଲାନ୍ସ ବିଭାଗରେ ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଜନା ମୁତାବକ ନରେଶ ୫ହଜାର ଟଙ୍କା ନେଇ ଡାଟା ଏଣ୍ଟ୍ରି ଅପରେଟର ପ୍ରଧାନଙ୍କୁ ବ୍ଲକ ପରିସରରେ ଦେବାବେଳେ ଭିଜିଲାନ୍ସ ଇନ୍ସପେକ୍ଟର ଜସ୍ମିତା ପୋଇଙ୍କ ସମେତ ୧୧ଜଣିଆ ଟିମ୍ ହାତରେ ଧରାପଡିଥିଲେ।

## ନୋମିନି ପରିବର୍ତ୍ତନ କରି ୨ କୋଟି ଠକେଇ, ସାନଭାଇ ଗିରଫ

ଭୁବନେଶ୍ୱର,୨୨।୯
(ସତ୍ୟଜିତ୍ ରାଉତ)

ବଡ଼ଭାଇଙ୍କ ମୃତ୍ୟୁ ପରେ ଶେୟାର ଟ୍ରେଡିଂ ଆକାଉଣ୍ଟରେ ନୋମିନି ପରିବର୍ତ୍ତନ କରି ୧.୯୮ କୋଟି ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ସାନ ଭାଇଙ୍କୁ ଗିରଫ କରିଛି। ସେ ହେଲେ କଳାହାଣ୍ଡି ଜିଲା କଳମପୁର ଥାନା ଅନ୍ତର୍ଗତ ବିଜାମରା ଗ୍ରାମର ନରେଶ କୁମାର କେଡିଆ (୩୯)। ତାଙ୍କଠାରୁ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ସୋମବାର କୋର୍ଟ ଚାଲାଣ ପରେ ନରେଶଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ନରେଶଙ୍କ ଅନ୍ୟ ପରିବାର ସଦସ୍ୟ ଅଭିଯୁକ୍ତ ରହିଥିବାବେଳେ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଝାରପଡ଼ା କେନାଲ ରୋଡରେ ରହୁଥିବା ଲକ୍ଷ୍ମୀଜେନ୍ କେଡିଆଙ୍କ ଏତଲାକୁ ଭିତ୍ତି କରି ପୋଲିସ ୨୦୨୪ ଅକ୍ଟୋବର ୨ରେ ମାମଲା (ନଂ.୫୨୮/୨୦୨୪) ରୁଜୁ କରିଥିଲା। ଲକ୍ଷ୍ମୀଜେନଙ୍କ ସ୍ୱାମୀ ଦିନେଶଙ୍କ ଗତବର୍ଷ ମାର୍ଚ୍ଚରେ ମୃତ୍ୟୁ ହୋଇଥିଲା। ଏହାପରେ ସାନଭାଇ ନରେଶ ତାଙ୍କ ଶେୟାର ଟ୍ରେଡିଂ ଆକାଉଣ୍ଟରେ ନୋମିନି ବଦଳାଇ ଶେୟାର ବିକ୍ରି କରିଦେଇଥିଲେ। ଦିନେଶଙ୍କ ନାମରେ ଥିବା ସିମ୍ କାର୍ଡକୁ ବ୍ଲକ୍ କରିବା ସହ ଇମେଲ୍ ବଦଳାଇ ନରେଶ ଏହି କାମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।






# ପ୍ରବଳ ବର୍ଷାରେ ଅସ୍ଥାୟୀ ପୋଲ ଉପରେ ୫ ଫୁଟର ପାଣି

- ଘଣ୍ଟାକରେ ୮୦ ମି.ମି ବର୍ଷା
- କୋରାପୁଟ-ରାୟଗଡ଼ା ମଧ୍ୟରେ ଗାଡ଼ି ଚଳାଚଳ ଠପ୍

କୋରାପୁଟ,୨୨ା୯ (ଅମିତାଭ ବେହେରା)


କୋରାପୁଟ-ରାୟଗଡା ୩୨୬ ନଂ ସଂଯୋଗୀ ରାସ୍ତା ବଙ୍ଗଳାଗୁଡ଼ାର ଏକ ଅସ୍ଥାୟୀ ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଛି।

କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇ ରାସ୍ତାଘାଟରେ ବର୍ଷାଜଳ ପ୍ରଭାବିତ ହୋଇ ଯାତାୟାତ ଠପ୍ ହୋଇଛି। କୋରାପୁଟ-ରାୟଗଡା ୩୨୬ ନଂ ଜାତୀୟ ରାଜପଥର ୧୨ କି.ମି ଦୂର ବଙ୍ଗଳାଗୁଡାରେ ଥିବା ଏକ ଅସ୍ଥାୟୀ ପୋଲ ଉପରେ ପ୍ରାୟ ୫ ଫୁଟ ବର୍ଷା ଜଳ ପ୍ରବାହିତ ହୋଇ ଗାଡ଼ି ଚଳାଚଳ ଠପ୍ ହୋଇଥିଲା। ଘଣ୍ଟାଏ ପ୍ରବଳ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନ ଜଳାବର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଘଣ୍ଟାଏ ମଧ୍ୟରେ ପ୍ରାୟ ୮୦ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷା ଯୋଗୁ କ୍ଷୟକ୍ଷତି ନେଇ ଖବର ଲେଖାଯିବା ସୁଦ୍ଧା ସବିଶେଷ ତଥ୍ୟ ଆସି ନ ଥିବା ବେଳେ ମଙ୍ଗଳବାର ଏ ନେଇ ତଥ୍ୟ ଦିଆଯିବ ବୋଲି ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ବଙ୍ଗଳାଗୁଡା ଅସ୍ଥାୟୀ ପୋଲ ଉପରେ ପ୍ରାୟ ୫ ଫୁଟ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଏହି ରୁଟ୍‌ରେ ଯିବାକୁ ଥିବା ଗାଡ଼ିଗୁଡ଼ିକ ରାସ୍ତାର ଦୁଇପାର୍ଶ୍ୱରେ ଅଟକି ରହିଥିଲେ। ସହରର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୨୬ ନଂ ଜାତୀୟ ରାଜପଥରେ ପ୍ରାୟ ୩ ଫୁଟ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସହର ସମେତ ଆଖପାଖ ସ୍ଥାନର ନାଳନର୍ଦ୍ଦମାରେ ବର୍ଷା ଜଳ ଭର୍ତ୍ତି ହେବା ସହ ତଳିଆ ଅଞ୍ଚଳର କେତେକଙ୍କ ଘରେ ବର୍ଷା ପାଣି ପଶିଥିବା ସୂଚନା ମିଳିଛି।

## ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି,୨୨ା୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଆବୁଝମାଡ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ସୋମବାର ଗୁଳି ବିନିମୟ ଯୋଗୁ ୨ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ମାଓବାଦୀ ହେଲେ ଏକକୋଟି ପୁରସ୍କାର ଘୋଷିତ କୋଟ୍ଟା ରାମଚନ୍ଦ୍ର ରେଡ୍ଡୀ ଓରଫ ଗୁଡସା ଏବଂ ଏକ କୋଟି ପୁରସ୍କାର ଘୋଷିତ କାଦ୍ରୀ ସତ୍ୟନାରାୟଣ ରେଡ୍ଡୀ ଓରଫ ଗୋପାନ୍ନୀ।

ସୂଚନା ଅନୁଯାୟୀ, ଆବୁଝମାଡ଼ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବରପାଇ ନାରାୟଣପୁର ଜିଲା ପୋଲିସ, ସିଆରପିଏଫ୍ ଡିଆରଜି ଯବାନ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସ୍‌କୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପୋଲିସର ପାଲଟା ଗୁଳିଚାଳନା ଫଳରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ସର୍ଚ୍ଚ ଅପରେଶନ କରିବା ସମୟରେ ୨ଜଣ ମାଓବାଦୀଙ୍କ ମୃତଦେହ ଜବତ କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ଭୁଲ୍ ମେଡିସିନ ନେଲା...

ମାଡ ମାରିଥିଲେ। ଏହି ଘଟଣା ପ୍ରଚାରିତ ହୋଇଯିବା ପରେ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ମୃତ ଶିଶୁପୁତ୍ରର ବାପା ଅଟୋ ଡ୍ରାଇଭର ଥିବାରୁ କ୍ୟାପିଟାଲ ହସ୍ପିଟଲରେ ଅନ୍‌ଲାଇନ୍ ଅଟୋ ଚାଳକ ସଂଘର କର୍ମକର୍ତ୍ତା ରୁଣ୍ଡ ହୋଇଥିଲେ। ବାହାରେ ରାସ୍ତାରୋକୋ କରିବା ସହିତ ହସ୍ପିଟାଲ ଭିତରକୁ ଧସେଇ ପସିଥିଲେ। ସେମାନେ କ୍ଷତିପୂରଣ ଦାବି କରିବା ସହ ଡ୍ୟୁଟିରେ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ସିକ୍ୟୁରିଟି ଗାର୍ଡଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଅଟୋ ଚାଳକମାନେ ହସ୍ପିଟାଲ ସାରା ହୋହଲ୍ଲା କରିବା ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରୋଗୀ ସେବା ବ୍ୟାହତ ହୋଇଥିଲା। ସ୍ଥିତି ଏପରି ହୋଇଥିଲା କାଜୁଆଲିଟି, ହସ୍ପିଟାଲର ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀଙ୍କ ଚାମ୍ବରକୁ ବନ୍ଦ କରିଦିଆଯାଇ କାହାକୁ ଛଡା ନ ଯାଇ ନ ଥିଲା। କମିଶନରେଟ ପୋଲିସ ପକ୍ଷରୁ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ତେବେ ଶିଶୁ ମୃତ୍ୟୁ ଘଟଣାର ନିରପକ୍ଷ ତଦନ୍ତ କରାଯିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ଶିଶୁରୋଗ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି।

#### ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା

ଶିଶୁପୁତ୍ର ଆୟୁଷ୍ମାନ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ୧୩ ମାସରେ...

ଅନୁଯାୟୀ, ୨୦୨୪ ଜୁନ୍ ପହିଲାରୁ ୨୦୨୫ ଜୁଲାଇ ମଧ୍ୟରେ ରାଜ୍ୟରେ ୩୭ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ସର୍ବାଧିକ ୯୧୮୧ ମାମଲା କେବଳ ଅସଦାଚରଣ(ମୋଲେଷ୍ଟସନ) ରହିଥିବାବେଳେ ଏହାତଳକୁ ଅପହରଣ ଓ ଅନ୍ୟାନ୍ୟ ମାମଲା ରହିଛି। ତେବେ ଏହି ମାମଲାରେ ୮୭୫ ପୁରୁଷ ଓ ୬୫ମହିଳା ଗିରଫ ହୋଇଥିବାବେଳେ ୧୨୯ଜଣ ଜେଲ ଯାଇଛନ୍ତି। ଏହି ଅବଧି ମଧ୍ୟରେ ୮୨୨୭ଟି ନାରୀ ଅପହରଣ ମାମଲା ରୁଜୁ ହୋଇଥିବାବେଳେ ଯୌତୁକ ନିର୍ଯାତନା ପାଇଁ ୫୪୬୪ ମାମଲା ଏବଂ ୬୧୩୪ଟି ଅଣଯୌତୁକ ନିର୍ଯାତନା ମାମଲା ଓ ୨୯୩୩ଟି ବଳାତ୍କାର ମାମଲା ରହିଛି। ତେବେ ବଳାତ୍କାର ମାମଲାରେ ୨୨୬୧ଜଣ ପୁରୁଷ ଓ ୨୬ଜଣ ମହିଳା ଗିରଫ ହୋଇଥିବାବେଳେ ୪୨୬ଜଣଙ୍କୁ ଜେଲ ପଠାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।

ସେହିପରି ଏହି ଅବଧି ମଧ୍ୟରେ ୧୭୪ଟି ବଳାତ୍କାର ଉଦ୍ୟମ ମାମଲା ରହିଥିବାବେଳେ ୩୩୪ଟି ସଙ୍ଗିନ ମାମଲା ରହିଛି। ବିବାହର ପ୍ରତିଶ୍ରୁତି ଦେଇ ଅବୈଧ ସମ୍ପର୍କ ରଖିବା ନେଇ ୩୩୪ଟି ମାମଲା ରୁଜୁ ହୋଇଛି। ଏହାସହିତ ୧୨୭୮ଟି ଯୌନ ନିର୍ଯାତନା ମାମଲା ରହିଥିବାବେଳେ ୨୧୬୧ଟି ସର୍ବସାଧାରଣରେ ମହିଳାଙ୍କୁ ଉଲଗ୍ନ କରିବା ଭଳି ମାମଲା ରହିଛି। ଏହାବାଦ୍ ୧୨୭ଟି କେବଳ ନାରୀ ଚାଲାଣ ମାମଲା ରୁଜୁ ହୋଇଥିବାବେଳେ ସର୍ବସାଧାରଣରେ ମହିଳାଙ୍କୁ ନିର୍ଯାତନା ଦେବା ନେଇ ୭୦୨ଟି ମାମଲା ରୁଜୁ ହୋଇଛି। ଏହି ସମୟ ମଧ୍ୟରେ ୩ଜଣ ମହିଳାଙ୍କୁ ଏସିଡ୍ ଆକ୍ରମଣ ହୋଇଥିବାବେଳେ ୨ଜଣଙ୍କୁ ଉଦ୍ୟମ କରାଯାଇଛି। ଏହାବାଦ୍ ଅନ୍ୟାନ୍ୟ ମାମଲା ରହିଛି। ତେବେ ନାରୀ ଅପହରଣ ମାମଲାରେ ୪୪୬ଜଣ ଗିରଫ ହୋଇଥିବାବେଳେ ୧୭ଜଣ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୪ଜଣ ଜେଲ ଭୋଗିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟରେ ନାରୀ ନିର୍ଯାତନା ରୋକିବା ପାଇଁ ସମ୍ବେଦନଶୀଳ ମାମଲା(ବଳାତ୍କାର, ଏସିଡ୍ ଆକ୍ରମଣ) ଭଳି ମାମଲାରେ ଜିଲା ଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପିଙ୍କ ଜରିଆରେ ମାମଲାକୁ ତ୍ୱରିତ ତଦାରଖ କରାଯାଉଛି। ଏହାସହିତ ୨୯ଟି ଜିଲାରେ ସ୍ୱତନ୍ତ୍ର ଅନୁସନ୍ଧାନ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି ବୋଲି ତଥ୍ୟରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

# ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୫ ଆଗତ

ଭୁବନେଶ୍ୱର, ୨୨ା୯(ସୁନିତ୍ ମିଶ୍ର)

- କହିଥିଲୁ ଏଥିରେ ତ୍ରୁଟି ଅଛି, ବହୁତ ପସ୍ତେଇବ: ବିଜେଡି
- କୁଳପତି ପଦକୁ ଏମିତି ସଙ୍କୁଚିତ କରିଥିଲ, ରାଜ୍ୟବାସୀ ଏବେ ପସ୍ତଉଛନ୍ତି: ମନ୍ତ୍ରୀ

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୫କୁ ଗୃହରେ ଆଗତ କରିଛନ୍ତି। ଏହି ବିଲ୍‌କୁ ବିରୋଧୀ ଦୃଢ଼ ବିରୋଧ କରିଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୪ର ଗୋଟିଏ କ୍ଲଜକୁ ସରକାର ଏବେ ଏହି ବିଲ୍ ମାଧ୍ୟମରେ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ଆଇନ ଅନୁଯାୟୀ ଯଦି କୌଣସି ବିଶ୍ୱବିଦ୍ୟାଳୟରେ କୁଳପତି(ଭିସି) ନ ଥିବେ ତେବେ ଅନ୍ୟ ଜଣେ ଭିସିଙ୍କୁ ଉକ୍ତ ସ୍ଥାନରେ ଇନଚାର୍ଜ ଦାୟିତ୍ୱ ଦିଆଯିବ। ହେଲେ କିଛିଦିନ ତଳେ ସରକାର ଜଣେ ପ୍ରଫେସରଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ଭିସି ଭାବେ ନିଯୁକ୍ତି ଦେଇଥିଲେ। ଏହାକୁ ବିରୋଧ କରି ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ଆଲୁମ୍ନି ପ୍ରବୀର ଦାସ ହାଇକୋର୍ଟରେ ପିଆଇଏଲ୍ ଫାଇଲ୍ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ଉକ୍ତ ପ୍ରଫେସରଙ୍କଠାରୁ ଭିସି ଦାୟିତ୍ୱରୁ ହଟାଇ ଦେଇଥିଲେ। ଏହାସହ ସଙ୍ଗେ ସଙ୍ଗେ ଏକ ଅଧ୍ୟାଦେଶ ଆଣିଥିଲେ। ସେଥିରେ ଯେକୌଣସି ପ୍ରଫେସରଙ୍କୁ ଭିସି ପଦବୀରେ ରଖିପାରିବେ ବୋଲି ଉଲ୍ଲେଖ ରହିଥିଲା। ସେହି ଆଧାରରେ ଉକ୍ତ ପ୍ରଫେସରଙ୍କୁ ପୁଣିଥରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ ଭିସି ଭାବେ ନିଯୁକ୍ତି ଦିଆଯାଇଥିଲା। ଏବେ ତାହାକୁ ଆଇନରେ ପରିଣତ କରିବା ପାଇଁ ବିଲ୍ ଆଗତ କରିଛନ୍ତି। ଏହାକୁ ଗୃହରେ ବିରୋଧୀ ସଦସ୍ୟମାନେ ବିରୋଧ କରିଛନ୍ତି। ଜଣେ ଅନାମଧେୟ ବ୍ୟକ୍ତି ଏବଂ ନିଜ ଭାଇ, ବନ୍ଧୁଙ୍କୁ ପଦପଦବୀରେ ରଖିବାକୁ ସରକାର ଏହି ସଂଶୋଧନ ବିଲ୍ ଆଣିଥିବା ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ପଲଟା ଜବାବ ରଖି ଜଣେ ବରିଷ୍ଠ ପ୍ରଫେସରଙ୍କୁ ଅନାମଧେୟ କହିବା କେତେଦୂର ଠିକ୍ ବୋଲି ପ୍ରଶ୍ନ କରିଛନ୍ତି। ଏହା ସମଗ୍ର ଶିକ୍ଷକ ଜାତିକୁ ଅପମାନ ବୋଲି ସେ କହିଛନ୍ତି।

ଏହି ବିଲ୍ ଆଗତ ହେବାପରେ ବିରୋଧୀ ଦଳ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଗତ ଏପ୍ରିଲ ୭ରେ ରାତି ଅନିଦ୍ରା ହୋଇ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ୨୦୨୪ ଉପରେ ଆଲୋଚନା ହୋଇ ତାହାକୁ ପାରିତ କରାଗଲା। ସେତେବେଳେ ଏମିତି ତରବରିଆ ଭାବେ ଆଇନ ଆଣୁଛ ଏଥିପାଇଁ ଅସୁବିଧା ଭୋଗିବ ଚେତାଇ ଦିଆଯାଇଥିଲା। ସେହି ବିଲ୍ ଆସିବାର ୪୪ ଦିନ ହୋଇଛି, ସରକାର ଏଥିପାଇଁ ଅସୁବିଧାରେ ପଡ଼ିଲେ। ଯେଉଁମାନେ ଏଥିପାଇଁ ବୁଦ୍ଧି ଦେଇଥିଲେ, ସେମାନଙ୍କ କଥାରେ ତୁମେମାନେ ଚାଲିଲ। ଏବେ ଦାସେ ଆଇଲେ ମୂଳରୁ ଗା ପରିସ୍ଥିତି ସୃଷ୍ଟି ହେଲା। ଜଣେ ବ୍ୟକ୍ତି ଏହାକୁ ନେଇ ପିଆଇଏଲ୍ ଫାଇଲ କଲେ। ସରକାର ଜଣେ ଅଧ୍ୟାପକଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ଦେଲେ, ପରବର୍ତ୍ତୀ ସମୟରେ ତାଙ୍କୁ କାଢ଼ିଲେ। ପୁଣି ଦିନକ ପରେ ତାଙ୍କୁ ନିଯୁକ୍ତି ଦେଲେ। ସରକାର ନିଜେ ନିଜର ତ୍ରୁଟି କ'ଣ ଜାଣିଲା ପରେ ଏଥିରେ ପରିବର୍ତ୍ତନ ଆଣୁଛନ୍ତି। ବିଜେଡି ସଦସ୍ୟ ଗଣେଶ୍ୱର ବେହେରା କହିଛନ୍ତି, ଯେଉଁ ଆଇନ କେବେ ରାଜ୍ୟ ସ୍ୱାର୍ଥ ସାଧନ କରିବ ନାହିଁ, ସେଭଳି ଆଇନ ଆଣିବା ପୂର୍ବରୁ ତାକୁ ନେଇ ବାରମ୍ବାର ତର୍ଜମା ହେବା ଦରକାର। ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ଲାଗି ଆଇନକୁ ଅଣଦେଖା କରାଗଲା। ହାଇକୋର୍ଟ ଏହା ଜାଣିବା ପରେ ଗଭୀର ଅସନ୍ତୋଷ ପ୍ରକାଶ କଲେ। ବିଜେଡି ସଦସ୍ୟ ଅରୁଣ କୁମାର ସାହୁ କହିଛନ୍ତି, ଯେତେବେଳେ ଏହି ବିଲ୍ ଆସିଥିଲା, ରାତିତମାମ ଆଲୋଚନା ହୋଇଥିଲା। ଏଥିରେ ସେ ଅନେକ ତ୍ରୁଟି ଦେଖାଇଥିଲେ। କିଛିଦିନ ପରେ ସରକାର ନିଜ କଥା ଭୁଲ୍ ବୋଲି ପ୍ରମାଣ କଲେ। ସରକାର ମୌଖିକ ଭାବେ ତାଙ୍କ ଭୁଲ୍ ଏଠି ସ୍ୱୀକାର କରନ୍ତୁ। କୁଳପତି ଦାୟିତ୍ୱରେ ଯାହାକୁ ବି ରଖିପାରିବେ ବୋଲି ସରକାର ଯେଉଁ ନିଷ୍ପତ୍ତି ନେଲେ, ଏହା ନିୟମର ଖୋଲା ଉଲ୍ଲଂଘନ ଥିଲା ବୋଲି ଅରୁଣ କହିଛନ୍ତି।

ମନ୍ତ୍ରୀ ସୂର୍ଯ୍ୟବଂଶୀ ତାଙ୍କ ଉତ୍ତରରେ କହିଛନ୍ତି, ଭାଜପା ସରକାର ରାଜ୍ୟରେ ଆସିବା ବେଳକୁ ଓଡ଼ିଶାରେ ୧୭ରୁ ୧୫ଟି ବିଶ୍ୱବିଦ୍ୟାଳୟ ଫାଙ୍କା ପଡ଼ିଥିଲା। ସ୍ଥାୟୀ କୁଳପତି ରାଜ୍ୟରେ ଦୁଇ ଜଣ ରହିଥିଲେ। ସେମାନେ ଅନ୍ୟ ସ୍ଥାନରେ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ସେତେବେଳେ ସରକାରରେ ଯେଉଁମାନେ ଥିଲେ, ଏବେ ବିରୋଧୀ ଦଳରେ ବସିଛନ୍ତି। ସମ୍ବିଧାନକୁ ଏହା ଭିତରେ ୧୦୬ ଥର ସଂଶୋଧନ କରାଯାଇଛି। ବିଜେଡି ସରକାରରେ ଥିବାବେଳେ କୁଳପତି ପଦକୁ ସଙ୍କୁଚିତ କରି ରଖିଥିଲା, ଯେଉଁଥିଲାଗି ବର୍ତ୍ତମାନ ସରକାର ଏବଂ ସମଗ୍ର ରାଜ୍ୟବାସୀ ପସ୍ତାଉଛନ୍ତି ବୋଲି ସୂର୍ଯ୍ୟବଂଶୀ କହିଛନ୍ତି।



## ସଂକ୍ଷେପରେ

### ରତ୍ନଭଣ୍ଡାର ଅଳଙ୍କାର ଲୁଟ୍ ଅଭିଯୋଗ: ସିବିଆଇ ତଦନ୍ତ ଦାବି

**ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି):** ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଲୁଟ୍ ହୋଇଥିବା ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିବା ସହ ସିବିଆଇ ତଦନ୍ତ ଦାବି କରିଛି। ଏ ନେଇ ସୋମବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥଙ୍କ ଶ୍ୱଶୁରଘର ନୃସିଂହ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ ଓ ପ୍ରାର୍ଥନା ସହ ଗଣବିକ୍ଷୋଭ କରାଯାଇଛି। ଆବାହକ ପଟ୍ଟନାୟକ କହିଛନ୍ତି ଯେ, ସରକାର ଓଡ଼ିଆ ଲୋକଙ୍କୁ କାହିଁକି ଭୂଆଁ ବୁଲାଉଛନ୍ତି। ସିନ୍ଦୁକ ବଦଳିଲା, କିନ୍ତୁ ରତ୍ନଅଳଙ୍କାରର ଗଣତିମଣତି ନ କରି ତାହାକୁ କାହିଁକି ସ୍ଥାନାନ୍ତର କରାଯିବ। ୧୯୭୮ ମସିହାର ଗଣତିମଣତି ତାଲିକା ସହ ବର୍ତ୍ତମାନର ରତ୍ନ ଅଳଙ୍କାର କେବେ ମେଳକ କରାଯିବ। ଯଦି ଗଣତିମଣତି ହେବନାହିଁ, ତେବେ ସରକାର କାହିଁକି ଜଷ୍ଟିସ୍ ବିଶ୍ୱନାଥ ରଥ କମିଶନ ଗଠନ କରିଛନ୍ତି। ଏ ବାବଦରେ ରାଜ୍ୟ ରାଜକୋଷରୁ କାହା ସ୍ୱାର୍ଥରେ ବହୁ ଅର୍ଥ ବ୍ୟୟ କରାଗଲା। ରତ୍ନଣ୍ଡାରର ଅନେକ ଅଳଙ୍କାର ଲୁଟ ଓ ଚୋରି ହୋଇଛି। ଏହାର ସିବିଆର ତଦନ୍ତ କରାଯାଉ। ସାଢ଼େ ୪ କୋଟି ଓଡ଼ିଆ ଏବଂ ଜଗନ୍ନାଥପ୍ରେମୀ ରତ୍ନଭଣ୍ଡାର ସତ୍ୟ କେବେ ଜାଣିବେ। ସେହିପରି ମହାପ୍ରଭୁଙ୍କ କୋହିନୂର ହୀରା, ୫୨୨ ରୁପାଇଟା କେବେ ଶ୍ରୀମନ୍ଦିରକୁ ଫେରିବ ଏବଂ ଦଶ ଅବତାର ମୂର୍ତ୍ତି କେବେ ଲଗାଯିବ ସେ ନେଇ ସରକାର ଉତ୍ତର ଦିଅନ୍ତୁ ବୋଲି ପଟ୍ଟନାୟକ କହିଛନ୍ତି।

### ପ୍ରକଳ୍ପ କାର୍ଯ୍ୟାଳୟରେ ଭଙ୍ଗାରୁଜା, ଜଣେ ଗିରଫ

**ବାରଙ୍ଗ,୨୨।୯(ଲିଙ୍ଗରାଜ ରାଉତ):** ମୁଣ୍ଡଳିଠାରେ ଭୁବନେଶ୍ୱରକୁ ବିଶୁଦ୍ଧ ଜଳ ଯୋଗାଣ ନିମନ୍ତେ ହେଉଥିବା ପ୍ରକଳ୍ପ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯିବା ସହ ଆତଙ୍କ ଖେଳାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୋଡିସାହି ଫାଣ୍ଡି ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମୁଣ୍ଡଳି ଅଞ୍ଚଳ ଶିବପ୍ରସାଦ ନାୟକ। ଅଭିଯୋଗ ଆଧାରରେ ଫାଣ୍ଡିଅଧିକାରୀ ସୌମ୍ୟଶ୍ରୀ ଆଶୁତୋଷ ପାଣି ମାମଲା (ନଂ.୫୨୧/୨୫) ରୁଜୁ କରିଛନ୍ତି। ସୂଚନାଯୋଗ୍ୟ, ଶିବ ଓ ତାଙ୍କର ଅନ୍ୟ ୨ଜଣ ସହଯୋଗୀ ରବିବାର କାର୍ଯ୍ୟାଳୟରେ ପହଞ୍ଚି ଛଟେଇ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପୁନଃନିଯୁକ୍ତି ଦେବା ସହ ସେମାନଙ୍କୁ କାମ ଦେବାକୁ ଦାବି କରିଥିଲେ। ଜଳଯୋଗାଣ ପ୍ରକଳ୍ପ ମ୍ୟାନେଜର ଓ ସହଯୋଗୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶିବପ୍ରସାଦ ଓ ତାଙ୍କର ସହଯୋଗୀମାନେ ମାରଧର କରିବା ସହ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ ବୋଲି ପ୍ରକଳ୍ପ ମ୍ୟାନେଜର ସୁଶାନ୍ତ କୁମାର ବେହେରା ଫାଣ୍ଡିରେ ଅଭିଯୋଗ କରିଥିଲେ। ଘଟଣାରେ ଶିବପ୍ରସାଦଙ୍କ ଅନ୍ୟ ୨ଜଣ ସହଯୋଗୀ ଫେରାର ଥିବା ଜଣାପଡ଼ିଛି।

# ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ

### ବିଦ୍ୟାଳୟ ଫାଟକ, କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ବୋଲଗଡ଼,୨୨।୯(ଦେବବ୍ରତ ହୋତା)**


ପୋଲିସ ଉପସ୍ଥିତିରେ କାର୍ଯ୍ୟାଳୟ ତାଲା ଫିଟିବା ପରେ ଶିକ୍ଷୟିତ୍ରୀ ଶିକ୍ଷକ ବାହାରକୁ ଆସୁଛନ୍ତି।

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ରାସୋଳ ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମା ଦେଈଙ୍କ ବଦଳିକୁ ବିରୋଧ କରି ସୋମବାର ଅପରାହ୍ନ ୩ଟା ୩୦ରେ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଏପରିକି କାର୍ଯ୍ୟାଳୟରେ ମଧ୍ୟ ତାଲା ମାରିଦେଇଥିଲେ। ଖବରପାଇ ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ସ୍ୱାଇଁ ବେଗୁନିଆ ଥାନା ଦାୟିତ୍ୱରେ ଥିବା ବୋଲଗଡ଼ ଥାନାଧିକାରିଣୀ ସ୍ନିଗ୍ଧାମୟୀ ବରାଳଙ୍କୁ ଅବଗତ କରିଥିଲେ। ପରେ ସନ୍ଧ୍ୟା ୬ଟାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କିରାଣିଙ୍କୁ ଧରି ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚିଥିଲେ। ପୋଲିସ ପ୍ରଥମେ ସେଠାରେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଘରକୁ ପଠାଇଥିଲେ। ଏହାପରେ ସେଠାରେ ହୋହଲ୍ଲା କରୁଥିବା ଗ୍ରାମବାସୀଙ୍କୁ ବୁଝାଇ କାର୍ଯ୍ୟାଳୟ ତାଲା ଖୋଲି ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମୁକ୍ତ କରିଥିଲା। ଶିକ୍ଷୟିତ୍ରୀ ସୁଷମା ଦେଈଙ୍କ ବଦଳିକୁ ବିରୋଧ କରୁଥିବା ଗ୍ରାମବାସୀଙ୍କୁ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସତ୍ୟନାରାୟଣ ବାରିକ ଏବଂ ଗ୍ରାମ ସଭାପତି ପ୍ରଦୀପ ପାଲଟାସିଂହଙ୍କ ଉପସ୍ଥିତିରେ ବୁଝାଶୁଝା କରି ସରକାରଙ୍କ ନିୟମ ମୁତାବକ ବିଦ୍ୟାର୍ଥୀ ଓ ଶିକ୍ଷକ ଅନୁପାତରେ ଏହା ହୋଇଥିବା ଦର୍ଶାଇଥିଲେ। ଏହି ଅବସରରେ ଶିଶୁବାଟିକା ବିଦ୍ୟାର୍ଥୀଙ୍କୁ ପଢ଼ାଇବା ପାଇଁ ଶିକ୍ଷକ ନିଯୁକ୍ତି ନେଇ ମଧ୍ୟ ଆଲୋଚନା ହୋଇଥିଲା।

# ସ୍ଥାୟୀ ପାରିଶ୍ରମିକ ଦାବିରେ ଗଣଧାରଣା



ବେଗୁନିଆ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା।

**ବେଗୁନିଆ,୨୨।୯(ହର ପ୍ରସନ୍ନ ପଣ୍ଡା)**

ପରିଶ୍ରମ ତୁଳନାରେ ମିଳୁନାହିଁ ସ୍ଥାୟୀ ପାରିଶ୍ରମିକ। ଏପରିକି ମିଳୁନାହିଁ ବ୍ୟାଙ୍କ ପାସ ବହି ଜରିଆରେ ଟଙ୍କା। ଅପରପକ୍ଷରେ ସରକାରଙ୍କ ପରଫରମାନ୍ସ ଇନସେଟିଭ(ପ୍ରୋତ୍ସାହନ ରାଶି) ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରାଯାଉ ଆଦି ବିଭିନ୍ନ ଦାବିରେ ବେଗୁନିଆ ବ୍ଲକ ସମ୍ମୁଖରେ ସୋମବାର ଗଣଧାରଣା ଦିଆଯାଇଥିଲା। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ବ୍ଲକସ୍ତରୀୟ ମିଶନ ଶକ୍ତି କର୍ମୀ ସାମ୍ମୁଖ୍ୟ ସଂଘ ଏବଂ କମ୍ୟୁନିଟି ସପୋର୍ଟ ଷ୍ଟାଫ(ସିଏସଏସ) ମିଳିତଭାବେ ଧାରଣା ଦେଇଥିଲେ। ବେଗୁନିଆ ବ୍ଲକ ଅନ୍ତର୍ଗତ ୨୧ଟି ପଞ୍ଚାୟତର ୨୮୨ଜଣ କାର୍ଯ୍ୟରତ କ୍ୟାଡର କର୍ମଚାରୀ ଏମ୍‌ବିକେ, ସିଆରପି, ପ୍ରଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କ ମିତ୍ରମାନେ ସାମିଲ ଥିଲେ। ପୂର୍ବ ସରକାରଙ୍କ ବିଧିବଦ୍ଧ ବ୍ୟବସ୍ଥା ୨୦୧୧ରୁ 'ତୃପ୍ତି' ଯୋଜନା ମାଧ୍ୟମରେ ୨୦୨୪ ପର୍ଯ୍ୟନ୍ତ ମାସିକ ଦରମା ପ୍ରଦାନ କରୁଥିଲେ। ହେଲେ ବର୍ତ୍ତମାନର ସରକାର ୨୦୨୫ ମାର୍ଚ୍ଚ ୨୯ରୁ କାମ ଅନୁଯାୟୀ ଦରମା ପ୍ରଦାନ କରିବେ ବୋଲି ଆଦେଶନାମା ଜାରି କଲେ। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଛି। ଏପରିକି କିଛି ମାସ ହେବ ଦରମାରୁ ବଞ୍ଚିତ ହେଉଛୁ। ଫଳରେ ସମସ୍ତେ ମିଳିତ ହୋଇ ଧାରଣା ଦେଇଛୁ ବୋଲି ମହିଳା ନେତ୍ରୀ ସବିତା ମାନସିଂହ ଏବଂ ଶାନ୍ତିଲତା ବାରିକ କହିଛନ୍ତି।



ସାମ୍ବାଦିକମାନଙ୍କୁ ପେନ୍‌ସନ, ସୁରକ୍ଷା ଏବଂ ଆକ୍ରିଡେଶନ ଦାବିରେ ଓୟୁଜେ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଦିଆଯାଇଥିବା ଧାରଣାରେ ବିଧାୟକ ଅରୁଣ ସାହୁ ସାମିଲ ହୋଇ ବକ୍ତବ୍ୟ ରଖୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

### ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

#### ମହିଳାଙ୍କୁ ମଦ ପିଆଇ ଗଣବଳାତ୍କାର ମାମଲା

**ଭୁବନେଶ୍ୱର,୨୨।୯(ସତ୍ୟଜିତ୍ ରାଉତ):** ରାଜଧାନୀରେ ଜଣେ ମହିଳାଙ୍କୁ ମଦ ପିଆଇ ବଳାତ୍କାର ମାମଲାରେ ସୋମବାର ଭୁବନେଶ୍ୱର ଅତିରିକ୍ତ ଦୌରା ଜଜ୍‌ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ମହିଳା ଥାନା ପକ୍ଷରୁ ରୁଜୁ ହୋଇଥିବା ଏହି ମାମଲାରେ ବିଚାରପତି ଶୁଭଞ୍ଜନ ମହାନ୍ତି ରାୟ ପ୍ରକାଶ କରି ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ତାରିଣୀ ବସ୍ତିରେ ରହୁଥିବା କଟକ ଜିଲା ପୁରୀଘାଟ ଥାନା ଅନ୍ତର୍ଗତ ତେଲେଙ୍ଗା ବଜାରର ଅମିତାଭ ଶତପଥୀ ଓରଫ ଭାଲୁ (୨୯)। ଏଥିସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲରେ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି। ଏହି ମାମଲାରେ ବାହୁଡ଼ା ନାମକ ଅନ୍ୟତମ ସହଯୋଗୀ ଓ ଅନ୍ୟଜଣେ ମହିଳା ହୋମଗାର୍ଡ ମଧ୍ୟ ଅଭିଯୁକ୍ତ ଅଛନ୍ତି। ସମ୍ପୃକ୍ତ ହୋମଗାର୍ଡଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୋଧରେ କୋର୍ଟରେ ଶୁଣାଣି ଚାଲୁ ରହିଛି। ବାହୁଡ଼ା ଫେରାର ଅଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବାଣୀବିହାର ରେଲୱେ ଷ୍ଟେସନ ଓଭର ବ୍ରିଜ୍ ନିକଟରେ ମହିଳା ହୋମଗାର୍ଡଙ୍କ ଘରେ ଅମିତାଭ ଭଡ଼ାରେ ରହୁଥିଲେ। ଉକ୍ତ ଘରେ ପୀଡ଼ିତା ଓ ତାଙ୍କ ସ୍ୱାମୀ ମଧ୍ୟ ରହୁଥିଲେ। ସ୍ୱାମୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ କମ୍ପାନୀରେ କାମ କରୁଥିଲେ। ୨୦୧୪ ଏପ୍ରିଲ ୪ ସକାଳେ ପୀଡିତାଙ୍କ ସ୍ୱାମୀ ଘରେ ନ ଥିଲେ। ଏହି ସମୟରେ ତାଙ୍କୁ ଅଭିଯୁକ୍ତମାନେ ମଦ ପିଆଇଦେଇଥିଲେ। ଏହାପରେ ଅମିତାଭ ଓ ବାହୁଡ଼ା ତାଙ୍କୁ ବଳାତ୍କାର କରିଥିଲେ। ଦିନ ପ୍ରାୟ ୧.୩୦ ବେଳେ ସ୍ୱାମୀ ଘରକୁ ଫେରିବାପରେ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ପୀଡିତାଙ୍କ ସ୍ୱାମୀଙ୍କ ଏତଲାକୁ ଆଧାର କରି ମହିଳା ଥାନା ମାମଲା (ନଂ.୯୪/୨୦୧୪) ରୁଜୁ କରି ଅମିତାଭଙ୍କୁ ଗିରଫ କରିଥିଲା। ପରେ ମହିଳା ହୋମଗାର୍ଡଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା।

# ୬୦୨ଅଭିଯୋଗ ଶୁଣିଲେ, ତ୍ୱରିତ ସମାଧାନ ପ୍ରତିଶ୍ରୁତି


ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ ଏବଂ ଅନ୍ୟ ଅତିଥି ଷ୍ଟଲ ବୁଲି ଦେଖୁଛନ୍ତି।

**ଖୋର୍ଦ୍ଧା,୨୨।୯(ପ୍ରଭାତ ପାଣିଗ୍ରାହୀ)**

#### କୁରାଡ଼ମଲ୍ଲ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଡ଼ମଲ୍ଲ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷୀରାବ୍ଧି ତନୟା ସାହୁଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ସମିତିସଭ୍ୟା ପୁଷ୍ପାଞ୍ଜଳି ଜଗଦେବ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ରାଜସ୍ୱ, ସ୍ୱାସ୍ଥ୍ୟ, ଭତ୍ତା, ଜଙ୍ଗଲ, ଜଳସେଚନ, ଶିକ୍ଷା, ବିଦ୍ୟୁତ୍, ପାନୀୟଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ଉଦ୍ୟାନ କୃଷି, ଗୋ ସମ୍ପଦ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁପାଳନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ମିଶନ ଶକ୍ତି, ସିଏସ୍‌ସି ଓ ଆଧାର ବିଭାଗ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭୂମିହୀନ ବ୍ୟକ୍ତି ବିଶେଷଙ୍କୁ ନୂତନ ପଟ୍ଟା ପ୍ରାପ୍ତ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଇଛି। ଜାତି ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ଓ ଆୟ ପ୍ରମାଣପତ୍ର ଆଦି ତ୍ୱରିତ ସମାଧାନ କରାଯାଇ ହିତାଧିକାରୀଙ୍କୁ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ମୋଟ୍ ୬୦୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୪୫୧ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ରଥ, ପ୍ରକାଶ କୁମାର ପରିଡ଼ା, ନାଏବ ସରପଞ୍ଚ ସବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ୧୦ ହଜାର ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ



**ଭୁବନେଶ୍ୱର,୨୨।୯(ସୁଚିସ୍ମିତା ସାହୁ)**

ଓଡିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ସୋମବାର ଲୋୟର ପିଏମଜିଠାରେ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୦୪ରୁ ୨୦୧୩ ମସିହା ପର୍ଯ୍ୟନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତ ଠିକା ଶିକ୍ଷକଙ୍କ ୬ବର୍ଷର ଠିକା ଚାକିରିଙ୍କୁ ମୂଳ ଚାକିରିରେ ଗଣନା କରିବା ସହିତ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସେମାନଙ୍କ କହିବାନୁସାରେ, ରାଜ୍ୟରେ ମାଧ୍ୟମିକ ଶିକ୍ଷାର ଦୁର୍ଦ୍ଦିନ ସମୟରେ ରାଜ୍ୟ ସରାକର ଠିକା ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସ୍ୱଳ୍ପ ଦରମାରେ କାମ କରି ପିଲାଙ୍କୁ ଶିକ୍ଷାଦାନ କରୁଥିବା ଠିକା ଶିକ୍ଷକଙ୍କୁ ତତ୍କାଳୀନ ସରକାର ଉପେକ୍ଷା କରିଥିଲେ। ୨୦୨୩ ମସିହାରେ ସଂଘ ପକ୍ଷରୁ ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତତ୍କାଳୀନ ବିରୋଧୀ ଦଳ ନେତାମାନେ ନିର୍ବାଚନ ଜିତିଲେ ଠିକା ଶିକ୍ଷକଙ୍କୁ ଉଚ୍ଛେଦ କରି ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂତନ ସରକାର ଆସିବା ପରେ ବିଧାୟକ, ଶିକ୍ଷା ସଚିବ, ଶିକ୍ଷା ମନ୍ତ୍ରୀ ତଥା ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ସୁଦ୍ଧା ଦାବି ପୂରଣ ନିମନ୍ତେ ସରକାର କୌଣସି ଠୋସ ପଦକ୍ଷେପ ନେଇନାହାନ୍ତି। ସେମାନଙ୍କୁ ତୁରନ୍ତ ମୂଳ ଚାକିରିରେ ସାମିଲ କରିବା ସହିତ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବିରେ ରାଜ୍ୟସ୍ତରୀୟ ଆନ୍ଦୋଳନ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର ରାଜ୍ୟ ସଂଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ଆଏଚ, ସାଧାରଣ ସମ୍ପାଦକ ସୀତାକାନ୍ତ ମିଶ୍ର, ଉପଦେଷ୍ଟା ମଣ୍ଡଳୀ ନିରଞ୍ଜନ ବେହେରା, ସୁବାସ ଚନ୍ଦ୍ର ସାହୁ, ସନ୍ଦୀପ କୁମାର ଖଟୁଆ, ଆବାହକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ସଙ୍କଳ୍ପ ନେଇଛନ୍ତି।

# ଚାକିରି ସର୍ତ୍ତାବଳୀ, ପେନ୍‌ସନ ଦାବିକଲେ ୪୮୮ବର୍ଗ ଶିକ୍ଷକ, କର୍ମଚାରୀ

**ଭୁବନେଶ୍ୱର,୨୨।୯(ସୁଚିସ୍ମିତା ସାହୁ)**

ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଦାବିରେ ନିଖିଳ ଓଡ଼ିଶା ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ସୋମବାର ରାଜରାସ୍ତାକୁ ଓହ୍ଲାଇଛି । ରାଜ୍ୟର ସର୍ବପୁରାତନ ୪୮୮ବର୍ଗ ମହାବିଦ୍ୟାଳୟଗୁଡିକରେ ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ୨୫ରୁ ୩୦ ବର୍ଷ କାର୍ଯ୍ୟ କରିଥିଲେ ସୁଦ୍ଧା ସେମାନଙ୍କ ପାଇଁ ଏଯାଏଁ ଚାକିରି ସର୍ତ୍ତାବଳୀ ଓ ପେନସନ ବ୍ୟବସ୍ଥା ଲାଗୁ କରାଯାଇନାହିଁ। ସରକାରଙ୍କ ନିକଟରେ ବାରମ୍ବାର ଦାବି ସର୍ତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଭେଦଭାବ ଏଠାଇବାକୁ ରାଜ୍ୟ ସରକାର ମହାବିଦ୍ୟାଳୟଗୁଡିକ ପାଇଁ ଉଦ୍ଦିଷ୍ଟ ପ୍ରତ୍ୟକ୍ଷ ଅନୁଦାନ ସମ୍ପର୍କିତ ନିୟମ/ଆଇନ ଅନୁଯାୟୀ ଏକୀକୃତ ଅନୁଦାନ ନୀତି ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଶିକ୍ଷକଙ୍କ ସପକ୍ଷରେ ଅଦାଲତ ଦେଉଥିବା ନିର୍ଦ୍ଦେଶକୁ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ନ କରି ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ବୋଲି ସଂଘ ସଭାପତି ମାନସ ପୁରୋହିତ ଦାବି କରିଛନ୍ତି। ସେହିପରି ମହାବିଦ୍ୟାଳୟଗୁଡିକ ପାଇଁ ଶିକ୍ଷା ନିୟମ, ଛୁଟି ନିୟମ, କ୍ୟାଡ଼ର ଓ ବଦଳି ନିୟମ, ପେନ୍‌ସନ ନିୟମ, ପଦୋନ୍ନତି ନିୟମ, ଆରଏସିପି/ଏମଏସିପି ନିୟମ ଏବଂ ଅଣଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ପ୍ରଚଳିତ ଥିବାବେଳେ ଏହି ବର୍ଗରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଉପରୋକ୍ତ ନିୟମକୁ ଲାଗୁ କରାଯାଉନାହିଁ। ଫଳରେ ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ଗୋଟିଏ ମହାବିଦ୍ୟାଳୟରେ ଭିନ୍ନ ଭିନ୍ନ ଶିକ୍ଷକ କର୍ମଚାରୀଙ୍କ ପାଇଁ ଭିନ୍ନ ଭିନ୍ନ ନିୟମ ଲାଗୁ କରାଯିବାରୁ ସେମାନଙ୍କ ମଧ୍ୟରେ ମନାନ୍ତର ଏବଂ ମତାନ୍ତର ହେଉଛି। ଆଗକୁ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ସଂଘ ଆବାହକ ପ୍ରଦୀପ ସାହୁ, ଉପଦେଷ୍ଟା ରାଧାଶ୍ୟାମ ପଳେଇ, ଉପସଭାପତି ସଞ୍ଜିତ ଭୂୟାଁ, ଡ. ସୁବିଜ୍ଞ ଗଡତ୍ୟା ଓ ମାଷ୍ଟର ଆପୋଲୋ, ସାଧାରଣ ସମ୍ପାଦକ ସୁଶୀଲ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।




# ବୈଷ୍ଣବୀୟ ରୀତିରେ ହୋଇଥାଏ ଦୁର୍ଗାପୂଜା

**ଖୋର୍ଦ୍ଧା,୨୨।୯(ପ୍ରଭାତ ପାଣିଗ୍ରାହୀ)**




ଧରାବତରଣ କରିବେ ଜଗଜ୍ଜନନୀ ମା'ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ତେବେ ଖୋର୍ଦ୍ଧା ସହରର ବିଭିନ୍ନ ବ୍ୟବସାୟୀ ସଂଘ ଓ କ୍ଲବ ପକ୍ଷରୁ ଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଦିନରାତି ଲାଗିପଡ଼ିଛନ୍ତି କାରିଗର। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜାମଣ୍ଡପ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା କ୍ଲବ ସାର୍ବଜନୀନ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୯୨୮ ମସିହାରେ ଓଡ଼ିଆ ଏବଂ ବଙ୍ଗାଳି ଅଫିସରମାନଙ୍କ ପ୍ରଚେଷ୍ଟାରେ କ୍ଲବ ପରିସରରେ ସାର୍ବଜନୀନ ଦୁର୍ଗାପୂଜା କମିଟି ଗଠନ କରାଯାଇ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସେହି ସମୟରେ ସ୍ଥାୟୀ ପୂଜା ମଣ୍ଡପ ନ ଥିବାରୁ ବିଭିନ୍ନ ସ୍ଥାନରେ ପୂଜା ହେଉଥିଲା। ୨୦୦୩ରେ ସ୍ଥାୟୀ ପୂଜାମଣ୍ଡପ ସ୍ଥାପନ ହୋଇଥିଲା। ସେହିଦିନଠାରୁ ସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜା ହୋଇଆସୁଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ରାଧାଷ୍ଟମୀରେ ବିଧି ଅନୁଯାୟୀ ମାଟିଉଠା କାର୍ଯ୍ୟକ୍ରମ ହୋଇଥାଏ। ୧୦ରୁ ୧୨ ଫୁଟ ମୂର୍ତ୍ତି ନିର୍ମାଣ କରାଯାଏ। ମା'ଙ୍କ ମୁକୁଟ ଏବଂ ହାର ରୁପାରେ ନିର୍ମିତ। ଆକର୍ଷଣୀୟ ସାଜସଜା, ସୁଉଚ୍ଚ ତୋରଣ ଏବଂ ଆଲୋକମାଳା ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ଷଷ୍ଠୀରେ ବିଲ୍ୱବରଣ ପରେ ମା'ଙ୍କ ପୂଜା ଆରମ୍ଭ ହୋଇଥାଏ। ସପ୍ତମୀ ଓ ଅଷ୍ଟମୀରେ ସନ୍ଧିପୂଜା ହୋଇଥାଏ। ଦଶମୀରେ ବିଶେଷ ପୂଜା କରାଯାଏ। ମା'ଙ୍କୁ ବୈଷ୍ଣବୀୟ ରୀତିରେ ପୂଜା କରାଯାଏ। ଏଠାରେ ବଳି ପରମ୍ପରା ନାହିଁ। ତେଣୁ ପାଣିକଖାରୁ ବଳି ଦିଆଯାଏ। ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ବିଶେଷ ପୂଜା କରାଯାଇଥାଏ। ୫ଶହରୁ ଉର୍ଦ୍ଧ୍ୱ ମହିଳା ତାରିଣୀ ବ୍ରତ ପାଳନ କରିଥାନ୍ତି। ନବମୀରେ ମା'ଙ୍କ ନିକଟରେ ସିନ୍ଦୂର ଖେଳ ହୋଇଥାଏ। ମା'ଙ୍କ ନିକଟରେ ୧୭ ପ୍ରକାର ମିଠା ଭୋଗ କରାଯାଏ। ନବମୀ ରାତିରେ ସେରୁଆ ଅନ୍ନ ସହ ଡାଲମା, ଖିରି, ଶାଗ ଭୋଗ ଲାଗି କରାଯାଏ। ତିନିଦିନ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଦିନ ସକାଳେ ମା'ଙ୍କ ମଙ୍ଗଳ ଆଳତି, ବାଳଭୋଗ, ମଧ୍ୟାହ୍ନରେ ମା'ଙ୍କ ନିକଟରେ ଠୋଲାରେ ସେରୁଆ ଅନ୍ନ ଭୋଗ କରାଯାଏ। ସନ୍ଧ୍ୟା ଆଳତି ଆଡ଼ମ୍ବରରେ ହୋଇଥାଏ। ଶୃଙ୍ଖଳା ଭୋଗ ଅର୍ପଣ ସହ ୧୦ଟା ସୁଦ୍ଧା ପହୁଡ଼ ନୀତି ସମ୍ପନ୍ନ ହୋଇଥାଏ। ପୂଜାରେ ପିତ୍ତଳର ୩ଟି ଚିତ୍ରିତ ଘଟ ପୂଜା ପାଇଥାନ୍ତି। ମୁଖ୍ୟ ଘଟରେ ମା'ଦୁର୍ଗାଙ୍କ ଚିତ୍ରିତ ମୁଖମଣ୍ଡଳ ସହ ତମ୍ବାର ମୁକୁଟ ପରିଧାନ କରିବେ। ଅନ୍ୟ ଦୁଇଟି ଶ୍ରୀଗଣେଶଙ୍କ ଘଟ ରହିଥାଏ।

**ଖୋର୍ଦ୍ଧା କ୍ଲବ୍**



" ମା'ଦୁର୍ଗାଙ୍କ ପୂଜା ଆଡ଼ମ୍ବରରେ ପାଳିତ ହୋଇଥାଏ। ୫ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। କିଛି ବର୍ଷ ହେବ ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଝାଙ୍କି କାର୍ଯ୍ୟକ୍ରମ କରାଯାଉଛି। ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଏ। ମଙ୍ଗଳ ଆଳତି ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଥାଏ। ପୂଜା ମଣ୍ଡପରେ ସକାଳଠୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ।

**–ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂଜା କମିଟି ସଭାପତି**

# ନବରାତ୍ରଃ ବିଭିନ୍ନ ପୀଠରେ ମା'ଙ୍କ ବେଶ


ମା' ଗଡ଼ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ।


ମା' ଝାଞ୍ଜିରିମଙ୍ଗଳାଙ୍କ ସରସ୍ୱତୀ ବେଶ।


ମା' ବାସନ୍ତୀଦୁର୍ଗାଙ୍କ କାତ୍ୟାୟନୀ ବେଶ।


ତିଗିରିଆ ନୂଆପାଟଣାସ୍ଥିତ ମା' କଳାପାଟଙ୍କ ମଙ୍ଗଳଚଣ୍ଡୀକା ବେଶ।


ବଡ଼ମ୍ବାର ମା' ଭଟ୍ଟାରିକାଙ୍କ ହରଚଣ୍ଡୀ ବେଶ।


ତିଗିରିଆ ବିନ୍ଧାଣିମା ବାଇପାସ୍‌ସ୍ଥିତ ମା' ବୁଢ଼ୀମଙ୍ଗଳାଙ୍କ ଗୌରୀ ବେଶ।


ହରିପୁର ମା' ବିମଳାଙ୍କ ମାହେଶ୍ୱରୀ ବେଶ।


ପିଠାପୁର ମା' ଧାକୁଲେଇଙ୍କ ଦକ୍ଷିଣକାଳୀ ବେଶ।


ମା' କଟକଚଣ୍ଡୀଙ୍କ ହରଚଣ୍ଡୀ ବେଶ।


ବାଙ୍କୀ ମା' ଚର୍ଚ୍ଚିକାଙ୍କ ନବରାତ୍ରିର ପ୍ରଥମ ଦିନ ବେଶ।


ତିଗିରିଆ ହାଟମାଳସ୍ଥିତ ମା' ଦୁର୍ଗାଦେବୀଙ୍କ ମହାମାୟା ବେଶ।

# କଟକ ନାଟ୍ୟୋତ୍ସବ ଚୟନ ପର୍ଯ୍ୟାୟ ଆରମ୍ଭ

## ମଞ୍ଚରେ ଅଭିନୟ ଦକ୍ଷତା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

କଟକ,୨୨।୯(କାର୍ତ୍ତିକ ସାହୁ)

ରୌପ୍ୟ ନଗରୀରେ କଟକ ନାଟ୍ୟୋତ୍ସବ-୨୦୨୫ର ଅୟମାରମ୍ଭ ସୋମବାରଠାରୁ ହୋଇଛି। କଳାସମ୍ପନ୍ନ କଟକ ଜିଲାରେ ଲିଭି ଯାଉଥିବା ନାଟ୍ୟ ପରମ୍ପରାକୁ ପୁନଃଉଜ୍ଜୀବିତ କରିବାରେ ଜିଲା ପ୍ରଶାସନର ଏହା ଏକ ଅଭିନବ ଏବଂ ଜନାଦୃତ ପ୍ରୟାସ। ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ଇନଷ୍ଟିଚ୍ୟୁଟଠାରେ ପାରମ୍ପରିକ ମଞ୍ଚ ପୂଜା ପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଚୟନ ପର୍ଯ୍ୟାୟ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଉନ୍ନୟନ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଅଭିନେତା ଶ୍ରୀତମ ଦାସ, ନାଟ୍ୟ ପରାମର୍ଶଦାତା ତଥା ବିଚାରକମଣ୍ଡଳୀ ସଦସ୍ୟ ଶ୍ରୀକାନ୍ତ ଚୌଧୁରୀ, ଦେବୁ ପଟ୍ଟନାୟକ, ଉମେଶ ଦାସ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ, ବବି ଇସଲାମ ଓ ସନ୍ଦୀପ ପାଣି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ମଞ୍ଚ ଯୋଗାଇ ଦେବାରେ କଟକ ନାଟ୍ୟୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ଚୟନ ପର୍ଯ୍ୟାୟର ପ୍ରଥମ ଦିବସରେ ୩ଟି ନାଟକ ପରିବେଷିତ ହୋଇଛି। ପ୍ରଥମାର୍ଦ୍ଧରେ ସାଲେପୁର ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ 'ଶୂନ୍ୟତାରୁ ଅନ୍ଧାର ଆଡ଼କୁ' ନାଟକ ମଞ୍ଚସ୍ଥ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନାଟକ 'ପ୍ରତୀକ୍ଷା' ଏବଂ ଶେଷରେ ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟର ଛାତ୍ରୀଛାତ୍ରମାନେ ନାଟକ 'ତା ନାଁଟି ହେନା' ପରିବେଷଣ କରିଥିଲେ।


ନାଟକ 'ତା ନାଁଟି ହେନା'ର ଏକ ଦୃଶ୍ୟ।

ଉଲ୍ଲେଖଯୋଗ୍ୟ, ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରେ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଚୟନ ପର୍ଯ୍ୟାୟ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ନାଟକ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁଛି। ଚୟନ ପର୍ଯ୍ୟାୟରେ ମୋଟ ୧୯ଟି ଦଳ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ନାଟ୍ୟ ବିଶେଷଜ୍ଞମାନେ ଏହି ପର୍ଯ୍ୟାୟରେ ମୂଲ୍ୟାଙ୍କନ କରି ପରବର୍ତ୍ତୀ ପର୍ଯ୍ୟାୟ ନିମନ୍ତେ ଦଳଗୁଡ଼ିକୁ ଚୟନ କରିବେ। ପ୍ରତି ନାଟକ ପରିବେଷଣ ପରେ ନାଟ୍ୟ ବିଶେଷଜ୍ଞମାନେ ନାଟକଗୁଡ଼ିକ ସମ୍ପର୍କରେ ସେମାନଙ୍କ ମତାମତ ଦେଇଥିଲେ। ନାଟକ ପ୍ରଦର୍ଶନ ସମୟରେ ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଖୁବ ନିଖୁଣ ଭାବେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ସେମାନଙ୍କ ଅଭିନୟ ପ୍ରଦର୍ଶନ କରିଥିଲେ, ଯାହାକି ଉପସ୍ଥିତ ଦର୍ଶକ, ଛାତ୍ରୀଛାତ୍ର ଓ ବିଚାରକମଣ୍ଡଳୀକୁ ସ୍ତମ୍ଭୀଭୂତ କରିଥିଲା। ଏହି ନାଟକଗୁଡ଼ିକରେ ଛାତ୍ରୀଛାତ୍ରମାନେ ଅଭିନୟ କରିବା ସହ ନିଜେ କାହାଣୀ ଲେଖିବା, ନିର୍ଦ୍ଦେଶନା ଦେବା, ସଙ୍ଗୀତ ଦେବା ଆଦି କାର୍ଯ୍ୟ ତୁଲାଇଛନ୍ତି। ଦର୍ଶକ ବିନାମୂଲ୍ୟରେ ଏହି ନାଟକ ଦେଖିପାରିବାର ସୁଯୋଗ ପାଇପାରିବେ।

# ବେଣ୍ଟକାର ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

କଟକ ସଦର,୨୨।୯
(ସୁଶାନ୍ତ କୁମାର ଜେନା)

୪୨ମୌଜାର ବେଣ୍ଟକାର ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଏକ ଆଲୋଚନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିଅନ ଫର୍ କଟକ ସଦର ଡେଭଲପ୍‌ମେଣ୍ଟରେ ସଭାପତି ମନୋଜ କୁମାର ନାୟକ ପୌରୋହିତ୍ୟ କରିଥିଲେ। ପଞ୍ଚାୟତରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ପାଇଁ ବ୍ଲକ ପ୍ରଶାସନ ଉପରେ ଚାପ ପ୍ରୟୋଗ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଆଶିଷ ମହାନ୍ତି, ପ୍ରକାଶ ମାଝୀ, ବିନୋଦ ବେହେରା, ଅଜୟ ଦଳେଇ, ପ୍ରସନ୍ନ ବେହେରା, ଭଜଗୋବିନ୍ଦ ମହାରଣା, ସରୋଜ ସାସମଲ, ସୁନୀଲ ମହାନ୍ତି, ଅମର ଦାସ ପ୍ରମୁଖ ଯୋଗଦେଇଥିଲେ।

# ଚିତ୍ର ପ୍ରଦର୍ଶନୀ 'ରବିକିରଣ' ଉଦ୍‌ଘାଟିତ


ଚିତ୍ର ପ୍ରଦର୍ଶନୀ 'ରବିକିରଣ' ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଚିତ୍ରଶିଳ୍ପୀମାନେ।

କଟକ,୨୨।୯(ଶିଳ୍ପା ପ୍ରିୟଦର୍ଶିନୀ)

ମୋକିମ ଫାଉଣ୍ଡେଶନ ପକ୍ଷରୁ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ଚିତ୍ର ପ୍ରଦର୍ଶନୀ 'ରବିକିରଣ' ସିଡିଏ ସେକ୍ଟର-୬ସ୍ଥିତ ଉତ୍ସବ ପ୍ୟାଲେସରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ଚିତ୍ର, ଭାସ୍କର୍ଯ୍ୟ ଏବଂ ସ୍କେଚ୍ କଳାକୃତି ପ୍ରଦର୍ଶନୀ କରାଯାଇଥିଲା କାର୍ଯ୍ୟକ୍ରମରେ ମୋକିମ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ, ଜଷ୍ଟିସ ଅରୁଣ ପରିଚ୍ଛା, ପ୍ରଫେସର ସତ୍ୟନାରାୟଣ ପଣ୍ଡା, ଗୌତମ ଶିଦ୍ଧିକି, ଡ. ମିହିର କୁମାର ପଣ୍ଡା, ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ପ୍ରଫେସର ରବୀନ୍ଦ୍ର କୁମାର ମିଶ୍ର, ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ଆଇନଜୀବୀ ଶୈଳବାଳା ଜେନା ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ରବିକିରଣ ନାମକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଉଦୟଶଙ୍କର ରାୟ, ଡ. ବିବେକାନନ୍ଦ ସିଂ, ଭାଗବତ ଶୁକ୍ଳା, ସାହିତ୍ୟକ ସତ୍ୟ ଦାସ ଉପସ୍ଥିତ ଥିଲେ। ଆଇନଜୀବୀ କୈଳାସ ଶତପଥି ଧନ୍ୟବାଦ ଦେଇଥିଲେ।

# ଦଳୀୟ ସଙ୍ଗଠନ ସୁଦୃଢ଼ କରିବାକୁ ମନମୋହନଙ୍କ ଆହ୍ୱାନ


ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।

କଟକ,୨୨।୯(ଶିଳ୍ପା ପ୍ରିୟଦର୍ଶିନୀ)

ପୁନଃ ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ନେବା ପରେ ସୋମବାର ପ୍ରଥମଥର ପାଇଁ କଟକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଥମେ ବାରଙ୍ଗ ନିକଟରେ ମନମୋହନଙ୍କୁ ଦଳୀୟକର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେଠାରୁ ବାଇକ ଶୋଭାଯାତ୍ରାରେ ନିଆଯାଇ ଜୁଡିସିଆଲ ଏକାଡେମୀ ଛକ, ବ୍ଲୁ ଲାଗୁନ ହୋଟେଲ ଛକ ଆଦି ସହରର ବିଭିନ୍ନ ସ୍ଥାନରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ସେବା ପକ୍ଷ ପାଳନ ଅବସରରେ ସ୍ଥାନୀୟ ଟାଉନହଲରେ ଆୟୋଜିତ ରକ୍ତଦାନ ଶିବିରକୁ ମନମୋହନ ଉଦଘାଟନ କରିଥିଲେ। ପରେ ତୁଳସୀପୁର ଓ କଲେଜ ଛକରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେବା ସହ ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ମହାନଦୀବିହାରସ୍ଥିତ ହାରାମଣି ମଣ୍ଡପରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ସଙ୍ଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଧାୟକ ପ୍ରକାଶ ସେଠୀ, ବିଧାୟକ ଛବି ମଲ୍ଲିକ, ଲଲାଟେନ୍ଦୁ ବଡୁ, ସ୍ମୃତି ପଟ୍ଟନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଅପରେଶନ ସିନ୍ଦୂର ତୋରଣ ହେବ ମୁଖ୍ୟ ଆକର୍ଷଣ


ଧରାବତରଣ କରିବେ ମା'

କଟକ,୨୨।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶାରଦୀୟ ଦୁର୍ଗାପୂଜା ପାଇଁ ହରିପୁର ଦୋଳମୁଣ୍ଡାଇ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି। ଏଠାରେ ୧୯୭୦ ମସିହାରୁ ପ୍ରଥମେ ହରପାର୍ବତୀ ପୂଜା ହୋଇଆସୁଥିଲା। ୧୯୯୫ରେ ରୌପ୍ୟଜୟନ୍ତୀ ପାଳନ ପରେ ୧୯୯୬ରୁ ଶାରଦୀୟ ଦୁର୍ଗାପୂଜା ପାଳନ କରାଯାଇଆସୁଛି। ଚଳିତବର୍ଷ ପୂଜା ପାଇଁ ପ୍ରାୟ ୨୨ ଲକ୍ଷ ଟଙ୍କାର ବଜେଟ୍ ହୋଇଛି। ମଣ୍ଡପ ସମ୍ମୁଖରେ କୋଲକାତା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ୪୦ଫୁଟ୍ ଉଚ୍ଚତାବିଶିଷ୍ଟ ଅପରେଶନ ସିନ୍ଦୁର ସଦୃଶ ତୋରଣ ନିର୍ମାଣ ହେବ। ଦୁଇଟି ଏଲ୍‌ଇଡି ଲାଇଟଗେଟ୍ କରାଯିବ। ବଙ୍ଗୀୟ ପରମ୍ପରାରେ ମା' ବୈଷ୍ଣବଦେବୀ ଦୁର୍ଗାଙ୍କୁ




ପୂଜା କରାଯାଏ। ୨୦୦୫ରେ ୩.୫ କୁଇଣ୍ଟାଲ ଓଜନର ଚାନ୍ଦିମେଢ଼ କରାଯାଇଥିଲା। ୨୦୧୫ରେ ୧ କେଜି ଓଜନର ସୁନାମୁକୁଟ କରାଯାଇଛି। ଅନ୍ୟ ସୁନା ଅଳଙ୍କାର ଓ ପାର୍ଶ୍ୱ ଦେବଦେବୀଙ୍କ ଅଳଙ୍କାର ମଧ୍ୟ ନିର୍ମାଣ ହୋଇଛି। ମା'ଙ୍କ ମୂର୍ତ୍ତି ଉଚ୍ଚତା ୧୦ ଫୁଟ୍ ଓ ଚାନ୍ଦିମେଢ଼ ଉଚ୍ଚତା ୨୦ ଫୁଟ୍ ରହିଛି। ପୂଜକ ଦୟାନିଧି ଶତପଥୀ ପୂଜାର୍ଚ୍ଚନା କରିଥାନ୍ତି। ମହାଷଷ୍ଠୀରେ ବିଲ୍ୱବରଣୀ, ମହାସପ୍ତମୀରେ ନବପତ୍ରିକା ଓ ମା'ଙ୍କ ଚକ୍ଷୁଦାନ ସହ ୭ ପ୍ରକାରର ପ୍ରସାଦ ଭୋଗ ଲାଗିହେବ। ମହାଷ୍ଟମୀରେ ବ୍ରତ ପୂଜା ସହ ୮ ପ୍ରକାରର ପ୍ରସାଦ ଭୋଗ ଲାଗି କରାଯିବ। ମହାନବମୀରେ ସ୍ୱତନ୍ତ୍ର ଭାବେ ମଣ୍ଡପରେ କୁମାରୀ ବେଶ ପୂଜାର୍ଚ୍ଚନା ହେବ, ଯେଉଁଥିରେ ୯ ଶିଶୁକନ୍ୟା ମା' ଦୁର୍ଗାଙ୍କ ନଅଟି ବେଶ ଧାରଣ କରିବେ। ୯ ପ୍ରକାରର ପ୍ରସାଦ ମା'ଙ୍କୁ ଭୋଗ ଲାଗି କରାଯିବ। ଦଶମୀରେ ମା'ଙ୍କୁ ମଣ୍ଡପରେ ବିର୍ସଜନ ସହ ୧ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଦହି ପଖାଳର ବ୍ୟବସ୍ଥା ହେବ। ୪ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଭସାଣିରେ ବାଲେଶ୍ୱରର ତିରୁପତି ବ୍ୟାଣ୍ଡ୍ ଓ ଢେଙ୍କାନାଳର ସିଂହ ବାଜା ସମେତ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟ ସାମିଲ ହେବ। କମିଟିରେ ୩୨ଜଣ କର୍ମକର୍ତ୍ତା ରହିଛନ୍ତି। ସଭାପତି ରାମକୃଷ୍ଣ ହାତୀ, ସମ୍ପାଦକ ବିକ୍ରମ ଛାଟୋଇ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମୂଳିଆ, ଅଧିକାରୀ ଭାବେ ହରେକୃଷ୍ଣ ପ୍ରଧାନ ଓ କ୍ଷୀରୋଦ ଚନ୍ଦ୍ର ମହାରଣା, ମହନ୍ତ ଭାବେ ସନାତନ ସ୍ୱାଇଁ ଏବଂ କଟୁଆଳ ଭାବେ ହରେକୃଷ୍ଣ ମୂଳିଆ ରହିଛନ୍ତି।

**ହରିପୁର ଦୋଳମୁଣ୍ଡାଇ ପୂଜା କମିଟି**

### ଭସାଣିରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ



ହରିପୁର ଦୋଳମୁଣ୍ଡାଇ ପୂଜା କମିଟି ପକ୍ଷରୁ ସର୍ବଦା ପୂଜାକୁ ବିଶେଷ ଗୁରୁତ୍ୱ ଦିଆଯାଇ ଆସୁଛି। ପୂଜାରେ ମା'ଙ୍କ ପାଖରେ କୋଲକାତାର ଢ଼ାକ୍ ବାଜା ବାଜିବ। ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯାଇ ଭସାଣି ଯାତ୍ରା କରାଯିବ।

– ରାମକୃଷ୍ଣ ହାତୀ, ସଭାପତି

### ସ୍ୱତନ୍ତ୍ର ଭାବେ ହେବ କୁମାରୀ ପୂଜା



ପୂଜାରେ ସମସ୍ତ ପୂଜା କମିଟିରୁ ଭିନ୍ନ ହରିପୁର ଦୋଳମୁଣ୍ଡାଇ ପୂଜା କମିଟି। ମଣ୍ଡପରେ ମହାନବମୀ ଦିନ ୯ଜଣ କନ୍ୟାକୁ ନେଇ କୁମାରୀ ପୂଜା କରାଯାଇଥାଏ। ଏଠାରେ ଦେବୀ ଦୁର୍ଗାଙ୍କ ନଅଟି ରୂପ ବା ବେଶ ଧାରଣ କରିଥାନ୍ତି ଶିଶୁକନ୍ୟା। ରାତିନୀତି ଅନୁଯାୟୀ ଶିଶୁ କନ୍ୟାଙ୍କ ପୂଜାର୍ଚ୍ଚନା କରାଯିବାର ବିଶେଷତ୍ୱ ରହିଆସିଛି।

– ବିକ୍ରମ ଛାଟୋଇ, ସମ୍ପାଦକ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୯।୨୦୨୫

| | |
|---|---|
| ୩,୫୮,୯୫୯ ଟଙ୍କା | |
| ସୁନା | ୧.୬୦୦ ଗ୍ରାମ୍ |
| ରୁପା | ୨୧.୬୦୦ ଗ୍ରାମ୍ |

# ନାରାୟଣୀ ମନ୍ଦିରକୁ ବିଜେକଲେ ଦୁର୍ଗାମାଧବ

### ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା ଆରମ୍ଭ

ପୁରୀ,୨୨।୯(ଅଜିତ କୁମାର ମହାନ୍ତି)

ଆଶ୍ୱିନ ମାସ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରରେ ମା' ବିମଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବା ସହ ଦୁର୍ଗାମାଧବ ଉପାସନା ଚାଲିଛି। ସୋମବାରଠାରୁ ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା ଆରମ୍ଭ ହୋଇଛି। ଗୁପ୍ତ ଗୁଣ୍ଡିଚାରେ ମାଧବ ମା' ଦୁର୍ଗାଙ୍କୁ ନେଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଛନ୍ତି। ଏହି ସ୍ୱତନ୍ତ୍ର ନୀତିକାନ୍ତି ଓ ପରମ୍ପରାକୁ ଗୁପ୍ତ ଗୁଣ୍ଡିଚା କୁହାଯାଏ। ଏହି ନୀତି ଦେଖିବା ପାଇଁ ସୋମବାର ମନ୍ଦିରରେ ଭିଡ଼ ହୋଇଥିଲା।

ଦୁର୍ଗାମାଧବ ଉପାସନାର ଐତିହ୍ୟକ୍ଷେତ୍ର ନାରାୟଣୀ ମନ୍ଦିର। ଆଶ୍ୱିନ ମାସରେ ଷୋଳପୂଜା ସମୟରେ ପ୍ରଥମ ୮ଦିନ ଦୁର୍ଗାମାଧବ ବିମଳାଙ୍କ ମନ୍ଦିର ଜଗମୋହନରେ ପୂଜା ପାଉଥିବାବେଳେ ଶେଷ ୮ଦିନ ଅର୍ଥାତ ଅଷ୍ଟମୀ ତିଥି ପର୍ଯ୍ୟନ୍ତ ନାରାୟଣୀ ମନ୍ଦିରକୁ ବିଜେ କରିଥାନ୍ତି। ଶାରଦୀୟ ଦୁର୍ଗାପୂଜା ପରିପ୍ରେକ୍ଷୀରେ ଗଇଁଠାଳ ପଡ଼ି ଦୁର୍ଗାମାଧବ ଏକତ୍ର ପୂଜା ପାଇବା ଏହି ମନ୍ଦିର ଭିନ୍ନ ଅନ୍ୟ କେଉଁଠାରେ ଦେଖିବାକୁ ମିଳେ ନାହିଁ। ସେଥିପାଇଁ ଏହା ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା ଭାବେ ଅଭିହିତ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ଶେଷ ହେବା ପରେ ଆଜ୍ଞାମାଳ ପାଇ



ଗୁପ୍ତ ଗୁଣ୍ଡିଚା ଅବସରରେ ଶ୍ରୀ ଦୁର୍ଗାମାଧବ ଦୋଳମଣ୍ଡପ ସାହି ଶ୍ରୀ ନାରାୟଣ ମନ୍ଦିରକୁ ବିଜେ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଦୁର୍ଗାମାଧବ ବିମାନକୁ ବିଜେ କରିଥିଲେ। ପରେ ଘଣ୍ଟ, ଛତା, କାହାଳୀ ସହ ବିମାନରେ ନାରାୟଣୀ ମନ୍ଦିରକୁ ବିଜେ ହୋଇଥିଲେ। ସେଠାରେ ରୁପା ପିଙ୍ଗଳରେ କର୍ପୂର ଜଳ ଲାଗି କରାଯାଇ ଶୀତଳ ଭୋଗ ମଣୋହି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ର ଚନ୍ଦନ ଲାଗି ସମ୍ପନ୍ନ ହେବା ପରେ ପାଲିଙ୍କିରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ଲୋକକଥା ଅନୁଯାୟୀ, ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରଥରେ ବସି ଗୁଣ୍ଡିଚା ଯାତ୍ରା କରିଥାନ୍ତି। ତେବେ ମା' ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇ ନ ଥାନ୍ତି । ହେରା ପଞ୍ଚମୀରେ ରାଗ ଜର୍ଜରିତ ମହାଲକ୍ଷ୍ମୀ ମହାପ୍ରଭୁଙ୍କ ରଥ ଭାଙ୍ଗିବା ସହ ତାଙ୍କ ଉପରେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଅବସରରେ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପ୍ରବେଶ ସମୟରେ ମହାଲକ୍ଷ୍ମୀ ରୋଷ କରିଥାନ୍ତି। ସେହି ସମୟରେ ରୋଷରେ ଥିବା ଲକ୍ଷ୍ମୀଙ୍କୁ ଶାରଦୀୟ ପୂଜାରେ ଗୁଣ୍ଡିଚା ଯାତ୍ରାରେ ନେବାକୁ ମହାପ୍ରଭୁ ପ୍ରତିଶ୍ରୁତି ଦେଇଥାନ୍ତି। ସେହି ପ୍ରତିଶ୍ରୁତି ରକ୍ଷା ତଥା ପରମ୍ପରା ଅନୁଯାୟୀ, ଗୁପ୍ତ ଗୁଣ୍ଡିଚା ନୀତି ପାଳନ କରାଯାଇଆସୁଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ଓଡ଼ିଶା କଳା, କ୍ରୀଡ଼ା ଶିକ୍ଷକ ମହାସଂଘ

ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି)

ପାର୍ଟ ଟାଇମ କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନେ ବିଭିନ୍ନ ଦାବିନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ସୂଚନା ମିଳିଛି। ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଏସଏସ୍ଏ ମାଧ୍ୟମରେ ନିଯୁକ୍ତିପ୍ରାପ୍ତ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ପ୍ରଶିକ୍ଷକ ଓ ପ୍ରଶିକ୍ଷିକାମାନଙ୍କୁ ନେଇ ୨୦୧୩ ମସିହାରୁ ଗଠିତ ହୋଇଛି ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ। ଦୀର୍ଘ ୧୨ ବର୍ଷ ଧରି ଏହି ପାର୍ଟି ଟାଇମ ଭଳି କୁତ୍ସିତ ପ୍ରଥାରେ ଆମ୍ଭେମାନେ ରହି ବର୍ତ୍ତମାନ ମାନସିକ ଆର୍ଥିକ ଓ ଶାରୀରିକ ଯନ୍ତ୍ରଣାରେ ଅଣନିଶ୍ୱାସୀ ହୋଇପଡ଼ିଛୁ। ସାରା ଦେଶରେ କ୍ରୀଡ଼ା, କଳା ଏବଂ ଶିକ୍ଷକ ଜାତିର ଅବିଶ୍ୱାସନୀୟ ଉନ୍ନତି ଘଟୁଥିବାସ୍ଥଳେ କୋଣଠେସା ହୋଇଯାଇଛୁ। ନୂଆ ସରକାର ଆସିବା ପରେ ପ୍ରାୟ ୧୧ଥର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇଛୁ। ପ୍ରାୟ ୫ ହଜାର ପାର୍ଟ ଟାଇମ ପ୍ରଶିକ୍ଷକ ପ୍ରଶିକ୍ଷିକା ଏବଂ ସେମାନଙ୍କ ଉପରେ ନିର୍ଭର କରୁଥିବା ପରିବାରଙ୍କ ମନରେ କଁଅଳ ଥିବା ଆଶା, ବିଶ୍ୱାସ ଓ ଭରଷା ଆମ୍ଭମାନଙ୍କ ବୟସରେ ଅନ୍ତରାଳେ ମଳିନ ହେବାକୁ ବସିଲାଣି। ତେଣୁ ସମସ୍ୟାର ସମାଧାନ ସହ ଦାବିପୂରଣ ନେଇ ଶ୍ରୀମନ୍ଦିର ଠାରୁ ବାହାରି ଭୁବନେଶ୍ୱର ଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରାଯିବ ବୋଲି କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପାଇଥିବା ସମସ୍ତ ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କର ପାର୍ଟ ଟାଇମ ଭଳି କୁତ୍ସିତ ପ୍ରଥାକୁ ଉଚ୍ଛେଦ କରି ଓଡ଼ିଶା ସରକାର ଶିକ୍ଷକର ମାନ୍ୟତା ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।

## ଓଡ଼ିଆ ଅସ୍ମିତା ସ୍ୱାକ୍ଷର ସଂକଳ୍ପ ବର୍ଷ ଉଦ୍‌ଘାଟିତ

ପୁରୀ,୨୨।୯(ଅଜିତ କୁମାର ମହାନ୍ତି)

ନୀଳଶୈଳ, ବିଶ୍ୱ ଓଡ଼ିଆ ସମ୍ମିଳନୀ ଏବଂ ରାଜ କିଶୋର ରାଜ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହେଉଥିବା 'ସ୍ୱାକ୍ଷର ସଂକଳ୍ପ ଦିବସ'କୁ ବର୍ଷତମାମ 'ଓଡ଼ିଆ ଅସ୍ମିତା ସ୍ୱାକ୍ଷର ସଂକଳ୍ପ ବର୍ଷ-୨୦୨୫' ଭାବେ ପାଳନ କରିବା ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞା ନିମନ୍ତେ ସୋମବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ପରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ମନୋହର ଶର୍ମାଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ପରିଷଦ ସଭାଗୃହରେ ସ୍ୱାକ୍ଷର ସଂକଳ୍ପ ଫଳକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଦସ୍ତଖତ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଓଡ଼ିଶାର ବିଭିନ୍ନ ସ୍ଥାନରେ ସ୍ୱାକ୍ଷର ଅଭିଯାନ ଜାରି ରହିବ। ଉତ୍ସବରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ନୀଳଶୈଳର ସାଧାରଣ ସମ୍ପାଦକ ବିଭୁପ୍ରସାଦ ନାୟକ, ସାହିତ୍ୟିକ ପଣ୍ଡିତ ସଦାଶିବ ମିଶ୍ର, ଗ୍ରନ୍ଥକାର ହରିଶଙ୍କର ମିଶ୍ର, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ସାମାଜିକ କର୍ମୀ ରୁଚିମିତ୍ରା ଜଗଦ୍ଦେବ ମହାପାତ୍ର, ସୌମ୍ୟଶଙ୍କର ରାଜ, ସବିତା ମହାନ୍ତି, ନରେନ୍ଦ୍ରରାଜ ସାମନ୍ତ, ସୁବୋଧ ସୁବୁଦ୍ଧି, ପ୍ରାଧ୍ୟାପକ ଶରତ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ ପ୍ରମୋଦ ପଣ୍ଡା, ଅଧ୍ୟାପକ ଅଶୋକ କୁମାର ମିଶ୍ର, କ୍ରିଷ୍ଣା ଦେବୀ, ବିପିନ ବିହାରୀ ଦଳେଇ, କୃଷ୍ଣଚନ୍ଦ୍ର ରଥ, ଆଶାଲତା ପ୍ରଧାନ, ସାରଙ୍ଗଧର ଷଡ଼ଙ୍ଗୀ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୀଳଶୈଳ ପୁରୀ ଶାଖାର ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅଜୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଗାଈ ଜୀବନ୍ତ ଦଗ୍ଧ

ଅସ୍ତରଙ୍ଗ,୨୨।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ଅଧୀନ ଖାଡ଼ଲିଙ୍ଗ ପଞ୍ଚାୟତ ନାନପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ଏକ ଗାଈ ଜୀବନ୍ତଦଗ୍ଧ ହୋଇଯାଇଛି। ସୂଚନାଯୋଗ୍ୟ, ଖାଡ଼ଲିଙ୍ଗ ପଞ୍ଚାୟତ ଅଧୀନ ନାନପୁର ଗ୍ରାମର ବିନୋଦ ପତିଙ୍କ ଗୁହାଳ ଘରେ ବିଳମ୍ବିତ ରାତିରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ନିଆଁ ଲାଗି ଯାଇଥିଲା। କ୍ଷଣିକ ମଧ୍ୟରେ ଗୁହାଳରେ ବନ୍ଧା ହୋଇଥିବା ଗାଈକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ଦୁର୍ଭାଗ୍ୟବଶତଃ ଗାଈଟି ଜୀବନ୍ତଦଗ୍ଧ ହୋଇଯାଇଥିଲା। ଖବରପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ଜଳି ପାଉଁଶ ହୋଇଯାଇଥିଲା। ସ୍ଥାନୀୟ ବାସିନ୍ଦା ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

### ବ୍ଲକ୍ କାର୍ଯ୍ୟାଳୟ ଘେରିଲା ଜିପିଏଲ୍ଏଫ୍ ମିଶନ ଶକ୍ତି ମହିଳା ସଂଘ

ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି)

ଅଲଓଡ଼ିଶା ଜିପିଏଲ୍ଏଫ୍ ମିଶନ ଶକ୍ତି ମହିଳା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ସଦର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଗଣଆନ୍ଦୋଳନ କରାଯାଇଛି। ସଂଘ ପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମୁତାବକ ପୁରୀ ଜିଲାର ୩୦ଟି ବ୍ଲକ୍‌ରେ ଶତାଧିକ ମହିଳା ମିଶନ ଶକ୍ତିରେ କାର୍ଯ୍ୟ କରୁଛନ୍ତି। ହେଲେ ବିଗତ ୬ ମାସ ହେବ ମିଶନ ଶକ୍ତିରେ କାର୍ଯ୍ୟ କରୁଥିବା କୌଣସି କର୍ମଚାରୀଙ୍କୁ ଦରମା ଦିଆଯାଇନାହିଁ। ତେଣୁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହ ଜିଲାପାଳ, ବିଭାଗୀୟ ମନ୍ତ୍ରୀଙ୍କୁ ବାରମ୍ବାର ପ୍ରାପ୍ୟ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ। ହେଲେ ସେମାନଙ୍କ କଥା କେହି ବି କର୍ଣ୍ଣପାତ କରି ନ ଥିଲେ। ଯଦି ତୁରନ୍ତ ପ୍ରାପ୍ୟ ପ୍ରଦାନ କରା ନ ଯାଏ ତେବେ ସମସ୍ତ ମହିଳା କର୍ମଚାରୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

### ବଜ୍ରପାତ ଘଟି ଜଳିଗଲା ୨ ବଖରା

ନିମାପଡ଼ା,୨୨।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତର ଭଣ୍ଡିଗ୍ରାମରେ କୃଷ୍ଣଚନ୍ଦ୍ର ଭୋଇଙ୍କ ଘର ଉପରେ ବଜ୍ରପାତ ଘଟି ୨ ବଖରା ଚାଳ ଘର ଜଳି ଯାଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ ଧାନ, ଚାଉଳ, ଟିଭି, ଲୁଗାପଟା, କାଠସାମଗ୍ରୀ ଆଦି ପ୍ରାୟ ୫୦ହଜାର ଟଙ୍କାର ବିଭିନ୍ନ ଆସବାବପତ୍ର ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ। ବଜ୍ରପାତ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିପନ୍ନ କୃଷ୍ଣଚନ୍ଦ୍ର ଭୋଇ କହିଛନ୍ତି, ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରିଛି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

କୋଣାର୍କ,୨୨।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତ ତାଳସୁଆଁ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ସୋମବାର ପୂର୍ବାହ୍ନରେ ବେନା କାଣ୍ଡିଙ୍କ ସାନପୁଅ ଅମୀୟ କୁମାର କାଣ୍ଡି (୨୫) ନାମକ ଜଣେ ଯୁବକ ନିଜଘର ସନ୍ନିକଟ ଏକ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଝୁଲନ୍ତା ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରିବା ପରେ ତାଙ୍କୁ ପ୍ରଥମେ କୋଣାର୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ମଦ୍ୟପାନ କରିବାକୁ ପରିବାର ଲୋକ ବାରଣ କରିବାରୁ ଅମୀୟ ଉତ୍କ୍ଷୀପ୍ତ ହୋଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

## 'ଭାରତୀୟ ସଂସ୍କୃତିର ସୁରକ୍ଷା ଦ୍ୱାରା ଶାନ୍ତି ପ୍ରତିଷ୍ଠା ହୋଇପାରିବ'



ପୁରି ରୋଟାରି କ୍ଲବ ପକ୍ଷରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି ।

ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି)

ଅନ୍ତର୍ଜାତୀୟ ଶାନ୍ତିଦିବସ ଅବସରରେ ପୁରୀ ରୋଟାରି କ୍ଲବ ପକ୍ଷରୁ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲବ ସଭାପତି ରତିକାନ୍ତ ନାୟକ ଅଧ୍ୟକ୍ଷତା କରିଥିବାବେଳେ ଶାନ୍ତି କମିଟି ଅଧ୍ୟକ୍ଷ କମଳେନ୍ଦୁ ଦାଶ ଏହାକୁ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ପ୍ରଜ୍ଞାନାନନ୍ଦ ମିଶନ୍‌ର ସ୍ୱାମୀ ଅନିର୍ବାଣାନନ୍ଦ ଗିରି ମହାରାଜ, ଅବସରପ୍ରାପ୍ତ କୁଳପତି ଡ. ପ୍ରଫୁଲ୍ଲ ମହାନ୍ତି, ପ୍ରାଧ୍ୟାପକ ଖାରବେଳ ମହାନ୍ତି, ରୋଟାରିଆନ୍ ସିଦ୍ଧାର୍ଥ ପାଢ଼ୀ ଏବଂ ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ର ପ୍ରାକ୍ତନ ପ୍ରାନ୍ତପାଳ ଦେବାଶିଷ ମିଶ୍ର ବକ୍ତା ଭାବେ ଯୋଗଦେଇଥିଲେ। ବକ୍ତାମାନେ କହିଥିଲେ, ଈର୍ଷା- ଲୋଭ-ମୋହ- ଭୟ ଓ ଦ୍ୱେଷ ଆଦିରୁ ମୁକ୍ତ ହେବା, ରୋଟାରିର ଚାରିସୂତ୍ରକୁ ଜୀବନରେ ଆପଣେଇବା ଅଥବା ମହାନ୍ ଭାରତୀୟ ସଂସ୍କୃତିର ସୁରକ୍ଷା ଦ୍ୱାରା ହିଁ ଶାନ୍ତି ଅନେକ ପରିମାଣରେ ପ୍ରତିଷ୍ଠିତ ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ବିମଳ ପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ବରିଷ୍ଠ ରୋଟାରିଆନ୍ ବିଜୟ କୁମାର ପତି ଧନ୍ୟବାଦ ଦେଇଥିଲେ। ଆଲୋଚନା ଚକ୍ରରେ ପୁରୀ ରୋଟାରି କ୍ଲବ ଓ ପୁରୀ ଇନରହ୍ୱିଲ୍ କ୍ଲବର ସଦସ୍ୟାସଦସ୍ୟା ଉପସ୍ଥିତ ଥିବାବେଳେ ସମ୍ପାଦକ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦେବୀପ୍ରସନ୍ନ ନନ୍ଦ, ଶୁଭ୍ରାଂଶୁ ଶେଖର ମହାପାତ୍ର, ନାରାୟଣ ଦାଶ, ସନ୍ତୋଷ କୁମାର ଲେଙ୍କା, ଅଜୟ କୁମାର ସାହା, କୃଷ୍ଣଚନ୍ଦ୍ର ପାତ୍ର, ସୁରେଶଚନ୍ଦ୍ର ପ୍ରହରାଜ ଓ ଶୈଳେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବାହ୍ନରେ ଭିଆଇପି ରୋଡ଼ସ୍ଥ ନେତାଜୀ ସୁଭାଷ ବୋଷ ଛକ ନିକଟରେ କ୍ଲବ ପକ୍ଷରୁ ଗତବର୍ଷ ସ୍ଥାପିତ ଶାନ୍ତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଶାନ୍ତି କମିଟି ଅଧ୍ୟକ୍ଷ କମଳେନ୍ଦୁ ଦାଶ, ଦେବୀପ୍ରସନ୍ନ ନନ୍ଦ, ନାରାୟଣ ଦାଶ, ପ୍ରମୋଦ କୁମାର ଆଚାର୍ଯ୍ୟ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ବିଶ୍ୱଶାନ୍ତି କାମନା କରି ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଥିଲା।

## ଠିକାଦାରଙ୍କୁ ମରଣାନ୍ତକ ଧମକ ଦେଇ ନିଅଁ ପୋତିଦେଲେ

ବଳଙ୍ଗା,୨୨।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଞ୍ଚଳରେ ଏକ ସରକାରୀ କାର୍ଯ୍ୟକୁ ନେଇ ଠିକାଦାରଙ୍କୁ କେତେଜଣ ବ୍ୟକ୍ତି ମରଣାନ୍ତକ ଧମକ ଦେବା ସହ ଖୋଳା ଯାଇଥିବା ପିଲର ଗାତକୁ ପୋତି ଦେଇଥିବା ନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ବଳଙ୍ଗା ପୋଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି। ସୂଚନାଯୋଗ୍ୟ, ବଳଙ୍ଗା ଥାନା ଅଧୀନ କୋଲ୍ଲଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୧୧ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ଏହି କାର୍ଯ୍ୟକୁ ନୟାଗଡ଼ ଅଞ୍ଚଳର ଅଶୋକ କୁମାର ପାଣି ନାମକ ଠିକାଦାର କାର୍ଯ୍ୟ ପାଇଛନ୍ତି। ସେହି କାର୍ଯ୍ୟ ଠିକାଦାରଙ୍କ ପ୍ରତିକଷ୍ଟଦାୟକ ହେବାରୁ ସେ ବଳଙ୍ଗା ନୂଆସନ୍ଧ ଗ୍ରାମର ଦୁର୍ଗାପ୍ରସାଦ ପ୍ରଧାନ ନାମକ ବ୍ୟକ୍ତିଙ୍କୁ ଏକ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ଦେଇଛନ୍ତି। ଉକ୍ତ କାର୍ଯ୍ୟକୁ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତମାସ ୨୦ ତାରିଖ ଦିନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ଚୁକ୍ତିଗ୍ରହିତା ଠିକାଦାର ଉକ୍ତ ବିଦ୍ୟାଳୟରେ ପିଲର୍ ଖୋଳିଥିବାବେଳେ ସେହି ପିଲର ଗାତକୁ କେତେଜଣ ବ୍ୟକ୍ତି କୋଦାଳ ମାଧ୍ୟମରେ ପୋତି ହେଉଥିବା ଦେଖି ଅଭିଯୋଗକାରୀ ଦୁର୍ଗାପ୍ରସାଦ ପ୍ରଧାନ ବିରୋଧ କରିବାରୁ ଅସାମାଜିକମାନେ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି।

## ସିଂହଦ୍ୱାର ବ୍ୟାରିକେଡ୍ ପାଖେ ଲାଗିଥିବା ବ୍ୟାନରକୁ ନେଇ ଚର୍ଚ୍ଚା




ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାବି କରାଯାଇଥିବା ବ୍ୟାନର ଶ୍ରୀମନ୍ଦିର ସମ୍ମୁଖରେ ଲଗାଯାଇଛି ।

ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ସୋମବାର ଦୁଇଟି ବ୍ୟାନର ଲାଗିଥିବା ଦେଖିବାକୁ ମିଳିଥିଲା। ବ୍ୟାନରରେ କିଛି ଦାବି ଲେଖାଯାଇଥିଲା। ତେବେ ବ୍ୟାନର କିଏ ଲଗାଇଥିଲେ, ତାହା ଜଣାପଡ଼ି ନ ଥିବା ବେଳେ ପୋଲିସ ଉକ୍ତ ବ୍ୟାନରକୁ ସେଠାରୁ ହଟାଇଦେଇଥିବା ସୂଚନା ମିଳିଛି। ଉକ୍ତ ବ୍ୟାନରରେ ଉପର ସ୍ଥାନରେ ଜୟ ଜଗନ୍ନାଥ ଓ ତଳେ ସାହାଣ ମେଲା ହେଉ (ଗର୍ଭଗୃହ ଦର୍ଶନ) ଲେଖାଯାଇଛି। ଏଥିସହ ଅନେକ କଥା ଉଲ୍ଲେଖ କରାଯାଇଛି। ସେହିପରି ବ୍ୟାନର ତଳେ ଲଜ୍ଜାର ସୀମା କେତେ? ଇତି ଦେବଦାସ (ଭୁବନେଶ୍ୱର) ବୋଲି ଲେଖାରହିଛି। ସେହିପରି ଦ୍ୱିତୀୟ ବ୍ୟାନରରେ ଉଲେଖ ରହିଥିଲା ଯେ, ସିଂହଦ୍ୱାର ଗୁମୁଟରେ ଦଶ ଅବତାର ଲାଗୁ, ପାଲିଆଙ୍କ ପାଇଁ ରାସ୍ତା ହେଉ, ଭିତରେ ଏସି ବନ୍ଦ ହେଉ, ହୁଣ୍ଡି ସ୍ଥାନାନ୍ତର ବନ୍ଦ କର, ର୍ୟାମ୍ପ ବନ୍ଦ କର, ଠାକୁରଙ୍କ ନୀତି ଠିକ୍ ହେଉନାହିଁ, ପାଣିବୋତଲ ଓ ପଲିଥିନ ବନ୍ଦ ହେଉ ବୋଲି ଉଲ୍ଲେଖ ରହିଛି। ତଳେ 'ଲଭ ଇଜ୍ ଗଡ୍, ଲଭ ଇଜ୍ ଷ୍ଟ୍ରଙ୍ଗ' ଲେଖା ହେବା ସହ ଇତି ପ୍ରେମ ନିବେଦନ ଫିର୍ ମିଲେଙ୍ଗେ ବୋଲି ଲେଖା ରହିଛି। ତେବେ ଏପରି ବ୍ୟାନର ସମ୍ପର୍କରେ ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଶୈଳପୁତ୍ରୀ ଉପାସନାରୁ ନବରାତ୍ର ପୂଜା ଆରମ୍ଭ

କାକଟପୁର/ଅସ୍ତରଙ୍ଗ,୨୨।୯ (ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)

ଶକ୍ତିପୀଠରେ ସୋମବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ଶକ୍ତିପୀଠ ତଥା ପୁରୀ ଜିଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇସାରିଥିବା ବେଳେ ସୋମବାର ଠାରୁ ନବପତ୍ରିକା ଆରମ୍ଭ ହୋଇଛି। ନବରାତ୍ରଠାରୁ ମା'ଙ୍କ ନିକଟରେ ସ୍ୱତନ୍ତ୍ର ପୂଜା ନୀତିକାନ୍ତି ହେଉଥିବା ବେଳେ ନବଦିନାତ୍ମକ ପୂଜାର ପ୍ରଥମ ଦିନରେ ମା'ମଙ୍ଗଳାଙ୍କ ଦର୍ଶନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତଙ୍କ ଭିଡ଼ ଜମିବାରେ ଲାଗିଛି। ମା' ବିଳମ୍ବିତ ରାତ୍ରରେ ନାଲିକଲି ବେଶରେ ଦର୍ଶନ ଦେବେ। ମୂଳାଷ୍ଟମୀଠାରୁ ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ବଣ ପୂଜାରେ ମା'ଙ୍କର ସତନ୍ତ୍ର ପୂଜାର୍ଚ୍ଚନା ରୀତି ନୀତିରେ ଚାଲିଛି। ମୂଳାଷ୍ଟମୀରେ ମା'ଙ୍କ ବିଗ୍ରହକୁ ୧୦୮ ଜଳରେ ସ୍ନାନ କରାଇବା ପରେ ଏକ ଅଖଣ୍ଡ ଦୀପ ଜଳାଇ ଷୋଡ଼ଶଉପଚାର ପୂଜା ବିଧି ଆରମ୍ଭ ହୋଇଥିଲା। ନବମୀ ପର୍ଯ୍ୟନ୍ତ ମା'ଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେବ।



ମା' ମଙ୍ଗଳାଙ୍କ ନାଲିକଲି ବେଶ ।

## ରତ୍ନଭଣ୍ଡାର ଅଳଙ୍କାର ଲୁଟ୍ ଅଭିଯୋଗ: ସିବିଆଇ ତଦନ୍ତ ଦାବି

### ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦୀପଦାନ ଓ ବିକ୍ଷୋଭ

ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଲୁଟ୍ ହୋଇଥିବା ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣିବା ସହ ସିବିଆଇ ତଦନ୍ତ ଦାବି କରିଛି। ଏ ନେଇ ସୋମବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥଙ୍କ ଶ୍ୱଶୁରଘର ନୃସିଂହ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ ଓ ପ୍ରାର୍ଥନା ସହ ଗଣବିକ୍ଷୋଭ କରାଯାଇଛି।

ଆବାହକ ପଟ୍ଟନାୟକ କହିଛନ୍ତି ଯେ, ସରକାର ଓଡ଼ିଆ ଲୋକଙ୍କୁ କାହିଁକି ଭୂଆଁ ବୁଲାଉଛନ୍ତି। ସିନ୍ଦୁକ ବଦଳିଲା, କିନ୍ତୁ ରତ୍ନଅଳଙ୍କାରର ଗଣତିମଣତି ନ କରି ତାହାକୁ କାହିଁକି ସ୍ଥାନାନ୍ତର କରାଯିବ। ୧୯୭୮ ମସିହାର ଗଣତିମଣତି ତାଲିକା ସହ ବର୍ତ୍ତମାନର ରତ୍ନ ଅଳଙ୍କାର କେବେ ମେଳକ କରାଯିବ। ଯଦି ଗଣତିମଣତି ହେବନାହିଁ, ତେବେ ସରକାର କାହିଁକି ଜଷ୍ଟିସ୍ ବିଶ୍ୱନାଥ ରଥ କମିଶନ ଗଠନ କରିଛନ୍ତି। ଏ ବାବଦରେ ରାଜ୍ୟ ରାଜକୋଷରୁ କାହା ସ୍ୱାର୍ଥରେ ବହୁ ଅର୍ଥ ବ୍ୟୟ କରାଗଲା।




ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ଦାବିରେ ଶ୍ରୀ ଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ରତ୍ନଣ୍ଡାରର ଅନେକ ଅଳଙ୍କାର ଲୁଟ ଓ ଚୋରି ହୋଇଛି। ଏହାର ସିବିଆର ତଦନ୍ତ କରାଯାଉ। ସାଢ଼େ ୪ କୋଟି ଓଡ଼ିଆ ଏବଂ ଜଗନ୍ନାଥପ୍ରେମୀ ରତ୍ନଭଣ୍ଡାର ସତ୍ୟ କେବେ ଜାଣିବେ। ସେହିପରି ମହାପ୍ରଭୁଙ୍କ କୋହିନୂର ହୀରା, ୫୨୨ ଗୁପାଇଟା କେବେ ଶ୍ରୀମନ୍ଦିରକୁ ଫେରିବ ଏବଂ ଦଶ ଅବତାର ମୂର୍ତ୍ତି କେବେ ଲଗାଯିବ ସେ ନେଇ ସରକାର ଉତ୍ତର ଦିଅନ୍ତୁ ବୋଲି ପଟ୍ଟନାୟକ କହିଛନ୍ତି। ୨୩ ତାରିଖରେ ଅସ୍ଥାୟୀ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀକୁ ମୂଳ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇ ଚାବିପଡ଼ି ସିଲ୍ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗଣତିଣତି ନେଇ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ। ତେଣୁ ଏ ନେଇ ଶ୍ରୀଜଗନ୍ନାଥ ସେନା ସୋମବାର ଆନ୍ଦୋଳନ କରିଛି। ତୁରନ୍ତ ଅଳଙ୍କାର ଗଣତିମଣତି ଓ ୧୯୭୮ ମସିହାର ତାଲିକା ସହ ମେଳକ କରାଯିବାକୁ ପଟ୍ଟନାୟକ ଦାବି କରିଛନ୍ତି।

# ଦୀର୍ଘସ୍ଥାୟୀ ପ୍ରାଣୀପାଳନର ମୂଳ ଆଧାର ଖାଦ୍ୟ ସୁପରିଚାଳନା

## ଜାତୀୟ ପ୍ରଶିକ୍ଷଣ କର୍ମଶାଳା ଆରମ୍ଭ

- ଯୋଗଦେଲେ ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧି
- ଅଫିସିଆଲ ପଡ୍‌କାଷ୍ଟ ଓ ହ୍ୱାଟ୍ସଆପ୍ ଚ୍ୟାନେଲର ଶୁଭାରମ୍ଭ

ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)

ଭାରତରେ ପ୍ରାଣୀ ଖାଦ୍ୟ ପରିଚାଳନାର ଅଗ୍ରଗତି ନେଇ ୫ ଦିନିଆ ପ୍ରଶିକ୍ଷଣ ଓ କର୍ମଶାଳା ସୋମବାର ଆରମ୍ଭ ହୋଇଛି। କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ, ଦୀର୍ଘସ୍ଥାୟୀ ପ୍ରାଣୀପାଳନର ମୂଳ ଆଧାର ହେଉଛି ପ୍ରାଣୀ ଖାଦ୍ୟ ବ୍ୟବସ୍ଥାର ସୁପରିଚାଳନା। ଜଳବାୟୁ ଅନୁକୂଳ ପ୍ରାଣୀ ଖାଦ୍ୟର ଉତ୍ପାଦନ ଏବଂ ବର୍ଷ ସାରା ଉପଲବ୍ଧ ହେଉଥିବା ଉଚ୍ଚ ଗୁଣମାନ ଖାଦ୍ୟକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ପ୍ରାଣୀସମ୍ପଦର ସମୃଦ୍ଧି ଓ ଗ୍ରାମୀଣ ଜୀବନଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ପ୍ରାଣୀ ଖାଦ୍ୟ ପରିଚାଳନାରେ ବିବିଧତା ହେଉଛି ସମୟର ଆହ୍ୱାନ। ଏହି ପ୍ରଶିକ୍ଷଣ ଓ କର୍ମଶାଳା ପ୍ରାଣୀପାଳନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ବେଙ୍ଗାଲୁରୁସ୍ଥିତ ସେଣ୍ଟର ଫର୍ ଏକ୍ସେଲେନ୍ସ ଇନ ଆନିମଲ ହଜବେଣ୍ଡ୍ରି ଏବଂ ଭୁବନେଶ୍ୱରସ୍ଥିତ ଭେଟେରିନାରି ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ ମିଳିତ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଯୋଗଦେଇଛନ୍ତି। ଏହି ୫ ଦିନିଆ ପ୍ରଶିକ୍ଷଣ ଶିବିରରେ ପ୍ରାଣି ଖାଦ୍ୟ ଉତ୍ପାଦନରେ ବ୍ୟବହାର ହେଉଥିବା ନୂତନ ପ୍ରଯୁକ୍ତି ବିଦ୍ୟା, ନୂତନ ପ୍ରଜାତିର ପ୍ରାଣୀଖାଦ୍ୟ ଶସ୍ୟ, ଯୋଗାଣ ବ୍ୟବସ୍ଥା ଆଦି ବିଷୟରେ ଅଂଶଗ୍ରହଣକାରୀମାନେ ଅବଗତ ହେବେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଅଫିସିଆଲ ପଡ୍‌କାଷ୍ଟ ଓ ହ୍ୱାଟ୍ସଆପ୍ ଚ୍ୟାନେଲକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହା ପ୍ରାଣୀପାଳନକୁ ଅଧିକ ପ୍ରୋତ୍ସାହିତ କରିବ ଓ ପ୍ରାଣୀପାଳକଙ୍କ ନିକଟରେ ପହଞ୍ଚିବାରେ ସହାୟକ ହେବ। ପ୍ରାଣୀଖାଦ୍ୟ ପରିଚାଳନା ଏବଂ ପ୍ରାଣୀପାଳନ କ୍ଷେତ୍ରରେ ନବସୃଜନ ଓ ସହଯୋଗକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ, ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସାକ୍ଷରିତ ହୋଇଛି। ଓଡ଼ିଶାରେ ପ୍ରାଣୀପାଳନର ସଫଳତାକୁ ନେଇ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ସିୱାର ନିର୍ଦ୍ଦେଶକ ମୃଦୁଳା ଦେବୀ, ବେଙ୍ଗାଲୁରୁ ସିଇଏଏଚ୍‌ର ନିର୍ଦ୍ଦେଶକ ଡ. ମହେଶ, ଅତିରିକ୍ତ ଶାସନ ସଚିବ ରିନା ମହାପାତ୍ର, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀଙ୍କ ଉପସ୍ଥିତିରେ ତ୍ରିପାକ୍ଷିକ ଚୁକ୍ତିପତ୍ର ସାକ୍ଷରିତ ହେଉଛି।

## ଦାଢା ପଞ୍ଚାୟତରେ ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମ

ତ୍ରିଶୂଳିଆ, ୨୨।୯(ତୁଷାରକାନ୍ତ ବେହେରା)

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାଢା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମ ଜରିଆରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୱାର୍ଡର ସାଧାରଣ ଲୋକେ ଯୋଗଦେଇ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଜଣାଇଥିଲେ। ଶିବିରରେ ମୋଟ୍ ମୋଟ ୨୦୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୦ଟି ସାମୂହିକ ଓ ୧୯୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଅଧିକାଂଶ ଭତ୍ତା, ରାଶନ, ପିଇବା ପାଣି, ପଞ୍ଚାୟତ ପୋଖରୀକୁ ସରକାରୀ ରାସ୍ତା, ବ୍ରିଜ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ସମସ୍ୟା ରହିଥିଲା। ଶିବିରରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରପ୍ରସାଦ ମହାନ୍ତି, ଭୁବନେଶ୍ୱର ବିଡିଓ ଦେବୀପ୍ରସାଦ ମହାନ୍ତି, ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ସରପଞ୍ଚ ନିଶିପଦ୍ମା କାଣ୍ଡି, ସମିତି ସଭ୍ୟ ବ୍ରଜବନ୍ଧୁ ଭୋଇ, ନାଏବ ସରପଞ୍ଚ ରଞ୍ଜିତ ଦାସଙ୍କ ସମେତ ରାଜସ୍ୱ, ଜଳଯୋଗାଣ, ଶିଶୁବିକାଶ, ସ୍ୱାସ୍ଥ୍ୟ,ବ୍ୟାଙ୍କ, କୃଷି ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ଘଡେଇ ପରିଚାଳନା କରିଥିଲେ। ପଞ୍ଚାୟତ ଏଡିଓ ଚୈତନ୍ୟ କୁମାର ସାହୁ, ଯୋଗାଣ ସହାୟିକା ସ୍ୱାଗତିକା ପରିଡା, ପିଅନ ଗଗନ ଭଞ୍ଜଙ୍କ ସମେତ ୱାର୍ଡସଭ୍ୟାସଭ୍ୟ ସହଯୋଗ କରିଥିଲେ।

## ହସ୍ତଶିଳ୍ପର କାର୍ଯ୍ୟାଭ୍ୟାସ ପ୍ରଦର୍ଶିତ



ଭୁବନେଶ୍ୱର, ୨୨। ୯ (ସୌମ୍ୟରଞ୍ଜନ ରାଉତ)

ଏମ୍‌ଜିଏମ୍ ଫାଉଣ୍ଡେସନ ଓ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ୍ ଡିଜାଇନ୍ ଷ୍ଟୁଡିଓ ପକ୍ଷରୁ ଓଡ଼ିଶା କ୍ରାଫ୍ଟ ଓଡ଼ିଶୀ (ଓସିଓ)ର ପ୍ରୟାସ ଜରିଆରେ ଭୁବନେଶ୍ୱର ମହାନଗର ହସ୍ତଶିଳ୍ପର କାର୍ଯ୍ୟାଭ୍ୟାସର ପ୍ରଦର୍ଶନୀ ରବିବାର ଲଳିତକଳା ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନେକ ପ୍ରକାରର କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଗବେଷକ ଏବଂ କାରିଗରମାନଙ୍କ ସମ୍ମିଳିତ ଅଂଶଗ୍ରହଣରେ ପ୍ରଦର୍ଶିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓସିଓ ପରାମର୍ଶଦାତା ବୋର୍ଡର ସଦସ୍ୟ ସିଦ୍ଧାର୍ଥ ମହାନ୍ତି, ଶିବଦାସ ସେନଗୁପ୍ତା, କାରିଗର ରାଜ୍ ମୌରା, ମଧୁଲିକା ଏସ୍ ନାଇଡୁ, ରିଆ ମୋରାସ୍ ପ୍ରମୁଖ ଯୋଗଦେଇଥିଲେ।



ସାମ୍ବାଦିକମାନଙ୍କୁ ପେନ୍‌ସନ, ସୁରକ୍ଷା ଏବଂ ଆକ୍ରିଡେଶନ ଦାବିରେ ଓୟୁଜେ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଦିଆଯାଇଥିବା ଧାରଣାରେ ବିଧାୟକ ଅରୁଣ ସାହୁ ସାମିଲ ହୋଇ ବକ୍ତବ୍ୟ ରଖୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

## ବଦଳି ଶିକ୍ଷକଙ୍କ ପୁନଃନିଯୁକ୍ତି ଦାବିରେ ଧାରଣା

ବାଲକାଟୀ, ୨୨।୯(ମନୋଜ କୁମାର ମଣ୍ଡଳ)

ବାଲିଅନ୍ତା ବ୍ଲକ ସରକଣା ଗ୍ରାମ ପଞ୍ଚାୟତ ଅଧୀନ ଭଗବତୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ବଦଳିକୁ ବାତିଲ କରି ପୁନଃନିଯୁକ୍ତି ଦାବିରେ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଥିଲେ। ବିଡିଓ ରଶ୍ମିତା ନାଥ, ବିଇଓ ନୀହାରିକା ପଣ୍ଡା, ବିଆର୍‌ସିସି ରମାମଣି ଦେଈ ଓ ବାଲକାଟୀ ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ମୋଟ ୩୧୬ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଦେଢ଼ବର୍ଷ ହେଲାଣି ପ୍ରଧାନଶିକ୍ଷକଙ୍କ ପଦବୀ ଖାଲି ପଡ଼ିଛି। ସେପ୍ଟେମ୍ବର ୧୯ରେ ବିଦ୍ୟାଳୟର ଗଣିତ ଶିକ୍ଷକ ଭାଗୀରଥି ସାହୁଙ୍କୁ ସିଆର୍‌ସିସି ଭାବେ ପ୍ରମୋଶନ ହୋଇଥିବା ବେଳେ ଇଂଲିଶ ଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କୁ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଜାରି ହୋଇଛି। ଧାରଣା ପରେ ଭାଗୀରଥି ସାହୁ ପୁନଶ୍ଚ ଶିକ୍ଷକ ଦାୟିତ୍ୱରେ ରହିବା ଓ ସ୍କୁଲରେ ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

## ନୂଆସାହିରେ ପୂଜା ପାଇବେ ସଙ୍କଟମୋଚନ ଶ୍ରୀ ମହାବୀର

ଭୁବନେଶ୍ୱର,୨୨।୯ (ସୁଚିସ୍ମିତା ସାହୁ)

ନୟାପଲ୍ଲୀ ନୂଆସାହିର ଶ୍ରୀଶ୍ରୀ ଅଖଣ୍ଡଳମଣୀ ସେବା ସଂସଦ ଓ ଶ୍ରୀ ଶ୍ରୀ ମହାବୀର ପୂଜା କମିଟି ପକ୍ଷରୁ ୧୬ତମ ଶ୍ରୀମହାବୀର ମହୋତ୍ସବ ପାଳିତ ହେବାକୁ ଯାଉଛି। ଚଳିତବର୍ଷ ମଧ ମହାବୀରଙ୍କ ପୂଜା ଓ ଭସାଣୀ ଶାନ୍ତି ଶୃଙ୍ଖଳାର ସହ କରାଯିବ। ଚଳିତବର୍ଷ ପୂଜା ପାଇଁ ୧୦ ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ମଣ୍ଡପରେ ୧୬ ଫୁଟ ଉଚ୍ଚତା ବିଶିଷ୍ଟ ମହାବୀରଙ୍କ ମୂର୍ତ୍ତି ପୂଜା ପାଇବେ। ଏଥିସହ ତୋରଣ ଏବଂ ଆଲୋକସଜ୍ଜା ଆକର୍ଷଣ ସାଜିବ। ସପ୍ତମୀ ସକାଳୁ ପୁରୀର ମା ବିମଳାଙ୍କଠାରୁ ଆଜ୍ଞାମାଳ ଆସିବା ପରେ ପୂଜାର୍ଚ୍ଚନା ଆରମ୍ଭ ହେବ। କମିଟିର ୫୦ଜଣ ସଦସ୍ୟ ବାଦ୍ୟ ଘଣ୍ଟଘଣ୍ଟା ପଟୁଆର ସହ ନୟାପଲ୍ଲୀ ପୁଷ୍କରଣୀରୁ କଳସ ଯାତ୍ରା କରି ପୂଜା ମଣ୍ଡପରେ ପହଞ୍ଚି ସ୍ଥାପନ କରିବେ। ସପ୍ତମୀରୁ ଦଶମୀ ଚାରିଦିନ ଧରି ବିଧି ଅନୁସାରେ ବିଭିନ୍ନ ପୂଜା ଏବଂ ହବନ କାର୍ଯ୍ୟ ସହ ଶେଷ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯିବ। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ୫୦୦ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଥିବା ବେଳେ ଦଶମୀରେ ୫୦୦୦ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଛି। ସେହିପରି ସପ୍ତମୀରେ ମେଲୋଡି, ଅଷ୍ଟମୀରେ ରାମଲୀଳାରେ ଇନ୍ଦ୍ରଜିତ ବଧ ପରିବେଷଣ, ନବମୀରେ ଦାଣ୍ଡିଆ ନୃତ୍ୟ ଏବଂ ଦଶମୀରେ ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ ରହିଛି।

ଶୃଙ୍ଖଳିତ ତଥା ସୁରକ୍ଷିତ ପୂଜା ପାଇଁ ୧୦ଟି ସିସି-ଟିଭି କ୍ୟାମେରା, ୧୦୦ଜଣ ସେଚ୍ଛାସେବୀ ଓ ପୋଲିସ ମୁତୟନ ହେବେ। ସ୍ୱେଚ୍ଛାସେବୀମାନେ ସ୍ୱତନ୍ତ୍ର ଟି-ଶାର୍ଟ ପରିଧାନ କରି ଭିଡ଼ ନିୟନ୍ତ୍ରଣ କରିବା ସହ ଶାନ୍ତିଶୃଙ୍ଖଳାରେ ଭକ୍ତଙ୍କୁ ପୂଜା ମଣ୍ଡପ ପରିଦର୍ଶନ କରିବାରେ ସହଯୋଗ କରିବେ। ଦିବ୍ୟାଙ୍ଗ, ମହିଳା ଏବଂ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭସାଣି ଉତ୍ସବରେ ସଂକୀର୍ତ୍ତନ, ଢୋଲ, ନିଶାନ ବାଦ୍ୟ ସହ ଲଉଡ଼ି ଖେଳ, ହନୁମାନ ଚାଳିଶା ପାଠ କରାଯାଇ ମହାବୀରଙ୍କ ମେଢ ପଟୁଆର ଯିବ ବୋଲି କମିଟିର କାର୍ଯ୍ୟକାରୀ ସଭାପତି ମିଳନ ପାଇକରାୟ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କମିଟି ସଭାପତି ବିବେକାନନ୍ଦ କର, ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ରାୟ, ସାଂସ୍କୃତିକ ସମ୍ପାଦକ ସାଗର ବଳବନ୍ତରାୟ, ଉପସଭାପତି ପ୍ରଶାନ୍ତ ବଡଜେନା, ସହସମ୍ପାଦକ ଦେବାଶିଷ ପ୍ରଧାନ, ସଂଗଠନ ସମ୍ପାଦକ ସନ୍ଦୀପ ବଳ, ଗଣମାଧ୍ୟମ ସଂଯୋଜକ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ନୟାପଲ୍ଲୀ ନୂଆସାହିର ଶ୍ରୀଶ୍ରୀ ଅଖଣ୍ଡଳମଣୀ ସେବା ସଂସଦ ଓ ଶ୍ରୀ ଶ୍ରୀ ମହାବୀର ପୂଜା କମିଟିର କର୍ମକର୍ତ୍ତା।

## ମହିଳାଙ୍କୁ ମଦ ପିଆଇ ଗଣବଳାତ୍କାର ମାମଲା
## ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୨।୯(ସତ୍ୟଜିତ୍ ରାଉତ)

ରାଜଧାନୀରେ ଜଣେ ମହିଳାଙ୍କୁ ମଦ ପିଆଇ ବଳାତ୍କାର ମାମଲାରେ ସୋମବାର ଭୁବନେଶ୍ୱର ଅତିରିକ୍ତ ଦୌରା ଜଜ୍‌ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ମହିଳା ଥାନା ପକ୍ଷରୁ ରୁଜୁ ହୋଇଥିବା ଏହି ମାମଲାରେ ବିଚାରପତି ଶୁଭଞ୍ଜନ ମହାନ୍ତି ରାୟ ପ୍ରକାଶ କରି ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ତାରିଣୀ ବସ୍ତିରେ ରହୁଥିବା କଟକ ଜିଲା ପୁରୀଘାଟ ଥାନା ଅନ୍ତର୍ଗତ ତେଲେଙ୍ଗା ବଜାରର ଅମିତାଭ ଶତପଥୀ ଓରଫ ଭାଲୁ (୨୯)। ଏଥିସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲରେ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି। ଏହି ମାମଲାରେ ବାହୁଡ଼ା ନାମକ ଅନ୍ୟତମ ସହଯୋଗୀ ଓ ଅନ୍ୟଜଣେ ମହିଳା ହୋମଗାର୍ଡ ମଧ ଅଭିଯୁକ୍ତ ଅଛନ୍ତି। ସମ୍ପୃକ୍ତ ହୋମଗାର୍ଡଙ୍କୁ ଆଇପିସି ଦଫା (୧୦୯-ଅପରାଧ ପାଇଁ ପ୍ରୋତ୍ସାହନ)ରେ ପୂର୍ବରୁ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୋଧରେ କୋର୍ଟରେ ଶୁଣାଣି ଚାଲୁ ରହିଛି। ବାହୁଡ଼ା ଫେରାର ଅଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବାଣୀବିହାର ରେଲୱେ ଷ୍ଟେଶନ ଓଭର ବ୍ରିଜ୍ ନିକଟରେ ମହିଳା ହୋମଗାର୍ଡଙ୍କ ଘରେ ଅମିତାଭ ଭଡ଼ାରେ ରହୁଥିଲେ। ଉକ୍ତ ଘରେ ପୀଡ଼ିତା ଓ ତାଙ୍କ ସ୍ୱାମୀ ମଧ ରହୁଥିଲେ। ସ୍ୱାମୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ କମ୍ପାନୀରେ କାମ କରୁଥିଲେ। ୨୦୧୪ ଏପ୍ରିଲ ୪ ସକାଳେ ପୀଡ଼ିତାଙ୍କ ସ୍ୱାମୀ ଘରେ ନ ଥିଲେ। ଏହି ସମୟରେ ତାଙ୍କୁ ଅଭିଯୁକ୍ତମାନେ ମଦ ପିଆଇଦେଇଥିଲେ। ଏହାପରେ ଅମିତାଭ ଓ ବାହୁଡ଼ା ତାଙ୍କୁ ବଳାତ୍କାର କରିଥିଲେ। ଦିନ ପ୍ରାୟ ୧.୩୦ ବେଳେ ସ୍ୱାମୀ ଘରକୁ ଫେରିବାପରେ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ପୀଡ଼ିତାଙ୍କ ସ୍ୱାମୀଙ୍କ ଏତଲାକୁ ଆଧାର କରି ମହିଳା ଥାନା ଆଇପିସି ଦଫା-୩୭୬(ଡି)ରେ ମାମଲା (ନଂ.୯୪/୨୦୧୪) ରୁଜୁ କରି ଅମିତାଭଙ୍କୁ ଗିରଫ କରିଥିଲା। ପରେ ମହିଳା ହୋମଗାର୍ଡଙ୍କୁ ମଧ ପୋଲିସ ଗିରଫ କରିଥିଲା। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସୁରେଶ କୁମାର ବାରିକ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

## ୨୯ରୁ ତିନିଦିନିଆ 'ଦାଣ୍ଡିଆ କାର୍ନିଭାଲ'

ଭୁବନେଶ୍ୱର, ୨୨।୯ (ସୌମ୍ୟରଞ୍ଜନ ରାଉତ)

ନେଟ୍‌ୱର୍କ ଇଭେଣ୍ଟ୍ସ ଆଣ୍ଡ ପ୍ରମୋସନ୍ସ ଓ କ୍ରିଷ୍ଟାଲ କ୍ରାଉନ୍ ପକ୍ଷରୁ ଆସନ୍ତା ୨୯ ତାରିଖରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ପଟିଆସ୍ଥିତ କ୍ରିଷ୍ଟାଲ କ୍ରାଉନଠାରେ 'ଦାଣ୍ଡିଆ କାର୍ନିଭାଲ' ଅନୁଷ୍ଠିତ ହେବ। ଏହି ଉତ୍ସବରେ ଆକର୍ଷଣୀୟ ନୃତ୍ୟ, ଲାଇଭ୍ ମ୍ୟୁଜିକ୍, ସେଲିବ୍ରିଟି ଗାୟକଙ୍କ ସଙ୍ଗୀତ, ଡିଜେ, ଲାଇଭ୍ ବ୍ୟାଣ୍ଡ ଆଦି ପ୍ରଦର୍ଶନ କରାଯିବ। ଉତ୍ସବର ପ୍ରଥମ ଦିନରେ ଓଡ଼ିଶାର ପ୍ରଥମ ଡ଼ିଜେ ବ୍ୟାଣ୍ଡ୍ ବଲି ବଏଜ୍, ପ୍ଲେବ୍ୟାକ୍ ସିଙ୍ଗର୍ ନାବ୍ୟା ଜାଇତି, ସେଲିବ୍ରେଟି ଆଙ୍କର ଶୁଭମ୍ ପ୍ରମୁଖ ପରିବେଷଣ କରିବାକୁ ଥିବାବେଳେ ଦ୍ୱିତୀୟ ଦିନରେ ବଲିଉଡ୍ ପ୍ଲେବ୍ୟାକ୍ ସିଙ୍ଗର ମେହେରୋଲିୟା, ଇଣ୍ଡିଆନ ଆଇଡଲ ସେନସେସନ ତୋରଶା ସରକାର, ଆଙ୍କର ପୁନ୍ୟା, ଡିଜେ ଏସ୍‌କେବି (ରିମିକ୍ସ ମାଷ୍ଟର) ପ୍ରମୁଖ ମନୋରଞ୍ଜନ କରିବାର କାର୍ଯ୍ୟକ୍ରମ ରହିଛି। ଶେଷ ଦିବସରେ ଶ୍ରେଷ୍ଠ ୨୫ ଏମ୍‌ସି ଅଫ ଏସିଆ ଆୱାର୍ଡ ପାଇଥିବା ପିନାକୀ ଝା, ମୁମ୍ବାଇ ଡିଜେ ବ୍ୟାଣ୍ଡ, ବଲିଉଡ୍ ଡିଜେ ରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ଉତ୍ସାହପୂର୍ଣ୍ଣ ଗର୍‌ବା ଓ ଦାଣ୍ଡିଆ ନୃତ୍ୟ, ଓପନ-ଫ୍ଲୋର ପାର୍ଟିସିପେଶନ୍ ଆକର୍ଷଣ ସାଜିବ। ଏଥିସହ ଅସୀମିତ ଖାଦ୍ୟ ଓ ବଫେ, ଗିଫ୍ଟ ହାମ୍ପର, ଫେଷ୍ଟିଭ୍ କ୍ଲିକ୍ ରହିବ ବୋଲି ଖବରଦାତା ସମ୍ମିଳନୀରେ ପ୍ରତିଷ୍ଠାତା ଚନ୍ଦନ ନାୟକ ସୂଚନା ଦେଇଛନ୍ତି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୪ତମ କଟନ ଫ୍ୟାବର ଚତୁର୍ଥ ସପ୍ତାହର ପ୍ରଥମ ବିଜେତା ଆର ଆର୍ ସାହୁଙ୍କୁ ମ୍ୟାନେଜର ସାବନ କୁମାର ପୁରସ୍କୃତ କରୁଛନ୍ତି।

# ଚାନ୍ଦି ମୁକୁଟରେ ଝଟକିବେ ମା' ପାର୍ବତୀ



ଧରାବତରଣ କରିବେ ମା'



ଭୁବନେଶ୍ୱର,୨୨।୯ (ସୁଚିସ୍ମିତା ସାହୁ)

ଦୁର୍ଗାପୂଜା ନୟାପଲ୍ଲୀ ୟୁନିଟ-୮ସ୍ଥିତ ରାଜ କ୍ଲବ ହରପାର୍ବତୀ ପୂଜା କମିଟି ପକ୍ଷରୁ ହରପାର୍ବତୀ ପୂଜା କରାଯିବ। କମିଟି ଚଳିତବର୍ଷ ୩୮ତମ ବର୍ଷ ପୂରଣ କରିବ। ତେବେ ପ୍ରଥମଥର ପାଇଁ ମା' ପାର୍ବତୀ ୩ କେଜିର ଚାନ୍ଦି ମୁକୁଟ ପରିଧାନ କରିବେ। ଏଥିସହ ଦିଲ୍ଲୀର ଲାଲକିଲ୍ଲା ତୋରଣ ପୂଜାର ଅନ୍ୟଏକ ଆକର୍ଷଣ ସାଜିବ। ତୋରଣର ଉଚ୍ଚତା ୫୦ଫୁଟ ଓ ପ୍ରସ୍ଥ ୪୦ ଫୁଟ ରହିବ। ତୋରଣ ନିର୍ମାଣ କାର୍ଯ୍ୟରେ କୋଲକାତାର କାରିଗରମାନେ ମାସେ ହେବ ଲାଗିଛନ୍ତି। ସେହିପରି ଜଟଣୀ ଗୋଡିସାହିର କାରିଗରଙ୍କ ଦ୍ୱାରା ୧୪ଫୁଟ ଉଚ୍ଚର ହରପାର୍ବତୀଙ୍କ ମୂର୍ତ୍ତି ନିର୍ମାଣ କରାଯାଉଛି। ସେହିପରି ପାର୍ଶ୍ୱ ଦେବାଦେବୀ ଭାବେ ଗଣେଶ ଓ କାର୍ତ୍ତିକ ପୂଜା ପାଇବେ। ଜନସମାଗମକୁ ନଜରରେ ରଖି କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ପାଇଁ ପାଇଁ ଅଲଗା ପ୍ରବେଶ ଓ ପ୍ରସ୍ଥାନ ପଥ କରାଯାଉଛି। ପୂଜା ଅଞ୍ଚଳରେ ସିସି ଟିଭି ଲଗାଯାଇଛି। ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସମେତ ପୋଲିସ ମଧ ମୁତୟନ ରହିବେ। ଦିବ୍ୟାଙ୍ଗ ଓ ବୟସ୍କ ଭକ୍ତଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକ ସାଜସଜ୍ଜା ସହ ୫୦ଫୁଟ ଉଚ୍ଚର ଗୋଟିଏ ଲାଇଟ ଗେଟ କରାଯିବ।

**ରାଜ କ୍ଲବ ହରପାର୍ବତୀ ପୂଜା କମିଟି**



### ନିଶାମୁକ୍ତ, ପ୍ଲାଷ୍ଟିକମୁକ୍ତ ପୂଜାକୁ ଗୁରୁତ୍ୱ

ନିଶାମୁକ୍ତ ଏବଂ ପ୍ଲାଷ୍ଟିକମୁକ୍ତ ପୂଜାକୁ ଗୁରୁତ୍ୱ ଦିଆଯିବ। ପ୍ଲାଷ୍ଟିକ ପଲିଥିନ୍‌ରେ ପୂଜା ସାମଗ୍ରୀ ଆଣିବାକୁ ବାରଣ କରାଯିବ। ମା'ଙ୍କ ପାଇଁ ଚାନ୍ଦିର ମୁକୁଟ ଏବଂ ଲାଲକିଲାର ତୋରଣ ପୂଜାର ମୁଖ୍ୟ ଆକର୍ଷଣ ପାଲଟିବ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସହିତ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ।

-ବନପ୍ରସାଦ ପଟ୍ଟନାୟକ, ସମ୍ପାଦକ

### ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନା ବଜାର

ସପ୍ତମୀ ଦିନ କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିବେ। ଅଷ୍ଟମୀ ଦିନ ମେଲୋଡି, ନବମୀଦିନ ସଙ୍ଗୀତ ଏବଂ ଦଶମୀ ଦିନ ଛଉ, ସାନ୍ତାଳୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯିବ। ସେହିପରି ନବମୀ ଦିନ ୪ରୁ ୫ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏଥିସହ ଦଶମୀରେ ୧୦ହଜାର ଲୋକଙ୍କ ପାଇଁ ହାଲୁଆ ପ୍ରସାଦ ବଣ୍ଟନ କରାଯିବ। ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ମୀନା ବଜାରର ମେଳା ଲାଗିବ।

-ମିହିର କୁମାର ଭଞ୍ଜ, କୋଷାଧ୍ୟକ୍ଷ

### ପାରମ୍ପରିକ ନୃତ୍ୟ, ବାଦ୍ୟରେ ଭସାଣି ଉତ୍ସବ



କମିଶନରେଟ ପୋଲିସର କଟକଣା ପୂର୍ବକ ଭସାଣିରେ ଡିଜେ, ବାଣ ବ୍ୟବହାରକୁ ବର୍ଜନ କରାଯାଇଛି। ପ୍ରସିଦ୍ଧ ପାରମ୍ପାରିକ ନୃତ୍ୟ ସହ ଢ଼ୋଲ ବାଜା, ନିଶାନ ବାଜା, ମୃଦଙ୍ଗ, ସମ୍ବଲପୁର ବାଜା ଏବଂ ଘଣ୍ଟ ଧ୍ୱନିରେ ଠାକୁରଙ୍କୁ ମେଲାଣିଦିଆଯିବ। ବିଶେଷକରି ପୂଜା ଓ ଭସାଣି ଉତ୍ସବକୁ ଶୃଙ୍ଖଳିତ କରିବାକୁ କମିଟି ସବୁପ୍ରକାର ଚେଷ୍ଟା କରିବ।

-ମହମ୍ମଦ ହାଇଦର, ସାଂସ୍କୃତିକ ସମ୍ପାଦକ

## ସଂକ୍ଷେପରେ

### ୬ଦଫା ଦାବି ନେଇ ଜିପିଏଲ୍‌ଏଫ୍ କର୍ମୀ ସଂଘର ଧାରଣା

ବାରଙ୍ଗ, ୨୨।୯(ଲିଙ୍ଗରାଜ ରାଉତ)

ବାରଙ୍ଗବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ବ୍ଲକସ୍ତରୀୟ ଜିପିଏଲଏଫ କର୍ମୀସଂଘ ପକ୍ଷରୁ ସୋମବାର ୬ ଦଫା ଦାବି ନେଇ ଶାନ୍ତିପୂର୍ଣ୍ଣଭାବେ ଧାରଣାରେ ବସିଛନ୍ତି । ଏହି ଧାରଣାରେ ସିଆରପି, ଏମ୍ବିକେ ଓ ବ୍ୟାଙ୍କମିତ୍ରମାନେ ସାମିଲ ହୋଇଛନ୍ତି। କର୍ମଚାରୀମାନେ ସ୍ଥାୟୀଦରମା, ସ୍ଥାୟୀନିଯୁକ୍ତି, ଆକାଉଣ୍ଟପେ, ପର୍‌ଫର୍ମାନ୍ସ ବୋନସ, ଛଅମାସର ବକେୟା ରାଶି ପ୍ରଦାନ, କାର୍ଯ୍ୟଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ ଆଦି ଦାବିନେଇ ଧାରଣାରେ ବସିଛନ୍ତି। ଏସମ୍ପର୍କରେ କର୍ମୀମାନେ ଏକ ଦାବିପତ୍ର ବାରଙ୍ଗ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଯେପର୍ଯ୍ୟନ୍ତ ଦାବିପୂରଣ ନ ହୋଇଛି ସେପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ପ୍ରକଳ୍ପ କାର୍ଯ୍ୟାଳୟରେ ଭଙ୍ଗାରୁଜା, ଜଣେ ଗିରଫ

ବାରଙ୍ଗ,୨୨।୯(ଲିଙ୍ଗରାଜ ରାଉତ)

ମୁଣ୍ଡଳିଠାରେ ଭୁବନେଶ୍ୱରକୁ ବିଶୁଦ୍ଧ ଜଳ ଯୋଗାଣ ନିମନ୍ତେ ହେଉଥିବା ପ୍ରକଳ୍ପ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯିବା ସହ ଆତଙ୍କ ଖେଳାଇବା ଅଭିଯୋଗରେ ଗୋଡିସାହି ଫାଣ୍ଡି ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ମୁଣ୍ଡଳି ଅଞ୍ଚଳ ଶିବପ୍ରସାଦ ନାୟକ। ଶିବ ଓ ଅନ୍ୟ ୨ଜଣ ସହଯୋଗୀ ରବିବାର କାର୍ଯ୍ୟାଳୟରେ ପହଞ୍ଚି ଛଟେଇ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପୁନଃନିଯୁକ୍ତି ଦେବା ସହ ସେମାନଙ୍କୁ କାମ ଦେବାକୁ ଦାବି କରିଥିଲେ। ପ୍ରକଳ୍ପ ମ୍ୟାନେଜର ଓ ସହଯୋଗୀ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଶିବପ୍ରସାଦ ଓ ସହେଯାଗୀମାନେ ମାରଧର କରିବା ସହ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ ବୋଲି ପ୍ରକଳ୍ପ ମ୍ୟାନେଜର ସୁଶାନ୍ତ କୁମାର ବେହେରା ଫାଣ୍ଡିରେ ଅଭିଯୋଗ କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ୧୦ ହଜାର ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ

ଭୁବନେଶ୍ୱର,୨୨।୯(ସୁଚିସ୍ମିତା ସାହୁ)



ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକମାନେ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରାରେ ଦାବି ରଖୁଛନ୍ତି।

ଓଡିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ସୋମବାର ଲୋୟର ପିଏମଜିଠାରେ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୦୪ରୁ ୨୦୧୩ ମସିହା ପର୍ଯ୍ୟନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତ ଠିକା ଶିକ୍ଷକଙ୍କ ୬ବର୍ଷର ଠିକା ଚାକିରିଙ୍କୁ ମୂଳ ଚାକିରିରେ ଗଣନା କରିବା ସହିତ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।

ସେମାନଙ୍କ କହିବାନୁସାରେ, ରାଜ୍ୟରେ ମାଧ୍ୟମିକ ଶିକ୍ଷାର ଦୁର୍ଦ୍ଦିନ ସମୟରେ ରାଜ୍ୟ ସରାକର ଠିକା ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସ୍ୱଳ୍ପ ଦରମାରେ କାମ କରି ପିଲାଙ୍କୁ ଶିକ୍ଷାଦାନ କରୁଥିବା ଠିକା ଶିକ୍ଷକଙ୍କୁ ତତ୍କାଳୀନ ସରକାର ଉପେକ୍ଷା କରିଥିଲେ। ୨୦୨୩ ମସିହାରେ ସଂଘ ପକ୍ଷରୁ ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତତ୍‌କାଳୀନ ବିରୋଧୀ ଦଳ ନେତାମାନେ ନିର୍ବାଚନ ଜିତିଲେ ଠିକା ଶିକ୍ଷକଙ୍କୁ ଉଚ୍ଛେଦ କରି ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂତନ ସରକାର ଆସିବା ପରେ ବିଧାୟକ, ଶିକ୍ଷା ସଚିବ, ଶିକ୍ଷା ମନ୍ତ୍ରୀ ତଥା ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ସୁଦ୍ଧା ଦାବି ପୂରଣ ନିମନ୍ତେ ସରକାର କୌଣସି ଠୋସ ପଦକ୍ଷେପ ନେଇନାହାନ୍ତି। ସେମାନଙ୍କୁ ତୁରନ୍ତ ମୂଳ ଚାକିରିରେ ସାମିଲ କରିବା ସହିତ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବିରେ ରାଜ୍ୟସ୍ତରୀୟ ଆନ୍ଦୋଳନ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର ରାଜ୍ୟ ସଂଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ଆଏଚ, ସାଧାରଣ ସମ୍ପାଦକ ସୀତାକାନ୍ତ ମିଶ୍ର, ଉପଦେଷ୍ଟା ମଣ୍ଡଳୀ ନିରଞ୍ଜନ ବେହେରା, ସୁବାସ ଚନ୍ଦ୍ର ସାହୁ, ସନ୍ଦୀପ କୁମାର ଖଟୁଆ, ଆବାହକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ସଙ୍କଳ୍ପ ନେଇଛନ୍ତି।



୪ ଦଫା ଦାବି ନେଇ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀମାନେ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଛନ୍ତି।

## ମହାନଦୀରେ ଅଜଣା ଜନ୍ତୁ ଆକ୍ରମଣ, ୪ ଗୁରୁତର

ବାରଙ୍ଗ,୨୨।୯(ଲିଙ୍ଗରାଜରାଉତ)

ବାରଙ୍ଗ ବ୍ଲକ ଅନ୍ତର୍ଗତ ନରାଜ ନିକଟସ୍ଥ ମହାନଦୀରେ ଗାଧେଇବାବେଳେ ଅଜଣା ଜନ୍ତୁ ଆକ୍ରମଣ କରିଥିବା ସୋମବାର ଅଭିଯୋଗ ହୋଇଛି। ଫଳରେ ୪ଜଣ ମହିଳା ପୁରୁଷଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ଶଙ୍କରଲେଙ୍କା (୬୭)ମଞ୍ଜୁ ବେହେରା (୫୬)ପରି ଧଳ (୮)କଣ୍ଢେଇ ଦଳାଇ (୧୦)। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ନରାଜ ଗ୍ରାମର ୨ ଜଣ ବ୍ୟକ୍ତି ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ ପାଣି ଭିତରେ କୌଣସି ଏକ ଅଜଣା ଜନ୍ତୁ ଉଭୟଙ୍କୁ ଆକ୍ରମଣ କରିଥିଲା। ପରେ ପାଣିରେ ପଶୁଥିବା ଲୋକଙ୍କୁ ଅଜଣା ଜନ୍ତୁଟି କାମୁଡି ଥିଲା। ଏଥିରେ ଭୟଭୀତ ହୋଇ ନଦୀକୁ ସ୍ଥାନୀୟ ଲୋକେ ଗାଧୋଇବାକୁ ଯାଉ ନ ଥିବା ଗ୍ରାମବାସୀମାନେ କହିଛନ୍ତି।

## ବିଶ୍ୱରେ ୩୦୦ରୁ ଅଧିକ ସାଙ୍କେତିକ ଭାଷା

ଆଜି ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ୨୩ରେ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପାଳିତ ହେଉଛି। ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ବଧିର ସମୁଦାୟଙ୍କ ପାଇଁ ସାଙ୍କେତିକ ଭାଷାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ତଥା ସାଂସ୍କୃତିକ ବିବିଧତାକୁ ବଢାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ସାଙ୍କେତିକ ଭାଷା ବଧିର ବ୍ୟକ୍ତିମାନଙ୍କ ମନର ଭାବକୁ ପ୍ରକାଶ କରିବାର ଏକ ସେତୁ ଭାବେ କାମ କରିଥାଏ। ଏହା ବଧିର ସମୁଦାୟଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥାଏ। ସେହିପରି ଏହା ଶିକ୍ଷା ଏବଂ ସମାନତା ଉପରେ କାର୍ଯ୍ୟ କରିଥାଏ। ବିଶ୍ୱରେ ୩୦୦ରୁ ଅଧିକ ବିଶିଷ୍ଟ ସାଙ୍କେତିକ ଭାଷା ପ୍ରଚଳିତ ହେଉଛି। ସାଙ୍କେତିକ ଭାଷାଗୁଡିକର ନିଜସ୍ୱ ବ୍ୟାକରଣ ଏବଂ ଶବ୍ଦାବଳୀ ରହିଥାଏ ଯାହାକି କୁହାଯାଉଥିବା ଭାଷାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ସାଙ୍କେତିକ ଭାଷାର ଅର୍ଥ ବ୍ୟକ୍ତ କରିବା ସମୟରେ ବ୍ୟକ୍ତିର ଚେହେରା ଏବଂ ଶରୀରର ଭାବ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ଏହି ଭାଷା ମୂକ ଏବଂ ବଧିର ବ୍ୟକ୍ତିଙ୍କୁ ଅନ୍ୟମାନଙ୍କ ସହିତ ଯୋଡିବାରେ ସାହାଯ୍ୟ କରିଥାଏ।

-ରିପୋର୍ଟ : ବନ୍ଦନା ସେଠୀ, ଭୁବନେଶ୍ୱର

## ମୁଖ୍ୟ ସଚିବଙ୍କୁ ଭେଟିଲେ କୋରାସିଆ ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ୍‌ର ସହ ପ୍ରତିଷ୍ଠାତା

ଭୁବନେଶ୍ୱର,୨୨।୯(ସୁଚିସ୍ମିତା ସାହୁ)



କୋରାସିଆ ଟେକ୍ନୋଲୋଜିସ୍ ପ୍ରାଇଭେଟ ଲିମିଟେଡ୍‌ର ସହ ପ୍ରତିଷ୍ଠାତା ଦେବେନ୍ଦ୍ର ପ୍ରଧାନ ସୋମବାର ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସେ ଓଡିଶାରେ ଅଣ୍ଡରୱାଟର୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ସ୍ଥାୟିତ୍ୱ ଓ କାର୍ଯ୍ୟକ୍ଷମତା ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ନିକଟରେ ଭାରତୀୟ ନୌସେନା ସହିତ କୋରାସିଆ ଟେକ୍ନୋଲୋଜିସ୍ ୬୬ କୋଟି ଟଙ୍କାର ସ୍ୱଦେଶୀ ଅଣ୍ଡରୱାଟର୍ ରୋବୋଟିକ ଉପକରଣ ନିୟୋଜନ ପାଇଁ ଚୁକ୍ତିବଦ୍ଧ ହୋଇଛି। ମୁଖ୍ୟ ସଚିବ ଏହି ସଫଳତା ପାଇଁ କମ୍ପାନୀକୁ ପ୍ରଶଂସା କରି କହିଲେ, ରାଜ୍ୟରେ ଟେକ୍ନୋଲଜି ଓ ଦକ୍ଷତା ବିକାଶ କ୍ଷେତ୍ରରେ ଉଜ୍ଜ୍ୱଳ ସମ୍ଭାବନା ରହିଛି। ଓଡ଼ିଶାରେ ଅନେକ ବୃହତ ଓ ମଧ୍ୟମ ଜଳ ଭଣ୍ଡାର, ନଦୀ ବନ୍ଧ ରହିଛି। ବହୁ ପୁରାତନ ସେତୁ, ନଦୀରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ରହିଛି। ଅଣ୍ଡରୱାଟର୍ ରୋବୋଟିକ ବ୍ୟବହାର କରି ସେସବୁର ନିରୀକ୍ଷଣ ଓ ସୁରକ୍ଷାରେ ସହାୟତା ପ୍ରଦାନ କରିବା ଓ ଏହାର ସୁଯୋଗ ନେବାକୁ କମ୍ପାନୀର ସହ ପ୍ରତିଷ୍ଠାତାଙ୍କୁ ମୁଖ୍ୟ ସଚିବ ଆହୁଜା ପରାମର୍ଶ ଦେଇଥିଲେ। ସେହିପରି ଦେବେନ୍ଦ୍ର କହିଲେ, ମାନବ ବିହୀନ ଏହି ରୋବୋଟିକ୍ସ ପ୍ରଯୁକ୍ତି ବିଦ୍ୟା ଉପଯୋଗରେ ଭିତ୍ତିଭୂମିକୁ କ୍ଷତି ନ ପହଞ୍ଚାଇ ଅଣ୍ଡରୱାଟର୍ (ପାଣି ଭିତରେ) ସ୍ଥିତି ନିରୀକ୍ଷଣ, ପରୀକ୍ଷା, ପାଣି ତଳର ମାଟିର ଅବସ୍ଥା ଓ ଜଳର ଗଭୀରତା ମାପିବା, ସଂରଚନାଗତ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ ଓ ଅନ୍ୟାନ୍ୟ ସେବା ପ୍ରଦାନ କରିଥାଏ। ସେମାନଙ୍କ ପ୍ରଶିକ୍ଷିତ ଟିମ ଜଳ ଭିତରେ ଭିତ୍ତିଭୂମି ରକ୍ଷା, ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ନିର୍ଭରଯୋଗ୍ୟ ଓ କାର୍ଯ୍ୟକ୍ଷମ ସମାଧାନ ଦେଇଥାନ୍ତି। ଏହି ସାକ୍ଷାତ ଆଲୋଚନାରେ ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ ଉପସ୍ଥିତ ଥିଲେ।

## କର୍କଟ ହାରିବ, ଜୀବନ ଜିତିବ

ଭୁବନେଶ୍ୱର,୨୨।୯(ସୁଚିସ୍ମିତା ସାହୁ)

କର୍କଟରେ ପୀଡିତ ଯୋଦ୍ଧାଙ୍କ ମନୋବଳ ବୃଦ୍ଧି ପାଇଁ ସମଗ୍ର ବିଶ୍ୱରେ ୱାର୍ଲ୍ଡ ରୋଜ ଡେ' ପାଳିତ ହୋଇଯାଇଛି। ଏହି ଅବସରରେ ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କର୍କଟ ଯୋଦ୍ଧାଙ୍କ ସହ ସାକ୍ଷାତ କରି ସେମାନଙ୍କୁ ଗୋଲାପ ଗୁଚ୍ଛ ଦେଇ ଉତ୍ସାହିତ କରିଥିଲେ। ନିଜେ କର୍କଟକୁ ପରାସ୍ତ କରି ଏବେ ଅନ୍ୟମାନଙ୍କୁ ଲଢିବାକୁ ପ୍ରେରିତ କରୁଥିବା ସ୍ୱାଗତିକା ଆଚାର୍ଯ୍ୟଙ୍କ ପ୍ରୟାସରେ ଆଓ୍ୱେକେନ ଟ୍ରଷ୍ଟ ଦ୍ୱାରା କର୍କଟ ମୁକ୍ତ ଭାରତ ଗଠନ ପାଇଁ ଯେଉଁ ଭଳି ସଚେତନତା କାର୍ଯକ୍ରମ କରୁଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ବାଚସ୍ପତି ଓ ବିଧାନସଭା ସଦସ୍ୟ ମାନେ କହିଥିଲେ।

## କିଟ୍, କିସ୍ ପରିଦର୍ଶନ କଲେ ୧୦ ଦେଶର ରାଷ୍ଟ୍ରଦୂତ



ବୈଠକରେ ୧୦ ଦେଶର ରାଷ୍ଟ୍ରଦୂତଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

ଭୁବନେଶ୍ୱର,୨୨।୯ (ଅନୁରାଧା ମହାରଣା)

ଲାଟିନ ଆମେରିକା ଏବଂ କାରିବିୟାନ୍ ଦେଶଗୁଡିକର ପ୍ରତିନିଧିତ୍ୱ କରୁଥିବା ୧୦ଜଣ ରାଷ୍ଟ୍ରଦୂତ ସୋମବାର କିଟ୍ ଏବଂ କିସ୍ ପରିଦର୍ଶନ କରିବା ସହ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ସଂକ୍ରାନ୍ତରେ ଗୋଲ୍‌ଟେବଲ ବୈଠକରେ ଆଲୋଚନା କରିଥିଲେ। ଏହି ଅବସରରେ ପେରୁ, ଆର୍ଜେଣ୍ଟିନା, ଉରୁଗୁଏ, ପାରାଗୁଏ, ସୁରିନାମ, ଚିଲି, ଜାମାଇକା, ବଲିଭିଆ, ଗୁଆଟେମାଲା ଏବଂ କଲମ୍ବିଆ ଆଦି ଦେଶର ରାଷ୍ଟ୍ରଦୂତମାନେ କିଟ୍ ଓ କିସ ପରିଦର୍ଶନ କରି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏସ୍‌ଡିଜି ଗୋଲ୍‌ଟେବୁଲ ବୈଠକରେ ବକ୍ତବ୍ୟ ରଖି ଡ. ସାମନ୍ତ କହିଲେ, ଏହି ପ୍ୟାନେଲ ଆଲୋଚନା ଓଡ଼ିଶା ଏବଂ ଭାରତ ପାଇଁ ଗର୍ବର ବିଷୟ। ଏହା କିଟ୍ ଓ କିସ୍‌ରେ ଏସଡିଜି ଲକ୍ଷ୍ୟ କାର୍ଯ୍ୟକାରୀ ହେବାର ପ୍ରତିଫଳନ ବୋଲି ସାମନ୍ତ କହିଥିଲେ। କିଟ୍ ଓ କିସରେ ଲାଟିନ ଆମେରିକା ଓ କାରିବିୟାନ ଦେଶ ସମୂହ (ଗୃଲାକ) ଓ ଭାରତ ମଧ୍ୟରେ ଉଦ୍ଭାବନ ଏବଂ ଜ୍ଞାନର ବିନିମୟ ଉପରେ ଦୃଷ୍ଟିଦେବାକୁ ସେ ରାଷ୍ଟ୍ରଦୂତମାନଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଗୃଲାକର ସଂଯୋଜକ ତଥା ଉରୁଗୁଏ ରାଷ୍ଟ୍ରଦୂତ ଆଲବର୍ଟୋ ଆଣ୍ଟୋନିଓ ଗୁଆନି ଅମରିଲା ରାଷ୍ଟ୍ରଦୂତ ପ୍ରତିନିଧିମଣ୍ଡଳ ପକ୍ଷରୁ ବକ୍ତବ୍ୟ ରଖିଥିଲେ। ଭାରତରେ ଥିବା ଲାଟିନ ଆମେରିକା ଏବଂ କାରିବିୟାନ ଦେଶର ପ୍ରତିନିଧି ଗୋଷ୍ଠୀର ସଂଯୋଜକ ଭାବରେ ଏହି ରାଉଣ୍ଡଟେବୁଲର ଏକ ଅଂଶ ହେବା ମୋ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ।

## ଚାକିରି ସର୍ତ୍ତାବଳୀ, ପେନସନ ଦାବିକଲେ ୪୮୮ ବର୍ଗ ଶିକ୍ଷକ, କର୍ମଚାରୀ

ଭୁବନେଶ୍ୱର,୨୨।୯(ସୁଚିସ୍ମିତା ସାହୁ)



ବିଭିନ୍ନ ଦାବିନେଇ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀଙ୍କ ଆନ୍ଦୋଳନ।

ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଦାବିରେ ନିଖିଳ ଓଡ଼ିଶା ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ସୋମବାର ରାଜରାସ୍ତାକୁ ଓହ୍ଲାଇଛି । ରାଜ୍ୟର ସର୍ବପୁରାତନ ୪୮୮ବର୍ଗ ମହାବିଦ୍ୟାଳୟଗୁଡିକରେ ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ୨୫ରୁ ୩୦ ବର୍ଷ କାର୍ଯ୍ୟ କରିଥିଲେ ସୁଦ୍ଧା ସେମାନଙ୍କ ପାଇଁ ଏଯର୍ପ୍ୟନ୍ତ ଚାକିରି ସର୍ତ୍ତାବଳୀ ଓ ପେନସନ ବ୍ୟବସ୍ଥା ଲାଗୁ କରାଯାଇନାହିଁ। ସରକାରଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଭେଦଭାବ ଏଠାଇବାକୁ ରାଜ୍ୟ ସରକାର ମହାବିଦ୍ୟାଳୟଗୁଡିକ ପାଇଁ ଉଦ୍ଦିଷ୍ଟ ପ୍ରତ୍ୟକ୍ଷ ଅନୁଦାନ ସମ୍ପର୍କିତ ନିୟମ/ଆଇନ ଅନୁଯାୟୀ ଏକୀକୃତ ଅନୁଦାନ ନୀତି ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଶିକ୍ଷକଙ୍କ ସପକ୍ଷରେ ଅଦାଲତ ଦେଉଥିବା ନିର୍ଦ୍ଦେଶକୁ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ନ କରି ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ବୋଲି ସଂଘ ସଭାପତି ମାନସ ପୁରୋହିତ ଦାବି କରିଛନ୍ତି।

ସେହିପରି ମହାବିଦ୍ୟାଳୟଗୁଡିକ ପାଇଁ ଶିକ୍ଷା ନିୟମ, ଛୁଟି ନିୟମ, କ୍ୟାଡ଼ର ଓ ବଦଳି ନିୟମ, ପେନ୍‌ସନ ନିୟମ, ପଦୋନ୍ନତି ନିୟମ, ଆରଏସିପି/ଏମଏସିପି ନିୟମ ଏବଂ ଅଣଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ପ୍ରଚଳିତ ଥିବାବେଳେ ଏହି ବର୍ଗରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଉପରୋକ୍ତ ନିୟମକୁ ଲାଗୁ କରାଯାଉନାହିଁ। ଫଳରେ ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ଗୋଟିଏ ମହାବିଦ୍ୟାଳୟରେ ଭିନ୍ନ ଭିନ୍ନ ଶିକ୍ଷକ କର୍ମଚାରୀଙ୍କ ପାଇଁ ଭିନ୍ନ ଭିନ୍ନ ନିୟମ ଲାଗୁ କରାଯିବାରୁ ସେମାନଙ୍କ ମଧ୍ୟରେ ମନାନ୍ତର ଏବଂ ମତାନ୍ତର ହେଉଛି। ଆଗକୁ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ସଂଘ ଆବାହକ ପ୍ରଦୀପ ସାହୁ, ଉପଦେଷ୍ଟା ରାଧାଶ୍ୟାମ ପଳେଇ, ଉପସଭାପତି ସଞ୍ଜିତ ଭୂୟାଁ, ଡ. ସୁବିଞ୍ଚ ଗଡତ୍ୟା ଓ ମାଷ୍ଟର ଆପୋଲୋ, ସାଧାରଣ ସମ୍ପାଦକ ସୁଶୀଲ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଫଟୋରେ ଖବର


ଖାଲିପଡ଼ିଥିବ ଅଧ୍ୟାପକ ପଦବୀରେ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ଏସ୍‌ଏସ୍‌ବି ଅସ୍ଥାୟୀ ଶିକ୍ଷକମାନେ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି।



ରାଜ୍ୟରେ ୭୪ଟି ମଦ ଦୋକାନ ଓ ୩ କାରଖାନା ଖୋଲିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧକରି ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ।

**୨୨୩ ପରୀକ୍ଷାର୍ଥୀ ଦେଲେ ମେଧାବୃତ୍ତି**

ତିଗିରିଆ,(ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ ପଞ୍ଚାୟତସ୍ଥିତ ପବିତ୍ର ମୋହନ ନୋଡାଲ ବିଦ୍ୟାପୀଠ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି।ଏହି ପରୀକ୍ଷା ପାଇଁ ଦୁଇଟି ଯାକ ପରୀକ୍ଷା କେନ୍ଦ୍ରରେ ୨୨୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୫ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ ବୋଲି ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ସୂଚନା ଦେଇଛନ୍ତି।

# ୟୁରିଆ ଅଭାବ: ୨ ଚାଷୀଙ୍କୁ ୧ ବସ୍ତା ସାର

## ୨୨୨ ବସ୍ତା ସାର ପାଇଁ ୪୮୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାଡ଼ି

**ତିଗିରିଆ,୨୨।୯,(ଜାଫର ଖାଁ):**

ତିଗିରିଆ ବ୍ଲକରେ ଚଳିତ ଖରିଫ ଋତୁରେ ହୋଇଥିବା ଧାନ ଫସଲ ପାଇଁ ଆବଶ୍ୟକ ଅନୁଯାୟୀ ସାର ମିଳୁ ନ ଥିବାବେଳେ ଆସିଥିବା ଅଳ୍ପ ସାର ପାଇଁ ତିଗିରିଆ ବ୍ଲକ ନୂଆପାଟଣା ସେବା ସମବାୟ ସମିତିରେ ଚାଷୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଏହାସତ୍ତ୍ୱେ ଅଧିକାଂଶ ଚାଷୀ ସ୍ୱଳ୍ପ ପରିମାଣର ସାର ପାଇଛନ୍ତି। ୟୁରିଆ ସାର ଯୋଗାଇବାରେ ପ୍ରଶାସନ ବିଫଳ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବ୍ଲକରେ ଆବଶ୍ୟକ ପରିମାଣରୁ ଯଥେଷ୍ଟ କମ୍ ସାର ସମସ୍ତ ୧୧ ସେବା ସମବାୟ ସମିତି ମାଧ୍ୟମରେ ପ୍ରଶାସନ



ନୂଆପାଟଣା ସେବା ସମବାୟ ସମିତି ଆଗରେ ଚାଷୀଙ୍କ ଭିଡ଼।

ପକ୍ଷରୁ ଯୋଗାଇ ଦିଆଯାଇଛି। ସାର ଅଭାବ ଯୋଗୁ ସ୍ଥାନୀୟ ଚାଷୀକୁଳ ନିର୍ଦ୍ଧାରିତ ମୂଲ୍ୟ ଠାରୁ ୨ ଗୁଣା ଅଧିକ ଦେଇ ସାର କିଣିବାକୁ ବାଧ ହେଉଛି। ଉକ୍ତ ଅଭିଯୋଗ ପରେ ସୋମବାର ତିଗିରିଆର ବିଭିନ୍ନ ସେବା ସମବାୟ ସମିତିକୁ ସାର ଆସିଛି। ମାତ୍ର ଆବଶ୍ୟକଠାରୁ ବହୁତ କମ୍। ନୂଆପାଟଣା ସେବା ସମବାୟ ସମିତିକୁ ପ୍ରାୟ ୧୦ ଟନ ସାର ଆସିଛି। ଏହି ସାର କ୍ରୟ କରିବା ପାଇଁ ଚାଷୀମାନଙ୍କର ଲମ୍ବା ଲାଇନ ଦେଖିବାକୁ ମିଳିଛି। ୨୨୨ ବସ୍ତା ସାରକୁ ନେବା ପାଇଁ ୪୮୦ରୁ ଊର୍ଦ୍ଧ୍ୱ ଚାଷୀ ଆଧାର କାର୍ଡ ନେଇ ଲାଇନ୍‌ରେ ଠିଆ ହୋଇଥିଲେ। ସମବାୟ ସମିତିର ସମ୍ପାଦକ ୨ ଚାଷୀଙ୍କୁ ଗୋଟିଏ ସାର ବସ୍ତା ଦେବାପାଇଁ ନିଷ୍ପତ୍ତି ନେଇଥିବା ବେଳେ ସାର ନ ପାଇ ବାଦ ପଡୁଥିବା ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ଧାନରେ ଥୋଡ ଆସିବା ସମୟ ହୋଇଥିବାରୁ ସାର ଅଧିକ ଆବଶ୍ୟକ। ଏଭଳିସ୍ଥିତିରେ ସାର ମିଳୁ ନ ଥିବାରୁ ଚାଷୀ ହତାଶ ହୋଇଛନ୍ତି। ଏ ନେଇ ମାର୍କଫେଡ୍ ବିକ୍ରୟ ଅଧିକାରୀ ଭାଗୀରଥି ବିଶ୍ୱାଳଙ୍କୁ ପଚାରିବାରେ ଯାହା ଆସୁଛି ଦିଆଯାଉଛି । ଆବଶ୍ୟକ ପଡିଲେ ଆଉ ଦିଆଯିବ ବୋଲି କହିଛନ୍ତି ।

## ଭୁଲ୍ ସ୍ୱୀକାର ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଲା ପୋଲିସ

### ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ପୋଷ୍ଟ

**କଟକ ସଦର,୨୨।୯ (ସୁଶାନ୍ତ କୁମାର ଜେନା):**

କଟକ ସଦର ଓ ସହର ଅଞ୍ଚଳରେ କେତେଜଣ ଲୋକ ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ଲେଖା ଓ ମନ୍ତବ୍ୟ ପୋଷ୍ଟ କରି ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ରାଜନୈତିକ ଦଳକୁ ଅପମାନିତ କରିଚାଲିଛନ୍ତି। ଟଙ୍କା ରୋଜଗାରର ଏହାକୁ ଶ୍ରେଷ୍ଠ ମାଧ୍ୟମ ଭାବେ ଧରି ନେଇଛନ୍ତି ବୋଲି ପୋଲିସ ନିକଟରେ ଅଭିଯୋଗ ହୋଇଛି। କିଛିଦିନ ତଳେ କଟକ ସଦର ଓ ରଘୁନାଥପୁର ବ୍ଲକର ୨ଜଣ ପୂର୍ବତନ ଅଧ୍ୟକ୍ଷଙ୍କ ବିରୋଧରେ ଫେସ୍‌ବୁକରେ ବିବାଦୀୟ ମନ୍ତବ୍ୟ ଲେଖାଯାଇ ପୋଷ୍ଟ କରାଯାଇଥିଲା। ଉଭୟେ ଉକ୍ତ ପୋଷ୍ଟକୁ ଭିତ୍ତିହୀନ ଏବଂ ଆପତ୍ତିଜନକ ବୋଲି ଦର୍ଶାଇ କିଶନନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗର ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ବ୍ୟକ୍ତିଙ୍କୁ ସୋମବାର ଥାନାକୁ ଡାକି ପଚରାଉଚରା କରିବା ପରେ ସେ ଭୁଲ୍ ସ୍ୱୀକାର କରିଥିଲେ। ଏଥିସହ ଉକ୍ତ ପୋଷ୍ଟକୁ ଡିଲିଟ୍ କରିବା ସର୍ତ୍ତରେ ତାଙ୍କୁ ବ୍ୟକ୍ତିଗତ ମୁଚାଲିକା ଛଡ଼ାଯାଇଥିବା ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ କହିଛନ୍ତି।

## ସଂକ୍ଷେପରେ

### ସେନାରେ ଯୋଗଦେବା ପାଇଁ ଆଶାୟୀଙ୍କୁ ପ୍ରଶିକ୍ଷଣ

କଟକ ସଦର,୨୨।୯(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଚାନ୍ଦୁଲିଠାରେ ୨ଦିନିଆ ମାଗଣା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଲିୟାନ ଫିଜିକାଲ ଫିଟ୍‌ନେସ୍ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିରରେ ୧୮ ବର୍ଷରୁ ୨୫ ବର୍ଷ ପିଲା, ଯେଉଁମାନେ ସେନା ଓ ପୋଲିସରେ ସାମିଲ ହେବା ପାଇଁ ପ୍ରସ୍ତୁତି କରୁଛନ୍ତି ସେମାନଙ୍କୁ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ୮୫ଜଣ ପିଲା ଭାଗ ନେଇଥିଲେ। ପିଲାମାନଙ୍କୁ ବିଭିନ୍ନ ପ୍ରକାର ଶାରୀରିକ ତାଲିମ ଲମ୍ଫ ଡିଆଁ, ଉଚ୍ଚ ଡିଆଁ ସହିତ ବିଭିନ୍ନ ପ୍ରକାର କୌଶଳ ଶିକ୍ଷା ଦିଆଯାଇଥିଲା। ଏଥିରେ ତାଲିମପ୍ରାପ୍ତ ପ୍ରଶିକ୍ଷକ ଲକ୍ଷ୍ମୀଧର ରାଉଳ, ସହ ପ୍ରଶିକ୍ଷକ ବିଶ୍ୱରଞ୍ଜନ ଜେନା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶନିବାର ଏହି ତାଲିମ ଶିବିରକୁ ମହିଳା କମିଶନର ସଭ୍ୟା ପ୍ରତିଭା ଶତପଥୀ, ଯୁବ ଛାତ୍ର ପରିଷଦର ସଭାପତି ପ୍ରଭାତ ଦେବତା, ଅଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ପ୍ରଦୀପ ମହାନ୍ତି, ରୋଟାରୀ କ୍ଲବର ସଭାପତି ଅଶୋକ ରାଉତରାୟ, ଦେବୀପ୍ରସାଦ ପତି, ସନାତନି ସେନାର ସଭାପତି ସମୀର କୁମାର ପଣ୍ଡା ପ୍ରମୁଖ ଉଦ୍‌ଘାଟନ କରିଥିଲେ।

### ୪୨ମୌଜା ସେତୁ ଉପରୁ ବାଲି ସଫେଇ

ବ୍ରାହ୍ମଣଝରିଲୋ, ୨୨।୯: ୪୨ ମୌଜାର ପ୍ରଥମ ସେତୁଉପରେ ପ୍ରତ୍ୟେହ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ୍ ଓ ହାଇଓ୍ୱା ଯିବା ଦ୍ୱାରା ବାଲିଜମିବିଭିନ୍ନସମୟରେ ଦୁର୍ଘଟଣା ଘଟିବା ସହ ପଥଚାରୀଙ୍କ ପାଇଁ ବିପଦ ସାଜୁଛି। ଏନେଇ ପ୍ରଶାସନିକସ୍ତରରେ କିଛି ପଦକ୍ଷେପ ନିଆଯାଉ ନ ଥିବାବେଳେ ସ୍ୱେଚ୍ଛାସେବୀମାନେ ଆଗକୁ ବଢ଼ିଛନ୍ତି। ଚଳିତ ସପ୍ତାହରେ ୩ଦିନ ଧରି ବାଲି ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ଚରଣ ମୁଦୁଲି, ରବୀନ୍ଦ୍ର ଦେବତା, ଆଲୋକ ରାଉତ, ବିଷ୍ଣୁ ସ୍ୱାଇଁ, ପ୍ରକାଶ ଭୋଳ, ରଶ୍ମୀକାନ୍ତ ଭୋଇ, କ୍ରୀଷ୍ଣା ମୁଦୁଲି, ସୁମିତ୍ରା ଦେବତା, ରଞ୍ଜିତ ଦାସ, ପ୍ରଭାକର ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ପ୍ରକଳ୍ପ କାର୍ଯ୍ୟାଳୟରେ ଭଙ୍ଗାରୁଜା, ଜଣେ ଗିରଫ

ବାରଙ୍ଗ,୨୨।୯(ଲିଙ୍ଗରାଜ ରାଉତ): ମୁଣ୍ଡଳିଠାରେ ଭୁବନେଶ୍ୱରକୁ ବିଶୁଦ୍ଧ ଜଳ ଯୋଗାଣ ନିମନ୍ତେ ହେଉଥିବା ପ୍ରକଳ୍ପ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯିବା ସହ ଆତଙ୍କ ଖେଳାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୋଡିସାହି ଫାଣ୍ଡି ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମୁଣ୍ଡଳି ଅଞ୍ଚଳ ଶିବପ୍ରସାଦ ନାୟକ। ଅଭିଯୋଗ ଆଧାରରେ ଫାଣ୍ଡିଅଧିକାରୀ ସୌମ୍ୟଶ୍ରୀ ଆଶୁତୋଷ ପାଣି ମାମଲା (ନଂ.୫୨୧/୨୫) ରୁଜୁ କରିଛନ୍ତି।

ସୂଚନାଯୋଗ୍ୟ, ଶିବ ଓ ତାଙ୍କର ଅନ୍ୟ ୨ଜଣ ସହଯୋଗୀ ରବିବାର କାର୍ଯ୍ୟାଳୟରେ ପହଞ୍ଚି ଛଟେଇ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପୁନଃନିଯୁକ୍ତି ଦେବା ସହ ସେମାନଙ୍କୁ କାମ ଦେବାକୁ ଦାବି କରିଥିଲେ। ଜଳଯୋଗାଣ ପ୍ରକଳ୍ପ ମ୍ୟାନେଜର ଓ ସହଯୋଗୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶିବପ୍ରସାଦ ଓ ତାଙ୍କର ସହଯୋଗୀମାନେ ମାରଧର କରିବା ସହ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ ବୋଲି ପ୍ରକଳ୍ପ ମ୍ୟାନେଜର ସୁଶାନ୍ତ କୁମାର ବେହେରା ଫାଣ୍ଡିରେ ଅଭିଯୋଗ କରିଥିଲେ। ଘଟଣାରେ ଶିବପ୍ରସାଦଙ୍କ ଅନ୍ୟ ୨ଜଣ ସହଯୋଗୀ ଫେରାର ଥିବା ଜଣାପଡିଛି।

# ପଞ୍ଜୀକୃତ ୨୮୩ ଅଭିଯୋଗରୁ ୨୨ ସମାଧାନ

## ଅତିରିକ୍ତ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି

- ସ୍ଥାୟୀ ନିଯୁକ୍ତି ଦାବିରେ ଧାରଣାରେ ବସିଲେ ଆଉଟ୍ ସୋର୍ସିଂ ମହିଳା କର୍ମଚାରୀ

**ମଙ୍ଗୁଳି-ଜଗତପୁର,୨୨।୯(ମାନସ ସାମଲ):**

ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଅତିରିକ୍ତ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହେଇଯାଇଛି। ଏହି ଜନ ଶୁଣାଣିରେ ମୋଟ ୨୮୩ଗୋଟି ସମସ୍ୟା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ୨୪୧ଟି ହୋଇଥିବାବେଳେ, ୪୨ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ୨୨ଗୋଟି ସମସ୍ୟାର ଆଶୁ ସମାଧାନ କରାଯାଇଥିବାବେଳେ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ରହିଛି। ଏହି ଜନ ଶୁଣାଣିରେ କଟକ ଜିଲା ଅତିରିକ୍ତ ଜିଲାପାଳ(ସାଧାରଣ) ଶିବ ଶଙ୍କର ଟପ୍ପୋ ଯୋଗ ଦେଇଥିବାବେଳେ


ଶିବିରରେ ଅତିରିକ୍ତ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ସଦର ଉପଜିଲାପାଳ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଡେପୁଟି କଲେକ୍ଟର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ସବ୍‌ଡିଭିଜନାଲ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଅବକାରୀ ଅଧିକ୍ଷକ, ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କ ମିତ୍ର ଆଦି ଶତାଧିକ ଆଉଟ୍ ସୋର୍ସିଂ ମହିଳା କର୍ମଚାରୀ ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଛି ସମୟ ଫାଟକ ଅବରୋଧ ମଧ୍ୟ କରିଥିଲେ। ଟାଙ୍ଗୀ ପୋଲିସ ହସ୍ତକ୍ଷେପ କରି ସେଠାରୁ ହଟାଇଥିଲା। ଜନ ଶୁଣାଣିକୁ ସୁଗମ କରିବା ପାଇଁ ଦୁଇଟି ପଞ୍ଜିକରଣ କେନ୍ଦ୍ର ଖୋଲା ଯାଇଥିବାବେଳେ ବ୍ଲକ ବିଡିଓ ଏନ୍. ଏନ୍. ରାଜଲକ୍ଷ୍ମୀ ଓ ଏବିଡିଓ ଶାଶ୍ୱତ କୁମାର ଜେନା ପ୍ରତ୍ୟକ୍ଷ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା; ରୁଦ୍ରପ୍ରତାପ ରାଉତ ପ୍ରଥମ

**ବାଙ୍କୀ,୨୨।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୋମବାର କଟକ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ଗ୍ରାମର ଅକ୍ଷୟ କୁମାର ରାଉତଙ୍କ ପୁତ୍ର ତଥା ଦ୍ୱାଦଶ ଶ୍ରେଣୀର ଛାତ୍ର ରୁଦ୍ରପ୍ରତାପ ରାଉତ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ଆଣିଛନ୍ତି। ରୁଦ୍ରପ୍ରତାପ ପୂର୍ବରୁ ଗୋବିନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଥିବା ସମୟରେ ଜିଲାରେ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ତାଙ୍କର ଏହି ସଫଳତା ପାଇଁ ବାଙ୍କୀ କଲେଜ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଶିକ୍ଷାବିତ୍ ପଣ୍ଡିତ ମନୋଜ କୁମାର ରାଉତ, ଅକ୍ଷୟ କୁମାର ସାମଲ, ବିଦ୍ୟାଳୟର ଅଧ୍ୟକ୍ଷ ଓ ଗ୍ରାମବାସୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ତାଙ୍କୁ ଫୋନ ମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଭାବୀ ପ୍ରୋତ୍ସାହକ ଭୂମିକା ନିର୍ବାହ କରନ୍ତୁ ଶିକ୍ଷକ

**ମଙ୍ଗୁଳି-ଜଗତପୁର,୨୨।୯(ମାନସ ସାମଲ):**

### ଶିକ୍ଷଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଣିଆସ୍ଥିତ ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲ ତରଫରୁ ପ୍ରଭାବୀ ଶିକ୍ଷକ ଶିକ୍ଷଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ବିନୋଦିନୀ ଦାଶଙ୍କ ପୃଷ୍ଠପୋଷକତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରାକ୍ତନ ଡିନ୍ ପ୍ରଫେସର ଡକ୍ଟର ବିମଳ ଚରଣ ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଏକବିଂଶ ଶତାବ୍ଦୀ ଓ ବିକଶିତ ଭାରତ ଲକ୍ଷ୍ୟପ୍ରାପ୍ତି କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ସ୍ୱାଇଁ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଫେସର ବିମଳ ଚରଣ ସ୍ୱାଇଁ, ଲାଲା ଲଜପତ୍ ରାୟ, ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷା ନୀହାରିକା ଗନ୍ତାୟତ ଓ ରାଜାବଗିଚା ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସୁଜାତା ମିଶ୍ର ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ କାଳରେ ଏକବିଂଶ ଶତାବ୍ଦୀର ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱ ନିର୍ମାଣ ଦିଗରେ ଶିକ୍ଷକ କିପରି ପ୍ରଭାବୀ ପ୍ରୋତ୍ସାହକ ଭୂମିକାରେ ଅବତୀର୍ଣ୍ଣ ହେବେ ସେ ସମ୍ପର୍କରେ ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଏହି ଶିକ୍ଷଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ କଟକରେ ଅବସ୍ଥିତ ସମସ୍ତ ଡିଏଭି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ପ୍ରଶିକ୍ଷାର୍ଥୀ ଭାବରେ ଯୋଗଦେଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀମାନେ ପୂର୍ଣ୍ଣସହଯୋଗ କରିଥିଲେ।

## ମହାନଦୀରେ ଅଜଣା ଜନ୍ତୁ ଆକ୍ରମଣ

**ବାରଙ୍ଗ,୨୨।୯(ଲିଙ୍ଗରାଜରାଉତ):**

ବାରଙ୍ଗ ବ୍ଲକ ଅନ୍ତର୍ଗତ ନରାଜ ନିକଟସ୍ଥ ମହାନଦୀରେ ଗାଧୋଇବାବେଳେ ଅଜଣା ଜନ୍ତୁ ଆକ୍ରମଣ କରିଥିବା ସୋମବାର ଅଭିଯୋଗ ହୋଇଛି। ଫଳରେ ୪ଜଣ ମହିଳା ପୁରୁଷଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଶଙ୍କର ଲେଙ୍କା (୬୭), ମଞ୍ଜୁ ବେହେରା (୫୬), ପରି ଧଳ (୮), କଣ୍ଢେଇ ଦଳାଇ (୧୦)। ପାଣି ଭିତରେ ଆକ୍ରମଣ କରୁଥିବା ଉକ୍ତ ଅଜଣା ଜନ୍ତୁକୁ କାବୁ କରିବାକୁ ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ନରାଜ ଗ୍ରାମର ୨ ଜଣ ବ୍ୟକ୍ତି ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ ପାଣି ଭିତରେ କୌଣସି ଏକ ଅଜଣା ଜନ୍ତୁ ଉଭୟଙ୍କୁ ଆକ୍ରମଣ କରିଥିଲା। ଗାଧୋଇବାକୁ ଯାଇ ପାଣିରେ ପଶୁଥିବା ଲୋକଙ୍କୁ ଅଜଣା ଜନ୍ତୁଟି କାମୁଡି ଥିବା ଚର୍ଚ୍ଚା ହେଉଛି। ଭୟଭୀତ ହୋଇ ନଦୀକୁ ସ୍ଥାନୀୟ ଲୋକେ ଗାଧୋଇବାକୁ ଯାଉ ନ ଥିବା ଗ୍ରାମବାସୀମାନେ କହିଛନ୍ତି।

## ପୂଜାରେ ଗାଡି ପାର୍କିଂ, ଯାତାୟତ ଉପରେ ଗୁରୁତ୍ୱ


ବୈଠକରେ ଯୋଗଦେଇଥିବା ବାଙ୍କୀ ବଣିକ ସଂଘର ସଦସ୍ୟମାନେ ।

**ବାଙ୍କୀ,୨୨।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ବଣିକ ମହାସଂଘର ଦଶହରା ଓ କୁମାର ପୂର୍ଣ୍ଣମୀ ଉପଲକ୍ଷେ ସୋମବାର ଏକ ପ୍ରସ୍ତୁତି ବୈଠକ ମା'ଷଷ୍ଠୀ ଦେବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣିକ ମହାସଂଘର ସମ୍ପାଦକ ଶ୍ରୀନିବାସ ବେହେରା ଚଳିତବର୍ଷ ଦଶହରା ଏବଂ କୁମାରପୂର୍ଣ୍ଣମୀ ଉତ୍ସବ କିପରି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ତାହା ଉପରେ ସମସ୍ତ ୩୦ଟି ପୂଜା କମିଟିର କର୍ମକର୍ତ୍ତାଙ୍କର ମତାମତ ଲୋଡିଥିଲେ। ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ସେମାନଙ୍କର ଅସୁବିଧା ସମ୍ପର୍କରେ ଲିଖିତ ଆକାରରେ ଜଣାଇଥିଲେ। ବାଙ୍କୀ ମହୋତ୍ସବ ସମୟରେ ପ୍ରତି ପୂଜା କମିଟିରେ ପୋଲିସ ମୁତୟନ ସହ ପିଇବା ପାଣିର ସୁବନ୍ଦୋବସ୍ତ, ରାସ୍ତାଘାଟର ମରାମତି, ଡିଜେ ସଂପୂର୍ଣ୍ଣ ନିୟନ୍ତ୍ରଣ ସହ ଦୋକାନୀ ଭାଇମାନେ କିପରି ଦୋକାନକୁ ଆସିପାରିବେ ସେଥିପାଇଁ ଥାନା ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି। ସବୁ ଛକରେ ପୋଲିସ ମୁତୟନ ସହ ଗାଡି ପାର୍କିଂ ଏବଂ ଜନସାଧାରଣ କିପରି ଠିକ୍‌ରେ ଯାତାୟତ କରିପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମହାସଂଘ ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର ସମସ୍ତ କଥାକୁ ଗୁରୁତର ସହ ବିଚାର କରି ଉପଜିଲାପାଳ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପୋଲିସ ପ୍ରଶାସନ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ପ୍ରକାଶ କରିଥିଲେ। ବୈଠକରେ ପ୍ରଦୀପ କୁମାର ମହାପାତ୍ର, ସନ୍ତୋଷ କୁମାର ସାହୁ, ସୁକାନ୍ତ ନାୟକ, ବିବେକାନନ୍ଦ ସାମଲ, ସମରେନ୍ଦ୍ର ମହାପାତ୍ର, ବିଭୁପ୍ରସାଦ ସାମଲ, ପ୍ରଫୁଲ୍ଲ କୁମାର ପାତ୍ର, ଖବରଦାତା କାହ୍ନୁଚରଣ ବେହେରା, ନାରାୟଣ ସାହୁ, ଟଙ୍କନିଧି ବେହେରା, ସୁନୀଲ କୁମାର ସାହୁଙ୍କ ସମେତ ସମସ୍ତ ପୂଜା କମିଟିର ସଭ୍ୟ ଯୋଗଦେଇ ମତାମତ ପ୍ରଦାନ କରିଥିଲେ ।

# ପ୍ରୋତ୍ସାହନ ବଦଳରେ ପାରିଶ୍ରମିକ ଦାବି

## ଓଡ଼ିଶା ଜୀବିକା ମିଶନ ସଂଘର ବିକ୍ଷୋଭ

**ଆଠଗଡ,୨୨।୯(ସତ୍ୟ ପ୍ରସାଦ ରଥ)**

ଓଡ଼ିଶା ଜୀବିକା ମିଶନ କର୍ମଚାରୀ ସଂଘ, ଓଡ଼ିଶାର ଆହ୍ୱାନ କ୍ରମେ ଆଠଗଡ ଶାଖା ପକ୍ଷରୁ ଗୋଷ୍ଠୀ ସହାୟିକା କର୍ମଚାରୀ ଯଥା ଏମବିକେ,ସିଆର୍‌ପି, ବ୍ୟାଙ୍କ ମିତ୍ରମାନେ ୬ ଦଫା ଦାବି ନେଇ ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ସ୍ଥାୟୀ ନିଯୁକ୍ତି, ପୂର୍ବପରି ସ୍ଥାୟୀ ଦରମା, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ଦରମା,ଜମାଖାତା ମାଧ୍ୟମରେ ପ୍ରାପ୍ୟ ପ୍ରଦାନ,କାର୍ଯ୍ୟ ପରିବେଷଣକୁ ନେଇ ବୋନସ ଦେବା ବନ୍ଦ କରିବା ଆଦି ପ୍ରମୁଖ ରହିଛି। ଆଠଗଡ ଶାଖାର ସଭାନେତ୍ରୀ ଅନୁସୟା ଗଡନାୟକଙ୍କ ନେତୃତ୍ୱରେ ଶତାଧିକ ମିଶନଶକ୍ତିର ସଦସ୍ୟା



ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ଆଗରେ ମିଶନ ଶକ୍ତିର ସଦସ୍ୟାମାନେ ଧାରଣା ଦେଇଛନ୍ତି।

ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଆଠଗଡ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

**ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର) :** ନିଶ୍ଚିନ୍ତକୋଇଲି ବ୍ଲକ ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଏମବିକେ ଓ ସିଆରପିମାନେ ଧାରଣା ଦେଇଥିଲେ। ଏଥିରେ ବ୍ଲକ ସଂଘ ସଭାନେତ୍ରୀ କବିତା ସେନାପତି, ସମ୍ପାଦିକା ଶୋଭାରାଣୀ, ଦେବରୂପା କର, ପୁଷ୍ପଲତା ବେହେରା, ସୌଦାମିନି ବେହେରା, ସରସ୍ୱତୀ ପୁହାଣ, ହରପ୍ରିୟା ସାହୁ ସମେତ ୨୧୫ଜଣ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଅଧିକ କ୍ରୀୟାଶୀଳ କରାଯିବ ବୋଲି ସଂଘ ସଭାନେତ୍ରୀ ସେନାପତି ଚେତାବନୀ ଦେଇଛନ୍ତି।

**ତିଗିରିଆ,(ଜାଫର ଖାଁ) :** ତିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମିଶନଶକ୍ତି ସଦସ୍ୟା, ବ୍ୟାଙ୍କ ମିତ୍ର, ଦକ୍ଷ ନଥିପତ୍ର ଲେଖିକାଙ୍କ ପକ୍ଷରୁ ଧାରଣ ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଡିଓ ଯାଜ୍ଞସିନୀ ଗୋଚ୍ଛାୟତଙ୍କୁ ଏକଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଜିପିଏଲଏଫ କର୍ମୀ ସଂଘର ସଭାପତି କାଜଲ ଖଟୁଆ ଓ ସମ୍ପାଦିକା ରଶ୍ମିତା ଶୁଭଦର୍ଶିନୀ ନେତୃତ୍ୱରେ ଶତାଧିକ ଗୋଷ୍ଠୀ ସହାୟିକା ପାଞ୍ଚଗାଁ ପଞ୍ଚାୟତର ହନୁମାନ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ଧାରଣାରେ ବସିଥିଲେ।

**ମାଣିଆବନ୍ଧ,(ଅଖିଳ କୁମାର ସାହୁ):** ବଡ଼ମ୍ବା ବ୍ଲକରେ କାର୍ଯ୍ୟରତ ସମସ୍ତ ମିଶନଶକ୍ତି ସହାୟିକାଙ୍କ ତରଫରୁ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଧାରଣା ଦିଆଯାଇ ପ୍ରୋତ୍ସାହନ ରାଶି ବଦଳରେ ପାରିଶ୍ରମିକ ଦେବାକୁ ଦାବି କରାଯାଇଛି। ଏହି ଗଣଧାରଣାରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର ଓ କୃଷିମିତ୍ର ସାମିଲ ହୋଇଥିଲେ।

## ଫଟୋ ରେ ଖବର



୧୬ ଦଫା ଦାବି ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସନ୍ନିକଟ କଚେରି ଗଡ଼ାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ରାଜକିଶୋର ମହାନ୍ତି)



ଛତିଆ ସୋଲାର୍ସସ୍ଥିତ ସେବକ ଜରା ଆଶ୍ରମରେ ଡ୍ରିମ୍ସ ନର୍ସିଂ ସ୍କୁଲ ପକ୍ଷରୁ ବିଶ୍ୱ ଆଲ୍‌ଜିମର୍ସ ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ।

**ସଂକ୍ଷେପରେ**

## ଟାଙ୍ଗୀ ବ୍ଲକ୍: ମେଧା ବୃତ୍ତି ପରୀକ୍ଷାରେ ୨୧ ଅନୁପସ୍ଥିତ

ଟାଙ୍ଗୀ,୨୨।୯(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ଏବଂ ନିରାକାରପୁର କ୍ଷେତ୍ରବାସୀ ଏକାଡେମୀଠାରେ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା କେନ୍ଦ୍ରରେ ମୋଟ ୧୪୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବଳରାମ ଦେବ ବିଦ୍ୟାପୀଠରେ ୭୩ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୬୧ଜଣ ପରୀକ୍ଷା ଦେଇଥିଲେ। ୧୨ଜଣ ଅନୁପସ୍ଥିତି ରହିଥିଲେ। ସେହିପରି ନିରାକାରପୁର କ୍ଷେତ୍ରବାସୀ ଏକାଡେମୀରେ ୯୭ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୮୮ଜଣ ପରୀକ୍ଷା ଦେଇଥିଲେ। ୯ ଜଣ ଅନୁପସ୍ଥିତି ରହିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁ ଲତା ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ ପରୀକ୍ଷା ପରିଚାଳନା କରିଥିଲେ।

## ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

ନିରାକାରପୁର,୨୨।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ୱଚ୍ଛତା ପକ୍ଷ ଅବସରରେ ସୋମବାର କନ୍ତଳବାଇ ପଞ୍ଚାୟତ ସାକ୍ଷୀଗୋପାଳ ମନ୍ଦିର ପରିସର ସଫେଇ କରାଯାଇଛି। ଭାଜପା ଟାଙ୍ଗୀ ମଣ୍ଡଳ ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ମଣ୍ଡଳ ସଭାପତି ଶିବ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ପୂର୍ଣ୍ଣ ଚନ୍ଦ୍ର କଳସ, ଭୁବନେଶ୍ୱର ଏମ୍‌ପିଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ଚିନ୍ମୟ ପୃଷ୍ଟି, କାହ୍ନୁ ଚରଣ ପରିଡା, ଅମଳ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨ଶହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଘମାରୀ,୨୨।୯(ମିହିର ରଞ୍ଜନ ମହାପାତ୍ର)

ଗ୍ରାମାଞ୍ଚଳ ଲୋକଙ୍କୁ ସୁବିଧାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଂପୁର-କଣ୍ଟାମଳିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗ ଡାକ୍ତରଙ୍କ ଦ୍ୱାରା ବିନାମୂଲ୍ୟରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜୟଦୁର୍ଗା କ୍ଲବର ବାବୁ ପ୍ରକାଶ ମାର୍ଥା, ଜଗଦୀଶ ପାତ୍ର, ଅନିଲ ପାତ୍ର, ପ୍ରଭାତ ଦଳେଇଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧାନ ଫସଲରେ ରୋଗପୋକ, ଚିନ୍ତାରେ ଚାଷୀ

ବେଗୁନିଆ,୨୨।୯(ହର ପ୍ରସନ୍ନ ପଣ୍ଡା)



**ବେଗୁନିଆ ବ୍ଲକ୍**

ବେଗୁନିଆ ବ୍ଲକ୍ ଅଞ୍ଚଳର ଚାଷୀଙ୍କ ପିଛା ଛାଡୁନି ସମସ୍ୟା। ମୌସୁମୀ ଆଗମନ ପରେ ଖରିଫ ଧାନଚାଷ କରିଛନ୍ତି ଚାଷୀ। ଚାଷୀମାନେ ସାର ପାଇଁ ନାହିଁ ନ ଥିବା ହଇରାଣ ହେଉଥିବା ବେଳେ ଏବେ ଧାନଫସଲରେ ରୋଗ ଏବଂ ପୋକ ଲାଗିଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଅନ୍ୟପକ୍ଷରେ ଏହାର ପ୍ରତିକାର ପାଇଁ ଏପର୍ଯ୍ୟନ୍ତ କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି କେତେଜଣ ଚାଷୀ ଅଭିଯୋଗ ଆଣିଛନ୍ତି।

ସୂଚନାଥାଉ କି, ଚଳିତ ଖରିଫ ଋତୁରେ ଏହି ବ୍ଲକ୍ ଅଞ୍ଚଳରେ ୨୫୭୫ ହେକ୍ଟର ଜମିରେ ଧାନ ବୁଣା ହୋଇଥିବା ବେଳେ ୮୩୬୬ ହେକ୍ଟର ଜମିରେ ତଳି ରୁଆପୋତା ହୋଇଥିଲା। ଅଧିକ ଅମଳ ପାଇଁ ଏହି ବ୍ଲକ୍ ଅଞ୍ଚଳରେ ୮୦ ହେକ୍ଟର ଜମିରେ ହାଇବ୍ରିଡ ଧାନ ଫସଲ କରାଯାଇଛି। ହେଲେ ଭାଦ୍ରବ ଏବଂ ଆଶ୍ୱିନ (ସେପ୍ଟେମ୍ବର) ମାସ ହେଉଛି ଧାନଫସଲ ପାଇଁ ଉପଯୁକ୍ତ ସମୟ। ଏବେ ଫସଲରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଛି। ବିଶେଷକରି କେତେଜଣ ଚାଷୀଙ୍କ ଖାଲୁଆ ଜମିରେ ରୁଆପୋତା ହୋଇଥିବା ଧାନତଳିରେ ମହିଷା, ପତ୍ରପୋଡ଼ା, ଆଛାଦ ପଚା, ମୂଳଶଢ଼ା ଆଦି ରୋଗ ଦେଖାଦେଇଛି। ସେହିପରି ଆଉ କେତେଜଣ ଚାଷୀଙ୍କ ଫସଲରେ ଝିଣ୍ଟିକା, ନଳୀପୋକ, ଛ'ଗୋଡ଼ିଆ, ମାଟିଆଗୁଣ୍ଡି ଆଦି ପୋକ ଲାଗିଛନ୍ତି। ତେବେ ଏହାର ପ୍ରତିକାର ଦିଗରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦେବା ଜରୁରୀ ବୋଲି ଚାଷୀଙ୍କ ପକ୍ଷରୁ ଦାବି ହେଉଛି। କୃଷି ଅଧିକାରୀ ଏବଂ କର୍ମଚାରୀ ଗାଁକୁ ଯାଇ ଚାଷୀଙ୍କ ସହିତ ପରାମର୍ଶ କରି ସଚେତନତା ସୃଷ୍ଟି କରୁନାହାନ୍ତି। ସରକାରୀ ଧାର୍ଯ୍ୟ ଅନୁସାରେ ଚାଷୀଙ୍କୁ ସବ୍‌ସିଡି ଔଷଧ ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ଏହାର ସୁଫଳ ନ ପାଇ ଅନେକ ଗାଁରେ ଚାଷୀମାନେ ଅନ୍ୟ ପ୍ରକାରର ପ୍ରତିକାର କରୁଛନ୍ତି। ଚାଷୀମାନେ ଧାନ ଫସଲରେ କୋରୁହାଁ ଗଛର ଡାଳ ପୋତି ପ୍ରତିକାର କରୁଛନ୍ତି। ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନ ଏବଂ ଫସଲରେ ଅଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ଏଭଳି ରୋଗ ସୃଷ୍ଟି ହେଉଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି ବୋଲି ଚାଷୀ ମଦନମୋହନ ସାହୁ, ଭାଗୀରଥି ଦଳ ସିଂହରାୟ, ରମାକାନ୍ତ ଦେହୁରୀ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି ଯେ, ଏଥିରେ ଭୟଭୀତ ହେବାର କିଛି କାରଣ ନାହିଁ। ଚାଷୀମାନେ ପଞ୍ଚାୟତ କୃଷି କର୍ମଚାରୀମାନଙ୍କ ସହିତ ଭେଟି ଚାଷ ସମ୍ବନ୍ଧୀୟ ସୂଚନା ପାଇପାରିବେ। ସବ୍‌ସିଡି ଔଷଧ ଯୋଗାଇ ଦିଆଯାଉଛି। ଯଦି କୌଣସି ସୁଫଳ ନ ପାଉଛନ୍ତି, ତେବେ ବ୍ଲକ୍ କୃଷି କାର୍ଯ୍ୟାଳୟକୁ ଆସି ପରାମର୍ଶ ନେଇପାରିବେ।

# ୧୩୨ ଅଭିଯୋଗ ଶୁଣିଲେ ଜିଲାପାଳ



ଶିବିରରେ ଜିଲାପାଳ ଅମ୍ରିତ୍ ଋତୁରାଜ, ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅଧିକାରୀମାନେ।

ବୋଲଗଡ,୨୨।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତ ସଦରସ୍ଥିତ କଲ୍ୟାଣମଣ୍ଡପଠାରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଯୋଗଦେଇଥିଲେ। ଶିବିରେ ମୋଟ୍ ୧୩୨ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୧୦୩ଟି ବ୍ୟକ୍ତିଗତ ଓ ୨୯ଟି ସାମୂହିକ ଗ୍ରାମୀଣ ସମସ୍ୟା ରହିଥିଲା। ମୋଟ୍ ଅଭିଯୋଗରୁ ୫ଟିର ତତ୍କାଳ ସମାଧାନ କରାଯାଇଛି। ଅନ୍ୟ ଅଭିଯୋଗଗୁଡ଼ିକ ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ବିବେକାନନ୍ଦ ଶର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ, ସହକାରୀ ଜିଲାପାଳ ଭୁବନେଶ୍ୱରୀ କଅଁର ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ବିଡିଓ ସୁମନସୁଧା କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିର ପରିଚାଳନାରେ ତହସିଲଦାର ବିଜୟ କୁମାର ସେଠୀ, ଏବିଡିଓ ଡ. ରତିରଞ୍ଜନ ମିଶ୍ର, ବ୍ଲକ ଓ ତହସିଲ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ। ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲିଥିବା ଜନସଚେତନତା ଷ୍ଟଲ୍ ଜିଲାପାଳ, ଏସ୍‌ପି ପରିଦର୍ଶନ କରିଥିଲେ। ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ଜିଲା ପରିଷଦ ସଦସ୍ୟ ସୁବାସ ରାୟଗୁରୁ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ହୋତା ପ୍ରମୁଖ ସହଯୋଗ କରିଥିଲେ। ଆଇଆଇସି ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

# 'ନିଶାମୁକ୍ତ ଭସାଣି-ଡିଜେମୁକ୍ତ ରୋଶଣି' ପାଇଁ ଶୋଭାଯାତ୍ରା





ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ବାହାରିଥିବା ସଚେତନତା ବାଇକ୍ ଶୋଭାଯାତ୍ରା।

ଖୋର୍ଦ୍ଧା,୨୨।୯(ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ସୋମବାର 'ନିଶାମୁକ୍ତ ଭସାଣି-ଡିଜେମୁକ୍ତ ରୋଶଣି' ନେଇ ଏକ ସଚେତନତା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିଶା ସେବନ ଦ୍ୱାରା ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ମଦ୍ୟପାନ କରି ଗାଡ଼ିଚାଳନା ଜୀବନ ନେଉଛି, ଦୁର୍ଘଟଣା ବଢ଼ାଉଛି। ପରିବାରରେ ଅଶାନ୍ତି, ଅପରାଧମୂଳକ ଘଟଣା ପଛରେ ମଦ୍ୟପାନ ଏକ ଅନ୍ୟତମ କାରଣ। ଏକ ସମୃଦ୍ଧ ପ୍ରଗତିଶୀଳ ରାଷ୍ଟ୍ର ନିର୍ମାଣ ପାଇଁ ନିଶାମୁକ୍ତ ସମାଜ ଜରୁରୀ। ସେହିଭଳି ଉଚ୍ଚ ବିକଟାଳଯୁକ୍ତ ଶବ୍ଦ ଯୋଗୁ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ବରିଷ୍ଠ ନାଗରିକ, ଗର୍ଭବତୀ, ପ୍ରସୂତି, ଛୋଟ ଶିଶୁ, ହୃଦ୍‌ରୋଗୀଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ। ଏହା ଦ୍ୱାରା ଶିଶୁ, ହୃଦ୍‌ରୋଗୀ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ଗତବର୍ଷ ଅତ୍ୟଧିକ ଡିଜେ ଶବ୍ଦ ଅନେକ ବରିଷ୍ଠ ନାଗରିକ, ଗୁରୁତର ରୋଗୀ, ହୃଦ୍‌ରୋଗୀଙ୍କ ସମସ୍ୟା ଦ୍ୱିଗୁଣିତ କରିଥିଲା। ଏକାଧିକ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି ହୋଇଥିଲେ। ଗତବର୍ଷ ଅପରାହ୍ନ ୫ଟାରୁ ବିଜେବି ହାଇସ୍କୁଲ ପଡିଆଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ୍ ଛକ, ଟାଉନ୍‌ହଲ, ଏସ୍‌ବିଆଇ ଛକ, ନୂଆ ବସ୍‌ଷ୍ଟାଣ୍ଡ, ପଲ୍ଲା ଛକରେ ପଛକୁ ପଛ ମେଢ଼ ଶୋଭାଯାତ୍ରାରେ ବ୍ୟବହୃତ ଉଚ୍ଚ କ୍ଷମତାସମ୍ପନ୍ନ ଡିଜେ ଶବ୍ଦରେ ସହର ଥରି ଉଠିଥିଲା। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ବରିଷ୍ଠ ନାଗରିକ ମଞ୍ଚ ସମସ୍ତ ପୂଜା କମିଟି ଆୟୋଜକଙ୍କୁ ନିଶାମୁକ୍ତ ଓ ସମ୍ପୂର୍ଣ୍ଣ ଡିଜେମୁକ୍ତ ଭସାଣି ଆୟୋଜନ ପାଇଁ ନିବେଦନ କରିଛନ୍ତି। ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟଯନ୍ତ୍ର, ପାଇକ ସମରକଳା, ଲୋକନୃତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଅନୁରୋଧ କରିଥିଲେ। ଏହା ଦ୍ୱାରା ଏକ ଆଧ୍ୟାତ୍ମିକ ବାତାବରଣ ସହ କଳା ସଂସ୍କୃତିର ବିକାଶ ହୋଇପାରିବ ବୋଲି ବିଭିନ୍ନ ଛକ ସ୍ଥାନରେ ଜନସାଧାରଣ ଏବଂ ପୂଜା କମିଟିଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଥିଲା। ବରିଷ୍ଠ ନାଗରିକମାନେ 'ନିଶାମୁକ୍ତ ଭସାଣି-ଡିଜେମୁକ୍ତ ରୋଶଣି' ପ୍ରଚାରପତ୍ର ଜନସାଧାରଣଙ୍କୁ ବଣ୍ଟନ କରିଥିଲେ। ଶବ୍ଦ ପ୍ରଦୂଷଣ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଜିଲା ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ନାଗରିକ ମଞ୍ଚ ଅନୁରୋଧ କରିଛି।

## ବିଦ୍ୟୁତ୍ ତାର ଚୋର ଗିରଫ, ବାଇକ୍ ଜବତ

କଳାପଥର,୨୨।୯(ଗଙ୍ଗାଧର ସାହୁ)

ବିଦ୍ୟୁତ୍ ତାର ଚୋରି କରିବା ଅଭିଯୋଗରେ ବୈଦେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫକରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ କଇଁଆ ପୋଖରୀ ଗ୍ରାମର ଗଙ୍ଗାଧର ସାହୁ। ତାଙ୍କ ନିକଟରୁ ବିଦ୍ୟୁତ୍ ତାର, ମେସିନ ଏବଂ ବାଇକ୍ ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବିଶ୍ୱଜିତ୍ ଜେନା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବୈଦେଶ୍ୱର ଥାନାଠାରୁ ୫ଶହ ମିଟର ଦୂର ମହାନଦୀ କୂଳରେ ନିର୍ମାଣାଧୀନ ଜଳଯୋଗାଣ ପ୍ରକଳ୍ପକୁ ସଂଯୋଗ କରୁଥିବା ବିଦ୍ୟୁତ୍ ଖୁଣ୍ଟରୁ ତାର ଚୋରି ହୋଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଚଢ଼ାଉକରି ଉପରୋକ୍ତ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ତେବେ ଏହି ଚୋରିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ୨ କେନ୍ଦ୍ରରେ ପରୀକ୍ଷା ଦେଲେ ୧୬୮ ଛାତ୍ରୀଛାତ୍ର

ବେଗୁନିଆ,୨୨।୯(ହର ପ୍ରସନ୍ନ ପଣ୍ଡା)

ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ପ୍ରାଥମିକ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଯାଇଛି। ଆବେଦନ କରିଥିବା ମୋଟ୍ ୧୭୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣ ଅନୁପସ୍ଥିତ ଥିବା ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି। ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଏବଂ ଗଡ଼ମାଣତୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ପରୀକ୍ଷାକେନ୍ଦ୍ରର ଦାୟିତ୍ୱ ନିର୍ବାହ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନଳିନୀପ୍ରଭା ଦେବୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ଗଡ଼ମାଣତୀରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ପରୀକ୍ଷାକେନ୍ଦ୍ରର ଦାୟିତ୍ୱ ନିର୍ବାହ କରିଥିଲେ। ଅତିରିକ୍ତ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ସେଠୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା କହିଛନ୍ତି।

## ଗଛକଟାକୁ ବିରୋଧ କରିବାରୁ ଗାଳିଗୁଲଜ, ଧମକ ଅଭିଯୋଗ

ବେଗୁନିଆ,୨୨।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିକୋସ୍ଥିତ ତାରାଦେବୀ ସାହିର ଦକ୍ଷିଣ ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ଜାଗାରୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜୋରଜବରଦସ୍ତ ଗଛଗୁଡିକ କାଟିନେବା ସହ ଗାଳିଗୁଲଜ ଓ ଧମକ ଦେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ସିକୋ ଗ୍ରାମର ପ୍ରଫୁଲ୍ଲ ବାହୁବଳେନ୍ଦ୍ରଙ୍କ ଜାଗାରେ ଥିବା ଲିମ୍ବ ଏବଂ କୋଚିଲା ଗଛକୁ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି କାଟିନେଉଥିଲେ। ଏହା ଦେଖି ପ୍ରଫୁଲ୍ଲଙ୍କ ବଡ଼ପୁଅ ନିରଞ୍ଜନ ଗଛ କାହିଁକି କାଟୁଛ ବୋଲି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚାରିଥିଲେ। ଏନେଇ ନିରଞ୍ଜନ ତାଙ୍କ ଦାଦା ପଦ୍ମଚରଣଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ପଦ୍ମଚରଣ ଘଟଣାସ୍ଥଳରେ ପହଞ୍ଚି କାହିଁକି ଗଛ କାଟୁଛ ବୋଲି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚାରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଉତ୍ତ୍ୟକ୍ତ ହୋଇ ନିରଞ୍ଜନ ଏବଂ ତାଙ୍କ ଦାଦାଙ୍କୁ ଗାଳିଗୁଲଜ କରିବା ସହିତ ଧମକ ଦେଇଥିଲେ। ଜଙ୍ଗଲ ଏବଂ ରାଜସ୍ୱ ବିଭାଗର ବିନା ଅନୁମତିରେ ସମ୍ପୃକ୍ତ ବ୍ୟକ୍ତି ଗଛଗୁଡିକ କାଟି ନେଉଥିବା ବେଳେ ରାଜସ୍ୱ ନିରୀକ୍ଷକ, ସିକୋ ଫାଣ୍ଡି ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

## ଜୀବିକା ମିଶନ, ମିଶନ ଶକ୍ତି କର୍ମୀ ସଂଘର ଧାରଣା



ବିଡିଓ ରୁମାନା ଜାଫ୍ରିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଟାଙ୍ଗୀ,୨୨।୯(ରଘୁନାଥ ସାହୁ)

କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଇନ୍‌ସେନ୍‌ଟିଭ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ଦାବିନେଇ ବ୍ଲକସ୍ତରୀୟ ଜିପିଏଲ୍‌ଏଫ୍, ମିଶନ ଶକ୍ତି କର୍ମୀ ସଂଘ ସୋମବାରଠାରୁ ବ୍ଲକ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ସଂଘର ସମସ୍ତ କର୍ମୀ ବଳରାମ ଦେବ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ୍ ଦେଇ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି କର୍ମୀଙ୍କୁ ସ୍ଥାୟୀ ଦରମା, ଆକାଉଣ୍ଟ ପେ' ଦରମା ପ୍ରଦାନ, ୬ ମାସର ବକେୟା ଦରମା ପ୍ରଦାନ, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ଦରମା ପ୍ରଦାନ ସମ୍ପର୍କରେ ଏକ ଦାବିପତ୍ର ବିଡିଓ ରୁମାନା ଜାଫ୍ରିଙ୍କୁ ପ୍ରଦାନ କରିଥିଲେ। ସଭାପତି ଚିନ୍ମୟୀ ପରିଡା, ସମ୍ପାଦକ ସୁଜାତା ସାହୁଙ୍କ ସମେତ ଶତାଧିକ ମହିଳା ଓଏଲଏମ୍ କାର୍ଯ୍ୟାଳୟରେ ତାଲା ପକାଇ ଗଣଧାରଣାରେ ସାମିଲ ହୋଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଦାବିପତ୍ରରେ ଚେତାବନୀ ଦେଇଛନ୍ତି।

# ପୋଡ଼ାଡ଼ିହରେ 'ପଲ୍ଲୀରେ ପ୍ରଶାସନ'

ବାଘମାରୀ, ୨୨।୯(ମିହିର ରଞ୍ଜନ ମହାପାତ୍ର)





ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ପୋଡ଼ାଡିହ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ, ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଡିଓ ସନ୍ତୋଷ କୁମାର ଜେନା, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସାହୁ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବିନୋଦିନୀ ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରୀତିଶ୍ ରଥ, ସହକାରୀ କୃଷି ଅଧିକାରୀ ଶୁଭ୍ରନ କୁମାର ରାଉଳ, ଉଦ୍ୟାନ କୃଷି ଅଧିକାରୀ ଇତିଶ୍ରୀ ବେହେରା, ବ୍ଲକ ଉନ୍ନୟନ ନିର୍ବାହୀ ଅଧିକାରୀ ସୁସ୍ମିତା ମିଶ୍ର, ଖାଦ୍ୟ ନିରାପତ୍ତା ଅଧିକାରୀ ସାଗରିକା ମାହାଳି, ଜଳ ଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ସରିତା ଦାଶ, ସମ୍ପ୍ରସାରଣ ଅଧିକାରୀ ସବିତା ନାୟକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ରାକେଶ ପଟ୍ଟନାୟକ, ନିଜାମୁଦ୍ଦିନ ଖାଁ, ବିଶ୍ୱାସ ଦାସ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ମୋଟ୍ ୨୦୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅନୁରୂପଭାବେ ବିଭିନ୍ନ ଲୋକାଭିମୁଖୀ ଷ୍ଟଲ୍ ମଧ୍ୟ ପଞ୍ଚାୟତରେ ଖୋଲାଯାଇଥିଲା। ସରପଞ୍ଚ ଲତା ସେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ତୁଷାରକାନ୍ତ ସାହୁ, ସମିତି ସଭ୍ୟ ଅଲେଖ ବେହେରା, ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ, ପୂର୍ବତନ ସମିତିସଭ୍ୟ ଧନେଶ୍ୱର ସାହୁ, ଯୋଗାଣ ସହାୟକ ଅଟଳ କିଶୋର ମହାପାତ୍ରଙ୍କ ସମେତ ସମସ୍ତ ୱାର୍ଡମେମ୍ବର ସହଯୋଗ କରିଥିଲେ।

# ପୋଲିସ-ଜନତା ସୁସମ୍ପର୍କ ଉପରେ ଗୁରୁତ୍ୱ

**ଆମ ପୋଲିସ ସମିତି ବୈଠକ**

ବୋଲଗଡ଼,୨୨।୯(ଦେବବ୍ରତ ହୋତା)



ଆମ ପୋଲିସ ସମିତି ବୈଠକରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ପୋଲିସ ଅଧିକାରୀ।

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ପରିସରରେ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଯୋଗଦେଇ ସାମ୍ପ୍ରତିକ ସମାଜରେ ଗୁଣିଗାରେଡ଼ି, ସାମାଜିକ ବାସନ୍ଦ, ବାଲ୍ୟବିବାହ ଆଦି ସମସ୍ୟା ସହ ଆପରାଧିକ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଦ୍ୱାରା ଅପରାଧ ନିୟନ୍ତ୍ରଣ ସହଜ ହେବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ନୀହାର ରଞ୍ଜନ ପ୍ରଧାନ କହିଛନ୍ତି। ପୋଲିସ ପ୍ରତି ଥିବା ବିଭିନ୍ନ ଭୟ ଦୂର କରିବା ସହ ବିଭାଗର ପରିବର୍ତ୍ତିତ ନିୟମ ଅନୁସାରେ ଅଭିଯୋଗକାରୀ ଏବଂ ଦୋଷୀଙ୍କୁ ଥାନା ପକ୍ଷରୁ ଉତ୍ତମ ବ୍ୟବହାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ରହିଥିବା କାର୍ଯ୍ୟକ୍ରମ ସଂଯୋଜିକା ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳ କହିଥିଲେ। ପୋଲିସ ପ୍ରତି ଜନସାଧାରଣ ଭୟଭୀତ ହେବା କୌଣସି ଆବଶ୍ୟକ ନାହିଁ, ସମସ୍ତେ ସ୍ୱାଧୀନ ଚିନ୍ତାଧାରା ସହ ପୋଲିସ ସହ ଯୋଗାଯୋଗ ରଖି କାର୍ଯ୍ୟକଲେ ଶାନ୍ତିଶୃଙ୍ଖଳା ବଜାୟ ରହିବାରେ ସହାୟକ ହେବ ବୋଲି ଏଏସ୍‌ଆଇ ପ୍ରସନ୍ନ ଦଳାଇ, ଯଶୋଦା ଦେଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବୈଠକରେ ଐତିହାସିକ ରବୀନ୍ଦ୍ର ପରିଡ଼ା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗୋପୀନାଥ ଖାଡଙ୍ଗା, ଜଳଧର ମହାନ୍ତି, ଦିବାକର ପରମଗୁରୁ, ରାଧାଶ୍ୟାମ ମହାପାତ୍ର, ଶୁଭେନ୍ଦ୍ର ସାହୁ, ପାଣ୍ଡବ ସାହୁ, ସଂସାରୀ ସାହୁ ପ୍ରମୁଖ ସ୍ଥାନୀୟ ଅଞ୍ଚଳର ଶାନ୍ତିଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଜନପ୍ରତିନିଧି, ଆଇନଜୀବୀ, ଡ୍ରାଇଭର ସଂଘ, ବଣିକ ମହାସଂଘ, କଲେଜ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୬ ବାଇକ୍ ଲୁଟେରା ଧରାପଡ଼ିଲେ

**୩ ବାଇକ୍, ମୋବାଇଲ, ମାରଣାସ୍ତ୍ର ଜବତ**

ଜଟଣୀ,୨୨।୯(ରବୀନ୍ଦ୍ରନାଥ ମହାକୁଡ଼)



ଗିରଫ ୬ ଅଭିଯୁକ୍ତ, ଜବତ ବାଇକ୍ ସହ ମୋବାଇଲ ଫୋନ ଓ ମାରଣାସ୍ତ୍ର।

ବାଇକ୍ ଏବଂ ମୋବାଇଲ ଫୋନ୍ ଲୁଟ୍ ଘଟଣାରେ ଜଟଣୀ ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅଧୀନ ବାଲିଛକ ମୁଣ୍ଡିଆ ସାହିର ଏସ୍. କେ. ଆବିଦ(୨୮), ନୟିମ ହୁସେନ ଖାନ୍ ଓରଫ୍ ରାଜା(୩୦), ଏସ୍.କେ. ସହବୁଦ୍ଦିନ ଓରଫ ବାବୁ(୩୦), ଲୋକୋକଲୋନୀ ଅଞ୍ଚଳର ମୋହନରାମ ଯାଦବ ଓରଫ ବିକି(୧୯), ଗଜପତି ନଗର ଅଞ୍ଚଳର ଏସ୍.କେ. ସ୍ୱାଧୀନ ଓରଫ ବାଦଲ(୩୦) ଏବଂ ରଥିପୁର ଅଞ୍ଚଳର ଅନ୍‌ସାର ଶାହା(୩୦)। ଏମାନଙ୍କ ନିକଟରୁ ୩ଟି ଚୋରି ବାଇକ୍, ଦୁଇଟି ଲୁହାକାତି, ମୋବାଇଲ ଫୋନ ଏବଂ ଗୋଟିଏ ଛୁରି ଜବତ କରାଯାଇଛି। ସୂଚନା ମୁତାବକ, ଗତ ୧୭ ତାରିଖରେ ସମରେଶ କୁମାର ଲେଙ୍କା ବ୍ୟକ୍ତିଗତ କାର୍ଯ୍ୟରେ ଜଟଣୀ ଆସିଥିଲେ। ସେ ରାଜାବଜାର ମୁଣ୍ଡିଆସାହିଠାରେ ମୋବାଇଲରେ କଥା ହେଉଥିବା ବେଳେ ୪ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଧକ୍କା ମାରିଥିଲେ। ଏହାପରେ ଯୁବକମାନେ ତାଙ୍କ ମୋବାଇଲ ଛଡ଼ାଇନେଇ ସ୍କୁଟି ଡିକି ଭାଙ୍ଗିବା ସହ ଫୋନ୍‌ପେ' ବ୍ୟବହାର କରି ୧୭୨ ଟଙ୍କା ନେଇଯାଇଥିଲେ। ଏନେଇ ସମରେଶଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ୨୧ତାରିଖ ରାତିରେ ସ୍ଥାନୀୟ ସୀତାରାମ ଛକଠାରେ ପୋଲିସ ଯାଞ୍ଚ କରୁଥିବା ସମୟରେ ତିନୋଟି ବାଇକ୍‌ରେ ଦ୍ରୁତଗତିରେ ଆସୁଥିବା ୬ଜଣ ଯୁବକଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ଯୁବକମାନେ ବ୍ୟବହାର କରୁଥିବା ବାଇକ୍ ଚୋରା ବୋଲି ଜଣାପଡ଼ିଥିଲା। ଏଥିସହ ସେମାନଙ୍କଠାରୁ ମାରଣାସ୍ତ୍ର ଜବତ ହୋଇଥିଲା। ସୋମବାର ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଏକ ମାମଲା (ନଂ.୪୩୮/୨୫) ରୁଜୁକରି କୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ୪୬୩ ହିତାଧିକାରୀଙ୍କୁ ଶ୍ରମିକ ସହାୟତା ବଣ୍ଟନ

ପିପିଲି,୨୨।୯(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକର ମଙ୍ଗଳପୁରଠାରେ ଥିବା କୁଇନ୍ ମଣ୍ଡପଠାରେ ସୋମବାର ପୁରୀ ଜିଲା ଶ୍ରମ ବିଭାଗ ପକ୍ଷରୁ ଡେଲାଙ୍ଗ ଓ ପିପିଲି ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ଶିବିରରେ ଅତିଥିଭାବେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଜିଲା ଶ୍ରମ କମିଶନର ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲା ଶ୍ରମ ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସହକାରୀ ଶ୍ରମ ଅଧିକାରିଣୀ ପଲ୍ଲବୀ ସାହୁ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ, ଅତିଥି ପରିଚୟ ପ୍ରଦାନ ଏବଂ ମଞ୍ଚ ପରିଚାଳନା କରିଥିଲେ। ପିପିଲି-ଡେଲାଙ୍ଗ ବ୍ଲକର ୪୬୩ ଜଣ ହିତାଧିକାରୀଙ୍କୁ ୨ କୋଟି ୯୧ ଲକ୍ଷ ୯୪ ହଜାର ୪ ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ମୃତ୍ୟୁକାଳୀନ ସହାୟତା ବାବଦରେ ୩୭ ଜଣଙ୍କୁ ୯୯ ଲକ୍ଷ, ବିବାହ ସହାୟତା ୩୮୧ ଜଣଙ୍କୁ ୧କୋଟି ୯୦ ଲକ୍ଷ, ଶିକ୍ଷା ସହାୟତା ୮ଜଣଙ୍କୁ ୫୪ ହଜାର ୪ଶହ, ଅନ୍ତ୍ୟେଷ୍ଟିକ୍ରିୟା ସହାୟତାରେ ୩୬ ଜଣଙ୍କୁ ୧ ଲକ୍ଷ ୮୦ ହଜାର ଏବଂ ଜଣଙ୍କୁ ପ୍ରସୂତିକାଳୀନ ସହାୟତା ୧୦ ହଜାର ଟଙ୍କା ଯୋଗାଇ ଦିଆଯାଇଥିବା ପୁରୀ ଜିଲା ଶ୍ରମ କମିଶନର ସୂଚନା ଦେଇଥିଲେ। ଶେଷରେ ସହକାରୀ ଶ୍ରମ ଅଧିକାରୀ ଆଶୁତୋଷ ସାହୁ ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ ଏକଦିବସୀୟ ସ୍ୱଚ୍ଛତା, ପରିମଳ କାର୍ଯ୍ୟକ୍ରମ

କଣାସ,୨୨।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ସ୍ୱଚ୍ଛତା ହିଁ ସେବା ଏବଂ ପରିମଳ ସମ୍ବନ୍ଧୀୟ ଏକଦିବସୀୟ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଏବଂ ପରିମଳ ସମ୍ବନ୍ଧୀୟ ବିଭିନ୍ନ ସୂଚନାଦେବା ସହ ୧୦୦ଜଣ କାରିଗରଙ୍କୁ ଜୋତା, ହାତ ଗ୍ଲୋଭସ୍, ମୋଜା, ପରିବେଶ ସ୍ୱଚ୍ଛତା ରକ୍ଷାକରିବା ପାଇଁ ବିଭିନ୍ନ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ବୈଠକରେ କଣାସ ବ୍ଲକ ସମସ୍ତ ପଞ୍ଚାୟତ ଅଧିକାରୀ ଓ ଶତାଧିକ କାରିଗର ଯୋଗ ଦେଇଥିଲେ।

# ଉପଜିଲାପାଳ, ଅତିରିକ୍ତ ଜିଲାପାଳଙ୍କୁ ଘେରିଲେ ମହିଳା

- ମହିଳାଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଅଭିଯୋଗ
- ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଲେ ଅଧିକାରୀ

ଗୋପ,୨୨।୯(ଭାରତୀ ଭୂଷଣ ଉପାଧ୍ୟାୟ)



ଅଧିକାରୀଙ୍କୁ ଘେରିଛନ୍ତି ଶତାଧିକ ମହିଳା ।

ଗୋପ ବ୍ଲକ ବୈଠକ ଗୃହ ସମ୍ମୁଖରେ ସୋମବାର ମଧ୍ୟାହ୍ନରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଶତାଧିକ ମହିଳା ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରାଙ୍କୁ ଦୀର୍ଘ ୪୦ ମିନିଟ୍ ଧରି ଘେରାଉ କରିଥିଲେ। ବିଡିଓ ବିଭିନ୍ନ ସମୟରେ ଅଭିଯୋଗକାରୀ ମହିଳାଙ୍କୁ ଦୁର୍ବ୍ୟବହାର କରୁଥିବା ଭଳି ଅଭିଯୋଗ ହୋଇଥିଲା। ଅନ୍ୟ ଅଭିଯୋଗ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବା ସହ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅଧିକାରୀମାନେ କହିବା ପରେ ମହିଳାମାନେ ଛାଡ଼ିଥିଲେ।

ପ୍ରକାଶ ଯେ, ସରକାରଙ୍କ ନିର୍ଦ୍ଦେଶରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟା ଚାଲିଥିବାବେଳେ ଗୋପ ବ୍ଲକରେ ମଧ ଏହି ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଏହି ପୁନର୍ଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଅଭିଯୋଗକୁ ଏହି ଘେରାଉ କରାଯାଇଥିବା ଅଭିଯୋଗରୁ ଜଣାପଡ଼ିଛି। ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ଗୋପ ବ୍ଲକ ଜନଶୁଣାଣି ଶିବିରରେ ଯୋଗଦେଇ ବାହାରିବା ବେଳେ ମହିଳାନେତ୍ରୀ ନିରୁପମା ସ୍ୱାଇଁଙ୍କ ନେତୃତ୍ୱରେ ମହିଳାମାନେ ବୈଠକ ଗୃହ ସମ୍ମୁଖରେ ଅଧିକାରୀମାନଙ୍କୁ ଦୀର୍ଘ ୪୦ ମିନିଟ୍ ଧରି ଛାଡ଼ି ନ ଥିଲେ। ପରେ ଅଭିଯୋଗକାରୀ ମହିଳାମାନେ ଏହି ଅଭିଯୋଗ ସହିତ ୩/୪ ଦିନ ତଳେ ଏହି ପ୍ରସଙ୍ଗରେ ଅଭିଯୋଗଦେବାକୁ ଆସିଥିବା ମହିଳାଙ୍କୁ ବିଡିଓ ଛବିରାଣୀ ସାହୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ବ୍ଲକ କାର୍ଯ୍ୟାଳୟ ଗେଟ୍‌କୁ ତାଲା ପକାଇ ଦେଇଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ବିଡିଓ ସାହୁ ଖଣ୍ଡନ କରିଥିବା ବେଳେ ଏପରି ସମସ୍ୟା ଉପରେ ଜିଲାପାଳଙ୍କୁ ଆମେମାନେ ଅଭିଯୋଗ ଦେବୁ ବୋଲି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା କହିଥିଲେ। ସେଠାରେ କିଛି ସମୟ ପାଇଁ ହୋହଲ୍ଲା ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମହିଳାମାନେ ଅଧିକାରୀଙ୍କୁ ଛାଡ଼ିଥିଲେ। ଏପରି ଏକ ଘଟଣା ସମ୍ପର୍କରେ ଅତିରିକ୍ତ ଜିଲାପାଳ ବେହେରାଙ୍କୁ ପଚାରିବାରେ ସରକାରଙ୍କ ନିର୍ଦ୍ଦେଶକୁ ନେଇ ସମସ୍ତ କାର୍ଯ୍ୟ କରାଯାଉଛି। ମାତ୍ର ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

## ବିଶ୍ୱରେ ୩୦୦ରୁ ଅଧିକ ସାଙ୍କେତିକ ଭାଷା

**ଆଜି ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ**

ପ୍ରତିବର୍ଷ ସେପ୍ଟେମ୍ବର ୨୩ରେ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପାଳିତ ହେଉଛି। ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ବଧିର ସମୁଦାୟଙ୍କ ପାଇଁ ସାଙ୍କେତିକ ଭାଷାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ତଥା ସାଂସ୍କୃତିକ ବିବିଧତାକୁ ବଢାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ସାଙ୍କେତିକ ଭାଷା ବଧିର ବ୍ୟକ୍ତିମାନଙ୍କ ମନର ଭାବକୁ ପ୍ରକାଶ କରିବାର ଏକ ସେତୁ ଭାବେ କାମ କରିଥାଏ। ଏହା ବଧିର ସମୁଦାୟଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥାଏ। ସେହିପରି ଏହା ଶିକ୍ଷା ଏବଂ ସମାନତା ଉପରେ କାର୍ଯ୍ୟ କରିଥାଏ। ବିଶ୍ୱରେ ୩୦୦ରୁ ଅଧିକ ବିଶିଷ୍ଟ ସାଙ୍କେତିକ ଭାଷା ପ୍ରଚଳିତ ହେଉଛି। ସାଙ୍କେତିକ ଭାଷାଗୁଡିକର ନିଜସ୍ୱ ବ୍ୟାକରଣ ଏବଂ ଶବ୍ଦାବଳୀ ରହିଥାଏ ଯାହାକି କୁହାଯାଉଥିବା ଭାଷାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ସାଙ୍କେତିକ ଭାଷାର ଅର୍ଥ ବ୍ୟକ୍ତ କରିବା ସମୟରେ ବ୍ୟକ୍ତିର ଚେହେରା ଏବଂ ଶରୀରର ଭାବ ମହତ୍ୱପୂର୍ଣ୍ଣ ହୋଇଥାଏ। ଏହି ଭାଷା ମୂକ ଏବଂ ବଧିର ବ୍ୟକ୍ତିଙ୍କୁ ଅନ୍ୟମାନଙ୍କ ସହିତ ଯୋଡିବାରେ ସାହାଯ୍ୟ କରିଥାଏ।
-ରିପୋର୍ଟ :ବନ୍ଦନା ସେଠୀ, ଭୁବନେଶ୍ୱର

## ଭକ୍ତ ଦାସିଆ ପୀଠରେ ମାସିକ ସମୀକ୍ଷା ବୈଠକ

ପିପିଲି,୨୨।୯(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ବାଲିଗାଁଠାରେ ଥିବା ଭକ୍ତ ଦାସିଆ ପୀଠର ମାସିକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା କାର୍ତ୍ତିକ ମାସରେ ଏକ ମାସ ଧରି ଅଖଣ୍ଡ ନାମଯଜ୍ଞ ଓ ଭକ୍ତ ଦାସିଆଙ୍କ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଆବିର୍ଭାବ ଦିବସ ସମ୍ବନ୍ଧରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଭକ୍ତ ଦାସିଆ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଡ. ଅଶୋକ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ବିଭିନ୍ନ ପ୍ରସଙ୍ଗରେ ବିବରଣୀ ଉପସ୍ଥାପନା କରିଥିଲେ। ଚଳିତ ମାସ ୨୮ରୁ ୩୦ ତାରିଖ ମଧ୍ୟରେ ତ୍ରୟଦିବସୀୟ ସପ୍ତଶତୀ ଚଣ୍ଡୀପାଠ ମା' ବିମଳାଙ୍କ ମନ୍ଦିରରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପନ୍ନ ହେବାକୁ ସ୍ଥିର କରାଯାଇଥିଲା। ସେହିପରି ଅକ୍ଟୋବର ୬ରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିରରେ ପୂଜାକାର୍ଯ୍ୟ ଅନୁଷ୍ଠାନର ଉପସଭାପତି ତଥା ଶିଶୁରୋଗ ବିଶେଷଜ୍ଞ ଡା. ନରେନ୍ଦ୍ର ନାଥ ସାହୁଙ୍କ ଜ୍ୟେଷ୍ଠପୁତ୍ରଙ୍କ ପୌରୋହିତ୍ୟରେ ସମାପନ ହେବାକୁ ସ୍ଥିର କରାଯାଇଥିଲା। ଆସନ୍ତା ମହାକାର୍ତ୍ତିକ ମାସରେ ଦାସିଆ ପୀଠରେ ପ୍ରତ୍ୟହ ପ୍ରାତଃ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭକ୍ତଙ୍କ ସମାଧି ପୀଠରେ ଅଖଣ୍ଡ ନାମ ସଂକୀର୍ତ୍ତନ ସହ ହବିଷ ବ୍ରତ ପାଳନ ହେବାକୁ ସ୍ଥିର କରାଯାଇଥିଲା। ଶେଷରେ ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀରେ ଭକ୍ତଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହେବା ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇ ଗୃହୀତ ହୋଇଥିଲା। ବୈଠକରେ ଅନୁଷ୍ଠାନର ଉପସଭାପତି ତଥା ପ୍ରାକ୍ତନ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ. ଦେବ ନାରାୟଣ ପାଲ୍, ବିଶିଷ୍ଟ ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର, ବରିଷ୍ଠ ସଦସ୍ୟ ଆଡ୍‌ଭୋକେଟ ସରୋଜ କୁମାର ପରିଡ଼ା, ବୃନ୍ଦାବନ ମହାପାତ୍ର, ସାମାଜିକ କର୍ମୀ ଜୟପ୍ରକାଶ ମିଶ୍ର, ଅଧ୍ୟାପକ ବାସନ୍ତୀ ଦାସ, ମନୋରମା ମହାପାତ୍ର, ଅନନ୍ତ ଚରଣ ସାହୁ, ସତ୍ୟବାଦୀ ଦାସ, ସଦାନନ୍ଦ ସାହୁ, ଗୀତିକାର ଅଜୟ ଦାସ, ଦାଶରଥି ରାଉତରାୟ ଓ ଗୋପାଳ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟରେ ଧାରଣାଦେଲା ମିଶନ ଶକ୍ତି ସଂଘ



ଧାରଣାରେ ବସିଥିବା ଜିପିଏଲ୍ଏଫ୍ ସଂଘର ସଦସ୍ୟମାନେ ।

ସାକ୍ଷୀଗୋପାଳ,୨୨।୯(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ରାଜ୍ୟ ମିଶନ ଶକ୍ତି କର୍ମୀ ସଂଘ ଆହ୍ୱାନକ୍ରମେ ସତ୍ୟବାଦୀ ବ୍ଲକ ଜିପିଏଲ୍ଏଫ୍ ମିଶନ ଶକ୍ତି କର୍ମୀ ସଂଘ ସୋମବାର ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେଇଛି। ସତ୍ୟବାଦୀ ବ୍ଲକ ଅଧୀନ ୨୪ଟି ପଞ୍ଚାୟତର କର୍ମୀମାନେ ଧାରଣା ଦେଇ ବସିରହିବା ସହ ସେମାନଙ୍କ ଦାବି ପୂରଣ ପାଇଁ ନାରାବାଜି ଦେଇଥିଲେ। ପୂର୍ବରୁ ସେମାନଙ୍କୁ ସରକାର ନିର୍ଦ୍ଧାରିତ କରିଥିବା ଦରମା ନିୟମିତ ଦିଆଯାଉଥିବା ବେଳେ ୬ ମାସ ହେଲାଣି ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ଏନେଇ ସଂଘ ପକ୍ଷରୁ ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ ସୁଫଳ ମିଳୁ ନ ଥିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ଉପରୋକ୍ତ ମିଶନ ଶକ୍ତି ସଂଘ ସଭାପତି ଧରିତ୍ରୀ ତ୍ରିପାଠୀ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ମମତା ରାଉତରାୟଙ୍କ ସହ ଶତାଧିକ କର୍ମୀ ଦିନତମାମ୍ ଧାରଣା ଦେଇଥିଲେ। ବରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଆନ୍ଦୋଳନ ଚଳାଇଥିବା କର୍ମୀମାନଙ୍କ ନିକଟରେ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ଇନ୍‌ସେନ୍‌ଟିଭ୍ ଆଧାରରେ ଦରମା ଦେବା ପରିବର୍ତ୍ତେ ସ୍ଥାୟୀ ଦରମା ଦେବାକୁ ସେମାନଙ୍କର ପ୍ରମୁଖ ଦାବି ପାଇଁ ସେମାନେ ଆନ୍ଦୋଳନ କରିବେ ବୋଲି ପୂର୍ବରୁ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିବା ସୂଚନା ଦେଇଥିଲେ। ପରେ ପରେ ଆନ୍ଦୋଳନ ଚଳାଇଥିବା ମହିଳାମାନେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ ଏବଂ ବ୍ଲକ ମିଶନ ଶକ୍ତି, ଜୀବିକା ମିଶନ ଓ ସତ୍ୟବାଦୀ ଥାନାରେ ଦାବିପତ୍ର ପ୍ରଦାନ କରିଥିଲେ।

## ଓଡ଼ିଶା ଜୀବିକା ମିଶନ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଧାରଣା

ପିପିଲି,୨୨।୯(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମିଶ୍ର)

ପିପିଲି ବ୍ଲକ ସମ୍ମୁଖରେ ଓଡ଼ିଶା ଜୀବିକା ମିଶନ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ସୋମବାର ୩ ଦଫା ଦାବିରେ ଧାରଣା ଦେଇଛନ୍ତି। ପ୍ରଫର୍ମାନ୍ସ ବୋନସ ବନ୍ଦ କରିବା ସହ ସ୍ଥାୟୀ ନିଯୁକ୍ତି ଓ ଆକାଉଣ୍ଟକୁ ସିଧାସଳଖ ପାରିଶ୍ରମିକ ପାଇବା ଏବଂ ୬ ମାସର ବକେୟା ଦରମା ପ୍ରଦାନ ପାଇଁ ଧାରଣା ଦେଇଛନ୍ତି। ସମସ୍ତ ଦାବିଗୁଡିକୁ ନ୍ୟାର୍ଯ୍ୟ ଦାବି ବୋଲି କହି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ନାରାବାଜି ଦେଇଥିଲେ। ରାଜ୍ୟ ମହିଳା ମହାସଂଘ ଡାକରାରେ ପିପିଲି ବ୍ଲକସ୍ତରୀୟ ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ସମ୍ପାଦିକା ମମତା ଜେନା ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ପିପିଲି ବ୍ଲକ୍ ୨୨ଟି ପଞ୍ଚାୟତର ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର ମହିଳାମାନେ ସାମିଲ ହୋଇଥିଲେ। ସକାଳ ୧୦ଟାରୁ ଦୀର୍ଘ ତିନି ଘଣ୍ଟା ଧାରଣା ପରେ ଆନ୍ଦୋଳନସ୍ଥଳରେ ପିପିଲି ବିଡିଓ ସରୋଜ ରାଉତ ପହଞ୍ଚି ମହିଳାଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହିଳା ମହାସଂଘର ନେତ୍ରୀମାନେ କହିଥିଲେ।

## ବର୍ଷାରେ ଭୁଶୁଡ଼ିଲା ବାତ୍ୟା ଆଶ୍ରୟସ୍ଥଳର ଗାର୍ଡୱାଲ୍

ନିମାପଡ଼ା,୨୨।୯(ବିଚିତ୍ରାନନ୍ଦ ସାହୁ)



ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳ ନିକଟରେ ଭୁଶୁଡ଼ି ପଡ଼ିଥିବା ଗାର୍ଡୱାଲ୍।

ନିମାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ସିରିବିଲା ପଞ୍ଚାୟତର ଗଡ଼ତୋରିଅଁ ଉଚ୍ଚ ବିଦ୍ୟାଳୟ ଠାରେ ଥିବା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳର ଗାର୍ଡୱାଲ୍ ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଛି। ଏହି ଗାର୍ଡୱାଲ୍ ଭୁଶୁଡ଼ି ଯୋଗୁ ବାତ୍ୟା ଆଶ୍ରୟସ୍ଥଳକୁ ଯାତାୟାତ ରାସ୍ତା ପ୍ରତି ବିପଦ ସୃଷ୍ଟି ହୋଇଛି। ପ୍ରାୟ ୨ଶହ ଫୁଟର ଏହି ଗାର୍ଡୱାଲ ଭୁଶୁଡ଼ି ପଡିଛି। ଏହି ବାତ୍ୟା ଆଶ୍ରୟସ୍ଥଳ ନିକଟରେ ଏକ ଉଚ୍ଚ ବିଦ୍ୟାଳୟ ଥିବାରୁ ଓ ଗାର୍ଡୱାଲ ଭୁଶୁଡ଼ି ପଡ଼ିଥିବା ଯୋଗୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁଯିବାଆସିବାରେ ବହୁଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ନୂତନ ଭାବେ ଏହି କଂକ୍ରିଟ ଗାର୍ଡୱାଲ ନିର୍ମାଣ କରାଯିବାକୁ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ମାହାରୀ, ଯୁବନେତା ଲଳିତମୋହନ ପାତ୍ର, ବିଦ୍ୟାଧର ପାତ୍ର, ମାନସ ରଞ୍ଜନ ମହାନ୍ତିଙ୍କ ସମେତ ବହୁ ଗ୍ରାମବାସୀ ବିଡିଓଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

# ନିମାପଡ଼ାର ୪ ପ୍ରତିଯୋଗୀଙ୍କ ପଦକ ହାସଲ

**ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତା**

ନିମାପଡ଼ା,୨୨।୯(ବିଚିତ୍ରାନନ୍ଦ ସାହୁ)



ଅତିଥିମାନଙ୍କ ଗହଣରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ନିମାପଡ଼ାର କୃତୀ ଖେଳାଳିମାନେ।

ସେପ୍ଟେମ୍ବର ୨୦ ଓ ୨୧ ତାରିଖ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାପାଟଣା ଠାରେ ପଞ୍ଚମ ନାଶକାଇ ସାଉଥ୍ ଇଣ୍ଡିଆ ଓପେନ କରାଟେ ଚାମ୍ପିୟନସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ୱାଲ ଟର ମାର୍ଟିଆଲ ଆର୍ଟ କରାଟେ ଆସୋସିଏଶନ ଓ ନ୍ୟାଶନାଲ ସୋଟକନ କରାଟେ ଆସୋସିଏଶନ ଆନ୍ଧ୍ରପ୍ରଦେଶ ଦାରା ଆୟୋଜିତ ହୋଇଥିଲା। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ରୟାଲ ଟାଏକୋଣ୍ଡୋ ସଂଘ, ନିମାପଡ଼ା ଅମିତ୍ ଟାଏକୋଣ୍ଡୋ ସଂଘର ୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିମାପଡ଼ା ଅମିତ୍ ଟାଏକୋଣ୍ଡୋ ସଂଘର ଖେଳାଳି ଆଶାତୀତ ସଫଳତା ହାସଲ କରିଛନ୍ତି। ତନ୍ମଧ୍ୟରୁ ପ୍ରିୟଙ୍କା ବେହେରା (ସ୍ୱର୍ଣ୍ଣ), ସୋନାଲି ନାୟକ (ସ୍ୱର୍ଣ୍ଣ), ସାଗର ଦାସ (ରୌପ୍ୟ) ଓ ଅଭିଜିତ୍ ନାୟକ (ରୌପ୍ୟ) ପଦକ ହାସଲ କରି ନିମାପଡ଼ା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଥିବା କୃତୀ ଖେଳାଳିଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଏହି ଜାତୀୟସ୍ତରୀୟ ଓପନ କରାଟେ ଚାମ୍ପିୟନସିପ ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ମୋଟ ୭୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଜନଶୁଣାଣି ଶିବିରରେ ୯୮ ଅଭିଯୋଗ ଦାଖଲ

ଗୋପ,୨୨।୯(ଭାରତୀ ଭୂଷଣ ଉପାଧ୍ୟାୟ)



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ ।

ଗାଁକୁ ଯାଇ ସାଧାରଣ ଲୋକମାନଙ୍କ ସମସ୍ୟା ବୁଝି ସମାଧାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ନେଇ ସୋମବାର ଗୋପ ବ୍ଲକରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୯୮ଜଣ ବ୍ୟକ୍ତି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଭତ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଥିବା ରାସ୍ତା ସହିତ ଆଉ କେତେକ ସରକାରୀ ଉନ୍ନୟନ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଶିବିରକୁ ଜିଲାପାଳ ନ ଆସିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ କେତେଜଣ ଅଭିଯୋଗକାରୀ ଫେରି ଯାଇଥିବା ଭଳି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ସରକାରଙ୍କ ଜନଶୁଣାଣି ଶିବିର ଗୋପ ବ୍ଲକରେ ଅନୁଷ୍ଠିତ ହେଉଥିବା ବେଳେ ଅଧିକାଂଶ ସମସ୍ୟା ଠିକ୍ ଭାବରେ ସମାଧାନ ହୋଇପାରୁ ନ ଥିବା ବେଳେ ସାଧାରଣ ଲୋକମାନେ ବିଭିନ୍ନ ସମୟରେ କେତେକ ସମସ୍ୟାକୁ ନେଇ ବ୍ଲକ ଆସି ନିରାଶ ହୋଇ ଫେରୁଛନ୍ତି। ଏଭଳି ଅଭିଯୋଗକୁ ସୋମବାର ଗୋପ ବ୍ଲକରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୯୮ଟି ଅଭିଯୋଗ ହୋଇଥିବା ବେଳେ ଅଧିକାରୀମାନେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ଜନଶୁଣାଣି ଶିବିରକୁ ଜିଲାପାଳଙ୍କ ସହିତ ବରିଷ୍ଠ ଅଧିକାରୀମାନେ ନ ଆସିବା ନେଇ ଗୁରୁତର ଅଭିଯୋଗ ଆସିଥିବା ବେଳେ କେତେଜଣ ବ୍ୟକ୍ତି ବାରମ୍ବାର ଅଭିଯୋଗ କରିବା ପରେ ସମସ୍ୟା ସମାଧାନର କିଛି ନ୍ୟାୟ ମିଳୁନାହିଁ ବୋଲି କହି ଅଭିଯୋଗ ନ କରି ଫେରିବା ସହିତ ଜିଲାପାଳ ଅଭିଯୋଗ ଶିବିରକୁ ଆସନ୍ତୁ ବୋଲି ଦାବି କରିଥିଲେ। ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ତହସିଲ୍‌ଦାର ଅନିଲ କୁମାର ମହାନ୍ତି, ଅତିରିକ୍ତ ବିଡିଓ ଦୀପକ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଫଟୋରେ ଖବର



ବିଶ୍ୱ ଶାନ୍ତି ଦିବସ ପାଳନ ଅବସରରେ ଶାନ୍ତି ପ୍ରାର୍ଥନା କରି ସଂକଳ୍ପ ଫାଉଣ୍ଡେଶନର ମହିଳାମାନେ ଗୀତାପାଠ କରୁଛନ୍ତି ।




ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ଓ ଅମ୍ଳାନ ସାରସ୍ୱତ ପରିଷଦ ପକ୍ଷରୁ ଅନୁଷ୍ଠିତ ଶାରଦୀୟ ସାହିତ୍ୟ ସମାରୋହରେ ସମ୍ବର୍ଦ୍ଧିତ ବିଶିଷ୍ଟ ସାହିତ୍ୟିକମାନେ।




ଶିଶୁପୁତ୍ରର ମୃତ୍ୟୁକୁ ନେଇ ସୋମବାର କ୍ୟାପିଟାଲ ହସ୍ପିଟାଲ ପରିସରରେ ଉତ୍ତେଜନା।



ପୁଅକୁ ହରାଇବା ପରେ କାନ୍ଦୁଥିବା ମା' ଓ ଶୋକାକୁଳ ପରିବାରବର୍ଗ।

# ଶିଶୁପୁତ୍ର ମୃତ୍ୟୁକୁ ନେଇ ରାସ୍ତାରେ ବସିଲେ

ଭୁବନେଶ୍ୱର, ୨୨।୯(ବନ୍ଦନା ସେଠୀ)

ଡାକ୍ତରଙ୍କ ଅବହେଳା ଓ ଭୁଲ୍ ମେଡିସିନ ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ୧୩ ମାସର ଶିଶୁପୁତ୍ର ଆୟୁଷ୍ମାନ ସାହୁର ମୃତ୍ୟୁ ଘଟଣାକୁ ନେଇ ସୋମବାର ଦିନବ୍ୟାପୀ ଉତ୍ତେଜନା ଲାଗି ରହିଥିଲା। ଶିଶୁପୁତ୍ରର ମୃତ୍ୟୁ ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ପରିବାର ଲୋକେ ଦାୟୀ କରିଥିବା ବେଳେ ଅଟୋ ଆସୋସିଏଶନର ସଦସ୍ୟ ଓ ମୃତକଙ୍କ ସମ୍ପର୍କୀୟମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ହସ୍ପିଟାଲରେ ଭଙ୍ଗାରୁଜା କରିବା ସହ ରାସ୍ତାରୋକୋ କରିଥିଲେ। ଖବର ପାଇ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ (ଏସ୍‌ସିୟୁ) ଅତିରିକ୍ତ ଡିସିପି ଅନୁପ କାନୁନ୍‌ଗୋ, ଜୋନ-୧ ଏସିପି ରମେଶ ଚନ୍ଦ୍ର ବିଶୋଇ, କ୍ୟାପିଟାଲ ଥାନାଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କ୍ଷତିପୂରଣ ଘୋଷଣା ଓ ପୋଲିସର କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।ଅନ୍ୟପକ୍ଷରେ ମୃତ ଶିଶୁଙ୍କ ବାପା ଆଶିଷ ସାହୁ ଘଟଣା ସମ୍ପର୍କରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି।

## ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଡାକ୍ତରଙ୍କ ଅବହେଳା ଏବଂ ମୃତ ଶିଶୁର ମା'ଙ୍କୁ ହସ୍ପିଟାଲର ସିକ୍ୟୁରିଟି ଗାର୍ଡ ଧକ୍କା ମାରିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକଙ୍କ ସହ ଅନ୍‌ଲାଇନ୍ ଅଟୋ ଚାଳକ ମହାସଂଘ ରାସ୍ତାକୁ ଓହ୍ଲାଇଥିଲା। ଶତାଧିକ ଅଟୋ ଚାଳକ ହସ୍ପିଟାଲ ରାସ୍ତାରେ ଅଟୋ ରଖି ରାସ୍ତାରୋକୋ କରିଥିଲେ। ପୋଲିସ ବୁଝାଶୁଝା ପରେ ଆନ୍ଦୋଳନ ହଟିଥିଲା। ହେଲେ ମହାସଂଘର କର୍ମକର୍ତ୍ତାଙ୍କୁ ହସ୍ପିଟାଲ କର୍ମଚାରୀ ଦୁର୍ବ୍ୟବହାର କରିବା ସହିତ ଭିତରକୁ ଛାଡି ନ ଥିଲେ। ପ୍ରତିବାଦରେ ପରେ ପୁଣି ଅଟୋଚାଳକମାନେ କ୍ୟାପିଟାଲ ହସ୍ପିଟାଲରୁ ବିମାନବନ୍ଦର ଛକ ରାସ୍ତାକୁ ଦୀର୍ଘସମୟ ଧରି ବନ୍ଦ କରି ହୋହଲ୍ଲା କରିଥିଲେ। ସେମାନେ ରାସ୍ତାରେ ଶୋଇବା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ଦୋଷୀ ଡାକ୍ତର ଏବଂ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏପରି କି ରାସ୍ତା ନ ପାଇ ଆମ୍ବୁଲାନ୍ସ ମଧ୍ୟ ଫସି ରହିଥିଲା।



## କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

### କ୍ୟାପିଟାଲ ଥାନାରେ ମାମଲା

## ଏମ୍‌ସରେ ମୃତଦେହ ବ୍ୟବଚ୍ଛେଦ ହେଲା

ବ୍ୟବଚ୍ଛେଦ ପାଇଁ ଶିଶୁପୁତ୍ରର ମୃତଦେହକୁ ଏମ୍‌ସ ଭୁବନେଶ୍ୱରକୁ ପଠାଯାଇଥିଲା। କ୍ୟାପିଟାଲ୍ ହସ୍ପିଟାଲରେ ଭୁଲ୍ ମେଡିସିନ ପାଇଁ ଶିଶୁପୁତ୍ରର ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଥିବାରୁ ରିପୋର୍ଟରେ ସ୍ୱଚ୍ଛତା ଆସିବା ନେଇ ଆଶଙ୍କା ଦେଖାଦେଇଥିଲା। ଏମ୍‌ସରେ ବ୍ୟବଚ୍ଛେଦ ସରିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

କ୍ୟାପିଟାଲ ହସ୍ପିଟାଲରେ ଶିଶୁ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରାଯିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ତେବେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ଶିଶୁରୋଗ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି। ଶିଶୁ ପୁତ୍ରର ପୂର୍ବରୁ ଆଜ୍‌ମା ଭଳି ରୋଗ ଥିଲା। ସେ ଚିକିତ୍ସା ପାଇଁ ପୂର୍ବରୁ ମଧ୍ୟ ହସ୍ପିଟାଲ ଆସୁଥିଲା। ରବିବାର ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ହସ୍ପିଟାଲ ଆଣିଥିଲେ। ତେବେ ରାତିରେ ଅଧିକ ଦେହ ଖରାପ ହେବାରୁ ସେ ପୁନର୍ବାର ଚିକିତ୍ସା ପାଇଁ ଆସିଥିଲେ ଏବଂ ଡ୍ୟୁଟିରେ ଥିବା ନର୍ସ ସଙ୍ଗେସଙ୍ଗେ ଚିକିତ୍ସା କରିଥିଲେ। ୩ଥର ଅକ୍ସିଜେନ ଦିଆଯିବା ପରେ ମେଡିସିନ ମଧ୍ୟ ଦିଆଯାଇଛି। ମୃତ୍ୟୁ ଆମ ହାତରେ ନାହିଁ। ଆମେ ଚିକିତ୍ସା କରିଛୁ ଏବଂ ପୂରା ଚେଷ୍ଟା କରିଛୁ ବୋଲି ଶିଶୁରୋଗ ବିଭାଗ ମୁଖ୍ୟ ସଫେଇ ଦେଇଛନ୍ତି।

## ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା

ଶିଶୁପୁତ୍ର ଆୟୁଷ୍ମାନ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ଷ୍ଟ୍ରେଚରରେ ରୋଗୀ, ଖୋଲିଲାନି କାଜୁଆଲ୍‌ଟି ଡୋର୍




ଶିଶୁପୁତ୍ରର ମୃତ୍ୟୁକୁ ନେଇ ହସ୍ପିଟାଲ ଭିତରେ ପ୍ରବଳ ଉତ୍ତେଜନା ଦେଖାଦେବାରୁ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ କାଜୁଆଲିଟିର କବାଟକୁ ଭିତରପଟୁ ବନ୍ଦକରି ଦିଆଯାଇଥିଲା। ବାହାରେ ପୋଲିସ୍ ପହରା ଦେଉଥିବାବେଳେ ଭିତରେ ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ ଷ୍ଟାଫ୍‌ଙ୍କ ସହିତ ରୋଗୀମାନେ ରହିଥିଲେ। ଏହି ସମୟରେ ହସ୍ପିଟାଲକୁ ଆସୁଥିବା ନୂଆ ରୋଗୀମାନେ କାଜୁଆଲିଟି ବାହାରେ ସେମିତି ଅପେକ୍ଷା କରି ରହିଥିଲେ। କିଏ ଷ୍ଟ୍ରେଚରରେ ଶୋଇ ରହିଥିଲେ ତ ଆଉ କିଏ କବାଟ ଖୋଲିବା ପାଇଁ ନେହୁରା ହେଉଥିଲେ। କବାଟ ବାଡେଇବା ସହିତ ପାଟିତୁଣ୍ଡ କରିବା ପରେ କାଜୁଆଲିଟି ଡୋର୍‌କୁ ଖୋଲାଯାଇଥିଲା।



## ସିକ୍ୟୁରିଟି ଗାର୍ଡଙ୍କ ମୁଣ୍ଡ ଫାଟିଲା

ଅନ୍‌ଲାଇନ୍ ଅଟୋ ଚାଳକ ମହାସଂଘ କର୍ମକର୍ତ୍ତାମାନେ ହସ୍ପିଟାଲ ମଧ୍ୟକୁ ଧସେଇ ପଶିବା ସହିତ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ସିକ୍ୟୁରିଟି ଗାର୍ଡ ସୁବ୍ରତ କୁମାର ବିଶ୍ୱାଳଙ୍କୁ ସେମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୁବ୍ରତଙ୍କ କହିବା ଅନୁଯାୟୀ, ହସ୍ପିଟାଲର ଇ ଆଣ୍ଡ୍ ଟି ବିଭାଗ ସମ୍ମୁଖ ଦେଇ ଆସୁଥିବାବେଳେ ଉତ୍ତ୍ୟକ୍ତ ଲୋକଙ୍କ ରୋଷର ଶିକାର ହୋଇଥିଲେ। ତାଙ୍କ ଦେହରେ ସିକ୍ୟୁରିଟି ଗାର୍ଡର ଡ୍ରେସ୍ ଦେଖି ହଠାତ୍ ୧୫ରୁ ୨୦ଜଣ ବ୍ୟକ୍ତି ତାଙ୍କ ଉପରକୁ ଆକ୍ରମଣ କରିବା ସହିତ କୌଣସି ଧାରୁଆ ଅସ୍ତ୍ରରେ ମୁଣ୍ଡକୁ ଆଘାତ ଦେଇଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଯିବା ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ତାଙ୍କର ଚିକିତ୍ସା କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ମେୟର

### ଉପରପଡ଼ିଆରେ ବାଲିଯାତ୍ରା କରା ନ ଯିବା ନିଷ୍ପତ୍ତିର ପୁନର୍ବିଚାର ହେଉ

କଟକ,୨୨।୯(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହାସିକ ବାଲିଯାତ୍ରା କଟକ ଚଳିତବର୍ଷ ଉପର ପଡ଼ିଆରେ ଆୟୋଜନ କରା ନ ଯିବା ନିଷ୍ପତ୍ତିର ପୁନର୍ବିଚାର ହେଉ ବୋଲି ମେୟର ସୁବାସ ସିଂ ଦାବି କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି।

ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ସିଂ ସୂଚନା ଦେଇ କହିଛନ୍ତି, ବାଲିଯାତ୍ରା କଟକର ଗର୍ବ ଓ ଗୌରବ। ହଜାର ହଜାର ବର୍ଷ ଧରି ଏହା କଟକରେ କରାଯାଇଆସୁଛି। ବାଲିଯାତ୍ରାର ପରିଚୟ ପ୍ରଥମରୁ ଉପରପଡ଼ିଆରେ ଥିଲା। ପରେ ୧୯୯୮ ମସିହାରେ ତଳପଡ଼ିଆରେ କରାଗଲା। ୨୦୨୨ରେ ଏହାକୁ ଜାତୀୟସ୍ତରରେ ପହଞ୍ଚାଇବାକୁ ଉଦ୍ୟମ କରାଯାଇଥିଲା। ୧୦୧ ଏକର ଜାଗାରେ ବାଲିଯାତ୍ରା କରାଯାଇଥିଲା। ଗିନିଜ୍ ୱାଲର୍ଡ ବୁକ୍‌ରେ ନାମ ଆସିବାକୁ ମଧ୍ୟ ଉଦ୍ୟମ କରାଯାଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ଏକଦା ବାଲି ଗସ୍ତ ସମୟରେ ମଧ୍ୟ ଏହାର ପ୍ରଶଂସା କରିଥିଲେ। ହେଲେ ଏବେ ବାଲିଯାତ୍ରା ଉପର ପଡ଼ିଆରେ ଆୟୋଜନ ନ ହେବା ନିଷ୍ପତ୍ତି କଟକ ବାସିନ୍ଦାଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି।ଉପରପଡ଼ିଆ ପାର୍କିଂ ପାଇଁ ଯୋଗ୍ୟ ନୁହେଁ। ପ୍ରଶାସନ ଏହି ଉପରପଡ଼ିଆକୁ ପାର୍କିଂ ପାଇଁ ବ୍ୟବହାର କରିବା ଘୋଷଣା ନିନ୍ଦନୀୟ। ମୁଖ୍ୟମନ୍ତ୍ରୀ ଏ ଦିଗରେ ପୁନର୍ବିଚାର କରନ୍ତୁ ଓ ନିଷ୍ପତ୍ତି ବଦଳାନ୍ତୁ। ଯଦି ଏହା ନ ହୁଏ ତେବେ ସମସ୍ତ ସ୍ତରକୁ ଯିବାକୁ ପ୍ରସ୍ତୁତ ରହିଛୁ ବୋଲି ସିଂ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବଦତ୍ତ



@ ମାମୁନି



@ ପ୍ରିୟଙ୍କା



@ ରଞ୍ଜିତା



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଛକୁ ପଛ ଲଘୁଚାପ, ଫିକା ପଡ଼ିବ ଦଶହରା

ଭୁବନେଶ୍ୱର, ୨୨।୯ (ବନ୍ଦନା ସେଠୀ)

ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଥିବାବେଳେ ପଛକୁ ପଛ ୩ ଲଘୁଚାପ ଚିନ୍ତା ବଢ଼ାଇଛି। ଆସନ୍ତା ୭ଦିନ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଦଶହରା ଫିକା ପଡ଼ିବ ବୋଲି କୁହାଯାଉଛି। ଇତିମଧ୍ୟରେ ସୋମବାର ସକାଳୁ ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ସକ୍ରିୟ ହେବା ସହ ପ୍ରବଳ ବର୍ଷା କରାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୨୪ ଘଣ୍ଟାରେ ବହୁ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ପୁରୀ ଗୋପରେ ସର୍ବାଧିକ ୮୫ ମି.ମି ବର୍ଷା ରେକର୍ଡ କରାଯାଇଛି। ତେବେ ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ୨୬ ତାରିଖ ବେଳକୁ ଏହା ଅବପାତରେ ପରିଣତ ହେବ। ୨୭ ତାରିଖ ବେଳକୁ ଅବପାତ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବ। ତେବେ ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କ କରାଯାଇଛି। ବିଶେଷକରି ଦକ୍ଷିଣ, ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିବ। ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାକୁ ମଙ୍ଗଳବାର ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଥିବାବେଳେ

## ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡା, ଅନୁଗୋଳ, ବୌଦ୍ଧ, ସୋନପୁର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଓ ବାକି ସମସ୍ତ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନ ନେଇ ସତର୍କତା ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରରେ ଥିବା ମତ୍ସ୍ୟଜୀବୀଙ୍କୁ କୂଳକୁ ଫେରିବାକୁ ପରାମର୍ଶ ଦିଆଯିବା ସହ ୨୬ ତାରିଖ ଯାଏ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କାରାଯାଇଛି। ଅକ୍ଟୋବର ୧ରେ ଆଉଏକ ଲଘୁଚାପ ସୃଷ୍ଟି ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

# ଆଜି ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହେବ ଅଳଙ୍କାର

- ୧୧ ଜଣିଆ କମିଟି ଗଠିତ
- ପୂର୍ବାହ୍ନ ୧୦ଟାରୁ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ବନ୍ଦ
- ମହାପ୍ରସାଦ ପାଇଁ ଉତ୍ତର ଦ୍ୱାର ଦେଇ ଆନନ୍ଦ ବଜାରକୁ ଯିବେ ଭକ୍ତ

ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି)



ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଅଧିକାରୀ ଏବଂ ସଦସ୍ୟମାନେ।

ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଓ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀବିଗ୍ରହମାନଙ୍କ ଅଳଙ୍କାର ତଥା ମୂଲ୍ୟବାନ୍ ସାମଗ୍ରୀ ୨୩ ତାରିଖ ମଙ୍ଗଳବାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏହି ସମୟରେ ଅର୍ଥାତ୍ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ଭକ୍ତମାନେ ମହାପ୍ରସାଦ ପାଇଁ ଉତ୍ତରଦ୍ୱାର ଦେଇ ଆନନ୍ଦବଜାରକୁ ଯାଇପାରିବେ। ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ସହ ଦର୍ଶନ ସ୍ୱାଭାବିକ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୋମବାର ସୂଚନା ଦିଆଯିବା ସହ ଭକ୍ତମାନେ ଏ ନେଇ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ରତ୍ନଅଳଙ୍କାର ସ୍ଥାନାନ୍ତର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏହାକୁ ଅନୁପାଳନ କରିବା ପାଇଁ ସୋମବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ (ଖଟଶେଯ ଓ ଚାଙ୍ଗଡ଼ା ଘର) ରତ୍ନଅଳଙ୍କାରଗୁଡ଼ିକ ସୁରକ୍ଷିତ ଭାବେ ସ୍ଥାନାନ୍ତର ପାଇଁ ପ୍ରାଧିକୃତ ୧୧ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍‌କମିଟି ସଦସ୍ୟ ଗଣେଶ ଦାସ ମହାପାତ୍ର, ଦେଉଳକରଣ, ତଢଉକରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ସୁଦର୍ଶନ ପଟ୍ଟନାୟକ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ରହିଛନ୍ତି। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସାମିଲ ହେବେ। ମାର୍ଗଦର୍ଶିକା ଆଧାରରେ ପୂର୍ବାହ୍ନ ୧୦ଟାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିବା ସହ ଅମୃତ ବେଳା ଅନୁସାରେ ସକାଳ ୭ଟା ୧୭ରୁ ପୂର୍ବାହ୍ନ ୧୧ଟା ୧୭ ମଧ୍ୟରେ କମିଟିର ସଦସ୍ୟମାନେ ଶ୍ରୀମନ୍ଦିର ଭିତରକୁ ଯାଇ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିବେ।

ବୈଠକ ପରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପରୋକ୍ତ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ସହ ନାଟମଣ୍ଡପ ଓ ଜଗମୋହନକୁ ଶୋଧ କରାଯିବ। ଶ୍ରୀମନ୍ଦିର, ମୁଖ୍ୟ ଦେଉଳ, ଭିତରବେଢ଼ା, ଝୁଲଣମଣ୍ଡପକୁ ଭକ୍ତଙ୍କୁ ବାରଣ ରହିବ। ମହାପ୍ରସାଦ ପାଇଁ ଭକ୍ତମାନେ ଉତ୍ତର ଦ୍ୱାର ଦେଇ ଆନନ୍ଦ ବଜାର ଯିବେ। ସ୍ଥାନାନ୍ତର ପରେ ଦର୍ଶନ ବ୍ୟବସ୍ଥା ସ୍ୱାଭାବିକ କରାଯିବ। ସେବାୟତଙ୍କ ପାଇଁ କୌଣସି କଟକଣା ନାହିଁ। ଯେଉଁ ସେବାୟତଙ୍କ ପାଳି ଜଗମୋହନ, ନାଟମଣ୍ଡପ, ଗର୍ଭଗୃହ ନିକଟରେ ରହିଥିବ, ସେମାନେ ଭିତରକୁ ଯାଇପାରିବେ। ମହାପ୍ରଭୁଙ୍କ ନୀତି ଅବ୍ୟାହତ ରହିବ ବୋଲି ସେ କହିଛନ୍ତି। ସେହିପରି ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କୁ ଭିତରବେଢ଼ା କିମ୍ବା ପାର୍ଶ୍ୱଦେବଦେବୀ ମନ୍ଦିରକୁ ଛଡ଼ାଯିବ ନାହିଁ। ଭିତରକୁ ଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସେବାୟତ, ଅଧିକୃତ ଅଧିକାରୀ, ଭଣ୍ଡାର ମେକାପ, ସମସ୍ତଙ୍କ ପାଇଁ ଦୁଇ ପ୍ରକାର ପ୍ରବେଶ ପାସ୍ କରାଯାଇଛି। ପାଳିଆ ସେବାୟତଙ୍କ ପାଇଁ ଗୋଟିଏ ପ୍ରକାର ପାସ୍ ରହିଛି। ଯେଉଁମାନେ ସ୍ଥାନାନ୍ତର ପ୍ରକ୍ରିୟାରେ ସାମିଲ ହେବେ, ସେମାନଙ୍କ ପାଇଁ ଅନ୍ୟ ପ୍ରକାର ପାସ୍ କରାଯାଇଛି। ପୋଲିସ ସହ ପ୍ରତିହାରୀ, ଜେଟିପି, ପ୍ରଶାସନିକ ଅଧିକାରୀ ରହି ଚେକିଂ କରିବେ। ସ୍ଥାନାନ୍ତର ସମୟରେ ସାତପାହାଚ ଓ ବେହରଣ ଦ୍ୱାରକୁ ଛାଡ଼ି ସମସ୍ତ ଦ୍ୱାର ବନ୍ଦ କରିଦିଆଯିବ। ଚାରିଦ୍ୱାରରେ ଅଫିସର ଓ ପୋଲିସ ଫୋର୍ସ୍ ମୁତୟନ ରହିବେ। ଏସ୍‌ପିଙ୍କ ସହ ୨ଜଣ ଡିସି ବା ଅତିରିକ୍ତ ଏସ୍‌ପି ର୍‍ୟାଙ୍କ ଅଫିସର, ୩ଜଣ ଏସି ବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଫିସର, ୭ ଇନ୍ସପେକ୍ଟର, ୯ ସବ୍‌ଇନ୍ସପେକ୍ଟର୍, ଏସ୍‌ଆଇ, ୧୩ ସେକ୍‌ସନ ବା ସାଢ଼େ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ।



# ଦୁର୍ଗାପୂଜା, ଦୀପାବଳି ଓ ଛଟ୍ ପୂଜା - ୨୦୨୫
## ଉପଲକ୍ଷେ
# ଭାରତୀୟ ରେଳର ପଦକ୍ଷେପ



## ତା୨୧.୦୯.୨୦୨୫ ରୁ ୩୦.୧୧.୨୦୨୫ରିଖ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଚଳାଚଳ

| ଟ୍ରେନ୍ ନଂ. | ଷ୍ଟେଶନ | | ତାରିଖ | | ବାରମ୍ବାରତା | ଚଳାଚଳ ଦିବସ |
|---|---|---|---|---|---|---|
| | ଠାରୁ | ପର୍ଯ୍ୟନ୍ତ | ଠାରୁ | ପର୍ଯ୍ୟନ୍ତ | | |
| ୦୮୪୩୯ | ପୁରୀ | ପାଟନା ଜଂ. | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୪୪୦ | ପାଟନା ଜଂ. | ପୁରୀ | ୧୪.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୨୮୧୧ | ଭୁବନେଶ୍ୱର | ଯଶବନ୍ତପୁର ଜଂ. | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୨୮୧୨ | ଯଶବନ୍ତପୁର ଜଂ. | ଭୁବନେଶ୍ୱର | ୧୫.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୮୫୮୧ | ବିଶାଖାପାଟଣା | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୧୪.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୮୫୮୨ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ବିଶାଖାପାଟଣା | ୧୫.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୮୫୪୭ | ବିଶାଖାପାଟଣା | ତିରୁପତି | ୧୨.୦୯.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୮୫୪୮ | ତିରୁପତି | ବିଶାଖାପାଟଣା | ୧୩.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୮୫୭୯ | ବିଶାଖାପାଟଣା | ଚାର୍ଲାପଲ୍ଲୀ | ୧୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୮୫୮୦ | ଚାର୍ଲାପଲ୍ଲୀ | ବିଶାଖାପାଟଣା | ୧୩.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୨୩୦ | ପାଟନା ଜଂ. | ପୁରୀ | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୩୨୨୯ | ପୁରୀ | ପାଟନା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୨୦୮ | ବକ୍ସର | କିୟୁଲ | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୦୭ | କିୟୁଲ | ବକ୍ସର | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୦୯ | ଝାଝା | ଦାନାପୁର | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୦ | ଦାନାପୁର | ଝାଝା | ୨୧.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୫୨୯୭ | ପାଟଳିପୁତ୍ର | ବାଲିଆ | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୫୨୯୮ | ବାଲିଆ | ପାଟଳିପୁତ୍ର | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୫ | ପାଟନା ଜଂ. | ଥାୱେ ଜଂ. | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୨୧୬ | ଥାୱେ ଜଂ. | ପାଟନା ଜଂ. | ୦୧.୧୦.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୩୬୭୭ | ଧାନବାଦ ଜଂ. | ଗୋରଖପୁର ଜଂ. | ୨୧.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୩୬୭୮ | ଗୋରଖପୁର ଜଂ. | ଧାନବାଦ ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୩୦୪୩ | ହାଓଡା ଜଂ. | ରକ୍ସୌଲ ଜଂ. | ୨୭.୦୯.୨୫ | ୧୫.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୦୪୪ | ରକ୍ସୌଲ ଜଂ. | ହାଓଡା ଜଂ. | ୨୮.୦୯.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୫୧୧ | ଆସାନସୋଲ ଜଂ. | ପାଟନା ଜଂ. | ୧୯.୧୦.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୩୫୧୨ | ପାଟନା ଜଂ. | ଆସାନସୋଲ ଜଂ. | ୧୯.୧୦.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୩୧୩୧ | ସିଆଲଦା | ଗୋରଖପୁର ଜଂ. | ୩୦.୦୯.୨୫ | ୧୮.୧୧.୨୫ | ଦ୍ୱି-ସାପ୍ତାହିକ | ମଙ୍ଗଳ, ଗୁରୁ |
| ୦୩୧୩୨ | ଗୋରଖପୁର ଜଂ. | ସିଆଲଦା | ୦୧.୧୦.୨୫ | ୧୯.୧୧.୨୫ | ଦ୍ୱି-ସାପ୍ତାହିକ | ବୁଧ, ଶୁକ୍ର |
| ୦୩୫୨୭ | ଆସାନସୋଲ ଜଂ. | ଗୋରଖପୁର ଜଂ. | ୨୬.୦୯.୨୫ | ୦୭.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୫୨୮ | ଗୋରଖପୁର ଜଂ. | ଆସାନସୋଲ ଜଂ. | ୨୭.୦୯.୨୫ | ୦୮.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୦୦୭ | ହାଓଡା ଜଂ. | ଖଟିପୁରା | ୨୮.୦୯.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୩୦୦୮ | ଖଟିପୁରା | ହାଓଡା ଜଂ. | ୩୦.୦୯.୨୫ | ୦୪.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୦୯ | କୋଲକାତା ଟର୍ମିନାଲ | ଭଦୋଦରା ଜଂ. | ୩୦.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୧୦ | ଭଦୋଦରା ଜଂ. | କୋଲକାତା ଟର୍ମିନାଲ | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୩୪୧୭ | ମାଲଦା ଟାଉନ୍ | ଉଧ୍ନା ଜଂ. | ୨୭.୦୯.୨୫ | ୦୮.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୪୧୮ | ଉଧ୍ନା ଜଂ. | ମାଲଦା ଟାଉନ୍ | ୨୯.୦୯.୨୫ | ୧୦.୧୧.୨୫ | ସାପ୍ତାହିକ | ସୋମବାର |
| ୦୩୧୮୭ | କୋଲକାତା ଟର୍ମିନାଲ | ମଧୁବନି | ୩୦.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୧୮୮ | ମଧୁବନି | କୋଲକାତା ଟର୍ମିନାଲ | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୩୪୬୫ | ମାଲଦା ଟାଉନ୍ | ଦିଘା | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୪୬୬ | ଦିଘା | ମାଲଦା ଟାଉନ୍ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୧୦୧ | ସିଆଲଦା | ମାଳତିପାଟପୁର | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୩୧୦୨ | ମାଳତିପାଟପୁର | ସିଆଲଦା | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୩୧୩୫ | ସିଆଲଦା | ପାଟନା ଜଂ. | ୦୫.୧୦.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୧୩୬ | ପାଟନା ଜଂ. | ସିଆଲଦା | ୦୫.୧୦.୨୫ | ୧୬.୧୧.୨୫ | ସାପ୍ତାହିକ | ରବିବାର |
| ୦୩୪୩୦ | ମାଲଦା ଟାଉନ୍ | ଚାର୍ଲାପଲ୍ଲୀ | ୩୦.୦୯.୨୫ | ୧୧.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୩୪୨୯ | ଚାର୍ଲାପାଲ୍ଲୀ | ମାଲଦା ଟାଉନ୍ | ୦୨.୧୦.୨୫ | ୧୩.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୪୧୩୧ | କାନପୁର ସେଣ୍ଟ୍ରାଲ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୨୧.୦୯.୨୫ | ୦୯.୧୧.୨୫ | ସାପ୍ତାହିକ | ରବିବାର |
| ୦୪୧୩୨ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | କାନପୁର ସେଣ୍ଟ୍ରାଲ | ୨୪.୦୯.୨୫ | ୧୨.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୦୧୯ | ଜୟପୁର ଜଂ. | ହାଇଦ୍ରାବାଦ | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୨୦ | ହାଇଦ୍ରାବାଦ | ଜୟପୁର ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୨୯ | ଅଗରତାଲା | ଚାର୍ଲାପଲ୍ଲୀ | ୨୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୩୦ | ଚାର୍ଲାପଲ୍ଲୀ | ଅଗରତାଲା | ୨୬.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୦୫୩ | କାଚେଗୁଡା | ବିକାନେର ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୫୪ | ବିକାନେର ଜଂ. | କାଚେଗୁଡ଼ା | ୨୩.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୭୦୭୫ | ହାଇଦ୍ରାବାଦ | ଗୋରଖପୁର ଜଂ. | ୨୨.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୭୬ | ଗୋରଖପୁର ଜଂ. | ହାଇଦ୍ରାବାଦ | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୧୯୧ | କାଚେଗୁଡା | ମଦୁରାଇ ଜଂ. | ୨୨.୦୯.୨୫ | ୨୦.୧୦.୨୫ | ସାପ୍ତାହିକ | ସୋମବାର |
| ୦୭୧୯୨ | ମଦୁରାଇ ଜଂ. | କାଚେଗୁଡ଼ା | ୨୪.୦୯.୨୫ | ୨୨.୧୦.୨୫ | ସାପ୍ତାହିକ | ବୁଧବାର |
| ୦୭୧୯୩ | ହାଇଦ୍ରାବାଦ | କୋଲ୍ଲମ ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୧୯୪ | କୋଲ୍ଲମ ଜଂ. | ହାଇଦ୍ରାବାଦ | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୨୩୦ | ହାଇଦ୍ରାବାଦ | କନ୍ୟାକୁମାରୀ | ୨୪.୦୯.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୨୨୯ | କନ୍ୟାକୁମାରୀ | ହାଇଦ୍ରାବାଦ | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୬୫୧ | ଜାଲ୍ନା | ଛପରା | ୨୭.୦୮.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୬୫୨ | ଛପରା | ଜାଲ୍ନା | ୨୯.୦୮.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୧୫୩ | ନରସାପୁର | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୧୫୪ | ଏସ୍ଏମ୍ଭିଟି ବେଙ୍ଗାଲୁରୁ | ନରସାପୁର | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୦୫ | ଚାର୍ଲାପଲ୍ଲୀ | ରକ୍ସୌଲ ଜଂ. | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୦୦୬ | ରକ୍ସୌଲ ଜଂ. | ଚାର୍ଲାପଲ୍ଲୀ | ୦୯.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୭୭୧୭ | ତିରୁପତି | ହିସାର | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୭୭୧୮ | ହିସାର | ତିରୁପତି | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୧୭ | ଚାର୍ଲାପଲ୍ଲୀ | ତିରୁପତି | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୧୮ | ତିରୁପତି | ଚାର୍ଲାପଲ୍ଲୀ | ୨୯.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୧୩୧ | ତିରୁପତି | ନରସାପୁର | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୧୩୨ | ନରସାପୁର | ତିରୁପତି | ୨୯.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୭୨୩୩ | ଚାର୍ଲାପଲ୍ଲୀ | ନରସାପୁର | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୨୩୪ | ନରସାପୁର | ଚାର୍ଲାପଲ୍ଲୀ | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |

| ଟ୍ରେନ୍ ନଂ. | ଷ୍ଟେଶନ | | ତାରିଖ | | ବାରମ୍ବାରତା | ଚଳାଚଳ ଦିବସ |
|---|---|---|---|---|---|---|
| | ଠାରୁ | ପର୍ଯ୍ୟନ୍ତ | ଠାରୁ | ପର୍ଯ୍ୟନ୍ତ | | |
| ୦୭୪୪୫ | କାକିନାଡା ଟାଉନ୍ | ଲିଙ୍ଗମପଲ୍ଲୀ | ୨୨.୦୯.୨୫ | ୨୪.୧୧.୨୫ | ତ୍ରି-ସାପ୍ତାହିକ | ସୋମ, ବୁଧ, ଶୁକ୍ର |
| ୦୭୪୪୬ | ଲିଙ୍ଗାମପଲ୍ଲୀ | କାକିନାଡା ଟାଉନ୍ | ୨୭.୦୯.୨୫ | ୨୯.୧୧.୨୫ | ତ୍ରି-ସାପ୍ତାହିକ | ମଙ୍ଗଳ, ଗୁରୁ, ଶନି |
| ୦୭୪୪୭ | କାକିନାଡା ଟାଉନ୍ | ଚାର୍ଲାପଲ୍ଲୀ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୪୪୮ | ଚାର୍ଲାପଲ୍ଲୀ | କାକିନାଡା ଟାଉନ୍ | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୬୦୫ | ତିରୁପତି | ଆକୋଲା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୬୦୬ | ଅକୋଲା ଜଂ. | ତିରୁପତି | ୨୮.୦୯.୨୫ | ୨୩.୧୧.୨୫ | ସାପ୍ତାହିକ | ରବିବାର |
| ୦୭୬୦୯ | ଜାଲ୍ନା | ତିରୁପତି | ୨୩.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୭୬୧୦ | ତିରୁପତି | ଜାଲ୍ନା | ୨୪.୦୯.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୭୫୨୧ | କୁଡାପ୍ପା | ଗୁଣ୍ଟାକାଲ ଜଂ. | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୫୨୨ | ଗୁଣ୍ଟାକାଲ ଜଂ. | କୁଡାପ୍ପା | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୦୫୭ | ପୂର୍ଣ୍ଣା ଜଂ. | ଜାଲ୍ନା | ୨୮.୦୯.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୭୦୫୮ | ଜାଲ୍ନା | ପୂର୍ଣ୍ଣା ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୭୨୮୧ | ପୂର୍ଣ୍ଣା ଜଂ. | ଜାଲ୍ନା | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୨୮୨ | ଜାଲ୍ନା | ନାନ୍ଦେଡ଼ | ୨୨.୦୯.୨୫ | ୩୦.୧୧.୨୫ | ଦୈନିକ | ଦୈନିକ |
| ୦୭୦୧୨ | ତିରୁପତି | ଚାର୍ଲାପଲ୍ଲୀ | | ୨୭.୦୯.୨୫ | ସାପ୍ତାହିକ | ଶୁକ୍ରବାର |
| ୦୭୦୧୧ | ଚାର୍ଲାପଲ୍ଲୀ | ତିରୁପତି | | ୨୬.୦୯.୨୫ | ସାପ୍ତାହିକ | ଶନିବାର |
| ୦୭୦୫୫ | କାଚେଗୁଡ଼ା | ନାଗରସୋଲ | | ୨୫.୦୯.୨୫ | ଏକ ଟ୍ରିପ୍ | ଗୁରୁବାର |
| ୦୭୦୫୬ | ନାଗରସୋଲ | କାଚେଗୁଡ଼ା | | ୨୬.୦୯.୨୫ | ଏକ ଟ୍ରିପ୍ | ଶୁକ୍ରବାର |
| ୦୭୦୪୬ | ଚାର୍ଲାପଲ୍ଲୀ | ନହରଲାଗୁନ | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୭୦୪୭ | ନହରଲାଗୁନ | ଚାର୍ଲାପଲ୍ଲୀ | ୨୩.୦୯.୨୫ | ୦୨.୧୨.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୮୬୧୧ | ସାନ୍ତ୍ରାଗାଛି ଜଂ. | ଆଜମେର ଜଂ. | ୨୨.୦୯.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୮୬୧୨ | ଆଜମେର ଜଂ. | ସାନ୍ତ୍ରାଗାଛି ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୨୮୬୩ | ସାନ୍ତ୍ରାଗାଛି ଜଂ. | ଯଶବନ୍ତପୁର ଜଂ. | ୨୫.୦୯.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୨୮୬୪ | ଯଶବନ୍ତପୁର ଜଂ. | ସାନ୍ତ୍ରାଗାଛି ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୮୪୫ | ସାନ୍ତ୍ରାଗାଛି ଜଂ. | ସିକନ୍ଦରାବାଦ ଜଂ. | ୧୯.୦୯.୨୫ | ୦୩.୧୦.୨୫ | ସାପ୍ତାହିକ | ଶୁକ୍ରବାର |
| ୦୮୮୪୬ | ସିକନ୍ଦରାବାଦ ଜଂ. | ସାନ୍ତ୍ରାଗାଛି ଜଂ. | ୨୦.୦୯.୨୫ | ୦୪.୧୦.୨୫ | ସାପ୍ତାହିକ | ଶନିବାର |
| ୦୮୧୦୯ | ସାନ୍ତ୍ରାଗାଛି ଜଂ. | ପାଟନା ଜଂ. | ୧୮.୧୦.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୧୧୦ | ପାଟନା ଜଂ. | ସାନ୍ତ୍ରାଗାଛି ଜଂ. | ୧୯.୧୦.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୮୬୨୯ | ରାଞ୍ଚି | ଗୋରଖପୁର ଜଂ. | ୧୮.୧୦.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୮୬୩୦ | ଗୋରଖପୁର ଜଂ. | ରାଞ୍ଚି | ୧୯.୧୦.୨୫ | ୦୨.୧୧.୨୫ | ସାପ୍ତାହିକ | ରବିବାର |
| ୦୮୮୬୫ | ନେତାଜୀ ଏସ୍.ସି. ବୋଷ ଇଟ୍ୱାରୀ ଜଂ. | ଶାଲିମାର | ୨୭.୦୯.୨୫ | ୦୧.୧୦.୨୫ | ଦୈନିକ | ଶନି, ରବି, ସୋମ, ମଙ୍ଗଳ, ବୁଧ |
| ୦୮୮୬୬ | ଶାଲିମାର | ନେତାଜୀ ଏସ୍.ସି. ବୋଷ ଇଟ୍ୱାରୀ ଜଂ. | ୨୮.୦୯.୨୫ | ୦୨.୧୦.୨୫ | ଦୈନିକ | ଶନି, ରବି, ସୋମ, ମଙ୍ଗଳ, ବୁଧ |
| ୦୬୦୮୫ | ଏର୍ଣ୍ଣାକୁଲମ୍ ଜଂ. | ପାଟନା ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୬୦୮୬ | ପାଟନା ଜଂ. | ଏର୍ଣ୍ଣାକୁଲମ୍ ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୬୦୫୫ | ପୋଦାନୁର ଜଂ. | ବାରାଉନି ଜଂ. | ୨୭.୦୯.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୬୦୫୬ | ବାରାଉନି ଜଂ. | ପୋଦାନୁର ଜଂ. | ୦୯.୦୯.୨୫ | ୦୨.୧୨.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୬୦୬୩ | କୋଏମ୍ବାଟୁର ଜଂ. | ଧାନବାଦ ଜଂ. | ୨୬.୦୯.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୬୦୬୪ | ଧାନବାଦ ଜଂ. | କୋଏମ୍ବାଟୁର ଜଂ. | ୨୨.୦୯.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୧୬୬୭ | ରାଣୀ କମଳାପତି | ଦାନାପୁର | ୨୭.୦୯.୨୫ | ୦୧.୧୧.୨୫ | ଦ୍ୱି-ସାପ୍ତାହିକ | ଶନି, ମଙ୍ଗଳ |
| ୦୧୬୬୮ | ଦାନାପୁର | ରାଣୀ କମଳାପତି | ୨୮.୦୯.୨୫ | ୦୨.୧୧.୨୫ | ଦ୍ୱି-ସାପ୍ତାହିକ | ରବି, ବୁଧ |
| ୦୧୭୦୧ | ଜବଲପୁର | ଦାନାପୁର | ୨୬.୦୯.୨୫ | ୦୫.୧୧.୨୫ | ଦ୍ୱି-ସାପ୍ତାହିକ | ବୁଧ, ଶୁକ୍ର |
| ୦୧୭୦୨ | ଦାନାପୁର | ଜବଲପୁର | ୨୭.୦୯.୨୫ | ୦୬.୧୧.୨୫ | ଦ୍ୱି-ସାପ୍ତାହିକ | ଗୁରୁ, ଶନି |
| ୦୯୮୨୧ | ସୋଗାରିୟା | ଦାନାପୁର | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୮୨୨ | ଦାନାପୁର | ସୋଗାରିୟା | ୨୯.୦୯.୨୫ | ୦୩.୧୧.୨୫ | ସାପ୍ତାହିକ | ରବିବାର |
| ୦୨୧୯୨ | ରେୱା | ରାଣୀ କମଳାପତି | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୨୧୯୧ | ରାଣୀ କମଳାପତି | ରେୱା | ୨୭.୦୯.୨୫ | ୦୧.୧୧.୨୫ | ସାପ୍ତାହିକ | ଶନିବାର |
| ୦୧୭୦୪ | ରେୱା | ଡା. ଆମ୍ବେଦକର ନଗର | ୨୭.୦୯.୨୫ | ୨୫.୧୦.୨୫ | ସାପ୍ତାହିକ | ଶନିବାର |
| ୦୧୭୦୩ | ଡା. ଆମ୍ବେଦକର ନଗର | ରେୱା | ୨୮.୦୯.୨୫ | ୨୬.୧୦.୨୫ | ସାପ୍ତାହିକ | ରବିବାର |
| ୦୯୦୫୯ | ଉଧ୍ନା ଜଂ. | ଖୋର୍ଦ୍ଧା ରୋଡ୍ ଜଂ. | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୯୦୬୦ | ଖୋର୍ଦ୍ଧା ରୋଡ୍ ଜଂ. | ଉଧ୍ନା ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୨୫ | ଭଲସାଡ଼ | ଦାନାପୁର | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୯୦୨୬ | ଦାନାପୁର | ଭଲସାଡ଼ | ୦୭.୧୦.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୯୦୪୫ | ଉଧ୍ନା ଜଂ. | ପାଟନା ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୪୬ | ପାଟନା ଜଂ. | ଉଧ୍ନା ଜଂ. | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୦୦୭ | ଭଲସାଡ଼ | ଖଟିପୁରା | ୦୨.୧୦.୨୫ | ୩୦.୧୦.୨୫ | ସାପ୍ତାହିକ | ଗୁରୁବାର |
| ୦୯୦୦୮ | ଖଟିପୁରା | ଭଲସାଡ଼ | ୦୩.୧୦.୨୫ | ୩୧.୧୦.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୩୧ | ଉଧ୍ନା ଜଂ. | ଜୟନଗର | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୦୩୨ | ଜୟନଗର | ଉଧ୍ନା ଜଂ. | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୩୪୩ | ଡା. ଆମ୍ବେଦକର ନଗର | ପାଟନା ଜଂ. | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୯୩୪୪ | ପାଟନା ଜଂ. | ଡା. ଆମ୍ବେଦକର ନଗର | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୧୯୫ | ଭଦୋଦରା ଜଂ. | ମଉ | ୦୬.୧୦.୨୫ | ୨୪.୧୧.୨୫ | ସାପ୍ତାହିକ | ସୋମବାର |
| ୦୯୧୯୬ | ମଉ | ଭଦୋଦରା ଜଂ. | ୦୭.୧୦.୨୫ | ୨୫.୧୧.୨୫ | ସାପ୍ତାହିକ | ମଙ୍ଗଳବାର |
| ୦୯୦୪୩ | ବାନ୍ଦ୍ରା ଟର୍ମିନସ୍ | ବରହନୀ | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୦୪୪ | ବରହନୀ | ବାନ୍ଦ୍ରା ଟର୍ମିନସ୍ | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୧୧୭ | ଉଧ୍ନା ଜଂ. | ସୁବେଦାରଗଞ୍ଜ | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୧୧୮ | ସୁବେଦାରଗଞ୍ଜ | ଉଧ୍ନା ଜଂ. | ୦୪.୧୦.୨୫ | ୨୯.୧୧.୨୫ | ସାପ୍ତାହିକ | ଶନିବାର |
| ୦୯୦୭୫ | ମୁମ୍ବାଇ ସେଣ୍ଟ୍ରାଲ | କାଠଗୋଦାମ | ୦୧.୧୦.୨୫ | ୨୬.୧୧.୨୫ | ସାପ୍ତାହିକ | ବୁଧବାର |
| ୦୯୦୭୬ | କାଠଗୋଦାମ | ମୁମ୍ବାଇ ସେଣ୍ଟ୍ରାଲ | ୦୨.୧୦.୨୫ | ୨୭.୧୧.୨୫ | ସାପ୍ତାହିକ | ଗୁରୁବାର |
| ୦୯୧୮୫ | ମୁମ୍ବାଇ ସେଣ୍ଟ୍ରାଲ | କାନପୁର ଅନୱରଗଞ୍ଜ | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |
| ୦୯୧୮୬ | କାନପୁର ଅନୱରଗଞ୍ଜ | ମୁମ୍ବାଇ ସେଣ୍ଟ୍ରାଲ | ୦୬.୧୦.୨୫ | ୦୧.୧୨.୨୫ | ସାପ୍ତାହିକ | ସୋମବାର |
| ୦୯୦୩୯ | ଉଧ୍ନା ଜଂ. | ଧାନବାଦ ଜଂ. | ୦୩.୧୦.୨୫ | ୨୮.୧୧.୨୫ | ସାପ୍ତାହିକ | ଶୁକ୍ରବାର |
| ୦୯୦୪୦ | ଧାନବାଦ ଜଂ. | ଉଧ୍ନା ଜଂ. | ୦୫.୧୦.୨୫ | ୩୦.୧୧.୨୫ | ସାପ୍ତାହିକ | ରବିବାର |

**ଭାରତୀୟ ରେଳ**

www.indianrailways.gov.in

/RailMinIndia

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୩/୨୦୨୫ Bhubaneswar, Tuesday, September 23/ 2025

# ଏଚ୍ଆଇଏଲ୍‌ରୁ ୟୁପି ରୁଦ୍ରାସ ଓହରିଲା

ନୂଆଦିଲ୍ଲୀ,୨୨।୯(ପି.ଟି.): ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଫ୍ରାଞ୍ଚାଇଜ ୟୁପି ରୁଦ୍ରାସ ସୋମବାର ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛି। ଆର୍ଥିକ ସମସ୍ୟା ଯୋଗୁ ଲିଗ୍‌ରେ ଖେଳିବା ଜାରି ରଖିବା କଷ୍ଟକର ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।

ଲିଗ୍‌ରୁ ଓହରିବା ଆଦୌ ସହଜ ନିଷ୍ପତ୍ତି ନ ଥିଲା। ଭାରତୀୟ ହକି ଲାଗି ଏହି ଲିଗ୍ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ବୁଝୁଛୁ, ହେଲେ ଆର୍ଥିକ ସମସ୍ୟା ଯୋଗୁ ଲିଗ୍ ଖେଳିବା ଜାରି ରଖିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବର୍ତ୍ତମାନ ଆମର ଦାୟିତ୍ୱ ହେଉଛି, ଆମେ ସିଧାସଳଖ ସେଠାରେ ନିବେଶ କରିବୁ, ଯେଉଁଠାରେ ତାହାର ଦୀର୍ଘକାଳୀନ ପ୍ରଭାବ, ତୃଣମୂଳ ସ୍ତରରେ ଖେଳାଳିଙ୍କ ଉନ୍ନତି ହୋଇପାରିବ ବୋଲି ଟିମ୍ ଡାଇରେକ୍ଟର ସେଡ୍ରିକ୍ ଡି'ସୁଜା କହିଛନ୍ତି। ବର୍ତ୍ତମାନଠାରୁ ରୁଦ୍ରାସ ଭାରତରେ ହକିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସ୍କୁଲ ଓ ସମ୍ପ୍ରଦାୟ ସ୍ତରରେ ଖେଳାଳିଙ୍କୁ ବାଛିବା ଓ ପ୍ରଶିକ୍ଷଣ ପ୍ରଦାନ ଏବଂ ଉନ୍ନତିମୂଳକ ପ୍ଲାଟଫର୍ମ ଯୋଗାଇବା ଦିଗରେ କାର୍ଯ୍ୟ କରିବ। ଭାରତୀୟ ହକି ଦଳର ଉପ ଅଧିନାୟକ ତଥା ୟୁପି ରୁଦ୍ରାସର ଷ୍ଟାର ଖେଳାଳି ହାର୍ଦ୍ଦିକ ସିଂ କହିଛନ୍ତି, ଏଚ୍ଆଇଏଲ୍‌ରେ ରୁଦ୍ରାସ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ।

# ଭାରତୀୟ ଦଳରେ ଓଡ଼ିଶାର ୩

## ଜୋହର କପ୍ ହକି

ନୂଆଦିଲ୍ଲୀ, ୨୨।୯ (ପି.ଟି.)

ଅକ୍ଟୋବର ୧୧ରୁ ମାଲେସିଆରେ ହେବାକୁଥିବା ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଡିଫେଣ୍ଡର ରୋହିତଙ୍କ ନେତୃତ୍ୱାଧୀନ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅନମୋଲ ଏକ୍କା, ଅଦ୍ରୋହିତ ଏକ୍କା ଓ ରୋସନ କୁଜୁର। ଏହା ବ୍ୟତୀତ ଓଡ଼ିଶାର ଆଉ ୨ ଖେଳାଳି ବିବେକ ଲାକ୍ରା ଓ ରୋହିତ କୁଲୁ ଷ୍ଟାଣ୍ଡବାଇରେ ରହିଛନ୍ତି। ଗତଥର ବ୍ରୋଞ୍ଜ ଜିତିଥିବା ଭାରତ ଏଥର ଉନ୍ନତ ଖେଳ ପ୍ରଦର୍ଶନ କରିବା ଲାଗି ଲକ୍ଷ୍ୟ ରଖିଛି। ଅକ୍ଟୋବର ୧୮ରେ ଶେଷ ହେବାକୁଥିବା ଏହି ଟୁର୍ନାମେଣ୍ଟ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ହେବାକୁଥିବା ଜୁନିୟର ବିଶ୍ୱକପ୍ ଲାଗି ପ୍ରସ୍ତୁତି ସକାଶେ ଭାରତ ପାଇଁ ଏହା ଏକ ସୁଯୋଗ। ଅକ୍ଟୋବର ୧୧ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ପରେ ଦଳ ଅକ୍ଟୋବର ୧୨ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସେମାନେ ଅକ୍ଟୋବର ୧୪ରେ



ଜୋହର କପ୍ ହକି ପାଇଁ ମନୋନୀତ ଭାରତୀୟ ଦଳ।

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଏବଂ ପରେ ଅକ୍ଟୋବର ୧୫ରେ ଅଷ୍ଟ୍ରେଲିଆ ସହିତ ଖେଳିବ। ଅକ୍ଟୋବର ୧୭ରେ ମାଲେସିଆ ବିପକ୍ଷରେ ଖେଳି ଭାରତ ଏହାର ରାଉଣ୍ଡ-ରବିନ ଅଭିଯାନ ଶେଷ କରିବ। ରାଉଣ୍ଡ ରବିନ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ଅକ୍ଟୋବର ୧୮ରେ ଫାଇନାଲ ଖେଳିବେ। ଟୁର୍ନାମେଣ୍ଟ ଲାଗି ଭାରତର ପ୍ରସ୍ତୁତି ଖୁବ୍ ବଳ ରହିଛି ବୋଲି କୋଚ୍ ପି.ଆର. ଶ୍ରୀଜେଶ ପ୍ରକାଶ କରିଛନ୍ତି। **ଭାରତୀୟ ଦଳ- ଗୋଲ୍‌କିପର:** ବିକ୍ରମଜିତ୍ ସିଂ, ପ୍ରିନ୍ସଦୀପ ସିଂ। **ଡିଫେଣ୍ଡର:** ରୋହିତ (ଅଧିନାୟକ), ଟାଲେମ ପ୍ରିୟବ୍ରତ, ଅନ୍‌ମୋଲ ଏକ୍କା, ଅମିର ଅଲି, ପି. ବି. ସୁନିଲ, ରବନୀତ ସିଂ। **ମିଡ୍‌ଫିଲ୍ଡର:** ଅଙ୍କିତ ପାଲ, ଥୋନାଓଜାମ ଇଙ୍ଗାଲେମ୍ବା ଲୁୱାଙ୍ଗ, ଆଦ୍ରୋହିତ୍ ଏକ୍କା, ଅରାଇଜିତ୍ ସିଂ ହୁଣ୍ଡାଲ, ରୋସନ କୁଜୁର, ମନମିତ୍ ସିଂ। **ଫରୱାର୍ଡ:** ଅର୍ଶଦୀପ ସିଂ, ସୌରଭ ଆନନ୍ଦ କୁସ୍ୱାହା, ଅଜିତ ଯାଦ, ଗୁରଜୋତ ସିଂ। **ଷ୍ଟାଣ୍ଡବାଇ:** ବିବେକ ଲାକ୍ରା, ଶର୍ଦାନନ୍ଦ ତିୱାରୀ, ଥୋକ୍‌ଚୋମ୍ କିଙ୍ଗସନ ସିଂ, ରୋହିତ କୁଲୁ, ଦିଲ୍‌ରାଜ ସିଂ।

# ଭାଗନେବେ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍ଆର୍ ଅଲ୍‌ଓଡ଼ିଶା ଓପନ ଚେସ୍

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଫୁଲନଖରାସ୍ଥିତ କୁରାଙ୍ଗ ଶାସନ, ଆମ୍ରପଲ୍ଲୀ ରିସର୍ଟରେ ଭାଗ୍ୟଶ୍ରୀ ସ୍ମାରକୀ ପ୍ରଥମ ଏସ୍ଆର୍ ଅଲ୍ ଓଡ଼ିଶା ଓପନ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ପାଇଁ ସୋମବାର ସୁଦ୍ଧା ୯୦ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସହ ୨୫୦ ନାମ ପଞ୍ଜୀକରଣ କରି ସାରିଛନ୍ତି। ତେଣୁ ଟୁର୍ନାମେଣ୍ଟ ବେଳକୁ ଏହି ସଂଖ୍ୟା ୩୦୦ ଅତିକ୍ରମ କରିବା ଏକପ୍ରକାର ନିଶ୍ଚିତ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ଟପସିଡ ରହିଛନ୍ତି। ଓମ୍ ଆଦିତ୍ୟ ଖାଡେଙ୍ଗା, ଲକ୍ଷ୍ମୀକାନ୍ତ ସାହୁ, ଲଳିତ ରଞ୍ଜନ ସାହୁ, ଶ୍ରୀହନ୍ନ ସାବତ, କାର୍ଜି ମନୀନ୍ଦ୍ର, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା, ମନୀଷ ମିଶ୍ର ଓ ସାଇ ଶକ୍ତି ପଣ୍ଡା ପ୍ରମୁଖ ପ୍ରଥମ ୧୦ ସିଡ୍ ମଧ୍ୟରେ ରହିଥିବା ସେ କହିଛନ୍ତି। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍ଆର୍ ଚେସ୍ ସେଣ୍ଟର ଆୟୋଜନ କରିବ। ରାଜ୍ୟର ତୃଣମୂଳ ସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ତଥା ସେମାନଙ୍କୁ ଅନ୍ତର୍ଜାତୀୟ ଫିଡେ ରେଟିଂ ପାଇବା ସହଜ କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତା ପାଇଁ ୨,୦୦,୧୦୦ ଟଙ୍କା ଅର୍ଥ ପୁରସ୍କାର ସହ ୮୯ଟି ଆକର୍ଷଣୀୟ ଟ୍ରଫି ଓ ୫୪ଟି ପଦକ କୃତି ଖେଳାଳିମାନଙ୍କୁ ପୁରସ୍କାର ଆକାରରେ ଦିଆଯିବ। ୨ୟ ଓ ୩ୟ ଦିନ ଅପରାହ୍ନରେ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ବ୍ଲିଜ୍ (କ୍ଷିପ୍ର ଚେସ୍) ପ୍ରତିଯୋଗିତା ହେବ ବୋଲି ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ନୀହାର ରଞ୍ଜନ ସାସମଲ ପ୍ରକାଶ କରିଛନ୍ତି। ରାଜ୍ୟର ଯେକୌଣସି ଖେଳାଳି ୨୫ ତାରିଖ ରାତି ସୁଦ୍ଧା ପ୍ରବେଶିକା ଦେୟ ୧୦୦୦ଟଙ୍କା ଦେଇ ସିଧାସଳଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୮ ରାଉଣ୍ଡ ଭିତ୍ତିକ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ଯଥାକ୍ରମେ ୩୦,୦୦୦ ଓ ୨୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ସ୍ୱତନ୍ତ୍ର ଚେସ୍ ଟ୍ରଫି ଓ ପଦକ ପ୍ରଦାନ କରାଯିବ।

# ସ୍ୱର୍ଣ୍ଣ ଜିତିଲେ ଓଡ଼ିଶାର ଅନାହିତା

## ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ

ଭୁବନେଶ୍ୱର,୨୨।୯(ଅନାଦି କର)

ଓଡ଼ିଶାର ଅନାହିତା ମିଶ୍ର ପର୍ତ୍ତୁଗାଲରେ ଚାଲିଥିବା ଫାରୋ ଇନଲାଇନ୍ ଫ୍ରିଷ୍ଟାଇଲ ୱାର୍ଲ୍ଡକପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେ କେବଳ ଭାରତର ନୁହେଁ, ବରଂ ଏସିଆର ପ୍ରଥମ ଆଥଲେଟ୍ ଭାବେ ଫ୍ରିଷ୍ଟାଇଲ ୱାର୍ଲ୍ଡକପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୪ ବର୍ଷୀୟା ଅନାହିତା ୧୯ ବର୍ଷରୁ କମ୍ କାଟେଗୋରୀର ସ୍ପିଡ ସ୍ଲାଲମରେ ୪.୭୯୫ ସେକେଣ୍ଡରେ ରେସ ଫିନିଶ୍ କରିଛନ୍ତି, ଯାହାକି ଉଭୟ ସିନିୟର ଓ ଜୁନିୟର ମହିଳା ବିଭାଗରେ ଏକ ଜାତୀୟ ରେକର୍ଡ। ଫାଇନାଲରେ ସେ ୱାର୍ଲ୍ଡ ନଂ-୪ ସାନ ମାରିନୋର ମାଟିଲ୍‌ଡେ ଟେରେଞ୍ଜୋଙ୍କୁ ହରାଇ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ଟ୍ରଫି ସହ ୭,୫୦୦ ୟୁରୋ(ଭାରତୀୟ ମୁଦ୍ରାରେ ୭.୮୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ)ର ଆର୍ଥିକ ପୁରସ୍କାର ମିଳିଛି। ଏହି ଇଭେଣ୍ଟରେ ଇଟାଲୀର ମାଟିଲ୍‌ଡେ ମିନା ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ୧୧ ଦେଶର ମୋଟ ୧୬୦ ସ୍କେଟର ଭାଗ ନେଇଥିଲେ। ଚଳିତ ବର୍ଷ ଏହା ଅନାହିତାଙ୍କର ତୃତୀୟ




ପୁରସ୍କାର ସହ ଅନାହିତା ମିଶ୍ର (ମଝି)।

ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ସେ ପୋଲାଣ୍ଡର କେଟ୍ରଜିନ ଓ ଫ୍ରାନ୍ସର ରେନେସଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆସନ୍ତା ୨ ତାରିଖରୁ ସ୍ପେନର ସିଉଡାଡ ରିୟଲଠାରେ ହେବାକୁ ଥିବା କ୍ୱିଜୋଟ ୱାର୍ଲ୍ଡ କପ୍‌ରେ ଭାଗ ନେବେ ଓ ଏଥିରେ ଭଲ ପ୍ରଦର୍ଶନ ସହ ପଦକ ଜିତିବା ଆଶା ରଖିଥିବା ସେ କହିଛନ୍ତି। ସେ ତାଙ୍କ ଟାଇମିଂରେ ଆହୁରି ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଦିଲ୍ଲୀର ନୋଏଡାରେ ୨୦୧୧ରେ ଜନ୍ମିତ ଅନାହିତା ଏବେ ମାନବ ରଚନା ଇଣ୍ଟରନ୍ୟାଶନାଲ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କ ବାପା ସୌମ୍ୟାନ୍ୱେଶ ମିଶ୍ରଙ୍କ ପୈତୃକ ଘର କଟକରେ। ତାଙ୍କ ମା' ନାମ ସୁନନ୍ଦା ସାଙ୍ଗନେରିଆ।

# ସାଗରଙ୍କୁ ସ୍ୱର୍ଣ୍ଣ, ଗୋପେଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

ରାଞ୍ଚିରେ ସୋମବାର ଆରମ୍ଭ ହୋଇଥିବା ୩୬ତମ ପୂର୍ବାଞ୍ଚଳ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିବସରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ହାଇଜମ୍ପ ଇଭେଣ୍ଟରେ ୧.୯୦ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ସେହିପରି ସୂରଜ ଗୋପେ ରୌପ୍ୟ ପଦକ ଲାଭ କରିଛନ୍ତି। ଗୋପେ ୪୩.୪୪ ମିଟର ଡିସ୍‌କସ୍ ଥ୍ରୋ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୬୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

# ପାକିସ୍ତାନକୁ ହରାଇଲା ଭାରତ

କଲମ୍ବୋ, ୨୨।୯: (ପି.ଟି.)

ସାଉଥ ଏସିଆନ୍ ଫୁଟ୍‌ବଲ ଫେଡେରେଶନ (ସାଫ୍) ୧୭ବର୍ଷରୁ କମ୍ ଚାମ୍ପିୟନଶିପ୍‌ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ପରାଜିତ ଦଳର ମହମ୍ମଦ ଅବ୍‌ଦୁଲ୍ଲାଙ୍କ ବିବାଦୀୟ ସେଲିବ୍ରେଶନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଉଭୟ ଦଳ ସେମିଫାଇନାଲରେ ପ୍ରବେଶ କରିସାରିଥିବାରୁ ସୋମବାର ମ୍ୟାଚର ଫଳାଫଳ ନିରର୍ଥକ ଥିଲା। ଏହି ମ୍ୟାଚରେ ଭାରତ ତରଫରୁ ଦଲାଲମୁଅନ୍ ଗାଙ୍ଗଟେ (୩୧ତମ ମିନିଟ), ଗୁନ୍‌ଲିବା ୱାଙ୍ଗ୍‌କରାକ୍‌ପାମ୍ (୬୩ତମ) ଓ ରାହାନ ଅହମ୍ମଦ (୭୩ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ପାକିସ୍ତାନ ତରଫରୁ ଅବ୍‌ଦୁଲ୍ଲା (୪୩ତମ) ଓ ହାମ୍‌ଜା ୟାସିର (୭୦ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ବାରବାଟୀକୁ ଜୟ ସାହାଙ୍କୁ ନିମନ୍ତ୍ରଣ କଲେ ସଞ୍ଜୟ



ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଉଛନ୍ତି ସଞ୍ଜୟ ବେହେରା।

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଅଧ୍ୟକ୍ଷ ଜୟ ସାହାଙ୍କୁ ନିମନ୍ତ୍ରଣ କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଜୟ ସାହାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ ସଞ୍ଜୟ ଅହମଦାବାଦ ଯାଇଥିଲେ। ସେଠାରେ ସେ ଶୁଭେଚ୍ଛା ଜଣାଇବା ସହ ବାରବାଟୀ ଆସିବାକୁ ନିମନ୍ତ୍ରଣ କରିଛନ୍ତି ବୋଲି ଓସିଏ ସୂତ୍ରରୁ ପ୍ରକାଶ।




# ପୁରୀ ଟାଇଟନ୍ସ, କଟକ ପାନ୍ଥର୍ସ ବିଜୟୀ

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ସୋମବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପୁରୀ ଟାଇଟନ୍ସକୁ ବିଜୟୀ ଘୋଷଣା କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ଦଳ ୧୮ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିଥିଲା। ଜବାବରେ ରାଉରକେଲା ଷ୍ଟିଲର୍ସ ୧୦.୪ ଓଭରରେ ୫ ଉଇକେଟ ହରାଇ ୫୧ ରନ କରିଥିବାବେଳେ ବର୍ଷା ଯୋଗୁ ଆଉ ମ୍ୟାଚ ସମ୍ଭବ ହୋଇ ନ ଥିଲା। ଫଳାଫଳ ପାଇଁ ଡକ୍‌ୱର୍ଥ ଲୁଇସ ନିୟମ ଅବଲମ୍ବନ କରାଯାଇଥିଲା। ଏଥିରେ ପୁରୀ ଟାଇଟନ୍ସକୁ ୪୫ ରନରେ ବିଜୟୀ ଘୋଷଣା କରାଯାଇଥିଲା। ଚଳିତ ଲିଗ୍‌ରେ ପୁରୀ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ। ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ କାର୍ତ୍ତିକ ବିଶ୍ୱାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। କାର୍ତ୍ତିକଙ୍କୁ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କୃତ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ଓଡ଼ିଶା ରେସଲିଂ ଆସୋସିଏଶନ ସମ୍ପାଦକ କିଶୋର ବେହେରା ୱିନିଂ କ୍ୟାପ୍ ପ୍ରଦାନ କରିଥିଲେ। ଅନ୍ୟଏକ




ପୁରସ୍କାର ଗ୍ରହଣ ଅବସରରେ କାର୍ତ୍ତିକ ବିଶ୍ୱାଳ (ବାମ)।

ମ୍ୟାଚରେ କଟକ ପାନ୍ଥର୍ସ ୧୭ ରନରେ ସମ୍ବଲପୁର ୱାରିୟର୍ସକୁ ହରାଇ ଦେଇଛି। ବର୍ଷା ଯୋଗୁ ୧୨ ଓଭର ବିଶିଷ୍ଟ ମ୍ୟାଚରେ କଟକ ଦଳ ୯ ଉଇକେଟ ହରାଇ ୧୨୮ ରନ କରିଥିଲା। ଜବାବରେ ସମ୍ବଲପୁର ୱାରିୟର୍ସ ୧୧.୪ ଓଭରରେ ୧୧୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଶୁଭମ୍ ଶତ୍ରୁଜିତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଆର୍ଚେରୀ ଆସୋସିଏଶନ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ବିଜୟୀ ଦଳର ଅଧିନାୟକ ସ୍ୱସ୍ତିକ ସାମଲଙ୍କୁ ୱିନିଂ କ୍ୟାପ ପ୍ରଦାନ କରିଥିଲେ।

ବର୍ଷାକୁ ଲକ୍ଷ୍ୟରେ ରଖି ପୁରୀ-ରାଉରକେଲା ମ୍ୟାଚକୁ ୧୮ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଟାଇଟନ୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ମିଡିଲ ଅର୍ଡରରେ କାର୍ତ୍ତିକ ବିଶ୍ୱାଳ ୪୨ ଓ ରାଜେଶ ମହାନ୍ତି ୪୫ ରନକରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। କାର୍ତ୍ତିକ ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୩ ଚୌକା ଓ ୧ ଛକା ମାରିଥିଲେ। ସେହିପରି ରାଜେଶ ୨୧ଟି ବଲ୍ ଖେଳି ନିଜ ଇନିଂସରେ ୨ ଚୌକା ଓ ୪ ଛକା ମାରିଥିଲେ। ରାଉରକେଲା ଦଳ ପକ୍ଷରୁ ପ୍ରଦୀପ ପ୍ରଧାନ ୩ଟି ଏବଂ ଆଶୁତୋଷ ମାରାଣ୍ଡି, ଜାମଲା ମହାପାତ୍ର, ବିଶ୍ୱଜିତ ପ୍ରଧାନ ଓ ସମ୍ବିତ ବରାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୨ ରନ ବିଜୟ ଲକ୍ଷ୍ୟରେ ରାଉରକେଲା ଷ୍ଟିଲର୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ